# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, June 8/2023 Page 18 ₹ 7.00
୪୯ଶ ଭାଗ ୧୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 193 ମୂଲ୍ୟ ₹୭/-




KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ | Bhubaneswar, Thursday, June 8/2023 | ପୃଷ୍ଠା-୧




**ଟ୍ରାଭିସ୍ ହେଡ୍‌ଙ୍କ ଶତକ**

ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ୍ ଏକ ଶତକ ହାସଲ କରିଛନ୍ତି।

୧୬

୧୪

**ଖାଲି ପାଦରେ ପ୍ରଶଂସକଙ୍କୁ ଭେଟନ୍ତି ବିଗ୍ ବି**

ନିକଟରେ ବିଗ୍ ବି ଅମିତାଭ ବଚ୍ଚନ ପ୍ରତି ରବିବାର ପ୍ରଶଂସକଙ୍କୁ ଖାଲି ପାଦରେ ଭେଟୁଥିବାର କାରଣ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ଆଶ୍ରୟ ନେବାକୁ ଯାଇ ଜୀବନ ଗଲା

## ମାଲବାହୀ ବଗି ଗଡ଼ି କଟିଗଲେ ୬ ଶ୍ରମିକ

**ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଭୟାନକ ଟ୍ରେନ୍ ଦୁର୍ଘଟଣାକୁ ସପ୍ତାହେ ନ ପୂରୁଣୁ ବୁଧବାର ଅପରାହ୍ଣରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଆଉ ଏକ ବଡ଼ ଅଘଟଣ ଘଟିଯାଇଛି। ମାଲବାହୀ ଟ୍ରେନ୍‌ର ବଗି ତଳେ କଟି ୬ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରେଳଧାରଣା ମରାମତି କାର୍ଯ୍ୟରେ ନିୟୋଜିତ ଏହି ଶ୍ରମିକମାନେ ଉକ୍ତ ବଗି ତଳେ ଆଶ୍ରୟ ନେବାକୁ ଯାଇ ପ୍ରାଣ ହରାଇଛନ୍ତି। ଗତ ଶୁକ୍ରବାର ୨୮୮ଜଣଙ୍କ ଜୀବନ ନେଇଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିବାବେଳେ ପୁଣି ୬ ଜଣଙ୍କ ଜୀବନହାନି ଘଟିବା ଅନେକଙ୍କୁ ବିଚଳିତ କରିଛି। ତେବେ ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଅନେକେ କହୁଛନ୍ତି।**



ଯାଜପୁର -କେନ୍ଦୁଝର ରୋଡ୍ ଷ୍ଟେଶନଠାରେ ବୁଧବାର ଅପରାହ୍ଣରେ ମାଲବାହୀ ଟ୍ରେନ୍ ବଗିରେ କଟି ମୃତ୍ୟୁବରଣ କରିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି।

**ଯାଜପୁର ଅଫିସ,୭।୬**

ଅପରାହ୍ଣ ପ୍ରାୟ ସାଢ଼େ ୪ଟା। କାଳବୈଶାଖୀ ଯୋଗୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ଏଥିରୁ ବର୍ତ୍ତିବା ପାଇଁ ୮ ଜଣ ଶ୍ରମିକ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ଏକ ଅଚଳ ଲାଇନରେ ଅଟକିଥିବା ଇଞ୍ଜିନବିହୀନ ୧୩ଟି ମାଲବାହୀ ବଗି ତଳେ ଆଶ୍ରୟ ନେଇଥିଲେ। ହେଲେ ସେମାନେ ଜାଣି ନ ଥିଲେ ଯେ ସେହି ଆଶ୍ରୟ ସେମାନଙ୍କ ପାଇଁ କାଳ ହେବ। ଦେଖୁ ଦେଖୁ ପବନ ପ୍ରାୟ ୧୦୦ କି.ମି. ବେଗରେ ବୋହିଥିଲା। ତାହା ଏତେ ଜୋର ଥିଲା ଯେ, ମାଲବାହୀ ବଗିଗୁଡ଼ିକ ହଠାତ୍ ୩୦ ଫୁଟ ଯାଏ ଗଡ଼ିଯାଇଥିଲା। ଫଳରେ ଶ୍ରମିକମାନେ ବଗି ଚକା ତଳେ ଚାପି ହୋଇଯାଇଥିଲେ। କେତେଜଣଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବାବେଳେ କେତେଜଣଙ୍କ ହାତଗୋଡ଼ କଟିଯାଇଥିଲା। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଦ୍ରକ ଜିଲା କେନ୍ଦୁଆପଦା ଅଞ୍ଚଳର ପ୍ରଶାନ୍ତ କୁମାର ଜେନା(୫୨), ଗମ୍ଭାରିଆ ଗ୍ରାମର ଗୌତମ ସାମଲ(୫୫), ମାନସ ସାମଲ(୩୬), ବାଲିଆପାଳ ଗ୍ରାମର ସୁଶାନ୍ତ ଜେନା(୪୮), ଯାଜପୁର ଜିଲା କୋରେଇ ବ୍ଲକ ଓଷଳା ଗ୍ରାମର ଭୀମସେନ ଜେନା (୪୫) ଓ ଦୋଳଗୋବିନ୍ଦ ପ୍ରଧାନ (୫୦)। ସେହିପରି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ନବଘନ ବାରିକ ଏବଂ ଅମର ବାରିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ଉକ୍ତ ମାଲବାହୀ ଟ୍ରେନ୍ ବଗିଗୁଡ଼ିକ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର କଟକ ଆଡକୁ ପ୍ରାୟ ୩୦୦ ମିଟର ଦୂର ଅଚଳ ଲାଇନ୍‌ରେ ଦୀର୍ଘଦିନ ହେଲା ରହିଥିଲା। ସେଥିରେ ବଜୁରି ଓ ଚିପ୍ସ ଲୋଡିଂ ଥିଲା। ଏହାର ପାର୍ଶ୍ୱରେ ପୂର୍ବତଟ ରେଳ ଡିଭିଜନର ଅପ୍ ଲାଇନର ୩ୟ ରେଳଧାରଣା ମରାମତି କାମ ଚାଲିଥିଲା। ଏଥିରେ ଉପରୋକ୍ତ ଶ୍ରମିକମାନେ ଠିକାରେ ନିଯୁକ୍ତ ଥିଲେ। ତେବେ ଉପଯୁକ୍ତ ଲକ୍ ସିଷ୍ଟମ୍ ବିନା ବଗିଗୁଡ଼ିକୁ ସେଠାରେ ରଖାଯାଇଥିବାରୁ ତାହା ଗଡ଼ିଯାଇ ଶ୍ରମିକମାନଙ୍କ ଜୀବନ ନେଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଘଟଣାସ୍ଥଳରେ ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲ, ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ତହସିଲଦାର ଅଶୋକ ମାଝି, ଆରପିଏଫ୍ ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଯାଜପୁର ରୋଡ୍ ଅଗ୍ନିଶମ ବିଭାଗ, ସ୍ଥାନୀୟ ସାମାଜିକ କର୍ମୀମାନେ ପହଞ୍ଚି ☞ପୃଷ୍ଠା-୨

### ମୁଖ୍ୟମନ୍ତ୍ରୀଙ୍କ ଶୋକ, ୫ ଲକ୍ଷ ଟଙ୍କା ସହାୟତା ଘୋଷଣା

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ମାଲବାହୀ ବଗି ତଳେ କଟି ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଆହତ ୨ ଜଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଧାନ ଏମ୍ଏସ୍‌ପି ୧୪୩ ଟଙ୍କା ବଢ଼ିଲା

**ନୂଆଦିଲ୍ଲୀ,୭।୬**

କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବର୍ଷ ନିମନ୍ତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କୁଇଣ୍ଟାଲ ପିଛା ୭% ଅର୍ଥାତ୍ ୧୪୩ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ କୁଇଣ୍ଟାଲ ପିଛା ସାଧାରଣ ଧାନର ଏମ୍ଏସ୍‌ପି ୨,୦୪୦ ଟଙ୍କାରୁ ୨୧୮୩ ଟଙ୍କା ଏବଂ 'ଏ' ଗ୍ରେଡ୍ ଧାନର ଏମ୍ଏସ୍‌ପି ୨୦୬୦ ଟଙ୍କାରୁ ୨୨୦୨ ଟଙ୍କାକୁ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ବୃଦ୍ଧି। ୨୦୧୮-୧୯ରେ ଧାନ ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୨୦୦ ଟଙ୍କା ବଢ଼ିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଧାନ ସମେତ ଅନ୍ୟ କେତେକ ଫସଲର ଏମ୍ଏସ୍‌ପି ବୃଦ୍ଧିକୁ ଅନୁମୋଦନ ଦିଆଯାଇଛି। ତଦନୁଯାୟୀ ଏହି ଫସଲଗୁଡ଼ିକର କୁଇଣ୍ଟାଲ ପିଛା ମୂଲ୍ୟ ୫.୩%ରୁ ୧୦.୩୫% ଅର୍ଥାତ୍ ୧୨୮ ଟଙ୍କାରୁ ୮୦୫ ଟଙ୍କା ଯାଏ ବଢ଼ିଛି। ଗଣମାଧ୍ୟମକୁ ସୂଚନା ଦେଇ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି ଯେ, ପୂର୍ବବର୍ଷ ତୁଳନାରେ ଏଥର ଏମ୍ଏସ୍‌ପି ବୃଦ୍ଧି ଅଧିକ କରାଯାଇଛି। ଖୁଚୁରା ମୁଦ୍ରାସ୍ଫୀତି କମୁଥିବାବେଳେ ଏହି ଏମ୍ଏସ୍‌ପି ବୃଦ୍ଧି ଚାଷୀମାନଙ୍କୁ ଲାଭ ଦେବ। ଏମ୍ଏସ୍‌ପି ବୃଦ୍ଧି ଚାଷୀଙ୍କୁ ସେମାନଙ୍କ ଉତ୍ପାଦନ ପାଇଁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିବ ଏବଂ ବିଭିନ୍ନ ଫସଲ ଚାଷ କରିବାକୁ ଉତ୍ସାହିତ କରିବ ବୋଲି ଗୋୟଲ କହିଛନ୍ତି।

### ରାଶି ଏମ୍ଏସ୍‌ପି ସର୍ବାଧିକ ୮୦୫ ଟଙ୍କା ବୃଦ୍ଧି

**କୁଇଣ୍ଟାଲ ପିଛା ଏମ୍ଏସ୍‌ପି (ଟଙ୍କାରେ)**

| ଫସଲ | କେତେ ଥିଲା (୨୦୨୨-୨୩) | କେତେ ବଢ଼ିଲା | କେତେ ହେଲା (୨୦୨୩-୨୪) | ବୃଦ୍ଧି ପ୍ରତିଶତ (%) |
|---|---|---|---|---|
| ଧାନ (ସାଧାରଣ) | ୨୦୪୦ | ୧୪୩ | ୨୧୮୩ | ୭ |
| ଧାନ (ଏ ଗ୍ରେଡ୍) | ୨୨୬୦ | ୧୪୩ | ୨୨୦୩ | ୭ |
| ଯଅ (ହାଇବ୍ରିଡ୍) | ୨୯୭୦ | ୨୧୦ | ୩୧୮୦ | ୭ |
| ଯଅ (ମାଲଦାଣ୍ଡି) | ୨୯୯୦ | ୨୩୫ | ୩୨୨୫ | ୭.୮୫ |
| ବାଜରା | ୨୩୫୦ | ୧୫୦ | ୨୫୦୦ | ୬.୪ |
| ମକା | ୧୯୬୨ | ୧୨୮ | ୨୦୯୦ | ୬.୫ |
| ମାଣ୍ଡିଆ | ୩୫୭୮ | ୨୬୮ | ୩୮୪୬ | ୭.୪୯ |
| ମୁଗ ଡାଲି | ୭୭୫୫ | ୮୦୩ | ୮୫୫୮ | ୧୦.୩୫ |
| ହରଡ଼ | ୬୬୦୦ | ୪୦୦ | ୭୦୦୦ | ୬.୦୬ |
| ବିରି | ୬୬୦୦ | ୩୫୦ | ୬୯୫୦ | ୫.୩ |
| ରାଶି | ୭୮୩୦ | ୮୦୫ | ୮୬୩୫ | ୧୦.୨୮ |
| ବାଦାମ | ୫୮୫୦ | ୫୨୭ | ୬୩୭୭ | ୯ |
| ସୋୟାବିନ (ୟେଲୋ) | ୪୩୦୦ | ୩୦୦ | ୪୬୦୦ | ୬.୯୭ |
| ସୂର୍ଯ୍ୟମୁଖୀ ମଞ୍ଜି | ୬୪୦୦ | ୩୬୦ | ୬୭୬୦ | ୫.୬ |
| ନାଇଜର ବୀଜ | ୭୨୮୭ | ୪୪୭ | ୭୭୩୪ | ୬.୧୩ |
| କପା (ଲଙ୍ଗ୍) | ୬୩୮୦ | ୬୪୦ | ୭୦୨୦ | ୧୦.୦୩ |
| କପା (ମିଡିୟମ୍) | ୬୦୮୦ | ୫୪୦ | ୬୬୨୦ | ୮.୮୮ |

**ଆଜିର ସମ୍ପାଦକୀୟ**

**ଉପବାସ ଭଙ୍ଗର ରହସ୍ୟ**

# ଡବ୍ଲ୍ୟୁଟିସି ଫାଇନାଲ ଆରମ୍ଭ




**ଲଣ୍ଡନ, ୭।୬**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଓଭାଲ ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଛି। ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିବା ସହ ଖେଳ ଆରମ୍ଭ ପୂର୍ବରୁ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରେ ୭୬ ରନ ମଧ୍ୟରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିବା ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଶତକ ଏବଂ ଷ୍ଟିଭେନ୍ ସ୍ମିଥଙ୍କ ଦୃଢ଼ ବ୍ୟାଟିଂ ବଳରେ ମଜଭୁତ ସ୍ଥିତିରେ ପହଞ୍ଚିଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# 'ମୋଦି, ଅଶ୍ୱିନୀଙ୍କ ନାଁରେ ଏଫ୍ଆଇଆର୍ ହେଉ'

### ଅବହେଳାରୁ ବାହାନଗା ଟ୍ରେନ୍ ଦୁର୍ଘଟଣା: କଂଗ୍ରେସ

**ନୂଆଦିଲ୍ଲୀ,୭।୬**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପାଇଁ କଂଗ୍ରେସ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାୟୀ କରିଛି। ଏଥିସହ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରିଛି।

କଂଗ୍ରେସ ମୁଖପାତ୍ର ଅଜୟ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରେଳ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ଷଡ଼ଯନ୍ତ୍ର ରହିଛି। ଏହି ଭୟଙ୍କର ଦୁର୍ଘଟଣା ପରେ ରେଳମନ୍ତ୍ରୀ ଅଶ୍ୱିନୀ ଡ୍ରାମା କରୁଛନ୍ତି। ଏଥିପାଇଁ ତାଙ୍କୁ ଓସ୍କାର ପୁରସ୍କାର ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏହି ଆତ୍ମଘାତୀ କାର୍ଯ୍ୟରେ ସାମିଲ ଅଛନ୍ତି। ଦୁହିଁଙ୍କ ବିରୋଧରେ ଏଫ୍ଆଇଆର୍ କରାଯାଉ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଶ୍ୱିନୀ ଓ ତାଙ୍କ ସରକାର ବିରୋଧରେ ତଦନ୍ତ କରିବା ଉଚିତ। ସରକାର ହେଡ୍‌ଲାଇନ୍ ମ୍ୟାନେଜ୍‌ମେଣ୍ଟ ବ୍ୟତୀତ କିଛି କରୁନାହାନ୍ତି। ଦୁର୍ଘଟଣା ପାଇଁ ଦାୟୀ ମନ୍ତ୍ରୀଙ୍କୁ କେନ୍ଦ୍ର ସୁରକ୍ଷା ଦେଉଛି। ଭଗବାନ ଭରସାରେ ରେଳୱେ ଚାଲିଛି। ସିବିଆଇ ଏଫ୍ଆଇଆର୍‌ରେ ଆତ୍ମଘାତୀ କାର୍ଯ୍ୟ ଯୋଗୁ ଦୁର୍ଘଟଣା ଘଟିଥିବା ବିଷୟ ଉଲ୍ଲେଖ କରାଯାଇ ନାହିଁ। ନିଜ ଅପାରଗତାରୁ ଦୃଷ୍ଟି ହଟାଇବା ପାଇଁ ସରକାର ସାବୋଟେଜ୍ ଥିଓରିକୁ ଆପଣାଇଛନ୍ତି ବୋଲି ଅଜୟ ସମାଲୋଚନା କରିଛନ୍ତି। ଗତ ୪ ବର୍ଷରେ ୧, ୧୨୯ ଥର ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଥିବାବେଳେ ସେଗୁଡ଼ିକର ସିବିଆଇ ତଦନ୍ତ କାହିଁକି କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରେଳମନ୍ତ୍ରୀଙ୍କୁ ପ୍ରଶଂସା କଲେ ଓଡ଼ିଶା ଟ୍ରେନ୍ ଟ୍ରାଜେଡିରେ ପ୍ରାଣ ହରାଇଥିବା ୨୮୮ ଯାତ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବ ନାହିଁ। ଏଥିପାଇଁ ଦାୟୀ ମନ୍ତ୍ରୀ ଓ ଅନ୍ୟମାନଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଗଲେ ମୃତକଙ୍କ ପରିବାର ନ୍ୟାୟ ପାଇପାରିବେ। ଗତ ୯ ବର୍ଷରେ ମୋଦି ସରକାର ରେଳ ମନ୍ତ୍ରଣାଳୟକୁ ତ୍ୟାଗ କରିଦେଇଥିଲେ। ଏହାର ପରିଣାମସ୍ୱରୂପ ଦେଶ ବର୍ତ୍ତମାନ ଦୁର୍ଦ୍ଦଶା ଭୋଗୁଛି ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ସେହିପରି ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଝାଡ଼ଖଣ୍ଡରେ ଚମତ୍କାର ଭାବେ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ନେଇ ଏକ ଖବରକୁ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟରରେ ଶେୟାର କରିଛନ୍ତି। ☞ପୃଷ୍ଠା-୨

# ଡ୍ରଗ୍ସ ବେପାରୀଙ୍କୁ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ,୭।୬**

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରେ ବୁଧବାର ରାତିରେ ଫୁଟିଛି ଗୁଳି। ରାତି ପ୍ରାୟ ୧୦ଟାରେ ଏକ ପିକ୍‌ଅପ୍ ଭ୍ୟାନରେ ଏକାଧିକ ଯୁବକ ଆସି ଅତର୍କିତ ଭାବେ ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଓରଫ ପାକୁଙ୍କୁ ଗୁଳିମାଡ଼ କରିଛନ୍ତି। ସମ୍ପୃକ୍ତ ଯୁବକମାନେ ପ୍ରାୟ ୭ରାଉଣ୍ଡ ଗୁଳିଚାଳନା କରିଥିବାବେଳେ ୩ରାଉଣ୍ଡ ଲକ୍ଷ୍ୟଚ୍ୟୁତ ହୋଇଥିଲା। ତେବେ ପାକୁଙ୍କ ହାତ, ପେଟ ଓ ଛାତି ତଳ ଏବଂ ପିଠିରେ ମୋଟ ୪ଟି ଗୁଳି ବାଜିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାକୁଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖୋର୍ଦ୍ଧା ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ☞ପୃଷ୍ଠା-୨

# ଆଜି ଯୁକ୍ତ ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇବ। ଅପରାହ୍ଣ ୪ଟାରେ ବିଧିବଦ୍ଧ ଭାବେ ଫଳ ଘୋଷଣା କରାଯିବ ବୋଲି ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ପରିଷଦ ୱେବ୍‌ସାଇଟ୍‌ରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। https://chseodisha.nic.in/ରୁ ଛାତ୍ରୀଛାତ୍ର ସେମାନଙ୍କ ମାର୍କ ଜାଣିପାରିବେ। ସୂଚନାଥାଉ କି, ୨୦୨୨-୨୩ ଶିକ୍ଷାବର୍ଷର ଯୁକ୍ତ ୨ ପରୀକ୍ଷା ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୫ ଯାଏ ଚାଲିଥିଲା। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ ଲକ୍ଷ ୫୭ହଜାର ୯୪୨ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଧନ୍ଦାମୂଳକ ଶିକ୍ଷାରେ ☞ପୃଷ୍ଠା-୨

# ଡିଏନ୍ଏକୁ ନଷ୍ଟ କରିପାରେ କୃତ୍ରିମ ମିଠା

**ୱାଶିଂଟନ୍,୭।୬**

ମଧୁମେହ ରୋଗୀମାନେ ଚା' ଓ ଅନ୍ୟ ଖାଦ୍ୟଗୁଡ଼ିକରେ ଶର୍କରାଯୁକ୍ତ ଚିନି ପରିବର୍ତ୍ତେ କୃତ୍ରିମ ସ୍ୱିଟ୍‌ନର ବ୍ୟବହାର କରିଥାଆନ୍ତି। କିନ୍ତୁ ଏହି କୃତ୍ରିମ ମିଠାରେ ବ୍ୟବହୃତ ରାସାୟନିକ ପଦାର୍ଥ ଡିଏନ୍ଏକୁ ନଷ୍ଟ କରିପାରେ ବୋଲି ଆମେରିକୀୟ ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ନର୍ଥ କ୍ୟାରୋଲିନା ଷ୍ଟେଟ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ, ସର୍ବାଧିକ ଆଦୃତ ଆର୍ଟିଫିସିଆଲ ସ୍ୱିଟ୍‌ନର ବ୍ୟବହାରକାରୀଙ୍କ ଡିଏନ୍ଏକୁ ନଷ୍ଟ କରି କର୍କଟ ରୋଗର କାରଣ ସାଜିପାରେ। ସ୍ପ୍ଲେଣ୍ଡା ନାମରେ ବଜାରରେ ଉପଲବ୍ଧ କ୍ୟାଲୋରି ଶୂନ୍ୟ ସ୍ୱିଟ୍‌ନର ଚିନିଠାରୁ ୬୦୦ ଗୁଣ ଅଧିକ ମିଠା। ଏହାକୁ ପାଉଁରୁଟି, କେକ୍, ବେଭେରେଜ୍, ଚିୱିଙ୍ଗ୍



ଗମ୍, ଜିଲାଟିନ୍ସ ଓ ଫ୍ରୋଜେନ୍ ଡେଏରି ସାମଗ୍ରୀରେ ବ୍ୟବହାର କରାଯାଏ। ଏଥିରେ ଥିବା ରାସାୟନିକ ପଦାର୍ଥ ସୁକ୍ରାଲୋଜ୍‌କୁ ଖାଦ୍ୟ ଓ ପାନୀୟ ସାମଗ୍ରୀ ସମେତ ସାରା ବିଶ୍ୱରେ ଔଷଧ ପ୍ରସ୍ତୁତିରେ ମଧ୍ୟ ଚିନିର ବିକଳ୍ପ ଭାବେ ଉପଯୋଗ କରାଯାଇଥାଏ। କେବଳ ଆମେରିକାରେ ଏହାକୁ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୫୦ ନିୟୁତ। ମାନବ ଶରୀରକୁ ସୁକ୍ରାଲୋଜ୍ ପ୍ରବେଶ କଲେ ସୁକ୍ରାଲୋଜ୍-୬ ରୂପେ ଯୌଗିକ ବିଘଟନ ହୋଇଥାଏ, ଫଳରେ ଖାଦ୍ୟନଳୀ ନିମ୍ନଭାଗର ଭିତର ପରସ୍ତ ନଷ୍ଟ ହୋଇଥାଏ ବୋଲି ଗବେଷଣାର ନେତୃତ୍ୱ ନେଉଥିବା ପ୍ରଫେସର ସୁସାନ୍ ସ୍କିଫ୍‌ମ୍ୟାନ୍ କହିଛନ୍ତି। ସୁକ୍ରାଲୋଜ୍ ଆନ୍ତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ପୂର୍ବ ଅଧ୍ୟୟନଗୁଡ଼ିକରେ ଜଣାପଡ଼ିଥିଲା। ତେଣୁ ଏହା ଉପରେ ଅଧିକ ତଥ୍ୟ ହାସଲ ପାଇଁ ଆମେ ଉଦ୍ୟମ କରିଥିଲୁ। ପରୀକ୍ଷାନିରୀକ୍ଷାରୁ ଚକିତ କରିଦେବା ଭଳି ତଥ୍ୟ ସାମ୍ନାକୁ ଆସିଥିଲା। ସୁକ୍ରାଲୋଜ୍-୬ର ଦହନଶୀଳ ପ୍ରକ୍ରିୟା ମଣିଷଙ୍କ ଗୁଣସୂତ୍ରକୁ ନଷ୍ଟ କରିବା ସହ କ୍ୟାନ୍‌ସରର କାରକ ପାଲଟିଥାଏ ବୋଲି ପ୍ରଫେସର ସୁସାନ୍ କହିଛନ୍ତି। ଜର୍ନାଲ ଅଫ୍ ଟେକ୍ସିକୋଲୋଜି ଆଣ୍ଡ୍ ଏନ୍‌ଭାଇରୋନ୍‌ମେଣ୍ଟାଲ ହେଲ୍‌ଥରେ ଏହି ଅଧ୍ୟୟନ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଏହା ପୂର୍ବରୁ ଗତ ମେ'ରେ ଓଜନ ହ୍ରାସ ପାଇଁ ସ୍ପ୍ଲେଣ୍ଡା ଭଳି ଆର୍ଟିଫିସିଆଲ ସ୍ୱିଟ୍‌ନର ବ୍ୟବହାର ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସୁପାରିସ କରିଥିଲା।

**ଆଜିର ମନ୍ତବ୍ୟ**

“ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ପ୍ରଦାନ କେରୁଥିବା କେନ୍ଦ୍ର ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବା
-ଦୀପେନ୍ଦ୍ର ହୁଡା, କଂଗ୍ରେସ ମୁଖପାତ୍ର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସା ବନ୍ଧା ଦେଇ ହଳଦୀ ଆଣ
ଶୋଇଲେ ଶୋଇବା ଉପାସେ ପୁଣ ।**

ଆଗକାଳରେ କଂସାବାସନର ବ୍ୟବହାର ଥିଲା । କଂସାବାସନ ବନ୍ଧା ଦେଇ ହଳଦୀ କିଣିବା ପରି ନ ଖାଇ ମୂଲ୍ୟବାନ ସାମଗ୍ରୀ କିଣିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କପାସିଆ,
ଛ' ମାସିଆ ।**

ସାଧାରଣତଃ ସୂତାବୁଣା ଲୁଗାର ପରମାୟୁ ଛ' ମାସ ହୋଇଥାଏ । ଜିନିଷଟି ଯେତେବେଳେ କ୍ଷଣସ୍ଥାୟୀ ସେତେବେଳେ ତା'ର ମୂଲ୍ୟ ପ୍ରତି ଏତେ ଧ୍ୟାନ ନ ଦେଇ କୌଣସିମତେ କାମ ଚଳେଇ ଦେଲେ ଯାଏ । ଚାରି ଛ' ମାସ ଭିତରେ ଚିରିଗଲେ ପୁଣି ନୂଆ ଖଣ୍ଡେ ଆଣିବା ନେଇ ଭାବନା କରିବା ବା ଚିନ୍ତା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ରେଳମନ୍ତ୍ରୀଙ୍କ ଇସ୍ତଫା, ଏସ୍‌ଆଇଟି ତଦନ୍ତ ଦାବିରେ ୧୨ ଦଳର ପ୍ରତିବାଦ

## ବାହାନଗା ରେଳ ଦୁର୍ଘଟଣା ପ୍ରସଙ୍ଗ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ସୁପ୍ରିମ୍‌କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସ୍‌ଆଇଟି) ଦ୍ୱାରା ବାହାନଗା ରେଳ ଦୁର୍ଘଟଣାର ତଦନ୍ତ କରାଯାଉ । କେନ୍ଦ୍ର ସରକାରଙ୍କ ହାତବାରିସୀ ସାଜି ଲୋକଙ୍କ ବିଶ୍ୱାସ ହରାଇଥିବାରୁ ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରାଯାଉ । ରେଳ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ । ସମସ୍ତ ମୃତକମାନଙ୍କ ଫୋଟୋ ସହିତ ସାର୍ବଜନୀନ ଭାବେ ସବୁ ଭାଷାର ଦୈନିକ ଖବରକାଗଜରେ ପ୍ରକାଶ କରାଯାଉ । ପ୍ରତ୍ୟେକ ମୃତକଙ୍କ ପରିବାରକୁ ତତକ୍ଷଣାତ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ । ଏହାସହ ପ୍ରତ୍ୟେକ ମୃତକ ପରିବାର ଏବଂ ଗୁରୁତର ଆହତ ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉ ବୋଲି ବୁଧବାର ରାଜ୍ୟର ୧୨ ରାଜନୈତିକ ଦଳ ଦାବି କରି ରାଜ୍ୟପାଳଙ୍କୁ ଭେଟିଛନ୍ତି । କଂଗ୍ରେସ ସମେତ ୧୨ ରାଜନୈତିକ ଦଳର ସଦସ୍ୟ ଏବଂ କାର୍ଯ୍ୟକର୍ତ୍ତାମାନେ ପୂର୍ବାହ୍ନ ୧୧ଟାରେ ସ୍ୱତନ୍ତ୍ର ସର୍କିଟ ହାଉସ୍ ଟାରୁ ଏକ ର୍‍ୟାଲିରେ ବାହାରି ରାଜଭବନ ଅଭିମୁଖେ ଯାତ୍ରା କରିଥିଲେ । ରାସ୍ତାରେ ସେମାନଙ୍କୁ ପୋଲିସ୍ ଅଟକାଇଥିଲା । ଏହାପରେ ଏହିସବୁ ଦଳର ପ୍ରତିନିଧି ଓ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ । ରେଳମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ । ଏହାପରେ ଏହିସବୁ ଦଳର ଏକ ୧୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୨ ତାରିଖରେ ଏହି ଦାବି ନେଇ ଭୁବନେଶ୍ୱର ପୂର୍ବତଟ ରେଳ ପଥ ମୁଖ୍ୟାଳୟ, ବାଲେଶ୍ୱର ବ୍ରହ୍ମପୁର, ଏବଂ ରାଉରକେଲା ଠାରେ ଅନୁରୂପଭାବେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଘୋଷଣା ମଧ୍ୟ କରିଛନ୍ତି । ଏହି ପ୍ରତିବାଦ ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ-ଏମ ଏଲ(ଲିବେରେସନ), ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ଆମ ଆଦମୀ ପାର୍ଟି, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମାଜବାଦୀ ପାର୍ଟି, ଆର୍‌ଜେଡି, ସମତାକ୍ରାନ୍ତି ଦଳ, ଆରପିଆଇ, ସିପିଆଇ-ଏମଏଲ (ରେଡ ଷ୍ଟାର) ପ୍ରମୁଖ ୧୨ ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହୋଇଥିଲେ ।




ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରି ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ତଦନ୍ତ, ରେଳମନ୍ତ୍ରୀଙ୍କ ଇସ୍ତଫା ଆଦି ଏକାଧିକ ଦାବି ନେଇ ବିଭିନ୍ନ ବାମଦଳ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ବିକ୍ଷୋଭ ।

# ୪୮ ଘଣ୍ଟାରେ କେରଳ ଛୁଇଁବ ମୌସୁମୀ

## ୧୦ ଯାଏ କଲବଲ କରିବ ତାତି

ଭୁବନେଶ୍ୱର,୭।୬(ବ୍ୟୁରୋ)

ଆସନ୍ତା ୪୮ ଘଣ୍ଟାରେ ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ଛୁଇଁବ । ମୌସୁମୀ ପାଇଁ ପାଗ ଅନୁକୂଳ ହୋଇଛି । କେରଳ ଉପକୂଳରେ ମେଘଖଣ୍ଡ ସୃଷ୍ଟି ହୋଇଥିବା ବେଳେ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଆରମ୍ଭ ହୋଇଛି । ଏଥିଯୋଗୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାଭାବିକ ଭାବେ ଜୁନ ୧ରୁ ୪ ତାରିଖ ମଧ୍ୟରେ କେରଳ ଉପକୂଳକୁ ମୌସୁମୀ ଛୁଇଁଥାଏ । ମାତ୍ର ଚଳିତ ବର୍ଷ ୮ ଦିନ ବିତିଯିବା ସତ୍ତ୍ୱେ ମୌସୁମୀ କେରଳ ଉପକୂଳକୁ ଆସି ନାହିଁ । ତେବେ ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମୌସୁମୀକୁ ସକ୍ରିୟ କରିଛି । ଏହାର ପ୍ରଭାବରେ ମୌସୁମୀ ଦକ୍ଷିଣ ଆରବ ସାଗର, ଲାକ୍ଷାଦ୍ୱୀପ ଏବଂ ମାଳଦ୍ୱୀପ ଆଡକୁ ଅଗ୍ରସର ହେଉଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ ଅସହ୍ୟ ତାତି ଓ ଗୁଳୁଗୁଳି ଜାରି ରହିଛି । ଆସନ୍ତା ୧୦ ତାରିଖ ଯାଏ ପ୍ରବଳ ଗରମ ଓ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବାଧିକ ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୪୪, ହୀରାକୁଦ ୪୩.୬, ଝାରସୁଗୁଡ଼ା ୪୩.୬, ବଲାଙ୍ଗୀର ୪୩.୫, ଟିଟିଲାଗଡ଼ ୪୩, ବୌଦ୍ଧ ୪୩, ବରଗଡ଼ ୪୨.୪, ନୂଆପଡ଼ା ୪୨.୪, ବାରିପଦା ୪୨ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ପାରଦ ୪୪ ଡିଗ୍ରୀ ଉପରକୁ ଟପିବା ସହ ଉପକୂଳରେ ଗରମ ସାଙ୍ଗକୁ ଗୁଳୁଗୁଳି ଜାରିରହିବ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟ ଆଲୋଚନାରେ ନିମଜ୍ଜିତ କରାଇବ । ବନ୍ଧୁଙ୍କ ସହଯୋଗରେ ଆର୍ଥିକ ସୁଧାର ଆସିପାରେ । ମନରେ ଦୁଃଖ ରହିଥିଲେ ମଧ୍ୟ ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ । କଳା, ସାହିତ୍ୟ, ସାମ୍ବାଦିକତାରୁ ସୁଫଳ ମିଳିବ ।

**ବୃଷ** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ଭଲ ରହିବ ନାହିଁ । ପୂର୍ବପରି କର୍ମକ୍ଷେତ୍ରରେ ଆଉ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ମନରେ ବହୁତ କ୍ଷୋଭ ଆଣିବ । ରୋହିଣୀ ନକ୍ଷତ୍ରର ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ ।

**ମିଥୁନ** ମନ କଥା ଅନ୍ୟକୁ ଜଣାଇଲେ ମଧ୍ୟ ସହାନୁଭୂତି ପାଇବା ଦୁର୍ଲଭ ହେବ । ମୃଗଶିରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ । ଯେଉଁ କାମରେ ହାତ ଦେଲେ ତାହା ବିଗିଡ଼ି ଯାଉଥିବାରୁ ମନ ଭଲ ରହିବ ନାହିଁ । ଆଜି କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ ।

**କର୍କଟ** ପରିସ୍ଥିତି ଅନୁକୂଳ ନ ହେବାରୁ ମନରେ ଉତ୍ସାହ ରହିବ ନାହିଁ । ପୁଣି ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । କେତେକାଂଶରେ ଆଶା ପୂରଣ ହେବ । ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ ।

**ସିଂହ** କେତେକ କଷ୍ଟସାଧ କାର୍ଯ୍ୟ କରିବାକୁ ବାଧ୍ୟ ହୋଇପାରନ୍ତି । ମଘା ନକ୍ଷତ୍ରର କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ । କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ । ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ ।

**କନ୍ୟା** କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମ ସମ୍ପନ୍ନ କରିପାରିବେ । ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟକୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି । ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପ୍ୟାୟିତ କରିବେ । କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି ।

**ତୁଳା** କୌଣସି ପ୍ରକାରର ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ । ପାରିବାରିକ ସମସ୍ୟାର ସମାଧାନ ହୋଇଯିବ । ପଡ଼ୋଶୀ ସ୍ୱାର୍ଥ ହାସଲ ସକାଶେ କଳହ କରିପାରନ୍ତି । ଚିତ୍ରା ନକ୍ଷତ୍ରର କଚେରି ମାମଲାର ଶୁଣାଣି ବିଳମ୍ବ ହେବାରୁ ଦୁଶ୍ଚିନ୍ତା ବଢ଼ିଯିବ ।

**ବିଛା** ଆଜିର କାମଗୁଡ଼ିକ ଠିକ୍‌ଠାକ୍ ହୋଇଯିବ । କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ । ବନ୍ଧୁଙ୍କ ଆଦର, ଗୌରବରେ ଅତୀତ ଦୁଃଖକୁ ପାସୋରି ଦେଇ ପାରନ୍ତି । ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ପ୍ରଶଂସିତ ହେବେ । ଅନୁରାଧା ଦୀର୍ଘ ଦିନର ପରିକଳ୍ପିତ ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ ।

**ଧନୁ** ଆପଣଙ୍କର ପୂର୍ବ ସମସ୍ୟା ବଦଳି ଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ । ମୂଳା ନକ୍ଷତ୍ରର ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ । ଅଫିସ୍ କାମରେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ । ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ ।

**ମକର** ଆଜି ମିଠା କଥା କହି ପ୍ରତ୍ୟେକ କାମ ହାସଲ କରିବାରେ ସମର୍ଥ ହେବେ । ବନ୍ଧୁମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ । ଶ୍ରବଣା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ।

**କୁମ୍ଭ** ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ବିଚଳିତବୋଧ କରିବେ । ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ । ଶତଭିଷା ନକ୍ଷତ୍ର ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ । ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ମୀନ** ଆଜି ଆବଶ୍ୟକତାରୁ ଅଧିକ କହିବା ଅହିତକର ହେବ । ଯାହାକୁ ବିଶ୍ୱାସ କରି କିଛି ଗୋପନୀୟ କଥା କହିବେ, ସେହି ବ୍ୟକ୍ତିହିଁ ସବୁ ସମସ୍ୟା ସୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟିଯିବ । ରେବତୀ ନକ୍ଷତ୍ର ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ ।

ଆଜି ଆଷାଢ଼ କୃଷ୍ଣ ୫ମୀ ଗୁରୁବାର, ଶ୍ରୀମନ୍ଦିରରେ ଅଣସର ୫ମୀ ଓ ଫୁଲୁରୀଲାଗି, ଜୁନ୍ ୮ ତାରିଖ, ରାଶି ନକ୍ଷତ୍ର- ଶ୍ରବଣା/ମକର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୦ ଗତେ ଘ.୦୬।୦୩ ମଧ୍ୟେ, ଘ.୦୯।୩୪ ଗତେ ଘ.୧୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୪ ଗତେ ଘ.୦୩।୦୩ ମଧ୍ୟେ ରାହୁକାଳ ।

**ପ୍ରଥମ ପୃଷ୍ଠାରୁ...**

## ଆଶ୍ରୟ ନେବାକୁ ଯାଇ ...

ଉଦ୍ଧାର କାର୍ଯ୍ୟ କରିଥିଲେ । ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି । ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ପୂର୍ବତଟ ରେଳପଥ ସିପିଆର୍‌ଓ ବିଶ୍ୱଜିତ୍ ସାହୁ କହିଛନ୍ତି । ସାହୁଙ୍କ ସୂଚନାନୁଯାୟୀ, ମୃତାହତ ଶ୍ରମିକମାନେ ରେଲୱେ କାର୍ଯ୍ୟ ପାଇଁ ଠିକାଦାରଙ୍କ ଦ୍ୱାରା ନିୟୋଜିତ ଥିଲେ । ଷ୍ଟେଶନ ନିକଟ ସିକ୍ ଲାଇନରେ ଉକ୍ତ ମାଲବାହୀ ବଗିଗୁଡ଼ିକ ବଜୁରି ଓ ଚିପ୍ସ ବୋଝେଇ ହୋଇ ରହିଥିଲା, ଯାହାକି ମୌସୁମୀ ଋତୁ ପାଇଁ ଟ୍ରାକ୍ ମରାମତି ନିମନ୍ତେ ଆବଶ୍ୟକ ହୋଇଥାଏ । ତେବେ ଚେନ୍ ଓ ଜାମ୍ ଦିଆଯାଇ ବଗିଗୁଡ଼ିକୁ ରଖାଯାଇଥିଲା । ଏହାସତ୍ତ୍ୱେ ତାହା କିପରି ଗଡ଼ିଲା ତାହାର ଯାଞ୍ଚ ହେବ ବୋଲି ସିପିଆର୍‌ଓ ସାହୁ କହିଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଶ୍ରମିକ ନେତା ପଦ୍ମନାଭ ରାଉତ ଏବଂ ଦୁଷ୍ମନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ରେଲୱେର ଅଦୂରଦର୍ଶିତା ଓ ଅବହେଳା ଯୋଗୁ ୬ଜଣ ନିରୀହଙ୍କ ଜୀବନଗଲା ବୋଲି କହିଛନ୍ତି । ବାହାନଗା ମୃତାହତଙ୍କ ଭଳି ଏହି ଘଟଣାର ମୃତାହତଙ୍କ ପରିବାରକୁ ଅନୁକମ୍ପା ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି । ଏହାସହିତ ଘଟଣାର ତଦନ୍ତ କରାଯାଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସୂଚନାଥାଉକି ଘଟଣାସ୍ଥଳ ନିକଟରେ ୨୦୦୯ରେ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## 'ମୋଦି, ଅଶ୍ୱିନୀଙ୍କ ନାଁରେ ...

ସେ କହିଛନ୍ତି, ଏହା ଉପରେ ବି ସିବିଆଇ ତଦନ୍ତ କରିବ ନା ଭାରତୀୟ ରେଳପଥର ସୁରକ୍ଷାରେ କିଛି ଗମ୍ଭୀର ଭୁଲ୍ ରହିଥିବା ବିଷୟ ମୋଦି ସରକାର ସ୍ୱୀକାର କରିବେ ବୋଲି ଜୟରାମ ପ୍ରଶ୍ନ କରିଛନ୍ତି । ରାଷ୍ଟ୍ରୀୟ ରେଳ ସଂରକ୍ଷକ (ଆର୍‌ଆର୍‌ଏସ୍‌କେ) ପାଣ୍ଠିକୁ ଅଣଜରୁରୀ କାର୍ଯ୍ୟରେ ଖର୍ଚ୍ଚ କରାଯାଇଥିବା ନେଇ ୨୦୨୧ ମାର୍ଚ୍ଚରେ କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ଦେଇଥିବା ରିପୋର୍ଟର ମଧ୍ୟ ସେ ଅବତାରଣା କରିଛନ୍ତି ।

## ଆଜି ଯୁକ୍ତ ୨ କଳା ...

୫,୮୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ । ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଯୁକ୍ତ ୨ ଖାତାଦେଖା ଆରମ୍ଭ ହୋଇଥିଲା । ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ' ୫ ତାରିଖ ଯାଏ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଖାତା ମୂଲ୍ୟାୟନ କରାଯାଇଥିଲା । ମେ ୩୧ରେ ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା ।

## ଡ୍ରଗ୍ସ ବେପାରୀଙ୍କୁ ...

ସୂଚନା ଅନୁଯାୟୀ, ପାକୁ ଠେଙ୍ଗାହାଟ ଛକରେ ଠିଆ ହୋଇଥିଲେ । ଏହି ସମୟରେ ବିପରୀତ ଦିଗରୁ ଏକ ପିକଅପ୍ ଭ୍ୟାନରେ ଏକାଧିକ ଯୁବକ ଆସି ପହଞ୍ଚିଥିଲେ । କେହି କିଛି ବୁଝିବା ପୂର୍ବରୁ ସେମାନେ ଭ୍ୟାନରୁ ଓହ୍ଲାଇ ହଠାତ୍ ପାକୁଙ୍କ ଉପରକୁ ଗୁଳି ଚଳାଇଥିଲେ । ପ୍ରଥମ ୩ ରାଉଣ୍ଡ ଲକ୍ଷ୍ୟହୀନ ହୋଇଥିବା ବେଳେ ୪ରାଉଣ୍ଡ ଗୁଳି ତାଙ୍କ ହାତ, ଛାତି ତଳ ଓ ପେଟରେ ବାଜିଥିଲା । ପାକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ । ଏହାପରେ ଗୁଳିମାଡ଼ କରିଥିବା ଯୁବକମାନେ ଭ୍ୟାନରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବରପାଇ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ । ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇ ଦିଆଯାଇଛି । ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ସହ ଅନୁସନ୍ଧାନ କରୁଛି । ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଗଠିତ ୨ଟି ଟିମ୍ ଗଠନ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଉଲ୍ଲେଖ ଥାଉ କି, ପାକୁ ପୂର୍ବରୁ ନିଶା କାରବାର କରୁଥିଲେ । ସେ ଅନେକ ଥର ଗିରଫ ହୋଇ ଜେଲ ମଧ୍ୟ ଯାଇଥିଲେ । ଏକ ବ୍ରାଉନ ସୁଗାର କାରବାର ମାମଲାରେ ଜେଲରୁ ଜାମିନରେ ଆସିବା ପରେ ଖୋର୍ଦ୍ଧା ମାର୍କେଟରେ ମାଛ ବ୍ୟବସାୟ କରୁଥିଲେ । ଏପରିକି ୨୦୨୧ ଡିସେମ୍ବର ୨୪ରେ ନିଶା କାରବାର ମାଧ୍ୟମରେ ବେଆଇନ ସମ୍ପତ୍ତି ଗଚ୍ଛିତ ଅଭିଯୋଗରେ ପୋଲିସ ପକ୍ଷରୁ ତାଙ୍କର ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା ।



ଆହତ ସୋମନାଥ ଭୁଜବଳ ଓରଫ ପାକୁଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି ।

## କଥା କଥାକେ ଗୁଳି ଫୁଟୁଛି

ଖୋର୍ଦ୍ଧା ସହରରେ ନିଶା ବେପାର ସାଙ୍ଗକୁ ଚୋରା ବନ୍ଧୁକ କାରବାର ବଢିଚାଲିଛି । ସହରର ଏକାଧିକ ଅପରାଧୀଙ୍କ ହାତରେ ଏବେ ବନ୍ଧୁକ । କଥା କଥାକେ ଗୁଳି ଫୁଟୁଛି । ବନ୍ଧୁକ କେଉଁଠାରୁ ଆସୁଛି, କିଏ ଏମାନଙ୍କୁ ଯୋଗାଉଛି, ଏହି ର୍‍ୟାକେଟ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ପ୍ରଭୃତିର ଖୋଳତାଡ଼ କରାଗଲେ, ଅନେକ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି । ଏଠାରେ ସୂଚନାଯୋଗ୍ୟ, ଗତବର୍ଷ ଜଣେ ଯୁବକ ବାଜପୁର ଅଞ୍ଚଳରେ ବନ୍ଧୁକ ଧରି ଲୋକଙ୍କୁ ଭୟଭୀତ କରୁଥିବା ବେଳେ ଧରାପଡିଥିଲେ । ସେହିପରି ୪ବର୍ଷ ତଳେ ଏସ୍‌ଟିଏଫ୍ ପକ୍ଷରୁ ଚଢାଉ ସମୟରେ ଟିଏଲ୍‌ସି ରୋଡରେ ଜଣେ ଯୁବକ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ । ବ୍ରାଉନସୁଗାର କାରବାରରେ ସମ୍ପୃକ୍ତି ନେଇ ଭାଲିଆବାଡ଼ିରୁ ଏକାଧିକ ଯୁବକ ଗିରଫ ହୋଇଥିବା ପୋଲିସଠାରୁ ସୂଚନା ମିଳିଥିଲା । ଗତ ମେ ୧୫ ତାରିଖ ଗୁଳିମାଡ ଘଟଣାରେ ପାନବରଜ ଛକର ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ । ତେଣୁ ଏସବୁ ଘଟଣାରୁ ଅପରାଧୀଙ୍କ ହାତରେ ବନ୍ଧୁକ ରହିଥିବା ଚର୍ଚ୍ଚା ହେଉଛି । ଚୋରା ବନ୍ଧୁକ ଠାବ୍ କରିବାରେ ପୋଲିସ ବିଫଳ ହୋଇଥିବା କୁହାଯାଉଛି ।

**ସଂକ୍ଷେପରେ**

## ପ୍ରମଥ ପଟ୍ଟନାୟକ ଓଆରଇଏଟି ଅଧ୍ୟକ୍ଷ

**ଭୁବନେଶ୍ୱର,୭।୬(ବ୍ୟୁରୋ):** ପୂର୍ବତନ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ ଆପିଲେଟ ଟ୍ରିବ୍ୟୁନାଲ(ଓଆରଇଏଟି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହାଇକୋର୍ଟଙ୍କ ପରାମର୍ଶ କ୍ରମେ ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ) ଆକ୍ଟ-୨୦୧୬ର ସେକ୍ସନ-୪୬ର ସବ୍‌ସେକ୍ସନ(୨) ଅନୁଯାୟୀ ରାଜ୍ୟ ସରକାର ଏହି ନିଯୁକ୍ତି ଦେଇଛନ୍ତି। ଆସନ୍ତା ଜୁନ୍ ୩୦ ତାରିଖରୁ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ଗଲେ ବଣ୍ଡା,ଡିଡାଇ ଜନଜାତିର ୪୦ ସଦସ୍ୟ

**ମାଲକାନଗିରି,୭।୬(ଡି.ଏନ.ଏ.):** ମାଲାକନଗିରି ଜିଲାର ୨୦ ଜଣ ବଣ୍ଡା ଓ ଡିଡାଇ ଜନଜାତିର ୨୦ ସଦସ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣକ୍ରମେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ରାଷ୍ଟ୍ରପତି ସେମାନଙ୍କ ଚଳଣି ସମ୍ପର୍କରେ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେମାନେ ଏହି ଯାତ୍ରା କରିଥିବା ଜଣାପଡିଛି। ସେମାନଙ୍କ ଏହି ଯାତ୍ରା ବେଳେ ବଣ୍ଡା ଜନଜାତିର ପ୍ରୋଜେକ୍ଟ ଲିଡର (ପିଏଲ୍) ଉପସ୍ଥିତ ଥିଲେ। ଡିଡାଇ ଜନଜାତିର (ଏସଓ) କିରାଣି ନାୟକ ପତାକା ଦେଖାଇ ଏହି ଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

## 'ମୁକ୍ତା' ଯୋଜନାରେ ୩୭ ପୌର ସଂସ୍ଥା ପାଇଁ ୪୨୩.୮୭ କୋଟି ମଞ୍ଜୁର

**ମିଶନ ଶକ୍ତି ହାତରେ ରହିବ ସମସ୍ତ ପ୍ରକଳ୍ପ ଦାୟିତ୍ୱ**

**ଭୁବନେଶ୍ୱର,୭।୬(ବ୍ୟୁରୋ):** ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଜିଲାରେ ଥିବା ୩୭ଟି ପୌର ସଂସ୍ଥା ପାଇଁ ୪୨୩.୮୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହି ୧୦ଟି ଜିଲା ହେଲା ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼। ଆସନ୍ତା ୨ଟି ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲାର ପୌର ସଂସ୍ଥାଗୁଡ଼ିକ ଉକ୍ତ ଯୋଜନାରେ ସାମିଲ ହେବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜୁନ୍ ୨ ତାରିଖରେ ୩୭ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁକ୍ତା ଯୋଜନାରେ ସହରାଞ୍ଚଳରେ ହେଉଥିବା ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁକ୍ତା ଯୋଜନାରେ ସହରାଞ୍ଚଳରେ ଜଳବାୟୁ ନିରୋଧୀ କାର୍ଯ୍ୟ, ମିନି ପାର୍କ, ମୁକ୍ତାକାଶ ଜିମ୍, ପିଲାଙ୍କ ଖେଳିବା ସ୍ଥାନ, ଖେଳ ପଡିଆ, ୱାକିଂ ଟ୍ରାକ, ଭେଣ୍ଡିଂ ଜୋନ୍ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ବ୍ୟବହାର ଯୋଗ୍ୟ ସ୍ଥାନର ଉନ୍ନତୀକରଣ, ଜଳାଶୟ ବିକାଶ, ବହୁମୁଖୀ ଗୋଷ୍ଠୀ ସେଣ୍ଟର, ୱାଲ ପେଣ୍ଟିଂ, ସହର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ ଶ୍ରମିକଭିତ୍ତିକ କାର୍ଯ୍ୟ ଇତ୍ୟାଦି କରାଯାଉଛି। ପ୍ରତ୍ୟେକ ୱାର୍ଡ ପାଇଁ ବାର୍ଷିକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବ। ଏଥିରେ ସ୍ଥାନୀୟ ଲୋକ ଓ ସମ୍ପୃକ୍ତ ପ୍ରମୁଖ ସଂସ୍ଥା ଅଂଶ ଗ୍ରହଣ କରିବେ। ପ୍ରତ୍ୟେକ ପ୍ରକଳ୍ପ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା କରାଯିବ।

## ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ମୋଦି ସରକାର ଶାସନର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର ଏବଂ ବରଗଡ଼ ଜିଲାରେ ଆୟୋଜିତ ଗରିବ କଲ୍ୟାଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଏଥିଲାଗି ସେ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଥମ ଦିନରେ ଅର୍ଥାତ୍ ଗୁରୁବାର ସେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ଠାରେ ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ କାମାକ୍ଷାନଗରରେ କମ୍ୟୁନିଟି ରେଡ଼ିଓ-ରେଡ଼ିଓ ବସୁଧାର ଲୋକାର୍ପଣ ସମାରୋହରେ ଅଂଶଗ୍ରହଣ କରିବେ। ଏଥିସହ ଦଳର ସଂଯୁକ୍ତ ମୋର୍ଚ୍ଚା ବୈଠକରେ ଉପସ୍ଥିତ ରହି ସାଙ୍ଗଠନିକ ଆଲୋଚନା କରିବେ। ଦ୍ୱିତୀୟ ଦିନରେ ଧର୍ମେନ୍ଦ୍ର ଭୁବନେଶ୍ୱରଠାରେ ଦିଲୀପ ଶତପଥୀ ମେମୋରିଆଲ ରାଜ୍ୟସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜନଜାତୀୟ ଖେଳ ମହୋତ୍ସବ-୨୦୨୩ରେ ଯୋଗଦେବେ। ତୃତୀୟ ଦିନରେ ଦେବଗଡ଼ର ବଡ଼ବଗିଚା ଏବଂ ସମ୍ବଲପୁର ରେଙ୍ଗାଲି ବ୍ଲକରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ।

# ପାଳନ ହେଉନି ବହୁତଳ ଅଟ୍ଟାଳିକା ନିୟମ

- ବିପଜ୍ଜନକ ହେଉଛି ଭୂତଳ ଜଳ
- ଏନ୍‌ଜିଟି କ୍ଷୁବ୍ଧ, ଯାଞ୍ଚ କରିବାକୁ ଏସ୍‌ପିସିବିକୁ ନିର୍ଦ୍ଦେଶ
- ଆସନ୍ତା ସପ୍ତାହରେ ହେବ ଯାଞ୍ଚ




ଭୁବନେଶ୍ୱର,୭।୬(ବ୍ୟୁରୋ)

ରାଜ୍ୟର ସହରାଞ୍ଚଳରେ ଗଢ଼ି ଉଠୁଛି ମାଳ ମାଳ ବହୁତଳ ଅଟ୍ଟାଳିକା। ସେଥିରୁ ଅଧିକାଂଶ ଆପାର୍ଟମେଣ୍ଟ ଆଇନକାନୁନକୁ ନ ମାନି ପରିବେଶ ପାଇଁ ଘାତକ ସାଜୁଛନ୍ତି। ଆପାର୍ଟମେଣ୍ଟରୁ ବାହାରୁଥିବା ବର୍ଜ୍ୟବସ୍ତୁ, ବର୍ଜ୍ୟଜଳ ଓ ପାଇଖାନା ପାଣି ବିପଜ୍ଜନକ ହେଉଛି। ବହୁତଳ ଅଟ୍ଟାଳିକା ପାଇଁ ଅନୁମତି ଦେଉଥିବା ଡେଭଲପମେଣ୍ଟ ଅଥରଟି (ଉନ୍ନୟନ କର୍ତ୍ତୃପକ୍ଷ), ପରିବେଶ ସୁରକ୍ଷା ଦାୟିତ୍ୱରେ ଥିବା ରାଜ୍ୟ କିମ୍ବା କେନ୍ଦ୍ରୀୟ ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ଆପାର୍ଟମେଣ୍ଟରୁ ବାହାରୁଥିବା ବର୍ଜ୍ୟଜଳ ଭୂତଳ ଜଳକୁ ମଧ୍ୟ ପ୍ରଭାବିତ କଲାଣି। ଗୃହ ନିର୍ମାଣ ପ୍ଲାନ୍ ଅନୁମୋଦନ ପୂର୍ବରୁ ବିଲ୍ଡିଂ ରେଗୁଲେଶନକୁ ଏଡ଼େଇ ଭିତିରିଆ ଅନୁମତି ଦିଆଯାଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ତେବେ ଯାହା କିଛି ସର୍ତ୍ତ ରଖାଯାଉଛି ତାହାକୁ ଗୃହ ନିର୍ମାଣ ସଂସ୍ଥା ଅଣଦେଖା କରୁଛନ୍ତି। ଫଳରେ ପରିବେଶ ପ୍ରତି ଏହା ବିପଜ୍ଜନକ ହେବା ସହ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ଏଥିଯୋଗୁ ପାନୀୟଜଳ ମଧ୍ୟ ଅସୁରକ୍ଷିତ ହୋଇପଡିଛି। ବର୍ଜ୍ୟ ଜଳକୁ ଏଣେ ତେଣେ ଛାଡ଼ିବା, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) କାର୍ଯ୍ୟକାରୀ ନ କରିବା, ସୌରଶକ୍ତି ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ କରିବା, ବର୍ଷା ଜଳ ସଂରକ୍ଷଣ ଆଦି ଉପରେ ଆଦୌ ଗୁରୁତ୍ୱ ନ ଦେବା ଘଟଣାରେ ଗ୍ରୀନ୍ ଟ୍ରିବ୍ୟୁନାଲ କ୍ଷୁବ୍ଧ ହୋଇଛନ୍ତି।

ରାଜଧାନୀରେ ଥିବା ଏକ ପ୍ରତିଷ୍ଠିତ ଆପାର୍ଟମେଣ୍ଟରେ ଏଭଳି ଅବହେଳାକୁ ନେଇ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏନ୍‌ଜିଟି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି, କେନ୍ଦ୍ରୀୟ ଭୂତଳ ଜଳ କର୍ତ୍ତୃପକ୍ଷ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ କଡ଼ା ଭର୍ତ୍ସନା କରିଛନ୍ତି। ଆପାର୍ଟମେଣ୍ଟଗୁଡ଼ିକ ପରିବେଶ ପାଳନ ନିୟମକୁ କିପରି କାର୍ଯ୍ୟକାରୀ କରୁଛନ୍ତି ସେସବୁକୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଏନ୍‌ଜିଟି ଗତ ୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ ରାଜ୍ୟରେ ଛୋଟ ବଡ଼ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟ ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁଯାୟୀ ଆପାର୍ଟମେଣ୍ଟରେ ବହୁ ସଂଖ୍ୟାରେ ଲୋକ ବସବାସ କରୁଥିବାରୁ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରିବା ବାଧ୍ୟତାମୂଳକ। ଏଥିପାଇଁ ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ଏନ୍‌ଓସି ଆଣିବାକୁ ହେବ। ଏସ୍‌ଟିପି ପାଇଁ ଏରିଏଶନ ଟ୍ୟାଙ୍କ, ମେବ୍ରେନ୍ ଟ୍ୟାଙ୍କ, ଆନୋକ୍ସି ଟ୍ୟାଙ୍କ, ସ୍ଲଜ ହୋଲ୍ଡିଂ ଟ୍ୟାଙ୍କ ଓ ଶେଷରେ ବର୍ଜ୍ୟ ବିଶୋଧନ ଜଳ ଟ୍ୟାଙ୍କ ସ୍ଥାପନ କରାଯିବ, ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ସ୍ୱେରେଜ ଜଳକୁ ବିଶୋଧନ କରାଯିବ, ଯାହାକି ଭୂତଳ କିମ୍ବା ଭୂପୃଷ୍ଠ ଜଳକୁ ଏହା ପ୍ରଭାବିତ କରିବ ନାହିଁ। ମାତ୍ର ଏହି ଗାଇଡ୍‌ଲାଇନକୁ ପାଳନ କରାଯାଉ ନାହିଁ। ଏପରି କି ଆପାର୍ଟମେଣ୍ଟ ଆସୋସିଏଶନ ମଧ୍ୟ ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅନେକ ଆପାର୍ଟମେଣ୍ଟ ନାମକୁମାତ୍ର ଏସ୍‌ଟିପି କରିଥିଲେ ମଧ୍ୟ ପାଇଖାନାର ସମସ୍ତ ବର୍ଜ୍ୟ ବିନା ବିଶୋଧନରେ ଭୂଗର୍ଭସ୍ଥ ଜଳରେ ମିଶୁଛି। ଆପାର୍ଟମେଣ୍ଟଗୁଡ଼ିକରେ ସ୍ୱେରେଜ ଲାଇନ ନ ଥିବାରୁ ବର୍ଜ୍ୟଜଳକୁ ବାହାରକୁ କିମ୍ବା ଭୂଗର୍ଭକୁ ଛାଡ଼ି ଦିଆଯାଉଛି। ଫଳରେ ସମଗ୍ର ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଛି।

ସମାଜସେବୀ ତଥା ରେରା ଆକ୍ଟିଭିଷ୍ଟ ବିମଳେନ୍ଦୁ ପ୍ରଧାନ କହିଛନ୍ତି, ରାଜ୍ୟରେ ଥିବା ଆପାର୍ଟମେଣ୍ଟ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବେଶ ନିୟମ ଉଲ୍ଲଂଘନ କରୁଛନ୍ତି। ମାରାତ୍ମକ ସ୍ୱେରେଜ ପାଣିକୁ ଟ୍ରିଟ୍‌ମେଣ୍ଟ କରାଯାଉନାହିଁ। ବର୍ଜ୍ୟଜଳକୁ ଖୋଲା ଛାଡ଼ି ଦିଆଯାଉଛି। କେହି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଫଳରେ ବେଳକୁ ବେଳ ପରିବେଶ ବିଷାକ୍ତ ହେବାରେ ଲାଗିଛି। ଆଇନ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ବିଏମ୍‌ସି ଡେପୁଟି କମିଶନର ମନୋରଞ୍ଜନ ସାହୁ କହିଛନ୍ତି, ଆପାର୍ଟମେଣ୍ଟ ସ୍ୱେରେଜ ଦେଖିବା କାମ ୱାଟ୍‌କୋର। ବିଏମ୍‌ସିର ଏଥିରେ କିଛି ଭୂମିକା ନାହିଁ। ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି , ଆସନ୍ତା ସପ୍ତାହରୁ ଆପାର୍ଟମେଣ୍ଟଗୁଡ଼ିକରେ ପରିବେଶ ନିୟମ ପାଳନ ହେଉଛି କି ନାହିଁ ତାହା ମିଳିତ ଟିମ୍ ଜରିଆରେ ତଦାରଖ କରାଯିବ। ଆଇନ ଖିଲାପ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଓଡ଼ିଶାର ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି, ପିଲାଙ୍କୁ ମାଗଣା ପଢ଼ାଇବ କିଟ୍

ଭୁବନେଶ୍ୱର,୭।୬(ବ୍ୟୁରୋ)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ବିଭିନ୍ନ ଦିଗରୁ ମୃତାହତଙ୍କ ପରିବାରକୁ ସହଯୋଗର ହାତ ବଢ଼ିବାରେ ଲାଗିଛି। ବୁଧବାର କିଟ୍ ପକ୍ଷରୁ ସହାୟତା ଘୋଷଣା କରାଯାଇଛି। ଓଡ଼ିଶାର ମୃତକଙ୍କ ପରିବାରରୁ ଜଣଙ୍କୁ କିଟ୍ କିମ୍ବା କିସ୍‌ରେ ଚାକିରି ମିଳିବା ସହ ଅନାଥ ପିଲାଙ୍କୁ ମାଗଣା ପାଠ ପଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୁର୍ଘଟଣାରେ ମୃତକଙ୍କ ପରିବାରର ଦୁଃଖ ଆମେ ଲାଘବ କରି ନ ପାରିଲେ ମଧ୍ୟ ସେମାନଙ୍କୁ କିଛି ସାହାଯ୍ୟ କରିପାରିଲେ ଆମେ ନିଜକୁ ଧନ୍ୟ ମନେକରିବୁ। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ୨୮୮ଜଣଙ୍କ ମଧ୍ୟରୁ ଓଡ଼ିଶାର ୩୯ଜଣ ରହିଛନ୍ତି। ଓଡ଼ିଶାର ଏହି ମୃତ ବ୍ୟକ୍ତିଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ କିଟ୍ କିମ୍ବା କିସ୍‌ରେ ନିଯୁକ୍ତି ପ୍ରଦାନ କରାଯିବ। ସେହିପରି ଏହି ଟ୍ରେନ୍ ଦୁର୍ଘଟଣାରେ ମାତାପିତାଙ୍କୁ ହରାଇଥିବା ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କଲେ କିଟ୍ ଓ କିସ୍‌ରେ ସେମାନଙ୍କୁ ପ୍ରଥମରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଯେ କୌଣସି ଶ୍ରେଣୀରେ ସେମାନଙ୍କ ଯୋଗ୍ୟତା ଅନୁସାରେ ମାଗଣାରେ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ କିଟ୍ ପକ୍ଷରୁ ଆବେଦନ ପ୍ରକ୍ରିୟା ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ଏହି ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ତୁରନ୍ତ ସହଯୋଗକୁ ଡ. ସାମନ୍ତ ଭୂୟସୀ ପ୍ରଶଂସା କରିଛନ୍ତି।

# ବିହାର, ପଶ୍ଚିମବଙ୍ଗ ମନ୍ତ୍ରୀ-ଅଧିକାରୀଙ୍କ ଭିନ୍ନ ଭିନ୍ନ ତଥ୍ୟ

**ଟ୍ରେନ୍ ଦୁର୍ଘଟଣା: ଯାତ୍ରୀ ନିଖୋଜ ଘଟଣା**

ଭୁବନେଶ୍ୱର,୭।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତ ଓ ମୃତକଙ୍କ ତାଲିକା ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯାଇଛି। ଓଡିଶା ପ୍ରଶାସନ, ବିଏମ୍‌ସି ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟରେ ମୃତାହତଙ୍କ ଫଟୋ ସହ ତଥ୍ୟ ରହିଛି। ବିଭିନ୍ନ ହସ୍ପିଟାଲରେ ମଧ୍ୟ ହେଲ୍ପଡେସ୍କ ଖୋଲାଯାଇ ମୃତକଙ୍କ ଫଟୋଗୁଡିକ ଡିସ୍‌ପ୍ଲେ କରାଯିବା ସହ ପରିବାର ଓ ସମ୍ପର୍କୀୟଙ୍କୁ ଆବଶ୍ୟକ ସୂଚନା ଯୋଗାଇ ଦିଆଯାଉଛି। ଏହି ଦୁର୍ଘଟଣାରେ ଓଡିଶାର ୩୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବିହାର ଓ ପଶ୍ଚିମବଙ୍ଗ ରାଜ୍ୟର ଅଧିକାଂଶ ଥିବା ସୂଚନା ମିଳିଛି। ତେବେ ଏଥିରେ ଶତାଧିକ ନିଖୋଜ ହୋଇଥିବା ନେଇ ଦୁଇ ରାଜ୍ୟର ସରକାର ଦାବି କରୁଥିବାବେଳେ ଏମାନଙ୍କ ସଂଖ୍ୟାକୁ ନେଇ ସେମାନଙ୍କ ମନ୍ତ୍ରୀ ଓ ଅଧିକାରୀ ଭିନ୍ନ ଭିନ୍ନ ତଥ୍ୟ ରଖିବା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

ବୁଧବାର ବିହାର ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶାହାନୱାଜ୍ ଆଲାମ ଜାତୀୟ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ଅନୁସାରେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ବିହାରର ୪୩ ଜଣଙ୍କ ମୃତ୍ୟୁ ହୋଇଛି। ୪୪ଜଣ ଆହତ ହୋଇଥିବାବେଳେ ୮ଜଣ ନିଖୋଜ ଥିବା ଅଭିଯୋଗ କରିଛନ୍ତି। ହେଲେ ବିହାର ଶ୍ରମ ନିର୍ଦ୍ଦେଶକ ସାମ ବିହାରୀ ମୀନା ନିଖୋଜ ସଂକ୍ରାନ୍ତରେ ଭିନ୍ନ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ୪୩ ଜଣଙ୍କ ମୃତଦେହ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ୪୦ଜଣ ଆହତ କଟକ ଓ ବାଲେଶ୍ୱର ସମେତ ଅନ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୧୧ ମୃତକଙ୍କ ପରିବାର ବର୍ଗର ଡିଏନ୍ଏ ନମୁନା ଗ୍ରହଣ କରାଯାଇଥିବାବେଳେ ଏବେବି ୧୯ଜଣ ନିଖୋଜ ଅଛନ୍ତି। ଅନ୍ୟପଟେ ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଟ୍ରେନ୍ ଦୁର୍ଘଟଣା ଆହତଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ସେ କହିଥିଲେ, ପଶ୍ଚିମବଙ୍ଗର ୩୧ଜଣ ଯାତ୍ରୀ କେଉଁଠି, କିଭଳି ଅଛନ୍ତ ତାହା ଜଣା ପଡୁନାହିଁ। ପୂର୍ବରୁ ମଧ୍ୟ ମମତା ମୃତ୍ୟୁ ସଂଖ୍ୟାକୁ ନେଇ କଟାକ୍ଷ କରି କହିଥିଲେ ଯେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣ ନୁହେଁ, ଅଧିକ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଏମ୍‌ସରେ ଖୋଲିଥିବା ପଶ୍ଚିମବଙ୍ଗ ହେଲ୍ପଡେସ୍କର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ମୋଟ ୮୪ଟି ମୃତଦେହ ଚିହ୍ନଟ ହୋଇପାରୁ ନାହିଁ। ୨ ରାଜ୍ୟ ଅଭିଯୋଗ ଆଣୁଥିବା ଶତାଧିକ ନିଖୋଜ ଯାତ୍ରୀ କୁଆଡେ ଗଲେ ତାହା ଏବେ ସନ୍ଦେହ ସୃଷ୍ଟି କରୁଛି।

# ଆଇପିଏସ୍‌ସ୍ତରରେ ଅଦଳବଦଳ

**ଅରୁଣ ବୋଥ୍ରା କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ**

- ଅମିତାଭ ଠାକୁରଙ୍କୁ ଜେଲ ଏଡିଜି ଅତିରିକ୍ତ ଦାୟିତ୍ୱ
- ଦୀପ୍ତେଶ ପଟ୍ଟନାୟକ ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୭।୬(ବ୍ୟୁରୋ)

ରାଜ୍ୟ ସରକାର ବୁଧବାର ୧୯୯୬ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍)ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। କ୍ରୁଟ୍ ଅଧୀନରେ 'ମୋ ବସ୍' ବିଭିନ୍ନ ସହରରେ ଚଳପ୍ରଚଳ କରୁଛି। ସରକାର ମୋ ବସ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ୨୦୧୯ରେ କ୍ରୁଟ୍ ପରିଚାଳନା ଦାୟିତ୍ୱରେ ବୋଥ୍ରା ରହିଥିଲେ ଓ ଗତବର୍ଷ ତାଙ୍କୁ କ୍ରୁଟ୍ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ବିଏମ୍‌ସି(ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ) କମିଶନର ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

ସେହିପରି ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଦୀପ୍ତେଶ ପଟ୍ଟନାୟକଙ୍କୁ ଜେଲ ଆଇଜି ଦାୟିତ୍ୱରୁ ମୁକ୍ତ କରାଯାଇ କେବଳ ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ଅତିରିକ୍ତ ଭାବେ ଦୀପ୍ତେଶ ଏହି ଦାୟିତ୍ୱ ତୁଲାଉଥିଲେ। ସେହିପରି ରାଜ୍ୟ ପରିବହନ କମିଶନର ଭାବେ କାର୍ଯ୍ୟରତ ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ଅମିତାଭ ଠାକୁରଙ୍କୁ ଜେଲ ଏଡିଜି ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ଦେଇଛନ୍ତି।

# ସ୍କାନରରେ ୯ ଅଧିକାରୀ, କର୍ମଚାରୀ

## ବାହାନଗା ଟ୍ରେନ ଦୁର୍ଘଟଣା: ଦ୍ୱିତୀୟ ଦିନରେ ସିବିଆଇର ତନାଘନା



ରେଳ ଦୁର୍ଘଟଣା ସ୍ଥଳରେ ସିବିଆଇ ଓ ଫୋରେନସିକ୍ ଟିମ୍‌ର ତଦନ୍ତ।

**ରିଲେ ରୁମ୍ ସିଲ୍, ଅଧିକାରୀ ଓ କର୍ମଚାରୀଙ୍କ ମୋବାଇଲ୍ ସିଜ୍**

ବାଲେଶ୍ୱର ଅଫିସ, ୭।୬

ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଛି। ବୁଧବାର ଦ୍ୱିତୀୟ ଦିନରେ ସିବିଆଇ ସହିତ ଫୋରେନସିକ୍ ଟିମ୍ ବାହାନଗା ଷ୍ଟେଶନ ନିକଟ ଲେଭଲକ୍ରସିଂ, ଦୁର୍ଘଟଣାସ୍ଥଳ, ରେଳଷ୍ଟେଶନରେ ପହଞ୍ଚିଥିଲେ। ଅଧିକାରୀମାନେ ଷ୍ଟେଶନର ରିଲେ ରୁମ୍‌କୁ ସିଲ୍ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ୯ଜଣ କର୍ମଚାରୀଙ୍କୁ ସ୍କାନରରେ ରଖି ସିବିଆଇ ପଚରାଉଚରା କରିଛି। ସେହିପରି ବାହାନଗା ଷ୍ଟେଶନରେ ଦୁର୍ଘଟଣା ସମୟରେ ଡ୍ୟୁଟିରେ ଥିବା ଅଧିକାରୀ ଓ କର୍ମଚାରୀଙ୍କର ମୋବାଇଲ୍ ସିଜ୍ କରିଛି ସିବିଆଇ। ଅନ୍ୟପକ୍ଷରେ ସାଇଣ୍ଟିଫିକ୍ ଟିମ୍ ଦୁର୍ଘଟଣାସ୍ଥଳରୁ ମିଳିଥିବା ବିଭିନ୍ନ ପ୍ରମାଣ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ଜଣାପଡ଼ିଛି।

ମଙ୍ଗଳବାର ମଧ୍ୟ ଅଢ଼େଇ ଘଣ୍ଟା ଧରି ସିବିଆଇ ଅଧିକାରୀମାନେ ରେଳ ଦୁର୍ଘଟଣା ସମୟରେ ଦାୟିତ୍ୱରେ ଥିବା ଷ୍ଟେଶନ ମାଷ୍ଟର, ଏସ୍ଏସ୍ଇ, ଏସ୍ଆଣ୍ଡଟି, ୨ଜଣ ଟେକ୍ନିକାଲ ପର୍ସନ, ୨ଜଣ ହେଲପର, ଗେଟ୍‌ମ୍ୟାନ୍, ପଏଣ୍ଟ ମ୍ୟାନଙ୍କୁ ପଚରାଉଚରା କରିଥିଲେ। ସିବିଆଇ ଅଧିକାରୀ ପ୍ୟାନେଲ୍ ବୋର୍ଡ ଓ ରିଲେ ରୁମ୍‌ରେ ଦୀର୍ଘ ସମୟ ଧରି ତନାଘନା କରିଥିଲେ। ସିବିଆଇର ୫ଜଣିଆ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ଇଣ୍ଟରଲକିଂ ପଏଣ୍ଟ ତନଖି କରିଥିଲା। ଲୁପ୍ ଲାଇନ, ମେନ୍ ଲାଇନ୍ ଭିତରେ କେତେ ଦୂର ଥାଏ ଓ ଟ୍ରାକ୍ ଚେଞ୍ଜ୍ କିପରି ହୁଏ ଏସବୁ ଦେଖିଥିଲା। ସେଠାରୁ ସିଧା ସିଲ୍ ହୋଇଥିବା ଦକ୍ଷିଣ କ୍ୟାବିନ୍‌କୁ ଯାଇଥିଲା ସିବିଆଇ ଟିମ୍। ସେହିପରି ପୂରା ଟିମ୍ ନିର୍ମାଣାଧୀନ ରେଳଲାଇନରେ ଚାଲି ଚାଲି ଷ୍ଟେଶନ ମ୍ୟାନେଜର ରୁମ୍‌ରେ ଥିବା ପ୍ୟାନେଲ ବୋର୍ଡ ରୁମ୍‌ରେ ପହଞ୍ଚିଥିଲା। ଷ୍ଟେଶନ ମାଷ୍ଟରଙ୍କୁ ରେଲୱେ ସେଫ୍ଟି କମିଶନର ପଚରାଉଚରା କରୁଥିବା ଯୋଗୁ ସିନିୟର୍ ଷ୍ଟେଶନ ମ୍ୟାନେଜରଙ୍କୁ ସିବିଆଇ ଜେରା କରିଛି। ସେହିପରି ସିଗନାଲ ରୁମ୍‌ରେ ପ୍ରାୟ ୧୫ରୁ ୨୦ ମିନିଟ ଛାନଭିନ କରିଥିଲା ସିବିଆଇ ଟିମ୍। ଅନ୍ୟପଟେ ପୁନରୁଦ୍ଧାର କାର୍ଯ୍ୟ ବୁଧବାର ସୁଦ୍ଧା ଶେଷ ହେବା ନେଇ ଏକପ୍ରକାର ନିଶ୍ଚିତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ରେଳ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ହେବା ନେଇ ଆଶା କରାଯାଉଛି।

## ୫୦୦ ଟଙ୍କା ପାଇଁ ସାଙ୍ଗ ଗଳା କାଟିଲେ

**ବାସୁଦେବପୁର, ୭।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବାଷଠୀ ଗ୍ରାମ ଛକରେ ୫୦୦ ଟଙ୍କାକୁ କେନ୍ଦ୍ର କରି ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗଙ୍କ ଗଳାକୁ ବ୍ଲେଡରେ କାଟିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ପୌରପାଳିକା ଅଧୀନ ବାଲିନଗର ଗ୍ରାମର ରତ୍ନାକର ମଲିକ(୧୮) ତାଙ୍କ ସାଙ୍ଗ ବାଷଠୀ ଗ୍ରାମର ଦୀପକ ବାରିକଙ୍କୁ ୫୦୦ ଟଙ୍କା ଧାର ଦେଇଥିଲେ। ଧାର ଟଙ୍କା ଫେରାଇବାକୁ ରତ୍ନାକରଙ୍କୁ ବୁଧବାର ସନ୍ଧ୍ୟାରେ ଦୀପକ ଡାକିଥିଲେ। ରତ୍ନାକର ସେଠାରେ ପହଞ୍ଚିବା ପରେ ତାଙ୍କ ଗଳାକୁ ଦୀପକ ବ୍ଲେଡରେ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

**କଟକ ଅଫିସ,୭।୬:** ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କୁ ବୁଧବାର କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଭେଟିଥିଲେ। ତାଙ୍କ ସହ ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ସଞ୍ଜୟ ନିର୍ମଳ ଏସ୍‌ସିବି ମେଡିକାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କ ସହ କଥା ହୋଇଥିଲେ। ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ମେଡିକାଲରେ ଭର୍ତ୍ତି ହୋଇଥିବା ୨୦୧ ଆହତଙ୍କ ମଧ୍ୟରୁ ଏବେ ୧୧୯ ଜଣ ଚିକିତ୍ସାଧୀନ ଥିବା ଓ ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଥିବା କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ, ସହାୟତା ବିଷୟରେ ଉଲ୍ଲେଖ କରି ମେଡିକାଲର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏହି କଠିନ କାର୍ଯ୍ୟକୁ ସଫଳ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଟୁଡୁ ଧନ୍ୟବାଦ ଜଣାଇଥିଲେ।






ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ । ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା – ତୁମର ଚରମ ନିଷ୍ଠାପରତା । –ଶ୍ରୀମା



# ଉପବାସ ଭଙ୍ଗର ରହସ୍ୟ



ଦେବଦତ୍ତ ପଟ୍ଟନାୟକ

ଆଧ୍ୟାତ୍ମିକ ପରମ୍ପରାରେ ଉପବାସର ଗୁରୁତ୍ୱ ଯଥେଷ୍ଟ ରହିଛି । ଏହା ଆମେ ଚାହୁଁଥିବା ଶାରୀରିକ ସୁଖରୁ ବଞ୍ଚିତ କରି ଆମକୁ ଦିବ୍ୟ ପଥର ପଥିକ କରେ । ଏଥିରୁ ପୁଣ୍ୟ ମିଳେ । ଉପବାସ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଏ ଓ ମନୁଷ୍ୟକୁ କର୍ମ ରୂପକ ଶିଡ଼ିରେ ଉପରକୁ ଉଠିବାରେ ସାହାଯ୍ୟ କରିଥାଏ । ଫଳରେ ମଣିଷ ମହତ୍ କର୍ମ କରି ଜ୍ଞାନ ଲାଭ କରିବାରେ ସକ୍ଷମ ହୋଇଥାଏ । ତିନୋଟି ଧର୍ମ ଅର୍ଥାତ୍ ବୁଦ୍ଧଧର୍ମ, ଜୈନଧର୍ମ ଓ ହିନ୍ଦୁଧର୍ମରେ ଉପବାସ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଏହି ତିନୋଟି ଧର୍ମର ଧର୍ମୀୟ ପରମ୍ପରାରେ ଉପବାସ ସମ୍ପର୍କରେ ଅନେକ କାହାଣୀ ଅଛି । କେମିତି ଉପବାସ କରିବ ଓ ତାହାକୁ ଭାଙ୍ଗିବ, ସେ ବିଷୟରେ ଏହି କାହାଣୀଗୁଡ଼ିକରେ ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ, ଜୀବନର ଯନ୍ତ୍ରଣା କାହିଁକି ରହିଛି ତାହାର ଉତ୍ତର ସିଦ୍ଧାର୍ଥ ଗୌତମ ପ୍ରାରମ୍ଭିକ ସ୍ତରରେ ଖୋଜିଥିଲେ । ଏହି ଉତ୍ତର ପାଇବା ପାଇଁ ଉପବାସ କରିବାକୁ ସିଦ୍ଧାର୍ଥଙ୍କୁ ମୁନିମାନେ ଉପଦେଶ ଦେଇଥିଲେ । ପରେ ମୁନିଙ୍କ ଉପଦେଶ ଗ୍ରହଣ କରି ଗୌତମ ଉପବାସ ଆରମ୍ଭ କରିଥିଲେ । ଦିନ ପରେ ଦିନ ଗଡ଼ି ଚାଲିଲା । ଧୀରେ ଧୀରେ ଉପବାସ ଗମ୍ଭୀର ସ୍ତରକୁ ଯିବା ଦ୍ୱାରା ସେ ବହୁତ ଦୁର୍ବଳ ହୋଇଗଲେ, ଏପରିକି ଚାଲିପାରିଲେନି । ସେହି ସମୟରେ ସୁଜାତା ନାମ୍ନୀ ଜଣେ ମହିଳା ତାଙ୍କୁ କ୍ଷୀରରେ ପ୍ରସ୍ତୁତ ଅନ୍ନ ଖାଇବାକୁ ଦେଇଥିଲେ । ଗୌତମ ସୁସ୍ଥ ହେବା ଯାଏ ସେ ତାଙ୍କର ସେବା କରୁଥିଲେ । କୁହାଯାଏ, ଅଙ୍ଗେ ନିଭେଇଲେ ହିଁ ଜଣେ ଅନୁଭବ କରିପାରେ । ସେହି ସ୍ଥିତି ଆସିଥିଲା ଗୌତମଙ୍କ ଉପବାସ ପରବର୍ତ୍ତୀ ଜୀବନରେ । ଏହି ଉପବାସରୁ ସେ ଅନେକ କିଛି ଅନୁଭବ କରିଥିଲେ । ଶରୀରକୁ ଅତ୍ୟଧିକ ଯନ୍ତ୍ରଣା ଦେଇ ମୋକ୍ଷ ଲାଭ କରିହୁଏ ନାହିଁ ବୋଲି ସେ ଅବଗତ ହୋଇଥିଲେ । ପରେ ସେ ଯେତେବେଳେ ଦିବ୍ୟ ଜ୍ଞାନ ଲାଭ କଲେ, ସେତେବେଳେ ଯାତ୍ରା କରୁଥିବା ଦୁଇ ବଣିକ ବୁଦ୍ଧଙ୍କୁ ଖାଇବାକୁ ଦେଇଥିଲେ । ସେମାନେ କାହିଁକି ବୁଦ୍ଧଙ୍କୁ ଖାଇବାକୁ ଦେଇଥିଲେ ତାହାର ବି ଏକ କାରଣ ରହିଛି । ସେହି ଦୁଇ ବଣିକ ତାଙ୍କ ଗନ୍ତବ୍ୟ ପଥରେ ଆଗାଉଥିବା ବେଳେ ଜଣେ ଦିବ୍ୟ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ । ସେ କହିଥିଲେ ଯେ, ବୁଦ୍ଧଙ୍କୁ ଖାଇବାକୁ ଦେଲେ ସେମାନେ ଜୀବନରେ ଶ୍ରେଷ୍ଠ ଫଳ ପାଇବେ ଏବଂ ଏହା ସେମାନଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିବ । ଏହା ଜାଣିବା ପରେ ବଣିକଦ୍ୱୟ ବୁଦ୍ଧଙ୍କୁ ଖାଇବାକୁ ଦେଲେ ଓ ତାଙ୍କଠାରୁ ତାଙ୍କ କେଶ ଗ୍ରହଣ କରିଥିଲେ । ଏହି କେଶକୁ ବ୍ୟବହାର କରି ସେମାନେ ସ୍ତୂପ ନିର୍ମାଣ କରିଥିଲେ । କେବଳ ଏତିକିରେ ସେମାନେ ଅଟକି ନ ଯାଇ ବୌଦ୍ଧଧର୍ମ ପ୍ରଚାରରେ ନିଜକୁ ସାମିଲ କରିଦେଇଥିଲେ । ସେହି ଦୁଇ ବଣିକଙ୍କ ମଧ୍ୟରୁ ଜଣେ ପୃଥିବୀର ଉତ୍ତର ଭାଗରେ ବୌଦ୍ଧଧର୍ମ ପ୍ରଚାର ପ୍ରସାର କରିଥିଲେ । ଏହାକୁ ସେ ଗାନ୍ଧାରାଯାଏ ସମ୍ପ୍ରସାରିତ କରିଥିଲେ । ଆଉ ଜଣେ ବୌଦ୍ଧଧର୍ମକୁ ପୃଥିବୀର ଦକ୍ଷିଣାଞ୍ଚଳରେ ପହଞ୍ଚାଇଥିଲେ । ଅମରାବତୀରୁ ଆରମ୍ଭ କରି ଶ୍ରୀଲଙ୍କା ଓ ବର୍ମାରେ ସେ ଏହାକୁ ପ୍ରତିଷ୍ଠିତ କରିପାରିଥିଲେ ।



କେବଳ ବୌଦ୍ଧଧର୍ମ ନୁହେଁ, ଜୈନଧର୍ମରେ ବି ଉପବାସର ମହତ୍ତ୍ୱ ପ୍ରତିପାଦିତ ହୋଇଛି ଓ ବୌଦ୍ଧଧର୍ମ ଭଳି ସମାନ ପ୍ରକାର କାହାଣୀ ମଧ୍ୟ ଏଥିରେ ଦେଖିବାକୁ ମିଳେ । ଜୈନ ପରମ୍ପରାରେ, ପୃଥିବୀର ଏବକାର ଯୁଗ ବା କଳ୍ପର ପ୍ରଥମ ତୀର୍ଥଙ୍କର ହେଉଛନ୍ତି ଋଷଭନାଥ । ସେ ଉପବାସ କରି ଅକ୍ଷୟତୃତୀୟା ଭଳି ପବିତ୍ର ଦିନରେ ତାହା ଭଙ୍ଗ କରିଥିଲେ । ଏହି ଦିନ ରାଜା ଶ୍ରେୟ ତାଙ୍କୁ ଆଖୁରସ ପିଇବାକୁ ଦେଇଥିଲେ ଓ ତାହା ସେ ଗ୍ରହଣ କରିଥିଲେ । ଆଖୁରସ ପିଇବା ପରେ ଋଷଭନାଥ ତାଙ୍କ ଉପବାସ ଭଙ୍ଗ କରିଥିଲେ । ଆଖୁରସର ସ୍ୱାସ୍ଥ୍ୟ ପ୍ରତି ବହୁ ମୂଲ୍ୟ ରହିଛି ଓ ଏହାକୁ ଅତି ଶୁଭ ବୋଲି ମନେକରାଯାଏ । ଏହି ଭାରତରେ ଆଖୁ ହିଁ ସର୍ବପ୍ରଥମେ ଚାଷ କରାଯାଇଥିଲା । ସେଥିପାଇଁ ଋଷଭନାଥ ଓ ରାମଙ୍କ ଭଳି ଭାରତର ପୁରାତନ ରାଜାମାନେ ଏହାକୁ ପ୍ରଥମେ ଆଣିଥିଲେ ଓ ଏହାର ବ୍ୟବହାର କରିଥିଲେ । ଅକ୍ଷୟ ଶବ୍ଦର ଇକ୍ଷୁ ବା ଆଖୁ ସହ ସମ୍ପର୍କ ରହିଛି ବୋଲି କୁହାଯାଇପାରେ । ସମୟ କ୍ରମେ ଇକ୍ଷୁ ତୃତୀୟା ସମ୍ଭବତଃ ଅକ୍ଷୟତୃତୀୟା ହୋଇଥାଇପାରେ ।

ଏହି ଯୁଗର ୨୪ତମ ତୀର୍ଥଙ୍କର ଭାବେ ମହାବୀର ଖ୍ୟାତ । ତାଙ୍କ ସଂଯମୀ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଥିଲା ଉପବାସ । ସେ ଉପବାସ କରିବା ପରେ ତାହା ଭଙ୍ଗ କରିଥିଲେ, ଯାହାକୁ ନେଇ ଅତି ରୋଚକ କାହାଣୀଟିଏ ଅଛି । ମହାବୀର ଶପଥ କରିଥିଲେ ଯେ, ଜଣେ କ୍ରନ୍ଦନରତା ରାଜକୁମାରୀ ଯେପର୍ଯ୍ୟନ୍ତ ତାଙ୍କୁ ପତଳା ଡାଲି ଖାଇବାକୁ ଦେଇନାହାନ୍ତି, ସେଯାଏ ସେ କେବେ ବି ବସିବେ ନାହିଁ । କେବଳ ଏତିକି ନୁହେଁ, ରାଜକୁମାରୀଙ୍କୁ ନେଇ ମଧ୍ୟ କିଛି ଅଜବ ସର୍ତ୍ତ ବି ବାଢ଼ିଥିଲେ ମହାବୀର । କହିଥିଲେ, ସେହି ରାଜକୁମାରୀ ଲଣ୍ଡା ହୋଇଥିବେ ଓ ତାଙ୍କ ପାଦ ଚାରିପାଖରେ ଚେନବାଳ ବେଡ଼ି ଥିବ, ଅର୍ଥାତ୍ ବନ୍ଦୀ ଅବସ୍ଥାରେ ରହିଥିବେ । କେହି ଭାବି ପାରି ନ ଥିବେ ଯେ, ଏପରି ଜଣେ ରାଜକୁମାରୀ ଆସି ମହାବୀରଙ୍କୁ ଡାଲି ଖାଇବାକୁ ଦେବେ । କିନ୍ତୁ ବାସ୍ତବରେ ଏହା ଘଟିଲା । ଚନ୍ଦ୍ରବାଳା ନାମ୍ନୀ ଜଣେ ରାଜକୁମାରୀଙ୍କୁ ଅପହରଣ କରାଯାଇ ଜଣେ ବଣିକଙ୍କ ଘରେ କ୍ରୀତଦାସ ଭାବେ କାମ କରିବାକୁ ବିକ୍ରି କରିଦିଆଯାଇଥିଲା । ଅସୁନ୍ଦର ଦେଖାଯିବା ପାଇଁ ତାଙ୍କୁ ଲଣ୍ଡା କରିଦିଆଯାଇଥିଲା । ସେହି ଚନ୍ଦ୍ରବାଳା ହିଁ ତାଙ୍କୁ ଖାଇବାକୁ ଦିଆଯାଇଥିବା ଡାଲିକୁ ମହାବୀରଙ୍କୁ ଅର୍ପଣ କରିଦେଇଥିଲେ । ସେ ଅନୁଭବ କରିଥିଲେ, ଜଣେ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଲେ ପୁଣ୍ୟ ପ୍ରାପ୍ତ ହେବ ଓ ଜୀବନର ଦୁଃଖ ଅପସରି ଯିବ । ଏହା ବ୍ୟତୀତ ସେ ମଧ୍ୟ ଉପଲବ୍ଧି କରିଥିଲେ ଯେ, ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଲେ ଦୁର୍ଭାଗ୍ୟ ଚାଲିଯିବ । ମହାବୀରଙ୍କୁ ଡାଲି ଖାଇବାକୁ ଦେଇ ତାଙ୍କ ଉପବାସ ଭଙ୍ଗ କରି ଚନ୍ଦ୍ରବାଳା ବହୁ ସୌଭାଗ୍ୟ ଲାଭ କରିଥିଲେ ।

ହିନ୍ଦୁଧର୍ମ କଥା ଦେଖାଯାଉ । ମହାଭାରତର ଏକ କାହାଣୀ ବି ଉପବାସ ସମ୍ପର୍କରେ ସୂଚିତ କରୁଥିବାର ଲୋକକଥା ଆମେ ଶୁଣିବାକୁ ପାଉ । କାହାଣୀଟି ଏହିପରି । ଜଣେ ସନ୍ନ୍ୟାସୀ ୧୪ ବର୍ଷ ଧରି ଉପବାସ କରିଥିଲେ । ତାଙ୍କର ଏହି ଉପବାସ ଭଙ୍ଗ କରିବା ଲାଗି ଗୋଟିଏ ଫଳ ସଂରକ୍ଷିତ କରି ରଖାଯାଇଥିଲା । କିନ୍ତୁ ଦ୍ରୌପଦୀ ଏହାକୁ ହଠାତ୍ ତୋଳି ଦେଲେ । ଫଳରେ ଦ୍ରୌପଦୀଙ୍କ ମନରେ ଭୟ ଆସିଲା କାଳେ ସନ୍ନ୍ୟାସୀ ତାଙ୍କୁ ଅଭିଶାପ ଦେବେ । ଏହି ଭୟରେ ସେ ତୋଳିଥିବା ଫଳଟିକୁ ଗଛରେ ପୁଣି ଶାଖାରେ ଲଗାଇଦେଲେ ବା ଯୋଡ଼ିଦେଲେ । ଦ୍ରୌପଦୀ ଏଭଳି କରିପାରିବା ପଛରେ ଏକ ସତ୍ୟ ଲୁଚି ରହିଛି, ଯାହାକୁ କେହି ବି ଜାଣିନାହାନ୍ତି । ଲୋକକଥାର କାହାଣୀରେ ଏହା ବର୍ଣ୍ଣନା କରାଯାଇଛି ଯେ, କର୍ଣ୍ଣଙ୍କ ପ୍ରତି ଥିବା ତାଙ୍କର ଗୁପ୍ତ ପ୍ରେମଭାବକୁ ପ୍ରକାଶ କରିଛନ୍ତି ଓ ଏହି ପ୍ରେମର ଶକ୍ତି ବଳରେ ସେ ଗଛ ଶାଖାରେ ଫଳ ଯୋଡ଼ିଦେବାରେ ସକ୍ଷମ ହୋଇପାରିଛନ୍ତି । ଏଣୁ ଦ୍ରୌପଦୀଙ୍କ କାର୍ଯ୍ୟକୁ ନିରୀକ୍ଷଣ କରିବା ପୂର୍ବରୁ ସେ ଗଛରେ ପୁଣି ଲଗାଇଦେଇଥିବା ଫଳଟିକୁ ଆମେ ଖାଇବା ଉଚିତ । ତେବେ ସେହି ଫଳ କ'ଣ ଜାଣନ୍ତି ତ? ତାହା ହେଉଛି ଜାମୁକୋଳି । ଥରେ ଖାଇ ଦେଖ, ଯଦି ତାହା ତୁମ ଜିଭକୁ ବାଇଗଣୀ ରଙ୍ଗ କରିଦେଲା, ତେବେ ଜାଣିବ ଯେ, ତୁମର ବି ଗୁପ୍ତ ରଖିବା ଭଳି ଏକ ରହସ୍ୟ ରହିଛି ।

–devduttofficial@gmail.com

## ଏଇ ଭାରତରେ

ଘର ପାଖରେ ଗାଡ଼ିରେ ଲାଇବ୍ରେରି ପହଞ୍ଚିଯାଉଛି, ଚିକିତ୍ସା ସେବା ବି ଉପଲବ୍ଧ ହୋଇପାରୁଛି । କିନ୍ତୁ ଦୁଆର ମୁହଁରେ ମ୍ୟୁଜିୟମ ପହଞ୍ଚିବା ଖବର କେବେ ଶୁଣିଛନ୍ତି କି? ହଁ ଏଭଳି ଏକ ବ୍ୟବସ୍ଥା କରିଛି ଛତ୍ରପତି ଶିବାଜୀ ମହାରାଜା ବାସ୍ତୁ ସଂଗ୍ରହାଳୟ । ଏହା 'ମ୍ୟୁଜିୟମ ଅନ୍ ହ୍ୱିଲ' ଆରମ୍ଭ କରିଛି । ଏହି ମ୍ୟୁଜିୟମକୁ ମହାରାଷ୍ଟ୍ରର ବିଭିନ୍ନ ଗ୍ରାମୀଣ ଅଞ୍ଚଳକୁ ନିଆଯାଇ ପିଲାମାନଙ୍କୁ ତାହା ଦେଖିବାର ସୁଯୋଗ ଦିଆଯାଉଛି । ଏହି ମ୍ୟୁଜିୟମ ୨୦୧୫ରେ ଆରମ୍ଭ ହୋଇଥିଲା । ଏବେ ସୁଦ୍ଧା ଏହା ୧୪ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିପାରିଛି ଓ ମୋଟରେ କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆ, ଗୁଜରାଟ, ହରିୟାଣା ଓ ଦିଲ୍ଲୀରେ ୮୫,୩୫୯ କି.ମି. ଦୂରତା ଅତିକ୍ରମ କରିସାରିଛି । ଏବେ ସୁଦ୍ଧା ଦେଶରେ ୭୦୦ରୁ ଊର୍ଦ୍ଧ୍ୱ ସହରକୁ ଏହା ଯାଇସାରିଲାଣି । ଏହି ମ୍ୟୁଜିୟମକୁ ସଞ୍ଚାଳନ କରୁଛନ୍ତି କୃତ୍ତିକା ମହାତ୍ରେ । ମ୍ୟୁଜିୟମରେ ବିଜ୍ଞାନ, ଇତିହାସ, ପୁରାତନ ଖେଳର ସାମଗ୍ରୀ ସବୁ ଦେଖିବାକୁ ମିଳୁଛି ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୮

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାନେତ୍ରୀ ପଦରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜିନ୍ଦର କାଉର ଭଟ୍ଟଲଙ୍କ ଇସ୍ତଫା ପ୍ରଦାନ ।
- ଦିଲ୍ଲୀ ପ୍ରଦେଶ କଂଗ୍ରେସର ମୁଖ୍ୟ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିଲା ଦୀକ୍ଷିତ ନିଯୁକ୍ତ ।
- ପରମାଣୁ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ବନ୍ଦ ରଖିବା ଲାଗି ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଭାରତର ଅଗ୍ରାହ୍ୟ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 3 | 2 | 5 | | | 6 | |
| 6 | | 8 | | | | | | |
| | | | | | | 1 | | 8 |
| | 6 | | 9 | | | | | |
| | | 9 | | 1 | | | | 5 |
| | | 7 | | 4 | | 3 | | |
| | 4 | | | | | 7 | 5 | 3 |
| | | | | | 5 | 4 | | |
| | | | | | 1 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 1 | 5 | 7 | 4 | 3 | 9 | 6 |
| 7 | 9 | 6 | 1 | 2 | 3 | 5 | 4 | 8 |
| 5 | 4 | 3 | 6 | 9 | 8 | 7 | 2 | 1 |
| 8 | 7 | 4 | 3 | 6 | 5 | 2 | 1 | 9 |
| 6 | 3 | 2 | 4 | 1 | 9 | 8 | 7 | 5 |
| 9 | 1 | 5 | 2 | 8 | 7 | 6 | 3 | 4 |
| 4 | 2 | 8 | 7 | 5 | 1 | 9 | 6 | 3 |
| 3 | 5 | 7 | 9 | 4 | 6 | 1 | 8 | 2 |
| 1 | 6 | 9 | 8 | 3 | 2 | 4 | 5 | 7 |

ଗତକାଲିର ଉତ୍ତର

# ଜାତି ଥେରାପି



ଅଧ୍ୟାପକ ଗୋପବନ୍ଧୁ

କଣ୍ଟାକୁ କଣ୍ଟାରେ କଢ଼ାଯାଏ । ସର୍ପବିଷର ପ୍ରତିଷେଧକ ସର୍ପ ବିଷରୁ ତିଆରି କରାଯାଏ । ବସନ୍ତ ରୋଗର ପ୍ରତିଷେଧକ ବସନ୍ତ ରୋଗର ଜୀବାଣୁରୁ ତିଆରି ହୁଏ । ହୋମିଓପାଥି ଚିକିତ୍ସାରେ ରୋଗର ମାତ୍ରା ବଢ଼ାଇ ଚିକିତ୍ସା କରାଯାଏ । ଫଳରେ ଦେହରେ ସେହି ରୋଗ ବିରୋଧରେ ପ୍ରତିଷେଧକ ତିଆରି ହୁଏ । ଠିକ୍ ସେହିପରି ଭାରତବର୍ଷରେ ଜାତିପ୍ରଥା ରୂପକ ଯେଉଁ ଭୟଙ୍କର ବ୍ୟାଧି କାୟା ବିସ୍ତାର କରି ରହିଛି ତାହାର ସମାପ୍ତି ପାଇଁ ସେହି ଜାତିର ପ୍ରୟୋଗ ସର୍ବାପେକ୍ଷା ଅଧିକ ଫଳପ୍ରଦ ମାର୍ଗ । ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ 'ଜାତି ଥେରାପି' ବୋଲି କୁହାଯାଇପାରେ । ଏବେ ଦେଶରେ ଜାତି ଥେରାପିର ଆବଶ୍ୟକତା ପଡ଼ିଛି ଏହି ବ୍ୟାଧିରୁ ମୁକ୍ତି ପାଇଁ ।

ସମ୍ବିଧାନ ନିର୍ମାତାମାନେ ଏ କଥାକୁ ଠିକ୍ ଭାବେ ବୁଝିଥିଲେ । ତେଣୁ ଜାତିକୁ ସ୍ୱୀକୃତି ଦେଇ ଅନଗ୍ରସର ଜାତିସମୂହର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏମାନେ ଜାତିଗୋଷ୍ଠୀ ତିଆରିକରି ସଂରକ୍ଷଣ ମାଧ୍ୟମରେ ବିକଶିତ ହେବାର ବ୍ୟବସ୍ଥା କରିଥିଲେ । ଫଳରେ ସମ୍ବିଧାନସମ୍ମତ ଭାବେ ସାମାଜିକ ଓ ଆର୍ଥିକ ସ୍ଥିତିର ତାରତମ୍ୟକୁ ଦେଖି ଏମାନଙ୍କୁ ଏସ୍‌ଟି, ଏସ୍‌ସି ଓ ଓବିସି ଭାବେ ବର୍ଗୀକରଣ କରାଯାଇଛି । ଏଠାରେ ଜାତି ବିରୋଧରେ ଜାତିଗୋଷ୍ଠୀର ପ୍ରୟୋଗ ହୋଇଛି । ଅର୍ଥାତ ଜାତି ଥେରାପିର ଉପଯୋଗ ହୋଇଛି । ଗୋଟିଏ କଥା ସ୍ପଷ୍ଟ ଯେ, କେବଳ ଭାଷଣବାଜିରେ ଜାତି ହଟିବ ନାହିଁ । ଏହା ହଟିବ ଅନଗ୍ରସର ଜାତିସମୂହର ବିକାଶ ଓ ପ୍ରତ୍ୟେକ ବିଭାଗରେ ସେମାନେ ସମାନ ଭାଗୀଦାରି ପ୍ରାପ୍ତ ହେବା ଦ୍ୱାରା । କାରଣ ବର୍ତ୍ତମାନର ଜାତି ବ୍ୟବସ୍ଥା ବଞ୍ଚିଛି ସାମାଜିକ ଓ ଆର୍ଥିକ ବିକାଶର ତାରତମ୍ୟରୁ ଜାତ ଅହଂକାର ଯୋଗୁ । ଏହି ଅହଂକାର ସେହିଦିନ ଧ୍ୱଂସହେବ ଯେଉଁଦିନ ଅନଗ୍ରସର ଜାତିସମୂହ ବିକଶିତ ହୋଇ ଅଗ୍ରସର ଜାତିସମୂହ ସହିତ ସମକକ୍ଷ ହୋଇଯିବେ ।

ତେଣୁକରି ଯେଉଁମାନେ ଜାତି ଆଧାରରେ ସମାନ ଅଧିକାର ପାଇଁ ଲଢୁଛନ୍ତି ସେମାନଙ୍କୁ ଜାତିବାଦୀ ବୋଲି କୁହାଯାଇପାରିବ ନାହିଁ । ଅନେକ ସମୟରେ ଏମାନେ ପ୍ରଚଳିତ ସାମାଜିକ ତାଡନାର ଶିକାର ହୋଇ ଜାତି ସଂଗଠନ ମାଧ୍ୟମରେ କିଛି ପାଇବାକୁ ଚେଷ୍ଟା କଲେ ତାଙ୍କୁ ଜାତିବାଦୀ ବୋଲି ଜୋରରେ ପ୍ରଚାର ହୁଏ । ଅନ୍ୟପକ୍ଷରେ ଜାତି ଆଧାରରେ ଏମାନଙ୍କୁ ତାଙ୍କ ସମାନ ଅଧିକାରରୁ ବଞ୍ଚିତ କଲେ ତାଙ୍କୁ ଜାତିବାଦୀ କୁହାଯାଏ ନାହିଁ । ବରଂ ଅଭିଯୋଗକାରୀ ପ୍ରଗତିବାଦୀର ଆଖ୍ୟା ନେଇ ସମାଜରେ ଘୂରିବୁଲନ୍ତି । ଯେଉଁ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରିବାକୁ ଦିଆଯାଏ ନାହିଁ ଓ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେବାକୁ ଦିଆଯାଏ ନାହିଁ, ସେମାନେ ଏ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ । ଯେଉଁ ଆଦିବାସୀମାନେ ସଂଗଠିତ ହୋଇ ଜୀବନଧାରଣର ସର୍ବନିମ୍ନ ସୁବିଧା ସୁଯୋଗ ମାଗନ୍ତି ତାଙ୍କୁ ଜାତିବାଦୀ କୁହାଯାଏ । ନିଜର ଆଦିମ ପରମ୍ପରା ମୁତାବକ ଜଳ, ଜମି ଓ ଜଙ୍ଗଲ ଉପରେ ଏମାନେ ଯେତେବେଳେ ସାମୂହିକ ମାଲିକାନା ଦାବିକରନ୍ତି ତାଙ୍କୁ ଜାତିବାଦୀ କୁହାଯାଏ । ଓବିସିମାନେ ନିଜର ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ । କୌଣସି ଜାତି ରାଜନୈତିକ ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇ ପ୍ରତିନିଧି ଦାବି ଉଠାଇଲେ ସେ ଜାତିବାଦୀ । ଅଥଚ ଯେଉଁମାନେ ଏମାନଙ୍କୁ ଏ ସୁବିଧାରୁ ବଞ୍ଚିତ କରନ୍ତି ସେମାନେ ହେଉଛନ୍ତି ପ୍ରଗତିବାଦୀ ବୋଲି ଧାରଣା ସୃଷ୍ଟି କରନ୍ତି । ପ୍ରକୃତପକ୍ଷେ ଏମାନେ ହେଉଛନ୍ତି ଅସଲ ଜାତିବାଦୀ । ପ୍ରଗତିବାଦୀ ମୁଖାତଳେ ଏମାନଙ୍କ ଜାତିବାଦୀ ଚେହେରା ଲୁଚିଥାଏ । ଏମାନେ ସମତାଭିତ୍ତିକ ସମାଜକୁ ଗ୍ରହଣ କରିପାରନ୍ତି ନାହିଁ । ସାମ୍ବିଧାନିକ ବ୍ୟବସ୍ଥାକୁ ମଧ୍ୟ ମାନନ୍ତି ନାହିଁ ।



ପ୍ରଗତିବାଦୀ ମୁଖାତଳେ ଲୁଚିଥିବା ଏହି ଜାତିବାଦୀ ଗୋଷ୍ଠୀ ସଂରକ୍ଷଣ ବ୍ୟବସ୍ଥା ବିରୋଧରେ ତ ଜୋରସୋରରେ ପ୍ରଚାର କରନ୍ତି, କିନ୍ତୁ ଜାତି ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ । ଜାତିକୁ ହଟାଇବା ପାଇଁ ଏମାନଙ୍କ ନିକଟରେ କୌଣସି ଏଜେଣ୍ଡା ନ ଥାଏ । ଏମାନେ ପୁଣି ବହୁ ଭାଗରେ ବିଭକ୍ତ । କିଏ ହେତୁବାଦୀ ତ କିଏ ତର୍କବୁଦ୍ଧିବାଦୀ, କିଏ ବିଜ୍ଞାନବାଦୀ ତ କିଏ ମାନବବାଦୀ । ଜାତି କଥା କହିଲେ ଏମାନଙ୍କ ମୁହଁ ବନ୍ଦ ହୋଇଯାଏ । ବେଶି ପ୍ରଶ୍ନ କଲେ କହନ୍ତି ଆମେ ଜାତିରେ ବିଶ୍ୱାସ କରୁନା । ତୁମ ପାଖରେ ଜାତିକୁ ଉଠାଇବା ପାଇଁ କିଛି ଏଜେଣ୍ଡା ଅଛି ନା ନାହିଁ ପ୍ରଶ୍ନ କଲେ ମୁହଁ ଚୁପ । ସଭା ସମିତିରେ ସିନା ଏମାନେ ଜାତିବାଦ ବିରୋଧରେ ଭାଷଣ ଦିଅନ୍ତି, କିନ୍ତୁ ଘରକୁ ଗଲେ ସବୁକିଛି ପୂର୍ବପରି । ନା ଏମାନେ ଦେହରେ ଥିବା ଜାତିଗତ ଚିହ୍ନକୁ ଛାଡ଼ିପାରନ୍ତି, ନା ନାମ ପଛର ଜାତିସୂଚକ ଟାଇଟେଲକୁ ଛାଡିପାରନ୍ତି । ଧର୍ମ ଓ ସଂସ୍କୃତିର ଆଳରେ ନିଜର ଜାତିଗତ ସ୍ୱତନ୍ତ୍ରତାକୁ ବଜାୟ ରଖିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତି ।

ସାଧୀନତାର ଦୀର୍ଘ ବର୍ଷ ପରେ ବି ଜାତି ବ୍ୟବସ୍ଥା ତା'ର କଳୁଷିତ କାୟା ବିସ୍ତାର କରି ରଖିଛି ଏହି ଜାତିବାଦୀଙ୍କ ପାଇଁ । ଅନେକ ସମୟରେ ଜାତିବାଦକୁ ହଟାଇବା କଥା ନ କହି ଏହାର ସପକ୍ଷରେ ଯୁକ୍ତି କରନ୍ତି । ଏହି ବ୍ୟବସ୍ଥାର ଗୁଣଗାନ କରନ୍ତି । ଧର୍ମ ଓ ସଂସ୍କୃତିର ଆବରଣ ପିନ୍ଧାଇ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଚେଷ୍ଟା କରନ୍ତି । ଯେଉଁମାନେ ପ୍ରକୃତରେ ଜାତିପ୍ରଥାର ବିରୋଧୀ ତାଙ୍କୁ ନାନାଭାବେ ଭର୍ତ୍ସନା କରନ୍ତି । ଫଳସ୍ୱରୂପ ଦେଶରେ ଜାତିବାଦ କମିବାର ନାମ ନେଉନାହିଁ । ରାଜନୀତି ଜାତିବାଦକୁ ପ୍ରୋତ୍ସାହିତ କରିଆସିଛି । ଗୋଟିଏ ଦୁଇଟି ଜାତି ଏଥିପାଇଁ ଦାୟୀ । ସେମାନେ ସମସ୍ତ କ୍ଷମତା ନିଜ ହାତରେ ରଖିବାକୁ ଚାହାନ୍ତି । ଏମାନେ କଳେବଳେ କୌଶଳେ ରାଜନୈତିକ, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି । ଏହାହିଁ ମାରାତ୍ମକ ଜାତିବାଦ । ଯେଉଁମାନେ ନିଜର ସଂଖ୍ୟାନୁପାତିକ ଭାଗ ପାଇଁ ଲଢୁଛନ୍ତି ସେମାନଙ୍କୁ କଦାପି ଜାତିବାଦୀ ବୋଲି କହିହେବ ନାହିଁ । ସେହିମାନଙ୍କୁ ଜାତିବାଦୀ ବୋଲି କୁହାଯିବ ଯେଉଁମାନେ ଅନ୍ୟମାନଙ୍କୁ ତାଙ୍କ ସଂଖ୍ୟାନୁପାତିକ ପ୍ରାପ୍ୟ ଦେଉନାହାନ୍ତି ।

ଜାତି ବ୍ୟବସ୍ଥାର ସମାପ୍ତି ପାଇଁ ଅନଗ୍ରସର ଜାତି ସମୂହର ବିକାଶ ଜରୁରୀ ହୋଇଥିବା ଯୋଗୁ ଏମାନେ ବିକାଶର ଲକ୍ଷ୍ୟ ନେଇ ସଙ୍ଗଠିତ ହେବା ଜରୁରୀ । ଏମାନେ ନିଜ ମଧ୍ୟରେ ଥିବା ଜାତି ବିଦ୍ୱେଷ ଓ ଜାତିଗତ ଭାବନାକୁ ସମାପ୍ତ କରିବା ଆବଶ୍ୟକ । ଏହା ନ ହେଲେ ଜାତିବାଦ ଭିନ୍ନରୂପରେ ଆତ୍ମପ୍ରକାଶ କରିବ । ଯେଉଁ ଅଗ୍ରସର ଗୋଷ୍ଠୀ ବିକାଶର ଚରମ ସୀମାରେ ପହଞ୍ଚିଛନ୍ତି ସେମାନେ ପଛକୁ ଦେଖିବା ଜରୁରୀ ଯେ କେଉଁମାନେ ବିକାଶର ଦୌଡ଼ରେ ପଛରେ ପଡ଼ିଯାଇଛନ୍ତି । ଏମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ମାନିବା ଦରକାର ଓ ସମତାଭିତ୍ତିକ ସମାଜକୁ ସ୍ୱୀକାର କରିବା ଦରକାର । ଏହା ତାଙ୍କ ସାମାଜିକ ଓ ନାଗରିକତ୍ୱର ଦାୟିତ୍ୱ ମଧ୍ୟ । ଏହାଛଡ଼ା ଜାତିବିହୀନ ସମାଜ ଗଠନ କରିବା ପାଇଁ ଏମାନଙ୍କୁ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ । ଆବଶ୍ୟକ ହେଲେ ଧାର୍ମିକ ଓ ସାଂସ୍କୃତିକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ପଡ଼ିବ । ଏହା ନ ହେଲେ ଅନଗ୍ରସର ଜାତିସମୂହ ନିକଟରେ କଣ୍ଟାକୁ କଣ୍ଟାରେ କାଢ଼ିବା ସଦୃଶ ଜାତିକୁ ଜାତି ଦ୍ୱାରା ହଟାଇବା ପାଇଁ ଜାତି ଥେରାପିର ଆଶ୍ରୟ ନେବାକୁ ପଡ଼ିବ ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ– ୭୦୦୮୯୭୬୧୮୦**

# ଅଦ୍ଭୁତ ମଣିଷ



ସଚ୍ଚିଦାନନ୍ଦ ଦାଶ

ଏ ଯୁଗର ମଣିଷ ବଡ଼ ଅଦ୍ଭୁତ । କେତେବେଳେ ଏପଟେ ଭଲ କେତେବେଳେ ସେପଟେ ଖରାପ । ଆ' ପାଖରେ ଭଲେଇହେଲାଣି ତ, ତା' ପାଖରେ କଳେଇ ହେଲାଣି । ଏ ଦୁନିଆରେ ମଣିଷର ସମ୍ପର୍କପରସ୍ପର ମଧ୍ୟରେ ଖୁବ୍ ପରିପୂରକରେ ଚାଲିଛି ।

କଲେଜ ଯୁବକ ଦୁଇଦଳ ହୋଇ ବାଡ଼ିଆପିଟା ହେଲେଣି, ମାତ୍ର ଅନ୍ୟ ଯୁବକମାନେ ନୀରବଦ୍ରଷ୍ଟା ହୋଇ ମୋବାଇଲରେ ଫଟୋ ଉଠାଇବାରେ ବ୍ୟସ୍ତ । ଧନ୍ୟ ହେ ଅଦ୍ଭୁତ ମଣିଷ ! ଏହିପରି ଆହୁରି ଅନେକ ଉଦାହରଣ ନିଆଯାଇପାରେ । ସମାଜଟା କାଳକ୍ରମେ ରୁଗ୍‌ଣ ହୋଇଯାଉଛି । ପ୍ରକୃତରେ ଯେଉଁମାନେ ଉପରୋକ୍ତ ପ୍ରକାର ଦୁଷ୍କର୍ମ ଘଟାଉଛନ୍ତି, ସେମାନେ ଏକ ପ୍ରକାର ଅଦ୍ଭୁତ ମଣିଷ କହିଲେ ଚଳେ । ପୁଣି ଯେଉଁମାନେ ନୀରବଦ୍ରଷ୍ଟା ହୋଇ ରହୁଛନ୍ତି, ସେମାନେ ଆହୁରି ଅଦ୍ଭୁତ କହିଲେ ଅତ୍ୟୁକ୍ତି ହେବନାହିଁ । ଭୋଟବେଳେ ଦଳ ତରଫରୁ ଲୋକଙ୍କୁ ଟଙ୍କା ବଣ୍ଟାଚାଲିଛି, ରାମବାବୁ ସରପଞ୍ଚ କହିଲେ, "ସମସ୍ତେ ଅମୁକ ଲୋକକୁ ଭୋଟ ଦିଅ", ବର୍ଷା ଯୁଆଡ଼େ ଛତା ସିଆଡ଼େ ନୀତି ଲାଗୁ ହୋଇଗଲା । ସମସ୍ତେ ସେଇ ଲୋକକୁ ଭୋଟ ଦେବାକୁ ଲାଗିଲେ । ବର୍ଷା ଆଡ଼େ, ଛତା ସାଡ଼େ ନୀତିର ପକ୍ଷ ହୋଇ କେହି ବାହାରିଲେ ନାହିଁ । ଏଇ ତ ଅଦ୍ଭୁତ ମଣିଷ । ଛତାକୁ ଛାଡ଼ି କେହି ଟିକେ ବର୍ଷାର କଷ୍ଟ ନେବାକୁ ଚାହୁଁନାହାନ୍ତି । କିଛି ଲୋକ ରଙ୍ଗ ବଦଳାଇବା ଏଣ୍ଡୁଅ ପରି ଆ' ପାଖରେ ଛଳନା ତା' ପାଖରେ କଳନା କରି ଚାଲିଛନ୍ତି । ଫଳରେ କାଳକ୍ରମେ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି । ରାଜନେତା ଚୟନରେ ଏ ମଣିଷମାନଙ୍କ ମଧ୍ୟରେ ମତାନ୍ତର, ମନାନ୍ତର, ହିଂସା, ଦ୍ୱେଷ ଇତ୍ୟାଦି ଲାଗିରହିଛି । ନେତା ବା ରାଜା ଚୟନରେ ଏକ ସୁନ୍ଦର ଉଦାହରଣଟିଏ ଅବତାରଣା କରିବାକୁ ମନେକରୁଛି । ଗୋଟିଏ ଦେଶରେ ଜଣେ ସୁଦକ୍ଷ ଏବଂ ପ୍ରଜାବତ୍ସଳ ରାଜା ଥିଲେ । ରାଜାଙ୍କର କିଛି ସନ୍ତାନ ସନ୍ତତି ନ ଥିଲା । ବାର୍ଦ୍ଧକ୍ୟ ଆସିବାରୁ ରାଜା ଜଣେ ଉତ୍ତରାଧିକାରୀ ବାଛିବା ପାଇଁ ଇଚ୍ଛାକଲେ । ସେଥିପାଇଁ ମନ୍ତ୍ରୀଙ୍କୁ ଡକାଇଲେ ଏବଂ ସମସ୍ତ ବିଷୟରେ ଅବଗତ କରାଇଲେ । ଯୁବରାଜ ଚୟନ ପାଇଁ ଡେଙ୍ଗୁରା ପିଟାହେଲା । ବହୁ ଯୁବକ ନିଜକୁ ସୁସଜ୍ଜିତ କରିବାକୁ ଲାଗିଲେ, ଯେହେତୁ ଯୁବରାଜ ଚୟନ ବହୁତ ବଡ଼ ସୁଯୋଗ ହାତକୁ ଆସିଛି । ମାତ୍ର ଗୋଟିଏ ଗରିବଚାଷୀ ପୁଅ ଯୁବରାଜ ପ୍ରତିଦ୍ୱନ୍ଦ୍ୱିତାରେ ଯୋଗ ଦେବା ପାଇଁ ମନ ବଳାଇଲା । ଗରିବ ପିଲାଟିଏ ତା'ର ବାପାଙ୍କୁ ଭଲ ଡ୍ରେସ୍ ହଲେ କିଣିବା ପାଇଁ କହିଲା । ବାପାଙ୍କର ଆଶା ନ ଥିଲା, ସତରେ କ'ଣ ପୁଅ ଯୁବରାଜ ହେବ ? ସେ ଖାଲି ମିଛଟାରେ ମାତିଛି । ଶୀତଦିନ ହୋଇଥାଏ ପିତା ପୁତ୍ର ପାଇଁ ଗୋଟିଏ ପୋଷାକ ଏବଂ ସ୍ୱେଟର କିଣିଦେଲେ । ଯୁବରାଜ ଚୟନର ଦିନଧାର୍ଯ୍ୟ ପୂର୍ବରୁ ରାଜା ଛଦ୍ମବେଶରେ ପ୍ରତିଯୋଗୀମାନଙ୍କୁ ଭେଟିବାକୁ ଲାଗିଲେ । ରାଜା ଖାଲି ଦେହରେ ଦାଢ଼ି ରଖି ଯାଇ ରାଜ୍ୟ ସାରା ବୁଲିଲେ । କେତେଜଣ ପ୍ରତିଯୋଗୀଙ୍କୁ ଭେଟିଲେ, କିଛି ଖାଇବାକୁ ପଇସା ଏବଂ ଶୀତରୁ ରକ୍ଷା ପାଇଁ ଏକ ପୋଷାକ ପାଇଁ ଅନୁରୋଧ କଲେ, ମାତ୍ର ସେମାନେ ରାଜାଙ୍କୁ ଘଉଡ଼େଇଦେଇ କହିଲେ, "ଆମେ କିଛି ଦେଇପାରିବୁନି ? ରାଜା ସେଠାରୁ ବିଦାହୋଇ ଚାଲି ଆସିଲେ । ଇତିମଧ୍ୟରେ ସେ କୃଷକର ପୁଅଟି ହାଟରୁ ଚାଲିଚାଲି ଯାଇ ଥକ୍କା ହୋଇ ଗୋଟିଏ ଜାଗାରେ ବସି ପଡ଼ିଥିଲା । ରାଜା ଆସି ତାକୁ ଦେଖାକରି କିଛି ଖାଇବାକୁ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଗରମ ବସ୍ତ୍ରଟିଏ ଦେବାପାଇଁ ଅନୁରୋଧ କଲେ ।

କୃଷକର ପୁଅ ହାଟରୁ ଆଣିଥିବା କଦଳୀ ରାଜାଙ୍କ ହାତକୁ ବଢ଼ାଇଦେଲା ଏବଂ ନିଜ ଦେହରୁ ଗରମ ପୋଷାକଟି ବାହାରକରି ରାଜାଙ୍କୁ ପ୍ରଦାନକଲା । ରାଜା ତା' ନାଁଟି ପଚାରି ରାଜ ଉଆସକୁ ଫେରି ଆସିଲେ । ଯୁବରାଜ ଚୟନ ଦିନ ଆସିଲା । ସମସ୍ତ ଯୁବକ ରାଜ ଉଆସରେ ରୁଣ୍ଡହେଲେ, ରାଜା ସଙ୍ଗେ ସଙ୍ଗେ ସେହି ଗରିବ କୃଷକ ପୁଅକୁ ପାଖକୁ ଡାକିଲେ ଏବଂ କହିଲେ, "ତୁ ଏ ଦେଶର ରାଜା ହେବୁ ମୋ ଅନ୍ତେ ।" ଅନ୍ୟ ପ୍ରତିଯୋଗୀ ଏବଂ ମନ୍ତ୍ରୀ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଏହା ଥିଲା ଏକ ସତ୍‌ମାର୍ଗର ରାଜା ଚୟନ ପ୍ରକ୍ରିୟା ।

ମାତ୍ର ଆଜିର ଏ ଅଦ୍ଭୁତ ମଣିଷ ସମସ୍ତ ପ୍ରକାର ନିର୍ମଳତା ଏବଂ ନିଷ୍ଠାପରତାର ବ୍ୟତିକ୍ରମ । ଏ ମଣିଷ କାହାଠାରୁ ପ୍ରଶଂସା ପାଇଲେ ଅହଂକାର କରେ, କାହାଠାରୁ ଅପମାନ ପାଇଲେ କ୍ରୋଧିତ ହୋଇପଡ଼େ । ଭୁଲ୍‌କୁ ଖୋଜୁଥିବା ଅଦ୍ଭୁତ ମଣିଷର ସ୍ୱଭାବ କେବଳ ସେହି ମାଛି ପରି ହିଁ ହୋଇଥାଏ ; ଯିଏକିମଣିଷର ଶରୀର ସବୁଠୁ ସୁନ୍ଦର ଅଙ୍ଗପ୍ରତ୍ୟଙ୍ଗକୁ ଛାଡ଼ି କେବଳ କ୍ଷତସ୍ଥାନରେ ବସିଥାଏ ।

**ମୋ : ୯୯୩୮୧୮୧୩୨୦**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ କାଟ ନିତିଦିନିଆ

ମହାଶୟ,

ବିଦ୍ୟୁତ୍ ବଳକା ରାଜ୍ୟ ଓଡ଼ିଶାରେ ବିଦ୍ୟୁତ୍‌କାଟ ହେଉ ନାହିଁ ବୋଲି ଶକ୍ତିମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିଭଳି ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାୱାର ଟ୍ରିପ୍ ହେଉଛି ବୋଲି ସଫେଇ ଦେବା ସହ ୨୦୨୫ ସୁଦ୍ଧା ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସମୀକ୍ଷା ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଯାଉଛି ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଅକ୍ଷୟ ଶକ୍ତି ଚୁକ୍ତି ସ୍ୱାକ୍ଷରିତ, ପ୍ରଗତିଶୀଳ ଅକ୍ଷୟଶକ୍ତି ନୀତି, ଗ୍ରାମାଞ୍ଚଳରେ ଦୈନିକ ବିଦ୍ୟୁତ୍ ଯୋଗାଣରେ ବୃଦ୍ଧି, ବିଭିନ୍ନ ଗ୍ରୀଡ୍ କାର୍ଯ୍ୟକ୍ଷମ, ବିଦ୍ୟୁତ୍ ସଂଯୋଗ ପ୍ରଦାନ, ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ସୂଚନା ଦେଇ ବିଦ୍ୟୁତ୍ କାଟ ପ୍ରଶ୍ନକୁ ଏଡ଼ାଇଗଲେ । ତେବେ ବିଦ୍ୟୁତ୍ ବଳକା ରାଜ୍ୟରେ ବିଦ୍ୟୁତ୍ କାଟ ଏକ ନିତିଦିନିଆ ଘଟଣା ହୋଇଯାଇଛି । ରାଜଧାନୀରେ ବିଦ୍ୟୁତ୍ କାଟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ ହେଉଛି ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯାଇଛି ମିଳାଇ କାହିଁ
ଜଳେ ଥଳେ ଆକାଶେ ଆଲୋକେ
କେବେ ସୁଖେ ହସି
ଏଥି ଲୁହ ଢାଳି କେବେ ମହାଶୋକେ ।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବିଏମ୍‌ସି କର୍ମଚାରୀଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ, ଜଣେ ଗିରଫ

ଭୁବନେଶ୍ୱର,୭।୬(ବ୍ୟୁରୋ): ଏନଫୋର୍ସମେଣ୍ଟ ଦାୟିତ୍ୱରେ ଥିବା ଜଣେ ବିଏମସି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସୁଶୀଲ ପ୍ରହରାଜ । ସୂଚନାନୁସାରେ ପ୍ରମୋଦ ଜଣେ ବିଏମସିର କର୍ମଚାରୀ । ମଙ୍ଗଳବାର ସେ ତାଙ୍କର ସହକର୍ମୀଙ୍କ ସହିତ ଓଲ୍ଡଟାଉନ ରଥ ରୋଡ୍‌ରେ ତଦାରଖ କରୁଥିଲେ। ଅଭିଯୁକ୍ତ ସୁଶୀଲଙ୍କ ଦୋକାନଟି ରାସ୍ତାକୁ ସଙ୍କୁଚିତ କରୁଥିବାରୁ ପ୍ରମୋଦ ଏନେଇ ପଚାରି ଥିଲେ । ଏଥିରେ ସୁଶୀଲ ବିରକ୍ତି ପ୍ରକାଶ କରିବା ସହ ଉତ୍ୟକ୍ତ ହୋଇ ତାଙ୍କୁ ସର୍ବସାଧାରଣରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏପରିକି ହତ୍ୟା କରିବାକୁ ଧମକ ମଧ ଦେଇଥିଲେ । ଜୀବନ ପ୍ରତି ବିପଦ ଥିବା ଓ ସର୍ବସାଧାରଣରେ ତାଙ୍କର ସମ୍ମାନ ଯାଇଥିବାରୁ ସେ ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୭।୬(ବ୍ୟୁରୋ): ଜଣେ ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ଅଞ୍ଚଳର ସନ୍ତୋଷ ପ୍ରଧାନ ଓ ପୁରୀ ଜିଲା ନିମାପଡାର ରାକେଶ ମୁଖୀ । ସେମାନଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି । ଏହାସହ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ପୋଲିସ। ସୂଚନାନୁସାରେ ଈଶ୍ୱର ସିଂ ରାଜପୁତ ପେସାରେ ଜଣେ ଡ୍ରାଇଭର । ମଙ୍ଗଳବାର ରାତିରେ ସେ ତାଙ୍କର ଟ୍ରକଟିକୁ ଫାୟାରଷ୍ଟେସନ ନିକଟ ସର୍ଭିସ ରୋଡରେ ପାର୍କ କରି ରଖିଥିଲେ । ରାତି ସାଢେ ୧୧ ରେ ସନ୍ତୋଷ ଏବଂ ରାକେଶ ତାଙ୍କର ଅନ୍ୟ ୨ ଜଣ ସହଯୋଗୀଙ୍କ ସହିତ ଘଟଣା ସ୍ଥଳକୁ ଆସି ଈଶ୍ୱର ସିଂ ଙ୍କୁ ଆକ୍ରମଣ କରି ତାଙ୍କର ପକେଟରୁ ଗୋଟିଏ ମୋବାଇଲ ଫୋନ ନେଇଯାଇଥିଲେ । ଈଶ୍ୱର ସିଂ ଚିତ୍କାର କରିବାରୁ କିଛି ସ୍ଥାନୀୟ ଲୋକ ଘଟଣା ସ୍ଥଳକୁ ଚାଲି ଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଏନେଇ ଡ୍ରାଇଭର ଘଟଣା ବିଷୟରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

### ବାଇକ୍‌କୁ ଧକ୍କା ଦେଇ ଓଲଟିଲା ବସ୍ : ୮ ଆହତ

ପୁରୀ ଅଫିସ, ୭।୬
ପୁରୀ ସଦର ଥାନା ଅନ୍ତର୍ଗତ ବାଟ ଗାଁ ନିକଟରେ ବୁଧବାର ଏକ ବସ୍ ଓଲଟି ୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କାଣ୍ତଗଦା ଅଞ୍ଚଳରୁ ବରଯାତ୍ରୀ ଦଳ ଏକ ବସ୍ (ନଂ. ଓଆର୍ ୧୩ ଏଚ୍ ୫୦୨୦) ଯୋଗେ ପୁରୀ ଓଁକାରେଶ୍ୱର ମନ୍ଦିରକୁ ଆସିଥିଲେ। ବିବାହ କାର୍ଯ୍ୟରେ ଯୋଗଦେଇ ବରଯାତ୍ରୀମାନେ ଫେରୁଥିବା ବେଳେ ବାଟଗାଁ ଛକ ନିକଟରେ ଏକ ବାଇକ୍‌କୁ ସାଇଡରୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ତଳେ ପଡ଼ିଯାଇଥିଲେ। ଚାଳକ ତାଙ୍କୁ ରକ୍ଷା କରିବାକୁ ବସକୁ ସାଇଡ୍ କରିବା ବେଳେ ନିକଟସ୍ଥ ଖାଲରେ ଓଲଟି ପଡ଼ିଥିଲା। ଫଳରେ ବାଇକ ଚାଳକଙ୍କୁ ମିଶାଇ ୮ଜଣ ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଉକ୍ତ ବସ୍ ଓ ବାଇକକୁ ଜବତ କରିଛି।

# କେବେ ମିଳିବ ମୃତଦେହ, ଚାହିଁ ବସିଛନ୍ତି ଦାବିଦାର

## ଦିନକରେ ଡିଏନ୍‌ଏ ରିପୋର୍ଟ ଦେବାକୁ ଏମ୍ସ ନିର୍ଦ୍ଦେଶକଙ୍କ ଅନୁରୋଧ

ଭୁବନେଶ୍ୱର,୭।୬(ବ୍ୟୁରୋ)

ବାହାନଗା ଟ୍ରେନ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିହ୍ନଟ ଲାଗି ବାଲେଶ୍ୱରରୁ ୧୯୩ଟି ମୃତଦେହ ଭୁବନେଶ୍ୱରକୁ ଆସିଥିଲା। ଏଥିମଧ୍ୟରୁ ୧୨୩ଟି ମୃତଦେହକୁ ଏମ୍ସରେ ରଖାଯାଇଥିଲା। ତେବେ ୬ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରୁ ୩୯ଟି ମୃତଦେହ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏହାକୁ ମିଶାଇ ଏବେ ଏମ୍ସରେ ମୋଟ ୧୬୨ ମୃତଦେହ ଥିବାବେଳେ ବୁଧବାର ୭୫ଟି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଗୋଟିଏ ଗୋଟିଏ ମୃତଦେହର ଏକାଧିକ ଦାବିଦାର ଥିବାରୁ ଡିଏନ୍‌ଏ ଟେଷ୍ଟର ବ୍ୟବସ୍ଥା କରାଯାଇଛି। ନମୁନା ସଂଗ୍ରହ, ପ୍ରେରଣ ଓ ଡିଏନ୍‌ଏ ଟେଷ୍ଟ, ଏସବୁ ସମୟସାପେକ୍ଷ ହୋଇଥିବାରୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଦାବିଦାରଙ୍କୁ ଅପେକ୍ଷା କରିବାକୁ କୁହାଯାଇଛି। ରାଜ୍ୟ ତଥା ବାହାର ରାଜ୍ୟରୁ ମୃତକଙ୍କ ପରିବାର ଲୋକେ ଆସିଥିବାରୁ ସେମାନେ ଏବେ ଏମ୍ସରେ ପଡି ରହିଛନ୍ତି। ମନସ୍ତାପ ଭିତରେ ଖାଇବା ଓ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଦିନରେ ଟାଣ ଖରା ସାଙ୍ଗକୁ ରାତିରେ ପ୍ରବଳ ଗରମରେ ଦହଗଞ୍ଜ ହେଉଛନ୍ତି। ନା ଅଛି ପେଟରେ ଭୋକର ଜ୍ୱାଳା ନା ଅଛି ଝଡ ବର୍ଷାର ଡର। ଏସବୁକୁ ଖାତିର ନ କରି ଏମ୍ସର ହେଲ୍ପଡେସ୍କ ବାରଣ୍ଡାରେ ନିଜ ଆତ୍ମୀୟ ବ୍ୟକ୍ତିଙ୍କ ମୃତ ଶରୀରକୁ ଚାହିଁ ରହିଛନ୍ତି। କେମିତି ନିଜ ସମ୍ପର୍କୀୟଙ୍କ ମୃତ ଶରୀର ନେଇ ନିଜ ଗନ୍ତବ୍ୟସ୍ଥଳକୁ ଯିବେ ତାହା ଭାବି ଭାବି ଦିନ କାଟୁଛନ୍ତି। ସମସ୍ତଙ୍କ ମୁହଁରେ ଏକା ପ୍ରଶ୍ନ କେବେ ମିଳିବ ଆମ ଲୋକଙ୍କ ମୃତଦେହ ?


ମୃତଦେହ ନେବାକୁ ଅପେକ୍ଷାରତ ପରିବାର ଲୋକ ଖରାରେ ବସି ଖାଉଛନ୍ତି।

ସେପଟେ ଏମ୍ସ ଭୁବନେଶ୍ୱରରେ ଡିଏନ୍‌ଏ ଟେଷ୍ଟର ସାମ୍ପଲ ଗ୍ରହଣ କରାଯାଉଥିଲେ ମଧ ବ୍ୟାପକ ସୁବିଧା ନ ଥିବାରୁ ଟେଷ୍ଟିଂ ଲାଗି ଦିଲ୍ଲୀସ୍ଥିତ ଏମ୍ସକୁ ପଠାଯାଉଛି। ଏମ୍ସ ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଟେଷ୍ଟିଂ ଲାଗି ପାଖାପାଖି ୭ରୁ ୮ ଦିନ ଲାଗିବ। ଅନ୍ୟପଟେ ବୁଧବାର ଦିନ ୪୫ରୁ ଊର୍ଦ୍ଧ୍ୱ ଡିଏନ୍‌ଏ ନମୁନା ଗ୍ରହଣ କରାଯାଇଥିବାବେଳେ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ନମୁନାକୁ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି। ମୃତକଙ୍କ ପରିବାର ଲୋକଙ୍କ କଷ୍ଟକୁ ହୃଦୟଙ୍ଗମ କରି ଗୋଟିଏ ଦିନ ଭିତରେ ନମୁନାର ପରୀକ୍ଷଣ କରି ରିପୋର୍ଟ ପଠାଇବାକୁ ଅନୁରୋଧ କରିଛନ୍ତି ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ।

# ୨ ପୁଅର ମୃତଦେହ ଖୋଜୁଛନ୍ତି ବାପା

ଭୁବନେଶ୍ୱର,୭।୬(ବ୍ୟୁରୋ)



ମନରେ ଅନେକ ଯନ୍ତ୍ରଣା ଓ କଷ୍ଟକୁ ଜାବୁଡ଼ି ଧରି ଦୁଇ ପୁଅର ମୃତ ଶରୀର ନେବା ଲାଗି ବିହାରରୁ ବହୁ କଷ୍ଟରେ ଆସି ଭୁବନେଶ୍ୱର ପହଞ୍ଚିଛନ୍ତି ବାପା ସୁରେଶ ରାୟ। ଛୋଟା ଗୋଡରେ ୫ଦିନ ହେବ ଫଟୋ ଧରି ଘୂରି ବୁଲୁଥିଲେ ମଧ କେଉଁଠି ପାଉନାହାନ୍ତି। ମୃତଦେହ ରଖାଯାଇଥିବା ଏମ୍ସ ସମେତ ଅନ୍ୟ କେତେକ ମେଡିକାଲ ବୁଲିସାରିଲେଣି। କିଏ କହୁଛିତୋ ବଡପୁଅ ୩୫ ବର୍ଷୀୟ ମନୋଜ ଓ ୨୫ ବର୍ଷୀୟ ରଞ୍ଜିତ ବାଲେଶ୍ୱରରେ ଅଛନ୍ତି, ପୁଣି ଆଉକିଏ କହୁଛି ତମ ୨ ପୁଅର ମରଶରୀର ମିଳୁନାହିଁ। ଏକଥା ଶୁଣି ପୁତ୍ରହରା ବାପାର ଛାତି ଫାଟି ପଡୁଛି। ବିହାରର ବାସିନ୍ଦା ମନୋଜ ଓ ରଞ୍ଜିତ ଘରର ଅର୍ଥିକ ବୋଝକୁ ଦୂର କରିବା ଲାଗି କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇ ଯାଉଥିଲେ। ଦୁର୍ଘଟଣାର କିଛି ସମୟ ପୂର୍ବରୁ ବାପା ସୁରେଶ ରାୟ ଦୁଇ ପୁଅ ସହ କଥା ହେବା ପରେ ଜାଣି ନ ଥିଲେ କି ଏହା ତାଙ୍କର ଶେଷ କଥାବାର୍ତ୍ତା। ଦୁର୍ଘଟଣା ଖବର ପାଇବା ପରେ ବାପା ୨ ପୁଅକୁ ଫୋନ ଲାଗାଇଥିଲେ ମଧ କୋଣସି ଉତ୍ତର ମିଳି ନ ଥିଲା।

# ମୋ ସାଙ୍ଗ ନ ମିଳିଲେ ମୁଁ ସୁଇସାଇଡ୍ କରିଦେବି



ଭୁବନେଶ୍ୱର,୭।୬(ବ୍ୟୁରୋ)

ଟ୍ରେନ୍ ମୃତକଙ୍କୁ ଚିହ୍ନଟ ଲାଗି ଏମ୍ସ ପରିସରରେ ଖୋଲାଯାଇଥିବା ହେଲ୍ପଡେସ୍କ ନିକଟରେ ନିଜ ସାଙ୍ଗକୁ ଝୁରି ହେଉଛନ୍ତି ୨୭ ବର୍ଷୀୟ ଯୁବକ ହିମାଂଶୁ ମିଶ୍ର। କୋହଭରା ସ୍ୱରରେ କହୁଛନ୍ତି, ମୋ ସାଙ୍ଗ ଇଶୁ କାହିଁ। କେଉଁଠି ଅଛି ଇଶୁ। ତା'ର କିଛି ହୋଇନାହିଁ ତ। ମୋତେ ମୋ ସାଙ୍ଗ ଇଶୁ ପାଖକୁ ନେଇଚାଲ। ଯଦି ନ ନେବ ମୁଁ ଏଇଠି ସୁସାଇଡ୍ କରିଦେବି। କାନ୍ଦି କାନ୍ଦି ଏମିତି କହୁଥିଲେ ବିହାରରୁ ଆସିଥିବା ହିମାଂଶୁ। ତାଙ୍କ କହିବା କଥା ସେ ଓ ତାଙ୍କ ସାଙ୍ଗ ଇଶୁ ଘରେ କାହାକୁ କିଛି ନ କହି ଲୁଚି ପଳାଇ ଆସିଥିଲେ। ଚେନ୍ନାଇରେ କାମ କରିବା ପାଇଁ ହାଓଡ଼ାରୁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ଟ୍ରେନ୍‌ରେ ବସି ମଜାମସ୍ତି କରି ଯାଉଥିଲେ। ହଠାତ୍ କ'ଣ ହେଲା କେଜାଣି କିଛି ଜାଣିପାରି ନ ଥିଲେ। ଚେତା ଆସିବା ପରେ ହିମାଂଶୁ ନିଜକୁ ହସ୍ପିଟାଲ ବେଡ୍‌ରେ ଥିବା ଦେଖି କିଛି ବୁଝି ପାରି ନ ଥିଲେ। ହସ୍ପିଟାଲ୍‌ରେ ପଚାରିବାରୁ ଜାଣିପାଇଲେ, ତାଙ୍କ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ମୋ ସାଙ୍ଗ କେଉଁଠି ଅଛି ତାହା ଜାଣିପାରୁନାହିଁ। ଗତକାଲି ହସ୍ପିଟାଲରୁ ଡିସଚାର୍ଜ ହୋଇ ସାଙ୍ଗକୁ ଖୋଜି ବୁଲୁଛି। ହେଲେ କେଉଠି ବି ତା'ର ଠିକଣା ମିଳିପାରୁନାହିଁ। ଏପରିକି ସାଙ୍ଗକୁ ଝୁରି ଝୁରି ବାରମ୍ବାର ଚେତାଶୂନ୍ୟ ହେଉଥିବାର ଦେଖିବାକୁ ମିଳିଥିଲା ହେଲ୍ପଡେ ନିକଟରେ।

# ଉଦ୍ଧାର କାର୍ଯ୍ୟ ସାରି ଏନ୍‌ଡିଆର୍‌ଏଫ୍‌କୁ ଫେରିଲେ ଯବାନ



ବାରଙ୍ଗ,୭।୬(ଡି.ଏନ୍.ଏ.)

ବାଲେଶ୍ୱର ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ ବୁଧବାର ମୁଣ୍ଡଳି ୩ୟ ବାଟାଲିୟନ ସେକେଣ୍ଡ ଇଂ କମାଣ୍ଡ ଅରୁଣ ଦେବଗାଁଓ ଓ ତାଙ୍କ ସହଯୋଗୀ ଏନ୍‌ଡିଆର୍‌ଏଫ୍‌କୁ ଫେରିଛନ୍ତି। ଏଥିସହ ସେମାନେ ସେଠାକାର କରୁଣ ଦୃଶ୍ୟକୁ ବଖାଣିଛନ୍ତି। ରେଳ ଦୁର୍ଘଟଣା ପରେ ସେଠାକାର ଦୃଶ୍ୟ ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିଲା। ଏହା ଓଡ଼ିଶାର ସବୁଠୁ ବଡ଼ ଦୁର୍ଘଟଣା ଥିଲା। ଚାରିଆଡ଼େ ରେଳ ବଗି ଏଣେତେଣେ ହୋଇ ପଡ଼ିଥିବାବେଳେ ବଗି ଭିତରୁ ଶୁଭୁଥିଲା ଅନେକଙ୍କ ବିକଳ ଚିତ୍କାର। ଆଉ ଏହି ସମୟରେ କିଭଳି ରେଳ ବଗି ଭିତରୁ ଲୋକଙ୍କୁ ଉଦ୍ଧାର କରିବେ ତାହା ଏନ୍‌ଡିଆର୍‌ଏଫ୍ ଯବାନଙ୍କ ପାଇଁ ଥିଲା ବଡ଼ ଚ୍ୟାଲେଞ୍ଜ। ଏଭଳି ବିକଳ ଚିତ୍ର ଦେଖି ମନ ଦୁଃଖ ହେଉଥିଲେ ମଧ ମନୋବଳ ଦୃଢ଼ କରି ଯବାନମାନେ ସମସ୍ତଙ୍କୁ କିପରି ଉଦ୍ଧାର କରିପାରିବେ ତା' ଉଦ୍ୟମ ଚଳାଇଥିଲେ। ଆହତ ବ୍ୟକ୍ତିଙ୍କୁ ଗୋଟେ ପରେ ଗୋଟେ ବଗି ଭିତରୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଉଥିଲେ। ଅନ୍ଧାର ରାତିରେ ନିଜ ଜୀବନକୁ ବାଜି ଲଗାଇ ଓଲଟି ପଡ଼ିଥିବା ବଗିରେ ପଶି କାହାକୁ ଜୀବିତ ତ କାହାକୁ ମୃତ ଉଦ୍ଧାର କରିଥିଲେ। ଏନ୍‌ଡିଆର୍‌ଏଫ୍‌ରେ ମୋଟ ୯ଟି ଟିମ୍‌ର ୩୦୦ ଯବାନ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଏନ୍‌ଡିଆର୍‌ଏଫ୍ ଯବାନ ପ୍ରାୟ ୫୦ ଘଣ୍ଟା ଧରି ନିଜର ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିଲେ।

# ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ସୁଗମ କରିବାକୁ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ସଂରକ୍ଷିତ ମୃତଦେହଗୁଡ଼ିକ ବୁଧବାର ସକାଳେ ଏମସ୍‌ରେ ପହଞ୍ଚିଛି। ତେବେ ମୃତଦେହ ହସ୍ତାନ୍ତର ପ୍ରକ୍ରିୟାକୁ ସୁଗମ କରିବାକୁ ବିଏମ୍‌ସିର ଅଧିକାରୀଙ୍କୁ ଏମସ୍‌ରେ ନିୟୋଜିତ କରାଯାଇଛି। ଏନେଇ ବିଏମସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନାଙ୍କୁ ପଞ୍ଜୀକରଣ ଦାୟିତ୍ୱ ଦିଆଯାଇଥିବାବେଳେ ଓଏଏସ୍ ଅଂଶୁମାନ ରଥ ଓ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ହେଲ୍ପ ଡେସ୍କ ଓ ଫଟୋ ଭେରିଫିକେଶନ ଦାୟିତ୍ୱ ମିଳିଛି । ସେହିପରି ଓଏଏସ୍ ହେମବନ୍ଦି ପାତ୍ର ଓ ଊର୍ମୀପ୍ରଭା ମହାପାତ୍ରଙ୍କୁ ଦସ୍ତାବିଜ୍ ଯାଞ୍ଚ, ଓଏଏସ୍ ସମୀର କୁମାର ଦାସ ଓ ଧନଞ୍ଜୟ ମହାନ୍ତିଙ୍କୁ ମୃତଦେହ ଗୃହ ଏବଂ ଗାଡ଼ି ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ଓଏଏସ୍ ଅଶୋକ କୁମାର ଲେଙ୍କାଙ୍କୁ ଡାଟା ମ୍ୟାନେଜମେଣ୍ଟ, ଜେଇ ଶୁଭ୍ରାଂଶୁ ଶେଖର ଦାସଙ୍କୁ ରିଫ୍ରେସମେଣ୍ଟ ଏବଂ ଓଏମ୍‌ଏଏସ୍ ଏନ୍. ଗଣେଶ ବାବୁଙ୍କୁ ଡିଏନ୍‌ଏ ଟେଷ୍ଟ ଦାୟିତ୍ୱ ଦିଆଯାଇଛି। ଏହି ବରିଷ୍ଠ ଅଧିକାରୀଙ୍କୁ ସହଯୋଗ କରିବାକୁ ୧୯ କନିଷ୍ଠ ଅଧିକାରୀ ଓ ଆଇଟି ଟିମ୍ ନିୟୋଜିତ ଅଛନ୍ତି।

# ମୃତଦେହକୁ ସ୍ଥାନାନ୍ତରରେ ସହଯୋଗ କରୁଛନ୍ତି ଏମ୍ସ ଛାତ୍ରୀଛାତ୍ର

ଭୁବନେଶ୍ୱର,୭।୬(ବ୍ୟୁରୋ)

ମଙ୍ଗଳବାର ବିଳମ୍ବିତ ରାତିରେ ବାହାନଗା ଟ୍ରେନ ଦୁର୍ଘଟଣାରେ ବିଭିନ୍ନ ହସ୍ପିଟାଲରେ ଥିବା ୩୯ ମୃତ ଶରୀର ଏମ୍ସକୁ ଆସିବା ବେଳେ ସେଠାରେ ପାଠ ପଢୁଥିବା ଛାତ୍ରୀଛାତ୍ର ମୃତ ଶରୀରକୁ କଣ୍ଟେନରକୁ ସ୍ଥାନାନ୍ତର କରିଥିଲେ। ପରେ ମୃତ ଶରୀରଗୁଡିକର ନମ୍ବରିଂ ସହ ତାକୁ ଜରି ପ୍ୟାକେଟିଂ କରିଥିଲେ। ପାଠପଢା ସହ ପିଲାମାନଙ୍କର ଏଭଳି କାର୍ଯ୍ୟକୁ ଦେଖି ପ୍ରଶଂସା କରିଛନ୍ତି ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ।

# ଘରୁ କଳାକନା ବୁଲାଇଥିବା ୨ ଚୋର ଧରାପଡିଲେ

## ସୁନା,ରୁପା,ଟଙ୍କା ଓ ମୋବାଇଲ ଜବତ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଘରେ ପଶି କଳାକନା ବୁଲାଇଥିବା ୨ ଯୁବକଙ୍କୁ ମୈତ୍ରୀ ବିହାର ଥାନା ପୋଲିସ ଗରିଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ସାଲିଆ ସାହିରେ ରହୁଥିବା ଗଞ୍ଜାମର ଜି ରାଜୁ ରେଡ୍ଡୀ ଓ ସମୀର ସାହୁ। ସେମାନଙ୍କଠାରୁ ୫ ହଳ ସୁନା କାନ ଫୁଲ,୨ଟି ମୁଦି, ଗୋଟିଏ ସୁନା ଚେନ, ୩ ସୁନା ଲକେଟ, ୬ଟି ରୁପା ମୁଦି, ଗୋଟିଏ ବ୍ରେସ୍‌ଲେଟ୍, ପାଉଁଜି, ବିଭିନ୍ନ ମୁଦ୍ରା ଓ ୭ ମୋବାଇଲ ଫୋନ୍ ଜବତ ହୋଇଛି।

ସୂଚନାନୁସାରେ ସୋମବାର ସକାଳେ ଏକ ଜରୁରୀ କାମ ପଡିବାରୁ ଅଜୟ ଏବଂ ତାଙ୍କ ସ୍ତ୍ରୀ ତାଙ୍କର ବନ୍ଧୁଙ୍କ ଘରକୁ ଯାଇଥିଲେ । କାମ ସାରି ଘରକୁ ଫେରିବା ପରେ କବାଟ ଖୋଲା ଥିବା ସହ ଆଲମାରି ଭିତରୁ ସବୁ ଅଳଙ୍କାର ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ । ଏହାସହ ଗୋଟିଏ ମୋବାଇଲ ଫୋନ ଏବଂ ଟଙ୍କା ଥିବା ପିଗି ବ୍ୟାଙ୍କ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ପଡୋଶୀଙ୍କୁ ପଚରା ଉଚରା କରି ସନ୍ଧାନ ନେବାରୁ ୨ ଜଣ ଯୁବକ ଘରକୁ ଆସିଥିବା ଜାଣିବା ପରେ ମୈତ୍ରୀ ବିହାର ଥାନାରେ ଅଜୟ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୨ ଜଣଙ୍କୁ ନିଜ ଘରୁ କାବୁ କରିବା ସହ ଚୋରା ସାମଗ୍ରୀ ଜବତ କରିଥିଲା । ସେହିପରି ପୂର୍ବରୁ ନୟାପଲ୍ଲୀ ଏବଂ ମୈତ୍ରୀ ବିହାର ଥାନାରେ ୬ ଟି ଚୋରୀ, ଲୁଟ ଏବଂ ମଦ ମାମଲାରେ ଗିରଫ ହୋଇ କୋର୍ଟଚାଲାଣ ହୋଇ ସାରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ । ଅଭିଯୁକ୍ତ ମାନେ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୁଦ୍ଧରେ ସିଆର୍‌ପିସି –୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ସୂଚନା ଦେଇଛି।


ପୁରୀ: ରଥଖଳାରେ ମହାରଣା ସେବାୟତମାନେ ରଥରେ ବଡ ଥଳି ପୋଟଳ ସଂଯୋଗ କରୁଛନ୍ତି।


ସେବାରତ ୮ ହଜାର ଡିପ୍ଲୋମା ଇଞ୍ଜିନିୟରଙ୍କ ଦାବି ପୂରଣରେ ସରକାରଙ୍କ ଅଣଦେଖାର ପ୍ରତିବାଦରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗଣଧାରଣା।

# ଧନୁର୍ଜୟ ପାଣ୍ଡେଙ୍କ ମୃତ୍ୟୁର କାରଣ ଖୋଜୁଛି ପୋଲିସ

## ପ୍ରଦୀପ ପୁରୋହିତଙ୍କ ବାସଭବନରୁ ଡ୍ରାଇଭରଙ୍କ ଝୁଲନ୍ତା ମୃତଦେହ ଘଟଣା

## ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କଲା ପୋଲିସ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭାଜପା ନେତା ପ୍ରଦୀପ ପୁରୋହିତଙ୍କ ବାସଭବନରୁ ମଙ୍ଗଳବାର ଡ୍ରାଇଭର ଧନୁର୍ଜୟ ପାଣ୍ଡେଙ୍କ ଝୁଲନ୍ତା ମୃତଦେହ ଠାବ ହେବା ପରେ ବୁଧବାର ଲକ୍ଷ୍ମୀସାଗର ଥାନା ପୋଲିସ ସାଇଣ୍ଟିଫିକ ଟିମ ସହାୟତରେ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ହେଲେ ସେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହାର ଠିକ କାରଣ ଜଣାପଡି ନ ଥିବା ବେଳେ ପରିବାର ଲୋକ ମଧ କାହା ବିରୋଧରେ କୌଣସି ଅଭିଯୋଗ କରିନାହାନ୍ତି । ଏପରିକି ସେ କୌଣସି ଚିନ୍ତାରେ ନଥିଲେ କି ପୁରୋହିତଙ୍କ ସହ କୌଣସି ଝଗଡା ନଥିବା ତାଙ୍କ ବାପା କହିଛନ୍ତି । ବରଂ ସବୁବେଳେ ହସିକି ଘର ଲୋକଙ୍କ ସହ କଥା ହୁଅନ୍ତି ବୋଲି ଧନଞ୍ଜୟଙ୍କ ବାପା କହିଛନ୍ତି । ଯଦି କୌଣସି ଚିନ୍ତାରେ ନ ରହି ହସ ଖୁସିରେ ରହୁଥିଲେ ତେବେ ଏମିତି କ'ଣ ହେଲା ଯେ ଏଭଳି ପଦକ୍ଷେପ ନେଲେ, ଏହାକୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେଉଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧୪/୨୩) ରୁଜୁ କରି ଘଟଣାର ଖୋଲତାଡ ଚଳାଇବା ସହ କାରଣ ଖୋଜୁଛି ପୋଲିସ ।

ସୂଚନାନୁସାରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟର ପ୍ରଦୀପଙ୍କ ଫ୍ଲାଟ୍(୭୦୩) ରହିଛି । ଉକ୍ତ ଫ୍ଲାଟରେ ଫ୍ୟାନ୍‌ରେ ଧନୁର୍ଜୟ ଦଉଡ଼ି ଦ୍ୱାରା ଝୁଲିପଡିଥିବା ପ୍ରଥମେ ପ୍ରଦୀପ ଦେଖି ସୋସାଇଟି ଲୋକଙ୍କୁ ଡାକିବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ତଳକୁ ଓହ୍ଲାଇଥିଲା। ହେଲେ ରାତି ହୋଇଯାଇଥିବାରୁ ମୃତଦେହ ଜଗି ରହିଥିଲଶ। ବୁଧବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ସଂକ୍ଷେପରେ

### ଅମଲାଙ୍କ ଆନ୍ଦୋଳନ, ଲୋକେ ହନ୍ତସନ୍ତ

**କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.):** ସମଗ୍ର ଓଡ଼ିଶାରେ ଥିବା ରାଜ୍ୟ ସରକାରଙ୍କ ଅଧୀନସ୍ଥ ଅମାଲଙ୍କ ଆନ୍ଦୋଳନ ଗତ ୧ ତାରିଖରୁ ଆନ୍ଦୋଳନ ଆଳରେ ସାମୂହିକ ଛୁଟିରେ ରହିଛନ୍ତି। ଫଳରେ ଆନ୍ଦୋଳନ ଯୋଗୁ ତହସିଲଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗରେ ଅମଲାମାନେ ଛୁଟିରେ ଥିବାରୁ ଆଶ୍ୟକୀୟ କାର୍ଯ୍ୟଗୁଡ଼ିକ ବର୍ତ୍ତମାନ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ମୁଖ୍ୟତଃ କୃଷ୍ଣପ୍ରସାଦରେ ଥିବା ବ୍ଲକ, ତହସିଲ,ମେଡିକାଲ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକାଧିକ କାର୍ଯ୍ୟଗୁଡିକ ନ ହୋଇ ପଡ଼ିରହିଛି। ଫଳରେ ସ୍କୁଲ ଓ କଲେଜରେ ନାମଲେଖା ପାଇଁ ମେଧାବୀ ଛାତ୍ରୀଛାତ୍ରୀଙ୍କ ଆଶ୍ୟକୀୟ ଦସ୍ତାବିଜ ବା ପ୍ରମାଣପତ୍ର ପାଇଁ ଆବେଦନ କରିବା ସତ୍ତ୍ୱେ ପାଇପାରୁନାହାନ୍ତି। ବିଭିନ୍ନ ଗ୍ରାମାଞ୍ଚଳରୁ ଗରିବ ଲୋକମାନେ ସରକାରୀ କାର୍ଯ୍ୟ ପାଇଁ ଆସୁଥିବା ବେଳେ କାର୍ଯ୍ୟ ନ ହୋଇପାରିବା କାରଣରୁ ନାହିଁ ନଥିବା ହଇରାଣ ହୋଇ ଘରକୁ ଫେରୁଥିବା ଦେଖାଯାଉଛି। ଯାହା ଦ୍ୱାରା ଜନସାଧାରଣଙ୍କ ଉପରେ ଏହି କଲମ ଛାଡ଼ ଆନ୍ଦୋଳନର ପ୍ରଭାବ ପଡିଥିବାର ଦେଖାଯାଉଛି।

### ଟ୍ରାନ୍ସଫର୍ମର ଚୋରି ନେଇ ଥାନାରେ ଏତଲା

**ନିରାକାରପୁର,୭।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହ ଗ୍ରାମକୁ ସଂଯୋଗ ହୋଇଥିବା ଏକ ଟ୍ରାନ୍ସଫର୍ମର ଚୋରି ହୋଇଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଓଲସିଂହକୁ ସଂଯୋଗ ହୋଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଏ ନେଇ ସକାଳେ ସ୍ଥାନୀୟ ଲୋକ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ଖବରପାଇ ଜଙ୍କିଆ ବିଦ୍ୟୁତ ବିଭାଗର କେତେଜଣ ଅଧିକାରୀ ସେଠାରେ ପହଞ୍ଚି ତଦନ୍ତ କରି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି

**କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ବାହାନଗାରେ ମର୍ମନ୍ତୁଦ ରେଳ ଦୁର୍ଘଟଣା ବିଶ୍ୱବାସୀଙ୍କ ପାଇଁ ଏକ ଦୁଃଖଦ ଘଟଣା। ଏହି ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ତେବେ ଏହି ଘଟଣାକୁ ନେଇ କୃଷ୍ଣପ୍ରସାଦ ଓକିଲ ସଂଘ ତରଫରୁ ବୁଧବାର ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତ୍ୟୁବରଣ କରିଥିବା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ସଭାରେ କୃଷ୍ଣପ୍ରସାଦ ବାର୍ ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ମାନସିଂହ, ଉପସଭାପତି ସରକାରୀ ଓକିଲ ସଂଗ୍ରାମ କେଶରୀ ଦଳେଇ, ସମ୍ପାଦକ ବିକ୍ରମ ବିହାରୀ ଜେନା, ସହ ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିଥିଲେ।

# ସରୁନି ବୋଟିଂ, ପାର୍କ ଓ ସ୍ମାର୍ଟ ଶ୍ମଶାନ କାମ

**କେଏମ୍‌ସିର କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ**

- ପବ୍ଲିକ ଶୌଚାଳୟ, ପରିସ୍ରାଗାରରେ ତାଲା
- ନିୟମିତ ସଫେଇ ହେଉନି ରାସ୍ତା, ଡ୍ରେନ୍

**ଖୋର୍ଦ୍ଧା ଅଫିସ,୭।୬**

ଖୋର୍ଦ୍ଧା ପୌର ପରିଷଦ (କେଏମ୍‌ସି) ଏକପ୍ରକାର ସ୍ଥାଣୁ ପାଲଟିଛି। ସହରବାସୀଙ୍କଠାରୁ ବର୍ଷକୁ ବିଭିନ୍ନ ବାବଦକୁ କେଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରାଯାଉଛି। ମାତ୍ର ସହରବାସୀଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଖୋର୍ଦ୍ଧା ସହରର ପରିମଳ, ରାସ୍ତାଘାଟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିକାଶ ଏକପ୍ରକାର ଠପ୍ ହୋଇଯାଇଛି। ବହୁ ପ୍ରକଳ୍ପ ଅଧାପନ୍ତରିଆ ରହିଛି। ମୁକ୍ତା ଯୋଜନାରେ ବିଭିନ୍ନ ୱାର୍ଡରେ ପ୍ରକଳ୍ପ ଫଳକ ଲଗାଯାଇ ଅର୍ଥ ହେରଫେର ହୋଇଛି। ଜଳ ସଂରକ୍ଷଣ, ଶୌଚାଳୟ, ପବ୍ଲିକ ଟ୍ରାକ, ମିନିପାର୍କ ପ୍ରଭୃତି ପ୍ରକଳ୍ପରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ହେଉଛି। ତେଣୁ ପୌର ପ୍ରଶାସନ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୫୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ଅଳିଆ ଉଠାଇବା ଲାଗି ୨୦ଟି ୱାର୍ଡକୁ ଘରୋଇକରଣ କରାଯାଇଛି। ଏଥିଲାଗି ପୌର ପ୍ରଶାସନ ପକ୍ଷରୁ ମାସକୁ ଲକ୍ଷାଧିକ ଟଙ୍କା ପଇଠ କରାଯାଉଛି। ଅଳିଆ ଉଠାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସହରର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦିରେ ଅଳିଆ ପଡ଼ିରହୁଛି। ଗୋରୁ, ବୁଲାକୁକୁର ଖାଦ୍ୟ ଲାଳସାରେ ସେଗୁଡ଼ିକ ଘାଣ୍ଟି ଏଣେତେଣେ ପକାଉଛନ୍ତି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହିପରି ଗତ ୪ବର୍ଷ ହେବ ସହରରେ ପବ୍ଲିକ ଶୌଚାଳୟ ବନ୍ଦ ପଡ଼ିଥିବାରୁ ଲୋକେ ହଇରାଣ ହେଉଛନ୍ତି। ସହରର ମୁଖ୍ୟ ଛକଗୁଡ଼ିକରେ ପବ୍ଲିକ ପରିସ୍ରାଗାର ରହିଛି। କେତୋଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ତେବେ ସବୁ ପରିସ୍ରାଗାରରେ ତାଲା ଝୁଲୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଲୁ- ପରିସ୍ରାଗାର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗତ ୨୦୨୦ରୁ ନିର୍ମାଣ ଚାଲିଥିବା ଟିଏଲ୍‌ସି ସ୍ମାର୍ଟ ଶ୍ମଶାନ, ବରୁଣେଇ ସ୍ମାର୍ଟ ପାର୍କ, ସାମନ୍ତରାପୁରସ୍ଥିତ ଖଣି ପୋଖରୀରେ ଚାଲିଥିବା ବୋଟିଂ ନିର୍ମାଣ କାମ ସରିପାରିନାହିଁ। ନିୟମିତ ଭାବେ ନାଳ ନର୍ଦ୍ଦମା ସଫା ହେଉନି। ନାଳଗୁଡିକ ପୋତି ହୋଇଗଲାଣି। ବର୍ଷା ହେଲେ ନାଳପାଣି ନିଷ୍କାସନ ନ ହୋଇପାରି ରାସ୍ତାରେ ଭାସୁଛି। ଟ୍ରାଫିକ ଛକଠାରୁ ପୁରୁଣା ବସଷ୍ଟାଣ୍ଡ ଏବଂ ବାଳିକା ସ୍କୁଲ ଭିତର ଦେଇ ଯାଇଥିବା ଡ୍ରେନ୍ ପୋତି ହୋଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡରେ ଡ୍ରେନ ନାହିଁ। ସେହିପରି ମାରୱାଡି ପଟିଠାରୁ ଗୋଡ଼ି ପୋଖରୀ ପର୍ଯ୍ୟନ୍ତ ଡ୍ରେନ ପୋତି ହୋଇଗଲାଣି। ଡାକ୍ତର୍ସ ଲେନ୍‌ଠାରୁ ଗୁରୁଜଙ୍ଗ ରାସ୍ତା, ଉପର ସାହି, ବରୁଣେଇ ସାହି, ଖ୍ରୀଷ୍ଟିୟାନ ସାହି, ରାଧାବଲ୍ଲଭ ସାହିର ଡ୍ରେନ ପୋତିହେବା ସହ ଭାଙ୍ଗିଗଲାଣି। ଅନେକ ସ୍ଥାନରେ ମରାମତି ଅଭାବରୁ ଡ୍ରେନ ଭୁଶୁଡ଼ି ପଡିଲାଣି। ଗତ ବର୍ଷ ଡ୍ରେନ ସଫା ଲାଗି ରୁଦ୍ଧଦ୍ୱାର ବୈଠକ ଡାକି ଏକପାଖିଆ ଟେଣ୍ଡର ଆହ୍ୱାନକୁ ନେଇ ଅନେକ କାଉନସିଲର ବିରୋଧ କରିଥିଲେ। ଫଳରେ କିଛି ୱାର୍ଡରେ ଡ୍ରେନ ସଫା ବନ୍ଦ ରହିଲା। ଏଥିଯୋଗୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। କେଉଁଠି ବି ଅଳିଆ ରହିବ ନାହିଁ ବୋଲି ପୌର ପ୍ରଶାସନ କହୁଛି। ହେଲେ ନିୟମିତ ଭାବେ ସଫେଇ ହେଉ ନ ଥିବାରୁ ଅନେକ ସ୍ଥାନରେ ଅଳିଆ ପଡ଼ିରହୁଛି। ଫଳରେ ପ୍ରଶାସନର ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା ସ୍ଲୋଗାନ ପ୍ରହସନ ପାଲଟିଛି। ଠିକା ସଂସ୍ଥା ଉପରେ ଦାୟିତ୍ୱ ଦେଇ କର୍ତ୍ତୃପକ୍ଷ ଚୁପ୍ ବସୁଛନ୍ତି। ଅଳିଆ ଉଠୁଛି କି ନାହିଁ ତାହାର ଖବର ପ୍ରଶାସନ ରଖୁନାହିଁ ବୋଲି ସହରବାସୀ କହିଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ ରିଜୱାନ କିୟକପ୍ କହିଛନ୍ତି, ସହରରେ ସ୍ୱଚ୍ଛତା ଓ ପରିମଳରେ ସୁଧାର ଆଣିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଏଥିରେ ସହରବାସୀଙ୍କ ସହଯୋଗ ଜରୁରୀ। ବନ୍ଦ ପଡ଼ିଥିବା ୨ଟି ଶୌଚାଳୟ ଏବଂ ସମସ୍ତ ଲୁ-ପରିସ୍ରାଗାରକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି କୌଣସି ପ୍ରକଳ୍ପରେ ଅନିୟମିତତା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

# ସ୍ୱଚ୍ଛତା, ନିରାପତ୍ତା ସହ ପାଚିକାମାନେ ଖାଦ୍ୟ ପ୍ରସ୍ତୁତ କରନ୍ତୁ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**ପାଚିକାଙ୍କ ୨ଦିନିଆ ପ୍ରଶିକ୍ଷଣ ଶିବିର**

**ଟାଙ୍ଗୀ(ଖୋର୍ଦ୍ଧା),୭।୬(ଡି.ଏନ୍.ଏ.)**

ପିଲାମାନଙ୍କର ଆବଶ୍ୟକତାକୁ ଅନୁଭବ କରି ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସହିତ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲୁଅଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତରେ ନିୟୋଜିତ ଥିବା ପାଚିକାମାନଙ୍କୁ ପ୍ରଶିକ୍ଷିତ କରାଇବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ୨ଦିନର ପ୍ରଶିକ୍ଷଣ ଶିବିର ଖୋର୍ଦ୍ଧାସ୍ଥିତ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଆୟୋଜିତ ହୋଇଯାଇଛି। ସହଗୋଷ୍ଠୀ ଶିକ୍ଷାଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସାବିତ୍ରୀ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷାଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଯୋଗଦେଇ କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ। ସଭାରେ ପରିଦର୍ଶନରେ ଆସିଥିବା ମଧ୍ୟାହ୍ନ ଭୋଜନ ବିଭାଗ ଡେପୁଟି ନିର୍ଦ୍ଦେଶକ ଯୋଗେନ୍ଦ୍ର କୁମାର ମାଝି, ଜିଲା ପ୍ରୋଗାମର ସଙ୍ଗୀତା ନାୟକ, କୁହୁଡି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ମଧୁସ୍ମିତା ଦାସ ପ୍ରମୁଖ ମଞ୍ଚାସୀନ ଅତିଥିମାନେ ଯଶୋଦା ମାଆର ଭାବନା ନେଇ ସ୍ୱଚ୍ଛତା ନିରାପତ୍ତାକୁ ଗୁରୁତ୍ୱ ଦେଇ ରନ୍ଧନ କାର୍ଯ୍ୟ କରିବାକୁ ପାଚିକାମାନଙ୍କୁ ପରାମର୍ଶ ଦେବା ସହିତ ପ୍ରଶିକ୍ଷଣର ପାଠ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସମୟରେ ଯେପରି କାର୍ଯ୍ୟରେ ଦେଖିବାକୁ ପାଇବେ କହିଥିଲେ। ମଧୁସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁକ୍ତେଶ୍ୱରଦେବ ସାମନ୍ତ ଗୋପୀନାଥ ବଡପାରି ଜୟମଙ୍ଗଳପୁର ଲକ୍ଷ୍ମୀଧରପୁର କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପାଚିକାମାନେ ପ୍ରଶିକ୍ଷଣରେ ଶିକ୍ଷାର୍ଥୀ ଭାବେ ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି କାହ୍ନୁ ବେହେରା, ଅମିତ ଚକ୍ରବର୍ତ୍ତୀ, ଦୁଃଶାସନ ପ୍ରଧାନ, ଲଳିତ ନାରାୟଣ ମହାପାତ୍ର, ପ୍ରସନ୍ନ ପାଇକରାୟ, ପ୍ରଦୀପ ମହାରଣା, ପଣସପୁର ପ୍ରାଥମିକ ବିଦ୍ୟାଳୟର ପାଚିକା ଚିନ୍ମୟୀ ଜେନା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁମଞ୍ଜରୀ ଦେବୀ, ଯମୁନାମଣି ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଛଣଗିରି ଉଚ୍ଚ ବିଦ୍ୟାଳୟ, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ, ହରିପୁର ଉଗ୍ରତାରା ଉଚ୍ଚ ବିଦ୍ୟାଳୟରେ ମଧ ଆୟୋଜିତ ହୋଇଥିଲା।

# ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର

**ସମ୍ବର୍ଦ୍ଧିତ ହେଲେ ୩୦ କର୍ମଚାରୀ**

**ଖୋର୍ଦ୍ଧା ଅଫିସ,୭।୬**

ରାଜ୍ୟ ସରକାରଙ୍କ କାୟାକଳ୍ପ ଯୋଜନାରେ ଚଳିତ ବର୍ଷ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱ ଦେଉଛନ୍ତି। କୌଣସି ରୋଗୀ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସମସ୍ତଙ୍କ ଦାୟିତ୍ୱ ରହିଛି। ରୋଗୀଙ୍କୁ ଉତ୍ତମ ସେବା, ସମ୍ପର୍କୀୟଙ୍କୁ ଭଲ ବ୍ୟବହାର ଦେଖାଇଲେ ଲୋକଙ୍କ ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରିବେ ବୋଲି ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଡିକାଲରେ କାର୍ଯ୍ୟରତ ସମସ୍ତ ଡାକ୍ତର, ନର୍ସଙ୍କ ସହିତ ଅନ୍ୟ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରଖାନା ପରିଚାଳକ, ନର୍ସ, କିରାଣି, ସଫେଇ କର୍ମଚାରୀଙ୍କ ସମେତ



ପ୍ରଶାସନ ପକ୍ଷରୁ ଜଣେ କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

୩୦ଜଣଙ୍କୁ ସମ୍ମାନିତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ମେଡିକାଲରେ ଉତ୍ତମ ସେବା, ସ୍ୱଚ୍ଛତା, ଅନ୍ୟାନ୍ୟ ଉପଲବ୍ଧିତାକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ପକ୍ଷରୁ କାୟାକଳ୍ପ ପୁରସ୍କାର ଘୋଷଣା କରିଥାନ୍ତି। କାୟାକଳ୍ପର ସ୍ୱତନ୍ତ୍ର ଟିମ୍ ରାଜ୍ୟର ବିଭିନ୍ନ ହସ୍ପିଟାଲ ତଦାରଖ କରନ୍ତି। ମେଡିକାଲ ଭିତ୍ତିଭୂମି, ସଫେଇ, ସ୍ୱଚ୍ଛତା ଏବଂ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରନ୍ତି। ଏହାର ଆଧାର ଉପରେ ପୁରସ୍କାର ଦିଆଯାଇଥାଏ। ରାଜ୍ୟ ସରକାରଙ୍କ ପକ୍ଷରୁ ୩ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ। ଏହାର ୭୫ଭାଗ ଅର୍ଥରାଶି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ଅବଶିଷ୍ଟ ଅର୍ଥରାଶିକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଖର୍ଚ୍ଚ କରାଯାଇଥାଏ।

### ଓମ୍‌ଫେଡ କ୍ଷୀର ଗାଡ଼ିକୁ ଜବତ କଲା ପରିବହନ ବିଭାଗ

**ନିରାକାରପୁର,୭।୬(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ପରିବହନ ବିଭାଗ ପକ୍ଷରୁ ବୁଧବାର ଗାଡ଼ି ଯାଞ୍ଚ ବେଳେ ଓମ୍‌ଫେଡର ଏକ କ୍ଷୀର ବୋଝେଇ ଗାଡ଼ିକୁ ଜବତ କରି ସ୍ଥାନୀୟ ଥାନାକୁ ଜିମା ଦେଇଛି। ସୂଚନାରୁ ଜଣାପଡିଛି ଯେ, ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲା ପରିବହନ ବିଭାଗ ପକ୍ଷରୁ ରାମେଶ୍ୱର ଛକ ନୂଆ ଜଗନ୍ନାଥ ସଡ଼କ ଉପରେ ଗାଡ଼ି କାଗଜପତ୍ର ଯାଞ୍ଚ ଚାଲିଥିଲା। ଏହି ଯାଞ୍ଚ ସମୟରେ ଉକ୍ତ ଓମ୍‌ଫେଡ କ୍ଷୀର ବୋଝେଇ ଗାଡିଟି ଆସିବା ବେଳେ ତାକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ହେଲେ ଗାଡ଼ିର କାଗଜ ଠିକ୍ ନ ଥିବା ନେଇ ସନ୍ଦେହ ହୋଇଥିଲା। କାଗଜପତ୍ର ଠିକ୍ ନ ଥିବାରୁ ଜରିମାନା କରାଯାଇଥିଲା। ହେଲେ ଗାଡ଼ି ଚାଳକ ଜରିମାନା ଟଙ୍କା ଦେଇ ନ ପାରିବାରୁ ତାକୁ ସ୍ଥାନୀୟ ପୋଲସ ଜିମା ଦିଆଯାଇଥିଲା।

### ୩ ରଥର ଆଗ ଚକରେ ଲାଗିଲା ଲୁହା ପ୍ଲେଟ୍

**ପୁରୀ ଅଫିସ,୭।୬**

ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ରଥ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ତେବେ ବୁଧବାର ରେଳ ବିଭାଗ ପକ୍ଷରୁ ରଥ ଖଳାରେ ରଥ ଚକାର ଯାଞ୍ଚ କରାଯାଇ ରଥ ଚକରେ ପଇ ପ୍ଲେଟ ଲଗାଯାଇଛି। ରେଳ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆସି ଚକର ତଦାରଖ କରିବା ସହ ପ୍ଲେଟ ଲାଗାଇଛନ୍ତି। ତିନି ରଥର ସମ୍ମୁଖ ଦୁଇ ବ୍ରେକ୍ ଚକକୁ ସୁରକ୍ଷା ଦେବା ପାଇଁ ଚକର ଉଭୟ ପାର୍ଶ୍ୱରେ ୪ଟି ଲେଖାଏ ଲୁହା ପ୍ଲେଟ୍‌କୁ ସଂଯୋଗ କରାଯାଇଛି। ନଟ ବୋଲ୍ଟ ଦ୍ୱାରା ଏହି ପ୍ଲେଟ୍‌ଗୁଡ଼ିକୁ ଚକ୍ରେ ଫିଟିଙ୍ଗ କରାଯାଇଛି। ଫଳରେ ରଥ ଗଡ଼ିବା ବେଳେ ବ୍ରେକ୍ ପଡ଼ିଲେ ଚକର କୌଣସି କ୍ଷତି ହେବ ନାହିଁ। ସେଥିପାଇଁ ଏହି ପ୍ଲେଟ୍ ଚକରେ ସଂଯୋଗ କରାଯାଇଛି।

# କୃଷ୍ଣପ୍ରସାଦକୁ କେବେ ମିଳିବ ମୋ ବସ୍ ସେବା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

**କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ଗ୍ରାମାଞ୍ଚଳରେ ସମସ୍ତ ସହରୀକରଣ ସୁବିଧା ଯୋଗାଇଦେବା ପାଇଁ ନାନା ଯୋଜନା କରୁଛନ୍ତି। ସଡ଼କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସବୁ ସୁବିଧାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସହରାଞ୍ଚଳ, ଉପକଣ୍ଠ ଅଞ୍ଚଳକୁ ସହଜ, କମ୍ ଖର୍ଚ୍ଚ, ସରଳୀକରଣ କରିବା ପାଇଁ ମୋ ବସ୍ ସେବା ଚାଲୁଅଛି। ରାଜ୍ୟର କେତେକ ଜିଲାରେ ମୋ ବସ୍ ଚାଲୁଥିବା ବେଳେ ପୁରୀ ଜିଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଦ୍ୱୀପାଞ୍ଚଳ ଭାବେ ପରିଚିତ କୃଷ୍ଣପ୍ରସାଦ ବ୍ଲକର ଅଞ୍ଚଳବାସୀ ଏହି ସେବାରୁ ବଞ୍ଚିତ ହୋଇଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବ୍ରହ୍ମଗିରିକୁ ଦୁଇଟି ମୋ ବସ୍ ଚଳାଚଳ କରିବା ପାଇଁ ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିବା ବେଳେ ଦ୍ୱୀପାଞ୍ଚଳ କୃଷ୍ଣପ୍ରସାଦ ବ୍ଲକକୁ ମୋ ବସ୍ ସେବାରୁ ବାଦ ଦିଆଯାଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶ ଥାଉକି, କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀ ବିଭିନ୍ନ ସମୟରେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଯାତ୍ରୀବାହୀ ବସ୍ ଉକ୍ତ ଅଞ୍ଚଳ ଦେଇ ଚଳାଚଳ କରୁଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନେ ବାଧ୍ୟ ହୋଇ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ଯାହାକି ବହୁ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛନ୍ତି। ତେଣୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ ଜଗନ୍ନାଥ ଧାମ ପୁରୀରୁ ବ୍ରହ୍ମଗିରି ଦେଇ କୃଷ୍ଣପ୍ରସାଦ ଅଞ୍ଚଳକୁ ମୋ ବସ୍ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଚିଲିକା ନୂଆପଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଜେନା, ବ୍ଲକର ଟୁଇଟର ବୟ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ପିଙ୍କି ଜେନା, ପ୍ରଜ୍ଞାରେଖା ଜେନା ପ୍ରମୁଖ ବ୍ଲକ ଅଧକ୍ଷା ସରୋଜିନୀ ତରେଇଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କୀୟ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷା ତରେଇ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଋଣ ଖିଲାପକାରୀ ଶୋ'ରୁମ୍‌ରେ ତାଲା ପକାଇଲା ବ୍ୟାଙ୍କ

**ନିରାକାରପୁର,୭।୬(ଡି.ଏନ୍.ଏ.)**

ଋଣ ଖିଲାପ କରିଥିବା ଅଭିଯୋଗରେ ପୋଲିସ ଉପସ୍ଥିତିରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଥିବା ଏକ ଅଟୋ ମୋବାଇଲ ଶୋ'ରୁମକୁ ବୁଧବାର ତାଲା ପକାଇଲେ ଏକ ଘରୋଇ ବ୍ୟାଙ୍କ। ଘଟଣା ଅନୁଯାୟୀ, ଉକ୍ତ ଅଞ୍ଚଳରେ ରହିଥିବା ଅଟୋ ମୋବାଇଲ ଶୋରୁମଟି ନିକଟରେ ଥିବା ଏକ ଘରୋଇ ବ୍ୟାଙ୍କରୁ ଶୋରୁମ କରିବା ପାଇଁ କିଛି ବର୍ଷ ପୂର୍ବେ ଋଣ ଆଣିଥିଲା। କିନ୍ତୁ ଶୋରୁମ ମାଲିକ ଠିକ୍ ସମୟରେ ଋଣ ପୈଠ କରିପାରି ନଥିଲେ। ଏ ନେଇ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଶୋ'ରୁମ ମାଲିକ ଋଣ ଟଙ୍କା ପୈଠ କରୁ ନଥିଲେ। ତେଣୁ ବୁଧବାର ଉକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଓକିଲ ଏବଂ ପୋଲିସ ଉପସ୍ଥିତିରେ ଶୋରୁମକୁ ସିଲ୍ କରାଯାଇଛି। ଏବଂ ଟଙ୍କା ପରିଶୋଧ କରିବା ପରେ ଶୋ'ରୁମ ଖୋଲିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ନେଇ ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରିତମ୍ବର କରଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

**ଜଟଣୀ,୭।୬(ଡି.ଏନ୍.ଏ.)**

ସ୍ଥାନୀୟ ସୁଶୀଳାଦେବୀ ପ୍ରଗତି ବିଦ୍ୟାପୀଠ ବାଛରାଠାରେ ବୁଧବାର ବ୍ଲକସ୍ତରୀୟ ପାଚିକା ଓ ସହାୟିକାମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜଟଣୀ ବ୍ଲକ ଶିକ୍ଷା ଅଧିକାରିଣୀ ରଶ୍ମିବାଳା ପରିଡା ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଜଟଣୀ ବ୍ଲକ ଅନ୍ତର୍ଗତ ହାଟ ବଜାର, ରାଜା ବଜାର ଏବଂ ରାଧାଚରଣପୁର କ୍ଲଷ୍ଟର ଅଧୀନରେ ଥିବା ୬୪ଜଣ ପାଚିକା ସହାୟିକାମାନେ ଯୋଗଦେଇଥିଲେ। ଶିବିରରେ ଅଭିଜ୍ଞ ଶିକ୍ଷୟିତ୍ରୀ ମୌସମୀ ଦଳ ବେହେରା ଏବଂ ରଶ୍ମିତା ନାୟକ ଉପସ୍ଥିତ ରହି ସେମାନଙ୍କ ପ୍ରଶିକ୍ଷଣ ପରୀକ୍ଷା ସହ ନିଜର ଅନୁଭୂତି ପ୍ରକାଶ ପାଇଁ ଶିକ୍ଷାଦାନ ଦେଇଥିଲେ। ଖାଦ୍ୟ ପ୍ରସ୍ତୁତି ଆଗରୁ ଖାଦ୍ୟ ନିମିତ୍ତ ପନିପରିବା ଓ ସାମଗ୍ରୀକୁ ପରିଷ୍କାର ପାତ୍ରରେ ରଖିବା, କଟା ପରିବାକୁ ଭଲ ଭାବେ ପରିଷ୍କାର ପାଣିରେ ଧୋଇବା ସଙ୍ଗେ ସଙ୍ଗେ ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ ପିଲାଙ୍କ ପାଖରେ କିଭଳି ସୁଶମ ଖାଦ୍ୟ ପହଞ୍ଚିପାରିବ ଏଭଳି ଅନେକ କିଛି ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ପ୍ରଶିକ୍ଷଣ ପାଚିକା ସହାୟିକାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ସିଆର୍‌ସିସି ମାନ ଗୋବିନ୍ଦ ସାହୁ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ରାମଚନ୍ଦ୍ରପୁର ବିଦ୍ୟାଳୟଠାରେ ଜଳଛତ୍ର ସ୍ଥାପନ କରାଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ ଜଣେ ସହାୟିକାଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ପ୍ରତିଭା ଦେଖାଇଲେ ୩୭୫ ପ୍ରତିଯୋଗୀ**

**ଖୋର୍ଦ୍ଧା ଅଫିସ,୭।୬**

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ୨୭ତମ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୨-୨୩ ସ୍ଥାନୀୟ ଷ୍ଟାଡିୟମ୍‌ଠାରେ ୬ ଓ ୭ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୩୭୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ଓ ବାଳିକା ବର୍ଗର ୧୦୦ମି, ୨୦୦ମି, ୪୦୦ମି, ୬୦୦ମି, ୮୦୦ମି, ୧୫୦୦ ମି, ୩୦୦୦ମି, ୫୦୦୦ମି ଦୌଡ ସହିତ ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ଶଟ୍‌ପୁଟ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳି ଆସନ୍ତା ୨୨ ଠାରୁ ୨୫ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା



ଏକ ଦୌଡ଼ ପ୍ରତିଯୋଗିତାରେ କ୍ରୀଡ଼ାବିତ୍‌ମାନେ ଦୌଡୁଛନ୍ତି।

ଦେଇଛନ୍ତି। ଉକ୍ତ ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ସଂସଦର ସଭ୍ୟ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ବାଲୁଙ୍କି ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବ ଜ୍ୟୋତିପ୍ରକାଶ ମହାନ୍ତି ଯୋଗଦେଇଥିଲେ। ବୁଧବାର ଉଦ୍‌ଯାପନ ଉତ୍ସବରେ କ୍ରୀଡାବିତ୍ ଚିତ୍ତରଞ୍ଜନ ବେଉରା ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବରେ ଡାନିଏଲ୍ ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅକ୍ଷୟ କୁମାର ମହାନ୍ତି ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୭ ଗିରଫ

**ମଙ୍ଗୁଳି-ଜଗତପୁର,୭।୬(ଡି.ଏନ୍.ଏ.):** ବେଆଇନ ଭାବେ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ଅବକାରୀ ବିଭାଗ ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ବନ୍ଦାଳ ବାଣୀପଦାର କମଳିନୀ ସାମଲ, ଶଙ୍କରପୁରର ସୁଜାତା ରାଉତ, ବିଜୟ ନାଟି, ଗୋଡ଼ିପାଟଣା ଜେନାସାହିର ସବିତା ଜେନା, ଡାଳିଯୋଡ଼ା ବ୍ରହ୍ମପୁରର ବଚନ ପାତ୍ରୀ, ଦୌଲତାବାଦ ଟିପିଏମ୍ କଲୋନୀର ଶଙ୍କର ସେଠୀ, ଓଟିଏମ୍ କଲୋନୀର ନିରଞ୍ଜନ ସାମଲ। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ବାଣୀପଦା, ଡାଳିଯୋଡ଼ା ବ୍ରହ୍ମପୁର, ଶଙ୍କରପୁର, ଓଟିଏମ୍ କଲୋନୀ ଅଞ୍ଚଳର ଏକାଧିକ ସ୍ଥାନରେ ବେଆଇନ ଦେଶୀମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। କଟକ ଜିଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ଅବକାରୀ ଥାନା ଅଧିକାରୀ ସ୍ମିତିରଞ୍ଜନ ରାଉତ, ଗ୍ରାମାଞ୍ଚଳ ରେଞ୍ଜ୍ ଅଧିକାରୀ ପ୍ରଭାସ କୁମାର ଚୌଧୁରୀ, ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ସଞ୍ଜୀତ୍ ବାର୍ଲା ଓ ଚୌଦ୍ୱାର ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୦୦ ଲିଟର ଦେଶୀମଦ ଜବତ କରିଛନ୍ତି।

### ବିନୋଦ କାନୁନ୍‌ଗୋଙ୍କ ସ୍ମୃତି ରକ୍ଷା ନିମନ୍ତେ ଦାବିପତ୍ର

**କଟକ ଅଫିସ,୭।୬:** ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ସ୍ମୃତି ରକ୍ଷା ନିମନ୍ତେ ବିହିତ ପଦକ୍ଷେପ ନେବାକୁ କଟକ ମହାନଗର ନିଗମ(ସିଏମ୍‌ସି) ମେୟରଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ମୃତି କମିଟି ପକ୍ଷରୁ ଡା. ରବି ରଞ୍ଜନ ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, ସୁଧୀର ମହାନ୍ତି, ଅଜୟ ମହାନ୍ତି, ଗଦାଧର ସାହୁ ପ୍ରମୁଖ ମେୟର ସୁବାସ ଚନ୍ଦ୍ର ସିଂଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଥିଲେ। ସିଏମ୍‌ସି କାଉନ୍‌ସିଲରେ ଏ ସମ୍ପର୍କରେ ପ୍ରସ୍ତାବ ନିଆଯାଇଛି। ଯଥାଶୀଘ୍ର ଏ ନେଇ ପଦକ୍ଷେପ ନିଆଯିବ ବୋଲି ମେୟର କହିଛନ୍ତି।

### ଏସ୍‌ସିବିରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମେୟର

**ମାଲବାହୀ ଟ୍ରେନ୍ ବଗି ତଳେ ଚାପି ହୋଇଯାଇଥିଲେ**

**କଟକ ଅଫିସ,୭।୬-:** ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନଠାରେ ବୁଧବାର ଅପରାହ୍ନରେ ମାଲବାହୀ ଟ୍ରେନ୍ ବଗି ତଳେ ଚାପିହୋଇ ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏସ୍‌ସିବିରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ଠିକ୍ ଭାବେ ଚିକିତ୍ସା କରାଯିବା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ମେଡିକାଲ ଏମରଜେନ୍ସି ଅଫିସର ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, କାଳୀଚରଣ ସ୍ୱାଇଁ, ସକିଲ ଅଖ୍‌ତର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ ହେବ

**କଟକ ଅଫିସ, ୭।୬**


ବୈଠକରେ ସିଏମ୍‌ସି ମେୟର, କମିଶନରଙ୍କ ସମେତ ଅନ୍ୟମାନେ।

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**
- ଧାର୍ଯ୍ୟ ସମୟରେ ପଙ୍କୋଦ୍ଧାର କାମ ଶେଷକର
- ସମ୍ବେଦନଶୀଳ ସ୍ଥାନ ତଦାରଖ କରିବେ ଅଧିକାରୀ
- ୧୫ରୁ କଣ୍ଟ୍ରୋଲ ରୁମ୍ ଖୋଲିବ

ପ୍ରାକୃତିକ ବିପର୍ଯ୍ୟୟ ଓ ସହରରେ ବର୍ଷାଜନିତ ଜଳବନ୍ଦୀର ମୁକାବିଲା ପାଇଁ ବୁଧବାର ଚୌଧୁରୀବଜାରସ୍ଥିତ ବିଜୁ ଭବନରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂ ଏଥିରେ ପୌରୋହିତ୍ୟ କରିଥିବାବେଳେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଆଗାମୀ ଦିନରେ ଦେଖାଦେବାକୁ ଥିବା ସମସ୍ୟା ଓ ତା'ର ସମାଧାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶେଷକରି ବର୍ଷା ଯୋଗୁ ଯେପରି କଟକ ସହରରେ ଜଳବନ୍ଦୀ ସମସ୍ୟା ନ ଉପୁଜିବ ସେଥିପ୍ରତି ମେୟର ଗୁରୁତ୍ୱ ଦେବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଙ୍କୋଦ୍ଧାର କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଜାଇକା କର୍ତ୍ତୃପକ୍ଷଙ୍କୁ ସଜାଗ ରହିବା ପାଇଁ ସତର୍କ କରାଇଥିଲେ। କୌଣସି ସ୍ଥାନରେ ଯେପରି ନର୍ଦ୍ଦମା ଜଳ ନିଷ୍କାସନରେ ବାଧା ସୃଷ୍ଟି ନ ହେବ ତାହାର ତଦାରଖ ଆରମ୍ଭ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରର ସମ୍ବେଦନଶୀଳ ସ୍ଥାନଗୁଡିକୁ ତୁରନ୍ତ ଚିହ୍ନଟ କରି ପମ୍ପ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବାତ୍ୟା ମୁକାବିଲା ପାଇଁ ସହରର ୯୯ଟି ସ୍ଥାନ ଚିହ୍ନଟ କରାଯାଇ ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ତାହାର ଠିକ୍ ପରିଚାଳନା ଲାଗି ସିଏମ୍‌ସି ଅଧିକାରୀ ଓ ଯନ୍ତ୍ରୀ ଦାୟିତ୍ୱରେ ରହିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

ସିଏମ୍‌ସିର ୫୯ଟି ୱାର୍ଡ ପାଇଁ ୧୭ ଜଣଙ୍କୁ ସେକ୍ଟର ଅଫିସର ଭାବେ ପରିଚାଳନା ଦାୟିତ୍ୱ ଦିଆଯାଇଛି। ତଳସ୍ତରରେ ସେମାନେ ମାଇକ୍ରୋ ଟିମ୍ ଗଠନ କରି ଦାୟିତ୍ୱ ନିର୍ବାହ କରିବେ। ଆସନ୍ତା ୧୫ରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ସମାଧାନ ପାଇଁ ସ୍ଥାନୀୟ ବିକାଶ ଭବନରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ସମସ୍ୟାର ସମାଧାନ ପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସିଏମ୍‌ସିର ସମସ୍ତ ଅଧିକାରୀଙ୍କ ସମେତ ୱାଟ୍‌କୋ, ବିଦ୍ୟୁତ୍, ଡ୍ରେନେଜ୍, ଶିକ୍ଷା, ଜାଇକା, ସ୍ୱାସ୍ଥ୍ୟ ଓ ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଚେତନତା ଦ୍ୱାରା ପ୍ରଦୂଷଣ ରୋକିହେବ

**ମଙ୍ଗୁଳି-ଜଗତପୁର,୭।୬(ଡି.ଏନ୍.ଏ.)**

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଟାଙ୍ଗୀ ବିଦ୍ୟାପୀଠରେ ବୁଧବାର ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାଲ୍‌ମିଆ ସିମେଣ୍ଟ ଭାରତ ଲିମିଟେଡ୍ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କମ୍ପାନୀର ଡେପୁଟି ଡାଇରେକ୍ଟର ଭବେଶ ୱାଲା, ସମ୍ମାନିତ ଅତିଥି ଭାବେ ସଙ୍ଗିନ ଲେଡିଜ୍ କ୍ଲବର ସଭାନେତ୍ରୀ ଲିନା ୱାଲା, ଅଭିନେତା ସୂର୍ଯ୍ୟକାନ୍ତ ସାମଲ, ବିଶିନାହାକାଣୀ ଜୁନିୟର କଲେଜର ପ୍ରିନ୍ସିପାଲ ସଚ୍ଚିଦାନନ୍ଦ ପ୍ରଧାନ ଓ ଟାଙ୍ଗୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ ଯୋଗଦେଇଥିଲେ। ଅତିଥିମାନେ ପ୍ଲାଷ୍ଟିକ୍ ପ୍ରଦୂଷଣର ବିଭିନ୍ନ କାରଣ ଉପରେ ଆଲୋଚନା କରିବା ସହ ସଚେତନତା ଦ୍ୱାରା ଏହାକୁ ରୋକିହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ପରିବେଶ ପ୍ରଦୂଷଣ ଉପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହାପରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରିବା ସହ ଚାରା ରୋପଣ କରିଥିଲେ। ସମ୍ପର୍କ ଅନୁଷ୍ଠାନର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ସଭ୍ୟ ପ୍ରୀତିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭ୍ୟ ସତ୍ୟବ୍ରତ ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ସେକ୍ ଅବ୍‌ଦୁଲ କଲିମ, ପ୍ରକାଶ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଡାଲ୍‌ମିଆ ସିମେଣ୍ଟ କମ୍ପାନୀର ଲୋକସମ୍ପର୍କ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ପରିବେଶ ଓ ପ୍ରଦୂଷଣ ବିଭାଗର ଅଧିକାରୀ ପ୍ରିୟବ୍ରତ ମଲ୍ଲିକ, ସାମ୍ବାଦିକ ଗୁରୁପଦ ନାଥ, ଗଗନ ମହାନ୍ତି, ପ୍ରଦୀପ୍ତ ସାହୁ, ସନାତନ ମହାନ୍ତି, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଟାଙ୍ଗୀ ବିଦ୍ୟାପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।


ବାଲେଶ୍ୱର ଜିଲା ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କଟକ ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମୂହ ଦୀପଦାନ।

## ଟିଭି ମେକାନିକ୍‌ଙ୍କୁ ଅପହରଣ, ୪ ଗିରଫ

**କଟକ ସଦର,୭।୬(ଡି.ଏନ୍.ଏ.)**

୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଜଣେ ଟିଭି ମେକାନିକ୍‌ଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିବା ଅଭିଯୋଗରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ବ୍ୟାରେଜ୍ କଲୋନୀର ରଶ୍ମିରଞ୍ଜନ ରଥ, ଖଇରା ମଧୁବାବୁ ଛକର କେ. ଜଗଦୀଶ ରାଓ, ନ୍ୟୁ ତୋରଳର ସରୋଜ କୁମାର ମହାନ୍ତି ଓ ଅବିନାଶ ପରିଡ଼ା। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧ ତାରିଖ ରାତି ୭ଟାରେ ଅଭିଯୁକ୍ତମାନେ ଏକ କାରରେ ଆସି ଝିଙ୍କିରିଆ ଦୁର୍ଗାମଣ୍ଡପ ନିକଟରେ ଥିବା ଟିଭି ମରାମତି ଦୋକାନର ମେକାନିକ୍ ମିଟୁ ମଲ୍ଲିକ(୩୮)ଙ୍କୁ ବନ୍ଧୁକ ଦେଖାଇ ଜୋର୍ ଜବରଦସ୍ତ କାର ଭିତରକୁ ଟାଣି ନେଇଥିଲେ। ଏହାଛଡ଼ା ଦୋକାନରେ ଥିବା ୨୦,୦୦୦ ଟଙ୍କା ମଧ୍ୟ ନେଇଯାଇଥିଲେ। କାର୍ ଭିତରେ ମିଟୁଙ୍କୁ ପ୍ରବଳ ମାଡ଼ ମାରିବା ପରେ ଜଗତପୁରରେ ଛାଡ଼ି ଦେଇଥିଲେ। ସେଠାରେ ୨ ଜଣ ବ୍ୟକ୍ତି ମିଟୁଙ୍କୁ ଦେଖି ସ୍ଥାନୀୟ ପୋଲିସ ଜିମା ଦେଇଥିଲେ। ଏ ନେଇ ମିଟୁ ୪୨ ମୌଜା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୩/୨୩) ରୁଜୁ କରିବା ସହ ମଙ୍ଗଳବାର ଜଗତ୍‌ପୁରରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ଶୈଳବାଳା କଲେଜରେ ରକ୍ତଦାନ ଶିବିର

**କଟକ ଅଫିସ,୭।୬**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାହାନଗା ରେଳ ଦୁର୍ଘଟଣା ଆହତଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏହି ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟ, ଭାରତୀୟ ରେଡ୍‌କ୍ରସ ସମାଜ, ଶିଶୁ ଓ ମହିଳା ବିକାଶ ସୋସାଇଟିର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ପରିଚାଳିତ ଶିବିରରେ ଭାରତୀୟ ରେଡ୍‌କ୍ରସ ସମାଜ ଓଡ଼ିଶା ଶାଖାର ନିର୍ଦ୍ଦେଶକ ଡ. ଚନ୍ଦ୍ରିକା ପ୍ରସାଦ ଦାସ, ମେଡିକାଲ ଅଫିସର ରାମପ୍ରସାଦ ରାୟ, ରଞ୍ଜିତ ସାହୁ, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ଯୋଗମାୟା ପଣ୍ଡା, ଯୁବ ରେଡ୍‌କ୍ରସ ସଦସ୍ୟା ଡ. ଗାୟତ୍ରୀ କର, ଶିଶୁ ଓ ମହିଳା ବିକାଶ ସୋସାଇଟିର ଅଧ୍ୟକ୍ଷା ଡ. କଳ୍ପନା ଦାସ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


ଶୈଳବାଳା ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନେ ରକ୍ତଦାନ କରୁଛନ୍ତି।

# ଜମା ଅର୍ଥ ସଂଗ୍ରହ ଉପରେ ମିଳିବ ରସିଦ୍

**କଟକ ସଦର,୭।୬(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡିକଠାରୁ ପ୍ରତି ମାସରେ ସଦସ୍ୟା ପିଛା ୫ରୁ ୧୦ ଟଙ୍କା ଆଦାୟ କରାଯାଇ ମହାସଂଘରେ ଜମା କରାଯାଉଛି। ଏହି ଅର୍ଥକୁ କ୍ଲଷ୍ଟର ରିସୋର୍ସ ପର୍ସନ(ସିଆର୍‌ପି)ମାନେ ଆଦାୟ କରୁଥିବାବେଳେ ରସିଦ୍ ଦିଅନ୍ତିନାହିଁ ବୋଲି ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ଏବେ ସମସ୍ତ ଆଦାୟ ଉପରେ ମୁଦ୍ରିତ ରସିଦ୍ ଦିଆଯିବ ବୋଲି ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ଏହି ଅର୍ଥ ବ୍ୟାଙ୍କରେ ଜମା କରାଯାଇଥାଏ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଉଛି ବୋଲି ସେ କହିଛନ୍ତି। ମହିଳାମାନଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ମାସିକ ଜମା କମ୍ ଓ ବେଶି ହୋଇଥାଏ। କିନ୍ତୁ ସଂଗ୍ରହବେଳେ ରସିଦ୍ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁଯାୟୀ, ଏସ୍‌ଏଚ୍‌ଜି ସଦସ୍ୟାମାନେ ମାସିକ ଚାନ୍ଦା ଆଦାୟ କରି ନିକଟତମ ବ୍ୟାଙ୍କରେ ଜମା କରିଥା'ନ୍ତି। ଏହାଛଡ଼ା ଦୁଇ ଅଙ୍କର ଅର୍ଥ ଆଦାୟ କରି ମହାସଂଘ ଆକାଉଣ୍ଟରେ ପ୍ରତିମାସରେ ଜମା ମଧ୍ୟ କରିଥାନ୍ତି। ଏହି ଅର୍ଥ ସଂଗ୍ରହବେଳେ ରସିଦ୍ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଯାହାଫଳରେ ଆଉ ସନ୍ଦେହ ରହିବ ନାହିଁ। ଯଦି କୌଣସି ଗୋଷ୍ଠୀ ଭାଙ୍ଗିଯାଏ ତା'ହେଲେ ସେମାନଙ୍କର ଜମା ଅର୍ଥ ସମୂଳ ସୁଧ ସହ ଫେରାଇ ଦିଆଯିବ ବୋଲି ପ୍ରକଳ୍ପ ପରିଚାଳିକା କହିଛନ୍ତି।

# ଗରିବ କଲ୍ୟାଣ ଯୋଜନାରେ ଲୋକଙ୍କ ଉନ୍ନତି ହୋଇଛି

**କଟକ ଅଫିସ,୭।୬**

**ଭାଜପାର ମହାଜନସମ୍ପର୍କ ଅଭିଯାନ**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେଶରେ ମହାଜନସମ୍ପର୍କ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କଟକ ଗସ୍ତ କରି କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରୁଥିବାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କ ଉନ୍ନତି ସାଧନ କରିଛନ୍ତି। ଏଥିସହ ଦେଶର ବିକାଶ ମଧ୍ୟ ଦ୍ରୁତ ଗତିରେ ହୋଇଛି ବୋଲି ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଟୁଡୁ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସେ ମଧ୍ୟ ଉଜ୍ଜ୍ୱଳା, ସ୍ୱଚ୍ଛ ଭାରତ ମିଶନ ଭଳି ବହୁ ଜନ କଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। କେନ୍ଦ୍ର ସରକାର କରୋନା ମହାମାରୀର ସଫଳ ମୁକାବିଲା କରିଥିବାବେଳେ ଦେଶବାସୀଙ୍କୁ ମାଗଣାରେ କରୋନା ଟିକା ଯୋଗାଇ ଦେଇଛନ୍ତି। କରୋନା ସମୟରେ ରୋଜଗାର ହରାଇଥିବା ବିଭିନ୍ନ ବର୍ଗର ଲୋକଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଓ ମାଗଣା ରାସନ ଯୋଗାଇ ଦେଇଛନ୍ତି। ଏହି ଜନସମ୍ପର୍କ ମହାଅଭିଯାନ ମାଧ୍ୟମରେ କେନ୍ଦ୍ର ସରକାର ଦେଉଥିବା ବିଭିନ୍ନ ସହାୟତା ଓ ସୁବିଧା ବିଷୟରେ ଲୋକଙ୍କୁ ସୂଚନା ଦିଆଯାଉଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ପରିଚାଳନା କରିପାରୁ ନାହାନ୍ତି। ତେଣୁ କେନ୍ଦ୍ରର ବିଭିନ୍ନ ଯୋଜନାରୁ ଓଡ଼ିଶାବାସୀ ବଞ୍ଚିତ ହେଉଛନ୍ତି ବୋଲି ସେ କହିଥିଲେ। କେନ୍ଦ୍ରର ଯୋଜନା ବାବଦରେ ଲୋକେ ସଚେତନ ହେଲେଣି। ୨୦୨୪ ନିର୍ବାଚନ ପାଇଁ ଦେଶର ସୁରକ୍ଷା ଓ ସମ୍ମାନ ନେଇ ଭାଜପା ଆଗକୁ ବଢ଼ିବ। ୨୦୨୪ରେ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଅନୁସୂଚିତ ଜାତି ରାଷ୍ଟ୍ରୀୟ ମୋର୍ଚ୍ଚା ସମ୍ପାଦକ ସଞ୍ଜୟ ନିର୍ମଳ, ନୟନ କିଶୋର ମହାନ୍ତି, ପ୍ରକାଶ ବେହେରା, ସ୍ମୃତି ପଟ୍ଟନାୟକ ଓ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅନ୍ୟମାନେ।

# ଏଣିକି ହୋର୍ଡିଂ ପାଇଁ ଟେଣ୍ଡର ହେବ

**କଟକ ଅଫିସ,୭।୬**


ବୈଠକରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ଅମିୟ ପଣ୍ଡାଙ୍କ ସହ ଅନ୍ୟମାନେ।

**ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ**
- କଟକ ଇନ୍ କଟକରେ ଆରମ୍ଭ ହେବ ଫୁଡ୍‌କୋର୍ଟ କାର୍ଯ୍ୟ

କଟକ ସହରର ବିଭିନ୍ନ କଲ୍ୟାଣ ମଣ୍ଡପ ଓ କିଲ୍ ଖାନା ପାଇଁ ନୂଆ ୟୁଜର୍ସ ଫି' ଲାଗୁ ହେବ। ସେହିପରି ହୋର୍ଡିଂ ନିମନ୍ତେ ଟେଣ୍ଡର ହେବା ସହ ଇନ୍ କଟକର ପରିସରରେ ଫୁଡ୍‌କୋର୍ଟ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏ ନେଇ ସ୍ଥାନୀୟ ବିଜୁଭବନରେ ବୁଧବାର ଆୟୋଜିତ କଟକ ମହାନଗର ନିଗମ(ସିଏମ୍‌ସି) ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। କମିଟି ଅଧ୍ୟକ୍ଷା ତଥା କର୍ପୋରେଟର ଏ. ଶ୍ରୀଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟ ଗଗନ ଓଝା, ପୁଷ୍ପିତା ମହାନ୍ତି, ସ୍ୱର୍ଣ୍ଣପ୍ରଭା ପଶାୟତ, ବସନ୍ତ କୁମାର ବେହେରା, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଅମିୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବା ପୂର୍ବରୁ ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

କଲ୍ୟାଣ ମଣ୍ଡପ ମାଲିକମାନେ ଏକକାଳୀନ ୧୨ ମାସର ଫି' ଦାଖଲ କରିବେ। ଫଳରେ ସେମାନଙ୍କୁ ଗୋଟିଏ ମାସର ଫି' ଛାଡ କରାଯିବ। ସେହିପରି କିଲ ଖାନାରେ ମଟନ କଟାଯିବାବେଳେ ସେଥିରୁ ବାହାରୁଥିବା ବର୍ଜ୍ୟକୁ ପରିଚାଳନା ପାଇଁ ୟୁଜର୍ସ ଫି' ଆଦାୟ ହେବ। ପ୍ରତି ଛେଳି ପିଛା ୪୦ ଟଙ୍କା ଲେଖାଏ ବ୍ୟବସାୟୀମାନେ ଫି' ଦେବେ। ସେହିପରି ହୋର୍ଡିଂ ପାଇଁ ଟେଣ୍ଡର ହେବ। ବିଭିନ୍ନ ସଂସ୍ଥା ସିଏମ୍‌ସିଠାରୁ ହୋର୍ଡିଂ ପଏଣ୍ଟଗୁଡିକ ଲିଜ୍ ଆକାରରେ ନେବାକୁ ଚାହିଁଲେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ପଡିବ। ବାଲିଯାତ୍ରା ତଳପଡିଆରେ କଟକ ଇନ୍ କଟକର ଉନ୍ନତୀକରଣ ନିମନ୍ତେ ପୂର୍ବରୁ ନିଷ୍ପତ୍ତି ହୋଇଛି। ଏହା ପରିସରରେ ଏକ ଫୁଡ୍‌କୋର୍ଟ ବ୍ୟବସ୍ଥା କରାଯିବ। ଚଳିତମାସ ଶେଷ କିମ୍ବା ଆସନ୍ତା ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ବ୍ୟବସାୟୀଙ୍କଠାରୁ ଦୋକାନ ବକେୟା ବାବଦ ଭଡା ଅର୍ଥ ଆଦାୟ ହୋଇସାରିଛି। ଅବଶିଷ୍ଟ ୩୦ ପ୍ରତିଶତ ବ୍ୟବସାୟୀଙ୍କଠାରୁ ତୁରନ୍ତ ବକେୟା ଅର୍ଥ ଆଦାୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ଯେଉଁ ଦୋକାନଗୁଡିକ ଭଡାରେ ଲାଗିଛି ଏବଂ ମୂଳ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି, ସେ କ୍ଷେତ୍ରରେ କାହାକୁ ଦୋକାନ ଗୃହ ଦିଆଯିବ ତାହା ପରବର୍ତ୍ତୀ ସମୟରେ ନିର୍ଦ୍ଧାରଣ କରାଯିବ। ସହରର ଦୁଇଟି ସ୍ଥାନରେ ଥିବା ପାର୍କିଂସ୍ଥଳୀ ଏପର୍ଯ୍ୟନ୍ତ କାହିଁକି ଭଡାରେ ଲାଗି ପାରୁନାହିଁ, ସେନେଇ ଖୁବ୍‌ଶୀଘ୍ର ତର୍ଜମା କରାଯିବ ବୋଲି ଆଲୋଚନା ହୋଇଥିଲା। କାଉନ୍‌ସିଲରୁ ଅନୁମୋଦନ ମିଳିବା ପରେ ଚୂଡାନ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି।




୭।୬।୨୦୨୩

| ୭୭, ୧୨୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ପାଗଳା କୁକୁର କାମୁଡ଼ାରେ ୮ ଗୁରୁତର

**ସାକ୍ଷୀଗୋପାଳ,୭।୬(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଚଉଦଗୁଣ୍ଟ, ଘାସିଭବାନୀପୁର, ନରେନ୍ଦ୍ରପୁର ଆଦି ଗ୍ରାମରେ ମାତିଛି ପାଗଳା କୁକୁର ଆତଙ୍କ। ଏହି ପାଗଳା କୁକୁରଟି ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ କାମୁଡ଼ି ଦେଉଛି। ଫଳରେ ଗ୍ରାମବାସୀ ରାସ୍ତାରେ ଯାତାୟାତ କରିପାରୁନାହାନ୍ତି। ଇତି ମଧ୍ୟରେ ଏହି ପାଗଳା କୁକୁର ୮ଜଣଙ୍କୁ କାମୁଡ଼ି ଦେଇଥିବାରୁ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେଜଣ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ କେତେଜଣ ଗୁରୁତର ହୋଇଥିବାରୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଭଗବାନ ଜେନା, ରମାମଣୀ ମହାପାତ୍ର, କବିତା ନାୟକ, କାବେରୀ ଭୋଇ, ଚନ୍ଦୁରୀ ସାହୁ ପ୍ରମୁଖ। କୁକୁର ଯାହାକୁ ଦେଖୁଛି ତାକୁ ଗୋଡାଇ କାମୁଡ଼ିଛି। ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ପିଲାଛୁଆ କେହି ବି ଘରୁ ବାହାରକୁ ଯାଇପାରୁ ନାହାନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

**ବଳଙ୍ଗା, ୭।୬(ଡି.ଏନ୍.ଏ):** ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୯୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀ(୨୮)ଙ୍କ ସହିତ ସେହି ଗ୍ରାମର ଜଣେ ଯୁବକଙ୍କର ୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲେ। ୧୦ ଦିନ ତଳେ ସେହି ଯୁବକଙ୍କର ଅନ୍ୟ ଏକ ସ୍ଥାନରେ ବିବାହ ପ୍ରସ୍ତାବ ପଡ଼ିବା ନେଇ ପୀଡ଼ିତା ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଯୁବକଙ୍କୁ ଫୋନ ଯୋଗେ ପଚାରିବାରୁ ସେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ଯୁବକଙ୍କ ଘରକୁ ଯାଇ ପୀଡ଼ିତା ଏକଥା ଜଣାଇବାରୁ ପରିବାର ଲୋକେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି।

# କର୍ଡନ ଭିତରେ ରହିବେ ସୀମିତ ସଂଖ୍ୟକ ପାସ୍‌ଧାରୀ

**ପୋଲିସ -ଛତିଶା ନିଯୋଗ ସେବାୟତଙ୍କ ସମନ୍ୱୟ ବୈଠକ**

ପୁରୀ ଅଫିସ, ୭।୬

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୨୦ ତାରିଖରେ ରଥଯାତ୍ରା ହେବାକୁ ଯାଉଥିବା ବେଳେ ସମସ୍ତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା, ଯାତାୟାତ ଆଦି ଯେପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି କନୱର ବିଶାଲ ସିଂ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷର ଘୋଷଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ଆଲୋଚନା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ, ନୀତି ପାଇଁ ଯାତାୟାତ ସମୟରେ ଯେପରି ସେବକଙ୍କୁ କୌଣସି ସମସ୍ୟା ନ ହେବ, ଗତବର୍ଷର ତ୍ରୁଟି ଯେପରି ଚଳିତବର୍ଷ ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସେବାୟତମାନେ ସେମାନଙ୍କ ମତ ରଖିଥିଲେ।

ବୈଠକ ପରେ ଏସ୍‌ପି ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆର୍ଶୀବାଦରୁ ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଆଗକୁ ରଥଯାତ୍ରା ପାଇଁ ଆମେ ପ୍ରସ୍ତୁତ ରହିଛୁ। ସେବାୟତଙ୍କ ସହଯୋଗରେ ସ୍ନାନଯାତ୍ରା ପରି ରଥଯାତ୍ରା ମଧ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ରଖିଛୁ। ସେବାୟତମାନେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ସମସ୍ତଙ୍କ ସହଯୋଗରେ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଅତ୍ୟଧିକ ଲୋକ କର୍ଡନ ଭିତରେ ରହୁଛନ୍ତି। ତେଣୁ କର୍ଡନ ଭିତରେ ସୀମିତ ପାସ୍‌ଧାରୀ ରହିବା, ପହଣ୍ଡି ସମୟରେ ସୀମିତ ଘଣ୍ଟୁଆ, କର୍ଡନ ଭିତରେ ନୃତ୍ୟ ଶିଳ୍ପୀଙ୍କୁ ସୀମିତ ରଖିବା, ନୀତି ଶୃଙ୍ଖଳିତ କରାଯିବା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ସେହିପରି ବରିଷ୍ଠ ସେବକ ତଥା ଶ୍ରୀମନ୍ଦିର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଛନ୍ତି, ଘୋଷଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତି ପାଇଁ ନିୟୋଜିତ ଥିବା ସେବାୟତଙ୍କ ଯାତାୟାତ ଲାଗି ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା, ପାର୍କିଂସ୍ଥାନ, ପୋଲିସ ପକ୍ଷରୁ ସହଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି।



ସମନ୍ୱୟ ବୈଠକରେ ଏସ୍‌ପି କନୱର ବିଶାଳ ସିଂ ଏବଂ ଅନ୍ୟମାନେ।

# ୩ ରଥରେ ଲାଗିଲା ବଡ଼ ଥଳି ପୋଟଳ

ପୁରୀ ଅଫିସ, ୭।୬:

**ରଥଖଳାରୁ ...**

ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥଖଳିରେ ମହାରଣା ସେବକମାନେ ୬ ପରସ୍ତ ପୋଟଳ ନିର୍ମାଣ ସହ ରଥରେ ପୋଟଳ ସଂଯୋଗ ପାଇଁ ଶେଷଭୂଇଁ ଉପରେ ୪ଟି ଲେଖାଏ ପୋଟଳ ଖମ୍ବା, ଦୁଇଟି ଲେଖାଏ ପୋଟଳ ପାରେଣି ସେଟିଙ୍ଗ କରିବା ପରେ ବୁଧବାର ତିନି ରଥରେ ବଡଥଳି ପୋଟଳ ସଂଯୋଗ କରାଯାଇଛି। ତିନିରଥରେ 'ବଡ଼ ଥଳ' ପୋଟଳ ଶେଷ ଭୂଇଁ ଉପରେ ଫିଟିଙ୍ଗ କରାଯିବା ସହ ପୋଟଳକୁ ମୁଣ୍ଡାଇ ଧରି ରଖିବା ପାଇଁ ପୋଟଳ ଚାରିପାର୍ଶ୍ୱରେ ଦୁଇଟି ଲେଖାଏ ଆଠଟି ପୋଟଳ ନାହାକା ସଂଯୋଗ ହୋଇଛି। ତିନିରଥରେ ଖପୁରି, ପାରାଭାଡ଼ିକୁ ମିଶାଇ ମୋଟ ୧୩ ପରସ୍ତ ପୋଟଳ ପଡ଼ିଥାଏ। ସେଥିମଧ୍ୟରୁ ତିନି ରଥରେ 'ବଡ଼ ଥଳ' ପୋଟଳ ପଡ଼ିଛି, ବାକି ୧୨ ପରସ୍ତ ପୋଟଳ ଗୁଡିକରେ ଯୋକା କଣ୍ଟା ବାଡ଼ିଆ ଯାଇ ପୋଟଳ ପ୍ରସ୍ତୁତି ଶେଷ ହୋଇଛି। ତିନିରଥରେ 'ମୂଳ କଇଁଚି' ବାଡ଼ିଆ ସରିଛି। ଚାରିନାହାକାର ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏ ୬/୪ ସାଇଜ ୧୬ ଫୁଟର ୪ଟି କଇଁଚି କାଠକୁ କ୍ରସ କରି ଉଭୟ ପାର୍ଶ୍ୱରେ ବାଡ଼ିଆ ଯାଇଛି। ଏହା ଚାରିନାହାକାକୁ ମଜବୁତ ରଖିଥାଏ। ତିନିରଥର ଦଧି ନଉତି କଳସପେଣ୍ଡିରେ ପାଖୁଡା ସଂଯୋଗ ସରିଛି। ଏଥିରେ ଆଲମିନିୟମ ଚଦର ଫିଟିଙ୍ଗ କରାଯିବା ପରେ ଚିତ୍ରକର ସେବକ ସେଥିରେ ପଦ୍ମ ପାଖୁଡା ଚିତ୍ର କରିବେ। ତିନିରଥର ସମ୍ମୁଖ ଦୁଇ ବ୍ରେକ ଚକକୁ ସୁରକ୍ଷା ଦେବା ପାଇଁ ଚକ ଉଭୟ ପାର୍ଶ୍ୱରେ ୪ଟି ଲେଖାଏ ଲୁହାପ୍ଲେଟ ନଟ୍ ବୋଲ୍ଟ ଦ୍ୱାରା ଫିଟିଙ୍ଗ କରାଯାଇଛି। ରଥ ଗଡିବା ବେଳେ ବ୍ରେକ ପଡ଼ିଲେ ଚକର କୌଣସି କ୍ଷତି ନ ହେବାପାଇଁ ଏହି ପ୍ଲେଟ ଫିଟିଙ୍ଗ ହୋଇଛି। ରୂପକାର ସେବକମାନେ ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିବା ସହ ତାଳଧ୍ୱଜ ରଥର ପଟାଗୁଜରେ ନର ବିରାଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ପଟାଗୁଜ ଗୁଡିକରେ ନର ବିରାଳ, ଗଜ ବିରାଳ, ସିଂହ ବିରାଳ ରୂପ ଖୋଦେଇ ହେବ। ଚିତ୍ରକାର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ, ହଂସପଟା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ପାଇଁ ଧଳା ପ୍ରାଇମର ଦେଉଛନ୍ତି। ଦୋଳବେଦି କମାର ଶାଳରେ ଓଝା ସେବକମାନେ ଜଙ୍ଘାକଣ୍ଟା, ବାଗିଆ, ଗୋଡିଛାଲ ଏବଂ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।


ରଥରେ ବଡ଼ପୋଟଳ ସଂଯୋଗ କରାଯାଉଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁରୀ ଜିଲା ଉଜ୍ଜଳା ଦିଦି ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜିଲା ଉଜ୍ଜଳା ଦିଦି ସଂଘର ବିକ୍ଷୋଭ

ପୁରୀ ଅଫିସ,୭।୬

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘର ପୁରୀ ଜିଲା ଶାଖା ପକ୍ଷରୁ ସେମାନଙ୍କୁ ସମାଜିକ ସୁରକ୍ଷା ଯୋଗାଇ ଦେବା, ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଟି ଗରିବଙ୍କ ଘରେ ଉଜ୍ଜଳା ଗ୍ୟାସ ଯୋଗାଇ ଦିଆଗଲା। ଯଦ୍ଫଳରେ କୋଟି କୋଟି ଲୋକ ଉପକୃତ ହେଲେ। ଏହା ଆମ ଦେଶ ପାଇଁ ଦର୍ଗ ଓ ଗୌରବ ବିଷୟ। ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକୁ କରିବାପାଇଁ ଉଜ୍ଜଳା ଦିଦିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ଦିଗରେ ଦିଦିମାନେ ସହଯୋଗର ହାତ ବଢ଼ାଇଥିଲେ। ମାତ୍ର ସରକାର ସେମାନଙ୍କର କିଛିନ୍ୟାଯ୍ୟ ଦାବିଶୁଣୁନାହାନ୍ତି। ତେଣୁ ସରକାର ଉଜ୍ଜଳା ଦିଦିମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରାଯାଉ, ସମସ୍ତ ଉଜ୍ଜଳା ଦିଦିଙ୍କ ପାଇଁ ସାମାଜିକ ସୁରକ୍ଷା ଦିଆଯାଉ। ଉଜ୍ଜଳା ଦିଦିଙ୍କୁ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦିଆଯାଉ। ଦାବିପତ୍ର ପ୍ରଦାନ ପୂର୍ବରୁ ସଂଘର କର୍ମକର୍ତ୍ତାମାନେ ଟାଉନହଲ ଛକଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କୁ ଆସି ବିକ୍ଷୋଭ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ବସନ୍ତ ସାହୁ, ଭାରତୀୟ ମଜଦୁର ସଂଘ ଜିଲା ସଂଗଠନ ସମ୍ପାଦିକା ଭବାନୀ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ଉପଦେଷ୍ଟା ଜ୍ୟୋତ୍ସ୍ନାରାଣୀ ସିଂ, ଜିଲା ସଂଯୋଜିକା ସୁମିତ୍ରା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବାକୁ ଦାବି

ପୁରୀ ଅଫିସ ୭।୬

ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ମଠ ମନ୍ଦିର ପୁନଃରୁଦ୍ଧାର କରି ତାର ଐତିହ୍ୟ ସୁରକ୍ଷା କରିବା ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଓଡିଶୀ ସଂକୀର୍ତ୍ତନ ଓଡିଶାର ନିଜସ୍ୱ ମୌଳିକ ଲୋକସଙ୍ଗୀତର ପରମ୍ପରା। ଶ୍ରୀଜଗନ୍ନାଥଙ୍କ ସେବାପୂଜା ଓ ମଠ ମନ୍ଦିର ପ୍ରତିଷ୍ଠା ଦିନଠାରୁ ଓଡ଼ିଶୀ ସଂକୀର୍ତ୍ତନର ଧାରା ପ୍ରଚଳନ ହୋଇ ଆସୁଛି। ତେଣୁ ଦେଶ ବିଦେଶରୁ ଆସୁଥିବା ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ। ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହ ସଂପୃକ୍ତ ଗ୍ରାମାଞ୍ଚଳର ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ମଠ ଏବଂ ମନ୍ଦିରକୁ ପୁନରୁଦ୍ଧାର କରି ତାର ଐତିହ୍ୟକୁ ସୁରକ୍ଷା କରାଯାଉ। ଲୋକକଳା ଏକାଡେମୀ ଓ ସଂସ୍କୃତି ଭବନ ପ୍ରତିଷ୍ଠା କରାଯାଇ ସେହି ଅଞ୍ଚଳର ପ୍ରଖ୍ୟାତ ଲୋକ କଳାର ପ୍ରତିଭାଙ୍କ ନାମରେ ନାମିତ କରାଯାଉ । ସତ୍ୟବାଦୀର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ଗବେଷଣା ଚେୟାର ପ୍ରତିଷ୍ଠା ଓ ପ୍ରଖ୍ୟାତ ଲୋକକଳାର ପ୍ରତିଭାମାନଙ୍କ ନାମରେ ଗବେଷଣା ଚେୟାର ପ୍ରତିଷ୍ଠା କରାଯାଉ । ପ୍ରାଦେଶିକ ସୀମା ସୁରକ୍ଷା ପାଇଁ ଭାଷା ଓ ଲୋକ ସଂସ୍କୃତିକୁ ଅଧିକ ପ୍ରସାରିତ କରାଯାଉ ଏବଂ ଜଗନ୍ନାଥଙ୍କ ଧର୍ମ ଓ ସଂସ୍କୃତିକୁ ସଶକ୍ତ କରାଯାଉ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମହାସଂଘର ମୁଖ୍ୟ ଉପଦେଷ୍ଟା ଡ. ପ୍ରସନ୍ନ କୁମାର ପାଢ଼ଶାଣୀ, ଜିଲା ସଭାପତି ନାରାୟଣ ଖୁଣ୍ଟିଆ ଏବଂ ରାଜ୍ୟ ସଭାପତି ପ୍ରଫେସର ଶଶାଙ୍କ ଚୂଡ଼ାମଣି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍‌କୁ ଧକ୍କା ଦେଇ ଓଲଟିଲା ବସ୍ : ୮ ଆହତ

ପୁରୀ ଅଫିସ, ୭।୬

ପୁରୀ ସଦର ଥାନା ଅନ୍ତର୍ଗତ ବାଟ ଗାଁ ନିକଟରେ ବୁଧବାର ଏକ ବସ୍ ଓଲଟି ୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କାଣ୍ଡଗଦା ଅଞ୍ଚଳରୁ ବରଯାତ୍ରୀ ଦଳ ଏକ ବସ୍ (ନଂ. ଓଆର୍ ୧୩ ଏଚ୍ ୫୦୨୦) ଯୋଗେ ପୁରୀ ଓଁକାରେଶ୍ୱର ମନ୍ଦିରକୁ ଆସିଥିଲେ। ବିବାହ କାର୍ଯ୍ୟରେ ଯୋଗଦେଇ ବରଯାତ୍ରୀମାନେ ଫେରୁଥିବା ବେଳେ ବାଟଗାଁ ଛକ ନିକଟରେ ଏକ ବାଇକ୍‌କୁ ସାଇଡରୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ତଳେ ପଡ଼ିଯାଇଥିଲେ। ଚାଳକ ତାଙ୍କୁ ରକ୍ଷା କରିବାକୁ ବସକୁ ସାଇଡ୍ କରିବା ବେଳେ ନିକଟସ୍ଥ ଖାଲରେ ଓଲଟି ପଡିଥିଲା। ଫଳରେ ବାଇକ ଚାଳକଙ୍କୁ ମିଶାଇ ୭ଜଣ ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଉକ୍ତ ବସ୍ ଓ ବାଇକକୁ ଜବତ କରିଛି।

# ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଆହ୍ୱାନ

ପୁରୀ ଅଫିସ, ୭।୬

**ସଚେତନତା ରଥ ଉଦ୍‌ଘାଟିତ**

ପୁରୀ ଜିଲା ଶ୍ରମ ବିଭାଗ ପକ୍ଷରୁ ବୁଧବାର ଶିଶୁ ଶ୍ରମିକ ଉଚ୍ଛେଦ ପ୍ରଥା ସଂକ୍ରାନ୍ତ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ରଥକୁ ଉଦଘାଟନ କରି କହିଥିଲେ, ପ୍ରତ୍ୟେକ ଶିଶୁ ଈଶ୍ୱରଙ୍କ ସନ୍ତାନ। ସେହିପରି ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାକୁ ବିକଶିତ କରାଗଲେ ସେ ସମାଜ ପାଇଁ ସମ୍ବଳ ପାଲଟିବ। ଶିଶୁ ଶ୍ରମିକ ଏକ ଘୃଣ୍ୟ ପ୍ରଥା ହୋଇଥିବାରୁ ଏହାକୁ ସବୁ ସ୍ତରରୁ ପ୍ରତିହତ କରିବାର ଆବଶ୍ୟକତା ରହିଛି। ତେଣୁ ସମ୍ବେଦନଶୀଳ ଓ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଡିଭିଜନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସହକାରୀ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସଚେତନତା ରଥକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ସୁସ୍ଥ ରହିବାକୁ ମିଲେଟ୍ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିମାନେ।

ପୁରୀ ଅଫିସ, ୭।୬

**ଜିଲାସ୍ତରୀୟ ମିଲେଟ୍ ମେଳା**

ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଉପଲକ୍ଷେ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗର ମିଶନ ଲାଇଫ୍ କାର୍ଯ୍ୟକ୍ରମ ସହଯୋଗରେ ଯୁଥ୍ ହଷ୍ଟେଲ ପରିସରରେ ବୁଧବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ମିଲେଟ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଜୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସଙ୍ଗଠକ ବଦ୍ରି ମିଶ୍ର ମୁଖ୍ୟବକ୍ତା, ସାମାଜିକ କର୍ମୀ ଦିଗମ୍ବର ବେହେରା, ଅଧ୍ୟାପକ ସୁକାନ୍ତ ମହାନ୍ତି, ବାଦଲ ବେହେରା ଏବଂ ଭକ୍ତବିହାରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଭାରତ ପାଇଁ ମିଲେଟ୍‌ର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଅତିଥିମାନେ କହିଥିଲେ, ସୁଷମ ଓ ପୁଷ୍ଟିକର ଖାଦ୍ୟ ବଦଳରେ ରାସ୍ତାକଡ଼ ଖାଦ୍ୟ, ଜଙ୍କ୍ ଫୁଡ୍, ଥଣ୍ଡା ପାନୀୟର ବହୁଳ ବ୍ୟବହାର ଯୋଗୁ ଯୁବଗୋଷ୍ଠୀ ମୃତ୍ୟୁମୁଖରେ ପଡୁଥିବା ବେଳେ, ବଦହଜମି, କିଡ୍‌ନୀ ଓ ହୃଦରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ଭାରତବର୍ଷ ପାଇଁ ଚିନ୍ତା ଆଣିଛି। ଏଣୁ ଏକ ସୁସ୍ଥ ପରିବାର ଓ ଦେଶ ପାଇଁ ମିଲେଟ୍ ବ୍ୟବହାର ଏକ ପ୍ରଧାନ ଆବଶ୍ୟକତା। ବିଜ୍ଞାନୀ ସନ୍ଦୀପ ସେନଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଶୋକ ବେହେରା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଇଂ. ପ୍ରଦୀପ୍ତ ପ୍ରଧାନ, ସଞ୍ଜୟ ପ୍ରଧାନ, ଓମ୍ ମହାନ୍ତି, ଶୁଭସ୍ମିତା ପରିଜା, ବାସୁଦେବ ସେନାପତି, କୃଷ୍ଣଚନ୍ଦ୍ର ସାହୁ, ସନ୍ଦୀପ କୁମାର ଜାଲି ଏବଂ ଆଲୋକ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ନିର୍ଯାତନା ଏକ ଘୃଣ୍ୟ କାର୍ଯ୍ୟ

ପୁରୀ ଅଫିସ, ୭।୬

**ସଚେତନତା ଉପରେ ଗୁରୁତ୍ୱ**

ଡାହାଣୀ ସନ୍ଦେହରେ ମହିଳାଙ୍କ ପ୍ରତି ହିଂସା ବା ନିର୍ଯାତନା ଏକ ଘୃଣ୍ୟ କାର୍ଯ୍ୟ। ଏହାକୁ ପ୍ରତି ସ୍ତରରେ ସଚେତନତା ସୃଷ୍ଟି ଦ୍ୱାରା ପ୍ରତିହତ କରିବାକୁ ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି। ବୁଧବାର ସଂସ୍କୃତି ଭବନରେ ଜିଲା ପ୍ରଶାସନ ଏବଂ ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ 'ଡାହାଣୀ ସନ୍ଦେହରେ ମହିଳାଙ୍କୁ ନିର୍ଯାତନା' ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଶିକ୍ଷା ଓ ସଚେତନତାର ଅଭାବ ଯୋଗୁ ଆଜି ମଧ୍ୟ ଗୁଣିଗାରେଡ଼ି ଓ ଡାହାଣୀ ଭଳି କୁସଂସ୍କାର ସମାଜର କ୍ଷତି ସାଧନ କରୁଛି। ଅନେକ ପରିବାର ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ସମାଜର ପ୍ରତିଟି ମଣିଷ ଏହି ଘୃଣ୍ୟ ପ୍ରଥାକୁ ବିରୋଧ କରିବା ସହ ଏହାର ମୂଳୋତ୍ପାଟନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଏସ୍‌ପି ତାରା ଜସ୍‌ମିନ ଗୁରିଆ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଡାହାଣୀ, ଗୁଣିଗାରେଡି, ତନ୍ତ୍ରମନ୍ତ୍ର ଇତ୍ୟାଦି ସନ୍ଦେହକୁ ଯେପରି ସମସ୍ତଙ୍କ ସହଯୋଗରେ ଦୂର କରାଯାଇପାରିବ ତାହାର ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଅଧ୍ୟକ୍ଷତା କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନ ଏଡ଼୍‌ର ପ୍ରୋଗ୍ରାମ ଅଫିସର ତଥା ବିଷୟ ବିଶାରଦ ଘାସିରାମ ପଣ୍ଡା ଏବଂ ବି.ଏନ୍. ଦୁର୍ଗା ଏହାର କାରଣ, ସମାଜରେ ପ୍ରଭାବ, ନିରାକରଣ ଓ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ରଚାରପତ୍ରକୁ ଉନ୍ମୋଚନ କରିଥିଲେ। ବାଲ୍ୟ ବିବାହ ନିଷେଧ ଜିଲା ସଂଯୋଜିକା ରଞ୍ଜିତା ଦାସ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥିମାନେ ସଚେତନତା ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ମେଲ୍ ମେକ୍ଅପ୍ ଆର୍ଟିଷ୍ଟ

## ଏବେ ସବୁଠି ଖୋଜା, ସବୁବେଳେ ଲୋଡ଼ା

ଦିନଥିଲା ମେକ୍ଅପ୍ ବା ଅଙ୍ଗସଜ୍ଜା କହିଲେ କେବଳ ଝିଅମାନଙ୍କୁ ହିଁ ବୁଝାଉଥିଲା। ମେକ୍ଅପ୍ ନେବା ହେଉ କି ଦେବାରେ ସେମାନଙ୍କ ନାମ ହିଁ ଆସୁଥିଲା। କିନ୍ତୁ ସମୟ ବଦଳିବା ସହ ଏହାର ଅର୍ଥ ବି ବଦଳିଲାଣି। ଏ କ୍ଷେତ୍ରରେ ପୁଅମାନେ ସଫଳ ଭବିଷ୍ୟତ ଗଢ଼ିବା ସହ ମେଲ୍ ମେକ୍ଅପ୍ ଆର୍ଟିଷ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ପାଇଲେଣି। ସବୁଠୁ ବଡ଼ କଥା ହେଉଛି, ମେକ୍ଅପ୍‌କୁ ନେଇ ରହିଥିବା ସାମାଜିକ ଚିନ୍ତାଧାରାରେ ମଧ୍ୟ ଏମାନେ ବଡ଼ ପରିବର୍ତ୍ତନ ଆଣିସାରିଲେଣି। ଅନ୍ୟମାନଙ୍କ ପାଇଁ ବି ପ୍ରେରଣା ସାଜିଲେଣି। ଏବେ ବିବାହ, ଉତ୍ସବ, ମହୋତ୍ସବ ଆଦି ଯେକୌଣସି କାର୍ଯ୍ୟକ୍ରମରେ ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କୁ ଖୋଜା ପଡୁଛି। ଦିନେ କାମ ପାଉ ନ ଥିବା, ମାଇଚିଆ ଡାକ ଶୁଣୁଥିବା ଏହି ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କର ଏବେ ଚାହିଦା କାହିଁରେ କ'ଣ। ଏପରିକି ଏ କ୍ଷେତ୍ରରେ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ନାକଟେକୁଥିବା ମା'ବାପା ଏବେ ସୁଯୋଗ ଦେଲେଣି। ରାଜଧାନୀ ଭୁବନେଶ୍ୱରରେ କେତେଜଣ ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କ ସହ କଥା ହେବା ପରେ ସେମାନେ କିପରି ସଂଘର୍ଷରୁ ସଫଳତାର ଶୀର୍ଷରେ ପହଞ୍ଚି ନୂଆ ଟ୍ରେଣ୍ଡ୍ ଆଣିଛନ୍ତି ତାହାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।



### ୩୦ ବ୍ୟାଚ୍ ପିଲାଙ୍କୁ ମେକ୍ଅପ୍ ଶିକ୍ଷା ଦେଇଛନ୍ତି ସୁନୀଲ

ମଡର୍ନ ମେକ୍ଅପ୍ ସହ ନାଚୁରାଲ ଲୁକ୍‌କୁ ନେଇ ଚର୍ଚ୍ଚାରେ ଅଛନ୍ତି ସୁନୀଲ କୁମାର ସାହୁ। ସୋନୁ ମେକ୍ ଓଭର୍ ନାମରେ ପରିଚୟ ପାଇଥିବା ସୁନୀଙ୍କ ମେକ୍ଅପ୍ ଯାତ୍ରା ତାଙ୍କ ମା'ଙ୍କ ଠାରୁ ଆରମ୍ଭ ହୋଇଥିଲା। ଏଯାବତ୍ ୭ବର୍ଷର କ୍ୟାରିୟର ଭିତରେ ୩୦ ବ୍ୟାଚ୍ ପିଲାଙ୍କୁ ସେ ମେକ୍ଅପ୍ ଶିକ୍ଷା ଦେଇସାରିଲେଣି। ତାଙ୍କ ମେକ୍ଅପ୍ ମୂଲ୍ୟ ୧୫ ହଜାରରୁ ଆରମ୍ଭ। ପୋଖରୀପୁଟଠାରେ ତାଙ୍କ ମେକ୍ଅପ୍ ଷ୍ଟୁଡିଓ ରହିଛି। ସେ ତାଙ୍କର ଅନୁଭୂତିକୁ ପ୍ରକାଶ କରି କହିଛନ୍ତି, କେବଳ ପୁଅ ବୋଲି ହିଁ ପ୍ରଥମରୁ କାମ ମିଳୁ ନ ଥିଲା। ପୁଅପିଲା କ'ଣ ମେକ୍ଅପ୍ ଦେବେ ବୋଲି ଚିନ୍ତାଧାରା ରହିଥିଲା। ଅନେକେ ପ୍ରତ୍ୟାଖ୍ୟାନ କଲେ ବି କିଛି ସହଯୋଗ କରୁଥିଲେ। ଧୀରେଧୀରେ କାମ ଆରମ୍ଭ କରିଦେଇଥିଲି। ଆଉ ଏବେ ତ ଏମିତି ସମୟ ଆସିଛି ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କ ଚାହିଦା ବଢ଼ୁଛି।

### କେହି ବୁକିଂ କଲେ ସାଙ୍ଗରେ ଝିଅଟିଏ ନେବାକୁ ସର୍ତ୍ତ ରଖୁଥିଲେ




ମାନବ କୁମାର। ଘର କେନ୍ଦ୍ରାପଡ଼ାରେ, କିନ୍ତୁ କର୍ମକ୍ଷେତ୍ର ଏବେ ଭୁବନେଶ୍ୱରରେ। ଏବେ ସେ ରାଜଧାନୀର ଅଧିକ ଡିମାଣ୍ଡ୍ ଥିବା ମେକ୍ଅପ୍ ଆର୍ଟିଷ୍ଟ। ବ୍ରାଇଡାଲ ମେକ୍ଅପ୍ ସହ ହେୟାର ଷ୍ଟାଇଲ୍ ଦେବାରେ ତାଙ୍କର ଭଲ ଦକ୍ଷତା ରହିଛି। ଦିଲ୍ଲୀରୁ ପ୍ରଫେସନାଲ କୋର୍ସ କରିଛନ୍ତି ମାନବ। ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କୁ ନେଇ ସେ କହିଛନ୍ତି, ପୁଅ ହୋଇ ମେକ୍ଅପ୍‌ରେ କ୍ୟାରିୟର ଆରମ୍ଭ କରିବା ସହଜ ନ ଥିଲା। ପୁଅ ମେକ୍ଅପ୍ ଦେଲେ ଲୋକଙ୍କ ଚିନ୍ତାଧାରା ଥିଲା ପାଠ କମ୍ ପଢ଼ିଥିବ। ପରିବାରଠୁ ନେଇ କେତେ ଲୋକ କେତେ କଥା କହୁଥିଲେ। କେହି ମେକ୍ଅପ୍ ପାଇଁ ବୁକିଂ କଲେ ବି ସାଙ୍ଗରେ ଝିଅଟିଏ ନେବାକୁ ମଧ୍ୟ ସର୍ତ୍ତ ରଖୁଥିଲେ। ପାର୍ଲର ଅଧିକ ଥିଲା। ମେକ୍ଅପ୍ ଆର୍ଟିଷ୍ଟ କମ୍ ଥିଲେ। ପାର୍ଲରେ ବିଭିନ୍ନ କାମ କରାଯାଏ। କିନ୍ତୁ ମେକ୍ଅପ୍ କରୁଥିବା ଲୋକ କେବଳ ମେକ୍ଅପ୍ ଦେବାରେ ହିଁ ଧ୍ୟାନ ଦେଇଥାଏ। ଆଉ ଏବେ ମେଲ୍ ମେକ୍ଅପ୍ ଆର୍ଟିଷ୍ଟଙ୍କ କାମ ଭଲ ବୋଲି ପ୍ରାୟ ହୃଦୟଙ୍ଗମ କଲେଣି। ସମାଜରେ ଗ୍ରହଣ ମଧ୍ୟ କଲେଣି। ମେକ୍ଅପ୍ ଦେବା ସହ ଭଲ ବ୍ୟବହାର, ଭଲ କାମ ଦେବାକୁ ମୁଁ ସବୁବେଳେ ଚେଷ୍ଟା କରିଥାଏ। ମେକ୍ଅପ୍‌ରେ କ୍ୟାରିୟର ସୁଯୋଗ ରହିଛି। ଏହି କଳା ଯାହା ପାଖେ ରହିଛି ନୂଆ ଜ୍ଞାନ କୌଶଳକୁ ଆପଣାଇ କ୍ୟାରିଅର କଲେ ଲାଭ ଅଛି।

### ଆଣ୍ଡିଙ୍କ ମେକ୍ଅପ୍ ୨୦ ହଜାରରୁ ଆରମ୍ଭ

ଭୁବନେଶ୍ୱରରେ ୫ବର୍ଷ ଧରି ମେକ୍ଅପ୍ ଆର୍ଟିଷ୍ଟ ଭାବେ କାମ କରୁଛନ୍ତି ଆଣ୍ଡି। ଘର କେନ୍ଦୁଝରରେ ହୋଇଥିବାବେଳେ ବୟସ ମାତ୍ର ୨୫। ଖଲ୍ଲିକୋଟ କଳା ମହାବିଦ୍ୟାଳୟରୁ ପାଠପଢ଼ା ସରିବା ପରେ ସେ ମେକ୍ଅପ୍ ବୃତ୍ତିକୁ ଆଦରି ନେଇଥିଲେ। ଭୁବନେଶ୍ୱରରେ ଆଣ୍ଡି ମେକ୍ଅପ୍ ଆର୍ଟିଷ୍ଟ ନାମରେ ସେ ବେଶ୍ ପରିଚିତ। ସେଲିବ୍ରିଟି ହୁଅନ୍ତୁ କି ମଡେଲ ସମସ୍ତେ ତାଙ୍କ ହାତରେ ମେକ୍ଅପ୍ ହେବାକୁ ଚାହିଁଥାନ୍ତି। କିନ୍ତୁ ଏହି ପରିଚୟ ପାଇବାକୁ ତାଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ପ୍ରଥମେ ପ୍ରଥମେ କାମ ମିଳିବା କଷ୍ଟକର ହୋଇପଡୁଥିଲା। ପୁଅ ହୋଇଥିବାରୁ ବ୍ରାଇଡାଲ ମେକ୍ଅପ୍ ପାଇଁ ଲୋକେ ରାଜି ହେଉ ନ ଥିଲେ। ଏମିତିକି ବୁକିଂ ହୋଇ ମଧ୍ୟ ଅନେକଥର କ୍ୟାନସଲ ହୋଇଛି। ତେବେ ମେକ୍ଅପ୍ କହିଲେ ଯେ କେବଳ ଝିଅଙ୍କୁ କହିବା ବା ବୁଝିବା ଏହାକୁ ସେ ଗ୍ରହଣ କରିନାହାନ୍ତି। ଆଣ୍ଡି କୁହନ୍ତି, ମେକ୍ଅପ୍ ଗୋଟେ କଳା। ଏହା ଯାହା ପାଖରେ ଅଛି ସେ କରିପାରିବ। ପୁଅମାନେ ମେକ୍ଅପ୍ କଲେଣି। ଆଉ ସେମାନେ ଭଲ ବି କରିପାରୁଛନ୍ତି। ଆଣ୍ଡିଙ୍କ ମେକ୍ଅପ୍ ୨୦ ହଜାରରୁ ଆରମ୍ଭ। ନାଚୁରାଲ ମେକ୍ଅପ୍ ଦେବାରେ ସେ ବେଶ୍ ପାରଙ୍ଗମ। ଦିନକୁ ଦିନ ମେକ୍ଅପ୍‌ର ଚାହିଦା ବଢ଼ୁଥିବାରୁ ଏହି କ୍ଷେତ୍ରରେ କ୍ୟାରିୟର ମଧ୍ୟ କରାଯାଇପାରିବ ବୋଲି ସେ କହିଛନ୍ତି।



ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରୁପମା



@ ବିମଳ



@ ଶୁଭେନ୍ଦୁ



@ ଦିଲ୍ଲୀପ



@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସତ୍‌ସଙ୍ଗ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ୫୬ତମ ଜନ୍ମ ଉତ୍ସବ, ସତ୍‌ସଙ୍ଗ ବିହାର, ଭୋର୍ ୪ଟା।
- ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଜିଭିଟ୍‌ଜା ହେଲ୍‌ଥକେୟାରର ରକ୍ତଦାନ ଶିବିର, ଏନ୍‌ଏଚ୍‌ଏମ୍ ଓଡ଼ିଶା, ଆନେକ୍ସ ବିଲ୍ଡିଂ, ନୟାପଲ୍ଲୀ, ଅପରାହ୍ନ ୫ଟା।
- ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୬ତମ ବାର୍ଷିକ ନୃତ୍ୟ ମହୋତ୍ସବ, ନୃତ୍ୟମ୍ବଦା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ମା' ଦୁର୍ଗାଙ୍କ ନବନିର୍ମିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟପୂଜା, ବାଲିଅନ୍ତା ଡାମରା, ସକାଳ ୮ଟା।
- ଉଦୟଭାନୁ ଯୁବ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଅଗଣା ମଝିରେ ବାସି ତୁଳସୀ' ମଞ୍ଚସ୍ଥ, ଅଟଳା ଗ୍ରାମ ସ୍କୁଲ ନିକଟ ପଡ଼ିଆ, ରାତି ୧୧ଟା।

**କଟକ**

- ସାହାରା ଜମାକାରୀ ମଞ୍ଚ ପକ୍ଷରୁ ଗଣସତ୍ୟାଗ୍ରହ, ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କୋ ଲିମିଟେଡ୍ ପକ୍ଷରୁ ରେଳ ଦୁର୍ଘଟଣା ପୀଡ଼ିତଙ୍କୁ ରିଲିଫ୍ ବଣ୍ଟନ, ଏସ୍‌ସିବି ମେଡିକାଲ, ପୂର୍ବାହ୍ନ ୧୧ଟା।

# ଶିକ୍ଷା ଭିତ୍ତିଭୂମି, ଶୈକ୍ଷିକ ପରିବେଶରେ ଆହୁରି ଉନ୍ନତି ହେବ

### ୨ ଜାତୀୟସ୍ତରୀୟ ସଂସ୍ଥା ସହ ଗଣଶିକ୍ଷା ବିଭାଗର ଏମ୍‌ଓୟୁ

ଭୁବନେଶ୍ୱର,୭।୬(ବ୍ୟୁରୋ)




ଏମ୍‌ଓୟୁ ଅବସରରେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଅନ୍ୟମାନେ।

ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ଓ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶରେ ଆହୁରି ଉନ୍ନତି ଆସିବ। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହାଉସ୍ ସିଷ୍ଟମ୍ ଓ ସ୍କୁଲ କ୍ଲବ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର ଦୁଇଟି ଜାତୀୟସ୍ତରୀୟ ସଂସ୍ଥା ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ରୂପାନ୍ତରିତ ବିଦ୍ୟାଳୟରେ ଅସ୍ପିରେଶନାଲ୍ କରିକୁଲମ୍ ଆରମ୍ଭ କରିବାକୁ 'ମୋ ସ୍କୁଲ ଅଭିଯାନ' ଏବଂ ଶିକ୍ଷାକ୍ଷେତ୍ରରେ ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା 'ମ୍ୟାଜିକ୍ ବସ୍ ଫାଉଣ୍ଡେଶନ୍' ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ପିଲାଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ଛାତ୍ରୀଛାତ୍ରଙ୍କ ପାଇଁ ଗଣିତ ଶିକ୍ଷାକୁ ସହଜ କରିବାକୁ 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ଏବଂ ଜାତୀୟସ୍ତରୀୟ ସଂସ୍ଥା 'ଖାନ୍ ଏକାଡେମୀ' ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଓଡ଼ିଶାର ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ 'ଖାନ୍ ଏକାଡେମୀ' ଉପାଦେୟ ଶିକ୍ଷଣ ଉପକରଣ ଯୋଗାଇଦେବ। ଏହା ସହ ଗଣିତ ଶିକ୍ଷକଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ତଥା 'ମୋ ସ୍କୁଲ ଅଭିଯାନ' ପରିଚାଳନା ସଂଗଠନର ସଦସ୍ୟ ସଚିବ ଅନୁପମ ଶାହା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର, 'ମୋ ସ୍କୁଲ'ର କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମ୍ୟାଜିକ୍ ବସ୍ ଫାଉଣ୍ଡେଶନ୍‌ର ଅଜୟ ରାସ୍ତୋଗୀ, 'ଖାନ୍ ଏକାଡେମୀ'ର ପ୍ରତିନିଧି ଶୁଭ୍ରା ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହାପୂର୍ବରୁ ଗତ ଜୁନ୍ ୫ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସିଙ୍ଗାପୁରର ଆଇଟିଇ ଏଜୁକେଶନ୍ ସର୍ଭିସେସ୍ ମଧ୍ୟରେ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଏବ ପ୍ରଶିକ୍ଷଣ କ୍ଷେତ୍ରରେ ସହଯୋଗିତା ପାଇଁ ସିଙ୍ଗାପୁରଠାରେ ପ୍ରବାସୀ ଓଡ଼ିଶା ଦିବସ ପାଳନ ଅବସରରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଓସେପା ନିର୍ଦ୍ଦେଶକ ନୁପମ ଶାହା, ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍ ତରଫରୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବ୍ରୁସ୍ ପୋ ଜିଓକ୍ ହୁଆଟ୍ ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଲିମ୍ ବୁନ୍ ତିଓଙ୍ଗ୍ ଉପସ୍ଥିତ ରହି ଚୁକ୍ତିକ୍ତିନାମା ସ୍ୱାକ୍ଷର କରିଥିଲେ।



ଭୁବନେଶ୍ୱର ୟୁନିଟି-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟୁ ରାଜସ୍ଥାନ କଟନଫାବ୍ ମେଳା'ର ଏକ ଷ୍ଟଲ୍‌ରେ ଗ୍ରାହକମାନେ କିଣାକିଣି କରୁଛନ୍ତି।

# ରାଜଧାନୀରେ 'ନ୍ୟୁ ରାଜସ୍ଥାନ କଟନଫାବ୍ ମେଳା'

### ଅଗଷ୍ଟ ୧ ପର୍ଯ୍ୟନ୍ତ ଚାଲିବ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା

ଭୁବନେଶ୍ୱର,୭।୬

ଦେଶର ପ୍ରମୁଖ କୋଅପରେଟିଭ ସୋସାଇଟି 'ଦି କାମଧେନୁ ଖଦି ଉଲ୍ ପାନିପଥ' ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ (ଗେଟ୍ ନଂ-୩) ଠାରେ 'ନ୍ୟୁ ରାଜସ୍ଥାନ କଟନଫାବ୍ ମେଳା' ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସୋସାଇଟିର ସାଧାରଣ ସମ୍ପାଦକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୋସାଇଟିର ବହୁ ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ମେଳା ଅଗଷ୍ଟ ୧ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସାରା ଦେଶରୁ ଆସିଥିବା ବୁଣାକାର ଓ କାରିଗରମାନେ ଭିନ୍ନ ଭିନ୍ନ ସାମଗ୍ରୀ ବିକ୍ରି ଓ ପ୍ରଦର୍ଶନ କରୁଛନ୍ତି। ଏପରିକି ପ୍ରତି କ୍ରୟ ଉପରେ ୨୦%ର ବିଶେଷ ରିହାତି ସାଙ୍ଗକୁ ୫୦୦୦ଟଙ୍କାରୁ ଅଧିକ ବିଲିଂ (କାରବାର)ରେ ଗ୍ରାହକ ଏକ ଲକି କୁପନ ମଧ୍ୟ ମାଗଣାରେ ପାଇପାରିବେ। ଉକ୍ତ କୁପନ ମେଳାର ଉଦ୍‌ଯାପନୀ ଉତ୍ସବରେ ମେଗା ଲକି ଡ୍ର ଜରିଆରେ ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ଉପହାର ଯଥା ପ୍ରଥମ ପୁରସ୍କାର ଭାବେ ୱାଶିଂ ମେଶିନ ଜିତିବାର ସୁଯୋଗ ରହିଥିବାବେଳେ ୨ୟ ପୁରସ୍କାର ଡବଲ ଡୋର ରେଫ୍ରିଜରେଟର ଏବଂ ୩ୟ ପୁରସ୍କାର ସ୍ମାର୍ଟ ଏଲ୍‌ଇଡି ଟିଭି ସମେତ ୧୦ଟି ସାନ୍ତ୍ୱନାମୂଳକ ପୁରସ୍କାର ଗ୍ରାହକମାନେ ଜିତିପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦେଶର ପ୍ରମୁଖ ୧୫ ରାଜ୍ୟର ୧୦୦ ରୁ ଅଧିକ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ କରୁଛନ୍ତି। ଏପରିକି ଲକ୍ଷ୍ନୌ(ୟୁପି)ର ଚିକନ ୱାର୍କ ଡ୍ରେସ୍ ମ୍ୟାଟେରିଆଲ୍ସ,ଶାଢ଼ି, କୁର୍ତ୍ତା ପାଇଜାମା, ଟପ୍‌ସ ଆଦି ଉପଲବ୍ଧ। ସେହିଭଳି ରାଜସ୍ଥାନର ବ୍ଲକ ପ୍ରିଣ୍ଟେଡ୍, କୋଟା ଡୋରିଆ ଡ୍ରେସ୍ ମ୍ୟାଟେରିଆଲ୍ସ, ଲେଡିଜ କୁର୍ତ୍ତା, ଲେହେଙ୍ଗା-ଚୁଲି, ମାଲାମାଲ, ବନ୍ଧେଇ ସୁଟ, ସ୍କିର୍ଟ ଟପ୍, ସାଲୱାର ଆଣ୍ଡ ଦୁପଟା ସମେତ ପଶ୍ଚିମବଙ୍ଗର ଶାନ୍ତିନିକେତନ ତନ୍ତ, ଖିନ୍ତା, ଡାକେଇ ଜାମଦାନୀ ଶାଢ଼ି, ଟସର ଡ୍ରେସ୍ ମ୍ୟାଟେରିଆଲ୍ସ, ସିଫନ ଆଣ୍ଡ କ୍ରେପ୍ ଉପଲବ୍ଧ। ସେହିପରି ଆନ୍ଧ୍ରପ୍ରଦେଶର କଳାମକାରୀ ଭେଜିଟେବଲ ଡାଏଡ, ମଙ୍ଗଳଗିରି, ଗଡ୍‌ୱାଲ ଜରି ବଡର ଡ୍ରେସ୍ ମ୍ୟାଟେରିଆଲ୍ସ ସମେତ ଉତ୍ତରପ୍ରଦେଶର ବନାରସ ସିଲ୍କ ଆଣ୍ଡ କଟନ ଶାଢ଼ି, ସୁଟ୍ ମ୍ୟାଟେରିଆଲ୍ସ ସହିତ ବିଭିନ୍ନ ରାଜ୍ୟର କାରୁକାର୍ଯ୍ୟଭରା ଅଳଙ୍କାର ଓ ଷ୍ଟୋନ୍ ଏବଂ ଆର୍ଟିଫିସିଆଲ ଜୁଏଲେରି ଭଳି ଅନେକ ସୌଖୀନ ସାମଗ୍ରୀ ଉପଲବ୍ଧ। ସୂଚନାଯୋଗ୍ୟ, ଉକ୍ତ ମେଳାରେ ପଞ୍ଜାବ, ହରିୟାଣା,ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ରାଜ୍ୟର ବ୍ୟବସାୟୀ ସାମିଲ ଅଛନ୍ତି। ଏହି ମେଳା ପ୍ରତିଦିନ ପୂର୍ବାହ୍ନ ୧୧ ରୁ ରାତି ୯ ଘଡିକା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଲୁହାପଥର ଦାମ ବୃଦ୍ଧି, ଚିନ୍ତାରେ ଶିଳ୍ପସଂସ୍ଥା

## କର୍ମଚାରୀ କ୍ଷତିଗ୍ରସ୍ତ ହେବା ଆଶଙ୍କା

କେନ୍ଦୁଝର,୭।୬(ସ୍ୱ.ପ୍ର.)

ଦୀର୍ଘଦିନ ହେଲା ଓଏମ୍‌ସି ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ପରିବହନ ବନ୍ଦ ରହିଛି। ଏଥିଯୋଗୁ ଲୁହାପଥର ମୂଲ୍ୟ ବୃଦ୍ଧି ପାଇଥିବାରୁ ପେଲେଟ ପ୍ରସ୍ତୁତରେ ବ୍ୟାପକ କ୍ଷତି ହେଉଛି। ଫଳରେ ଏହାର ପ୍ରଭାବ ବିଭିନ୍ନ ଶିଳ୍ପ ଉପରେ ପଡୁଥିବାରୁ ଶିଳ୍ପସଂସ୍ଥାଗୁଡ଼ିକ ଚିନ୍ତାରେ ରହିଛନ୍ତି। ଯେଉଁମାନଙ୍କର ନିଜସ୍ୱ ଖଣି ଅଛି, ସେମାନେ ନିଜର ଇସ୍ପାତ କାରଖାନା ପାଇଁ ପେଲେଟ ଉତ୍ପାଦନ କରୁଛନ୍ତି। ଅନ୍ୟ ଖଣି ଉପରେ ନିର୍ଭରଶୀଳ ଛୋଟ ଶିଳ୍ପସଂସ୍ଥା ଲୁହାପଥର ଦାମ ବୃଦ୍ଧି ଯୋଗୁ ଉତ୍ପାଦନ କରିପାରୁନାହାନ୍ତି। ଏଭଳି କ୍ଷେତ୍ରରେ ଅନେକ ସଂସ୍ଥା ବନ୍ଦହେବା ଆଶଙ୍କା ପ୍ରକାଶ ପାଇଛି।

ବିଭିନ୍ନ ଶିଳ୍ପସଂସ୍ଥାଠାରୁ ମିଳିଥିବା ସୂଚନା ଅନୁଯାୟୀ, ମାର୍କେଟରେ ପେଲେଟର ପ୍ରତି ଟନ୍ ପିଛା ମୂଲ୍ୟ ପାଖାପାଖି ୭୪୦୦ ଟଙ୍କା ରହିଥିବା ବେଳେ ଲୁହାପଥରର ମୂଲ୍ୟ ପାଖାପାଖି ୫୧୦୦ ଟଙ୍କା ରହିଛି। ପରିବହନ ଭଡ଼ା, ଲୁହାପଥରକୁ ତରଳାଇ ସେଥିରେ ଅନ୍ୟ ସାମଗ୍ରୀ ମିଶାଇ ପେଲେଟ ପ୍ରସ୍ତୁତ କରିବା ବେଳକୁ ଟନ୍ ପିଛା ପାଖାପାଖି ୯୫୦୦ ଟଙ୍କା ପଡୁଛି। ଏଭଳି ପରିସ୍ଥିତିରେ ପାଖାପାଖି ଟନ୍ ପିଛା ୨୫୦୦ ଟଙ୍କା କ୍ଷତି ହେଉଛି। ଫଳରେ ପେଲେଟ ଉତ୍ପାଦନ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ଷ୍ଟିଲ ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହେଲେ ଷ୍ଟିଲ ଉତ୍ପାଦନ ହ୍ରାସ ପାଇବ। କେନ୍ଦୁଝର ବ୍ୟତୀତ ଅନ୍ୟାନ୍ୟ ଜିଲାର ବହୁ ଛୋଟ ପେଲେଟ ଉତ୍ପାଦନ କରୁଥିବା ଶିଳ୍ପସଂସ୍ଥା ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଭଳି ସରକାରୀ ସଂସ୍ଥା ଖଣି ଉପରେ ନିର୍ଭର କରିଥାନ୍ତି। କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଖଣିରୁ ଜିଲା ତଥା ଜିଲା ବାହାର ଏପରିକି ରାଜ୍ୟ ବାହାରର ବିଭିନ୍ନ ଶିଳ୍ପସଂସ୍ଥା ଲୁହାପଥର କିଣି ସେଥିରୁ ପେଲେଟ, ଷ୍ଟିଲ୍ ଆଦି ପ୍ରସ୍ତୁତ କରିଥାନ୍ତି। ଲୁହାପଥର ମୂଲ୍ୟ ବୃଦ୍ଧି ଯୋଗୁ କେନ୍ଦୁଝର ଜିଲାର ଏମ୍‌ଏସ୍‌ପି ବ୍ୟତୀତ ଶ୍ରୀମେଟାଲିକ୍ସ, ଆରଡେଣ୍ଟ, ଜିନ୍ଦଲ, ଆରିୟା ଆଦି ପେଲେଟ ଉତ୍ପାଦନ ଶିଳ୍ପସଂସ୍ଥା ମଧ୍ୟରୁ କେତେକ ଛାଡ଼ି ଦେଲେ ଅନ୍ୟମାନେ ଲୁହାପଥର କିଣି ପେଲେଟ ପ୍ରସ୍ତୁତ କରୁନାହାନ୍ତି। ବର୍ତ୍ତମାନ ବିଶ୍ୱ ବଜାରରେ ପେଲେଟର ଦାମ କମିଯିବା ଫଳରେ ଶିଳ୍ପସଂସ୍ଥା (ଲୁହାପଥର କ୍ରେତା)ମାନେ କ୍ଷତି ହେବା ଆଶଙ୍କା କରି ଲୁହାପଥର କିଣୁନାହାନ୍ତି। ଅନ୍ୟପକ୍ଷରେ ଗ୍ରେଡ୍ ଫେଲ୍ ହେଉଥିବାରୁ କେତେକ କ୍ରେତା ଲୁହାପଥର କିଣିବାକୁ ଆଗ୍ରହ କରୁ ନ ଥିବା ଅଭିଯୋଗ ହେଉଛି। ଯଦି ଏଭଳି ଧାରା ଲାଗି ରହିବ ତେବେ ବହୁ ଛୋଟ ଶିଳ୍ପସଂସ୍ଥା କ୍ଷତିଗ୍ରସ୍ତ ହୋଇ ବନ୍ଦହେବା ଆଶଙ୍କା ରହିଛି। ଫଳରେ କର୍ମଚାରୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ମତପ୍ରକାଶ ପାଇଛି।

ଏ ନେଇ ଓଏମ୍‌ସିର ସିନିୟର ମ୍ୟାନେଜର ପ୍ରିୟରଞ୍ଜନ ରାଉତ କହିଛନ୍ତି, ଗ୍ରେଡ୍ ଫେଲ୍ କଥାର କୌଣସି ସତ୍ୟତା ନାହିଁ। ତେବେ ପେଲେଟ ଦର କମିଯିବାରୁ ଶିଳ୍ପ ସଂସ୍ଥାଗୁଡ଼ିକ ନେଉନାହାନ୍ତି। ଖୁବ୍‌ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ। ଶ୍ରୀମେଟାଲିକ୍ସ ଲି. ସଭାପତି ସରୋଜ ବିଶ୍ୱାଳ କହିଛନ୍ତି, ଲୁହାପଥର ମୂଲ୍ୟ ହ୍ରାସ ନ ପାଇଲେ ଶିଳ୍ପସଂସ୍ଥା ପୂର୍ଣ୍ଣଭାବରେ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ନିଜସ୍ୱ ଖଣି ଥିବା ସଂସ୍ଥା ପରିସ୍ଥିତି ମୁକାବିଲା କରିପାରିବେ, କିନ୍ତୁ ଛୋଟ ସଂସ୍ଥାଗୁଡ଼ିକୁ ଅସୁବିଧା ହେବ। ଏମ୍‌ଏସ୍‌ପି ଷ୍ଟିଲର ବରିଷ୍ଠ ମ୍ୟାନେଜର ସଞ୍ଜୟ ସାହୁ କହିଛନ୍ତି, ବଜାରରେ ପେଲେଟ ଦର କମିଯିବାରୁ ଶିଳ୍ପ ସଂସ୍ଥା କ୍ଷତିଗ୍ରସ୍ତ ହେଉଛନ୍ତି। ଜିଲାରେ କେତେକ ଶିଳ୍ପସଂସ୍ଥା ଉତ୍ପାଦନ ବନ୍ଦ କରିଥିବା ବେଳେ ଅନ୍ୟ ସବୁ ମଧ୍ୟ ବନ୍ଦ କରିବା ଅପେକ୍ଷାରେ ରହିଛନ୍ତି। ଏଣୁ ଲୁହାପଥର ଦର କମ୍ ହେଲେ ସମସ୍ତେ ଉପକୃତ ହୋଇପାରିବେ।

ସୂଚନାଯୋଗ୍ୟ, ସାଧାରଣତଃ ଲୁହାପଥରର ମୂଲ୍ୟ ଗ୍ରେଡ୍ ଅନୁଯାୟୀ ନିର୍ଦ୍ଧାରଣ ହୋଇଥାଏ। ଓଏମ୍‌ସି ଏହାର ନିଲାମ କରିଥାଏ। ଓଏମ୍‌ସି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟକୁ ଲୁହାପଥର ଠିକ୍ ମୂଲ୍ୟ ଭାବରେ ଘୋଷଣା ହୋଇ କାରବାର ହୋଇଥାଏ। ଏବେ ପୁଣି ଟେଣ୍ଡର ପରେ ଓ ଲୁହାପଥର ମୂଲ୍ୟ ହ୍ରାସ ପାଇବା ଆଶଙ୍କା ଥିବାରୁ ପରିସ୍ଥିତି ସୁଧୁରିବା ନେଇ ଶିଳ୍ପସଂସ୍ଥାଗୁଡ଼ିକ ଆଶା ବ୍ୟକ୍ତ କରୁଛନ୍ତି।

# ପ୍ରତ୍ୟେକ ପଞ୍ଚାୟତରେ ଖୋଲିଲା ପାଠାଗାର ଓ ଭିଡିଓ ସମ୍ମିଳନୀ ଗୃହ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଭାସି ଜରିଆରେ ପାଠାଗାର ଶୁଭାରମ୍ଭ କରାଯାଉଛି।

ବୌଦ୍ଧ,(ସ୍ୱ.ପ୍ର.)/ ଭୁବନେଶ୍ୱର(ବ୍ୟୁରୋ), ୭।୬

ବୌଦ୍ଧ ଜିଲାରେ ଥିବା ୩ଗୋଟି ବ୍ଲକର ୬୯ ଗୋଟି ଗ୍ରାମପଞ୍ଚାୟତରେ ପାଠାଗାର ଓ ଭିଡିଓ ସମ୍ମିଳନୀ ଗୃହ ବୁଧବାର ଆଭାସି ଜରିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ କହିଥିଲେ, ରାଜ୍ୟର ବିକାଶରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ୯୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ଜିଲାରେ ଏହି ପାଠାଗାରଗୁଡ଼ିକ ଶିକ୍ଷାର ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଜିଲାର ବିକାଶରେ ସହାୟକ ହେବ। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗଦେଇ ପାଠାଗାରଗୁଡିକ ସୁପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଆଭାସି ଜରିଆରେ ୬୯ଟି ଗ୍ରାମପଞ୍ଚାୟତର କର୍ମକର୍ତ୍ତା ଓ ଅଧିକାରୀ, ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗଦେଇ ପାଠାଗାର ଖୋଲାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। କଣ୍ଟାମାଳ ବ୍ଲକ ପଲସାଗୋରା ସରପଞ୍ଚ ସୌଦାମିନୀ ମଲ୍ଲିକ, ହରଭଙ୍ଗା ବ୍ଲକ ମଥୁରା ସରପଞ୍ଚ ପ୍ରଦୀପ କୁମାର କହଁର ଓ ବୌଦ୍ଧ ବ୍ଲକ ବ୍ରାହ୍ମଣିପାଲି ସରପଞ୍ଚ ଅରୁଣ ବାଘ ଏବଂ ଖୁଣ୍ଟବନ୍ଧ ସରପଞ୍ଚ ଚୁନି ମହାନନ୍ଦିଆ ପ୍ରମୁଖ ଆଭାସି ଜରିଆରେ ପାଠାଗାର ଓ ଭିଡିଓ ସମ୍ମିଳନୀ କକ୍ଷ ସ୍ଥାପନ ନେଇ ନିଜର ଖୁସି ବ୍ୟକ୍ତ କରିଥିଲେ। ଜିଲାପାଳ ସାହୁ ସ୍ୱାଗତ ଭାଷଣ ପ୍ରଦାନ ସହ ଏହି ପାଠାଗାର ଓ ସମ୍ମିଳନୀ କକ୍ଷର ସୁପରିଚାଳନା ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନକରି କହିଥିଲେ, ରାଜ୍ୟରେ ପ୍ରଥମକରି ବୌଦ୍ଧ ଜିଲାର ସମସ୍ତ ପଞ୍ଚାୟତରେ ପାଠାଗାର ସ୍ଥାପନ କରାଯାଇଛି। ପାଠାଗାର ମାଧ୍ୟମରେ ଇ-ଲାଇବ୍ରେରି ଖୋଲାଯାଇ ଛୋଟ ପିଲାଙ୍କଠାରୁ ଆରମ୍ଭକରି ଛାତ୍ରୀଛାତ୍ରୀ ଓ ବୟସ୍କ ଲୋକଙ୍କ ପାଇଁ ଉପାଦେୟ ୮୦ ହଜାର ପୁସ୍ତକକୁ ଯୋଡ଼ାଯାଇଛି। ଏହାବ୍ୟତୀତ ପ୍ରତ୍ୟେକ ପାଠାଗାରକୁ ୫୦ ହଜାର ଟଙ୍କା ମୂଲ୍ୟର ବହି ଯୋଗାଇ ଦିଆଯାଇଛି। ଜନସାଧାରଣ ଏହି ପାଠାଗାରର ଉପଯୋଗ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନିଜର ତଥା ଜିଲା ଓ ରାଜ୍ୟର ସାମଗ୍ରିକ ବିକାଶରେ ସାମିଲହେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଡେପୁଟି କଲେକ୍ଟର ଝରଣା ପ୍ରଧାନ, ସତ୍ୟଜିତ ମହାପାତ୍ର, ଶାଶ୍ୱତ ପ୍ରଧାନ, ହୃଷୀକେଶ ତ୍ରିପାଠୀ, ଜିଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମ, ଜିଲା ଜରୁରୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିରଞ୍ଚି ଧରୁଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ପ୍ରଧାନ, ବାଲ୍ୟବିବାହ ନିଷେଧ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକା ହ୍ରଦର ସୁରକ୍ଷା ପାଇଁ ଡଷ୍ଟବିନ୍ ପ୍ରଦାନ



ଭୁବନେଶ୍ୱର,୭।୬(ବ୍ୟୁରୋ)

ଓଡିଶାର ଅନ୍ୟତମ ବୃହତ ଚିଲିକା ହ୍ରଦକୁ ସୁରକ୍ଷିତ ରଖିବା ପାଇଁ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମହିଳା ୱିଙ୍ଗ୍ ଫିକି ଫ୍ଲୋ ଏବଂ ଓଡିଶା ଇକୋ ଟୁରିଜମ୍ ଫାଉଣ୍ଡେଶନ ମିଳିତ ଭାବେ ଆଗେଇ ଆସିଛନ୍ତି। ବର୍ଜ୍ୟବସ୍ତୁ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସାତପଡା ବୋଟ୍ ଆସୋସିଏଶନ୍ ଓ ସ୍ଥାନୀୟ ଦୋକାନଗୁଡିକୁ ୯୫ଟି ଡଷ୍ଟବିନ୍ ପ୍ରଦାନ କରାଯାଇଛି। ଫିକି ଫ୍ଲୋ'ର ଚେୟାରମ୍ୟାନ୍ ପୁନମ୍ ମହାପାତ୍ର କହିଛନ୍ତି, ଚିଲିକା ହ୍ରଦ କେବଳ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ବିଭିନ୍ନ ସାମୁଦ୍ରିକ ଜୀବଙ୍କୁ ସହାୟକ ହେଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ୍। ଦୁର୍ଭାଗ୍ୟବଶତଃ ପର୍ଯ୍ୟଟକ ବ୍ୟବହାର କରୁଥିବା ବର୍ଜ୍ୟବସ୍ତୁ ଠିକ୍ ଭାବରେ ନିଷ୍କାସନ ହେଉ ନ ଥିବାରୁ ହ୍ରଦରେ ପ୍ରଦୂଷଣର ସମସ୍ୟା ବଢୁଛି। ପ୍ଲାଷ୍ଟିକ୍ ବୋତଲ, ଗ୍ଲାସ୍, କାଗଜ ଓ ଅନ୍ୟାନ୍ୟ ସାମଗ୍ରୀ ମାଟିରେ ମିଶିପାରୁ ନ ଥିବାରୁ ଏସବୁ ଅଳିଆ ହ୍ରଦର ଇକୋସିଷ୍ଟମ୍‌କୁ କ୍ଷତି ପହଞ୍ଚାଇବା ସହିତ ସାମୁଦ୍ରିକ ଜୀବଙ୍କୁ ବିପଦରେ ପକାଉଛି। ଡଷ୍ଟବିନ୍‌ଗୁଡିକ ଡଙ୍ଗାରେ ରଖାଯିବ। ଏହାଦ୍ୱାରା ପର୍ଯ୍ୟଟକମାନେ ସେମାନଙ୍କ ଡଙ୍ଗା ଯାତ୍ରା ସମୟରେ ଦାୟିତ୍ୱବୋଧ ଭାବରେ ବର୍ଜ୍ୟବସ୍ତୁକୁ ଉକ୍ତ ଡଷ୍ଟବିନ୍‌ରେ ପକାଇବେ। ସଂଗୃହୀତ ବର୍ଜ୍ୟବସ୍ତୁକୁ ଇକୋ ଟୁରିଜମ୍ ଫାଉଣ୍ଡେଶନ ପରିଚାଳନା କରିବ।

# ଅନ୍ତେବାସୀ ଜ୍ୟୋତିଙ୍କ ହାତ ଧରିଲେ ପ୍ରତିପାଲ

## ଶିଶୁ ଯତ୍ନ ଅନୁଷ୍ଠାନରେ ଆଦର୍ଶ ବିବାହ

ସମ୍ବଲପୁର,୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ବରଗାଁ ଛଞ୍ଚାନପାଲିସ୍ଥିତ ରୁକ୍ମିଣୀଲାଠ ବାଲ ନିକେତନରେ ବୁଧବାର ଅନ୍ତେବାସୀ ଜ୍ୟୋତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ଼ର ପ୍ରତିପାଲ (ପ୍ରବୀଣ)ଙ୍କ ସହ ପାରମ୍ପରିକ ରୀତି ନୀତିରେ ଏହି ବିବାହ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସବିତା ଦାସ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ସମ୍ବଲପୁର ବାଟେମୁରାର ଜ୍ୟୋତିବାଇ ଅଗ୍ରୱାଲ ଓ ମଣ୍ଟୁ ଅଗ୍ରୱାଲ କନ୍ୟାଦାନ କରିଥିଲେ। ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଜିଲା ପ୍ରଶାସନ ତରଫରୁ ଏହି ଦମ୍ପତିଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ପୋଲିସ ଏସ୍‌ଆଇଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ସମ୍ବଲପୁର, ୭।୬(ବ୍ୟୁରୋ)

ବୁର୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିନ୍ନ ମିଶ୍ରଙ୍କ ନାମରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ବୁଧବାର ସମ୍ବଲପୁର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ କ୍ରମେ ବୁର୍ଲା କିରବା ଛକରେ ସେ ଏକ ଚା' ଦୋକାନ କରିଛନ୍ତି। ହେଲେ ଅଭିନ୍ନ ବାରମ୍ବାର ଦୋକାନକୁ ଆସି ମାସିକିଆ ବଟି ମାଗିବା ସହ ଜିନିଷପତ୍ର ଫିଙ୍ଗି ଦେଉଛନ୍ତି। ପଚାରିଲେ ନିଶାଦ୍ରବ୍ୟ ବିକ୍ରି କରୁଥିବା ନେଇ ଯାଞ୍ଚ ହେଉଛି ବୋଲି ଧମକଚମକ ଦେଉଛନ୍ତି। ପୂର୍ବରୁ ମାସିକ ୧ହଜାର ଟଙ୍କା ନେଉଥିଲେ। ଏବେ ୩ହଜାର ଟଙ୍କା ଦାବି କରିଛନ୍ତି। ନ ହେଲେ ମିଛ କେସ୍ କରି ଜେଲରେ ପୂରାଇଦେବାକୁ ଧମକ ଦେଉଛନ୍ତି। ଏହାସହ ଶାରୀରିକ ସମ୍ପର୍କ ରଖିବାକୁ ମଧ୍ୟ ବାଧ୍ୟ କରୁଛନ୍ତି। ସ୍ୱାମୀ ପାରାଲିସିସ୍ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତେଣୁ ଚା' ଦୋକାନ କରି ପରିବାର ଚଳାଉଛି। କେବେ କେମିତି ନିଶାଦ୍ରବ୍ୟ ବିକ୍ରି କରେ। ଏହି ଅଞ୍ଚଳରେ ଅନେକ ଲୋକ ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ହେଲେ ଥାନା ଅଧିକାରୀ ବାରମ୍ବାର ଆକ୍ରୋଶମୂଳକ ଭାବରେ ମତେ ହଇରାଣ କରୁଛନ୍ତି। ବୁର୍ଲା ଥାନା ଅଧିକାରୀ ଅଭିନ୍ନ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ମହିଳା ଜଣକ ବଦ୍‌ନାମ କରିବା ପାଇଁ ଚେଷ୍ଟା କରୁଛନ୍ତି। ସେ ଦୀର୍ଘଦିନ ହେବ ନିଶା କାରବାର କରୁଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏକସପ୍ତାହ ଭିତରେ ତାଙ୍କ ଦୋକାନରୁ ବହୁ ପରିମାଣର ନିଶା ସାମଗ୍ରୀ ଜବତ ସହ ତାଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଛି। ତଦନ୍ତ ହେଲେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ ବୋଲି ସେ କହିଛନ୍ତି।

# ୩ ରଥର ଆଗ ଚକରେ ଲାଗିଲା ଲୁହା ପ୍ଲେଟ୍

ପୁରୀ ଅଫିସ,୭।୬

ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ରଥ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି। ତେବେ ବୁଧବାର ରେଳ ବିଭାଗ ପକ୍ଷରୁ ରଥ ଖଳାରେ ରଥ ଚକାର ଯାଞ୍ଚ କରାଯାଇ ରଥ ଚକରେ ପଇ ପ୍ଲେଟ ଲଗାଯାଇଛି। ରେଳ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆସି ଚକର ତଦାରଖ କରିବା ସହ ପ୍ଲେଟ ଲାଗାଇଛନ୍ତି। ତିନି ରଥର ସମ୍ମୁଖ ଦୁଇ ବ୍ରେକ୍ ଚକକୁ ସୁରକ୍ଷା ଦେବା ପାଇଁ ଚକର ଉଭୟ ପାର୍ଶ୍ୱରେ ୪ଟି ଲେଖାଏ ଲୁହା ପ୍ଲେଟ୍‌କୁ ସଂଯୋଗ କରାଯାଇଛି। ନଟ ବୋଲ୍‌ଟ ଦ୍ୱାରା ଏହି ପ୍ଲେଟ୍‌ଗୁଡିକୁ ଚକ୍‌ରେ ଫିଟିଙ୍ଗ କରାଯାଇଛି। ଫଳରେ ରଥ ଗଡ଼ିବା ବେଳେ ବ୍ରେକ୍ ପଡ଼ିଲେ ଚକର କୌଣସି କ୍ଷତି ହେବ ନାହିଁ। ସେଥିପାଇଁ ଏହି ପ୍ଲେଟ୍ ଚକରେ ସଂଯୋଗ କରାଯାଇଛି।

# ଅଲାରନାଥଙ୍କ ଦର୍ଶନ ପାଇଁ ଭିଡ଼

## ଅସୁସ୍ଥ ହୋଇପଡ଼ିଲେ ମହିଳା ଭକ୍ତ

ବ୍ରହ୍ମଗିରି,୭। ୬(ଡି.ଏନ.ଏ)



ଜଣେ ଅସୁସ୍ଥ ମହିଳାଙ୍କୁ ଚିକିତ୍ସା କରାଯାଉଛି।

ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ବୁଧବାର ପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଭିଡ଼ରେ ଜଣେ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ଅନ୍ୟପକ୍ଷରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ, ବିଦ୍ୟୁତ ବିଭାଗ, ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକକୁ ସମସ୍ତ ବିଭାଗର ଅଧିକାରୀଙ୍କୁ ଡକାଯାଇଥିଲେ ମଧ୍ୟ କେତେଜଣ ଯୋଗ ଦେଇ ନ ଥିଲେ। ଫଳରେ ସମ୍ପୃକ୍ତ ବିଭାଗର କାର୍ଯ୍ୟରେ ବ୍ୟତିକ୍ରମ ଘଟିଛି।

ଦର୍ଶନ ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଦୀର୍ଘ ସମୟ ଧରି ଅସହ୍ୟ ଗରମ ଓ ଗୁଳୁଗୁଳିରେ ଛିଡ଼ା ହେଉଥିବାରୁ ଅଂଶୁଘାତର ଆଶଙ୍କା ରହୁଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ମନ୍ଦିର ନିକଟରେ ପ୍ରଥମ ଉପଚାର କେନ୍ଦ୍ର ଖୋଲି ଆମ୍ବୁଲାନ୍ସ ସହ ଡାକ୍ତର ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉପଚାର କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ଡାକ୍ତର ନ ଥିବାବେଳେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କାମ ଚଳାଇ ନିଆଯାଉଛି। ଫଳରେ ସେବାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୁଧବାର ଅଲାରନାଥଙ୍କୁ ଦର୍ଶନ ନିମନ୍ତେ କଳାହାଣ୍ଡି ଜିଲା ଭବାନୀପାଟଣାରୁ ଆସିଥିବା ସଙ୍ଗୀତା ସାହୁ (୪୯) ପ୍ରବଳ ଖରା ଯୋଗୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ମନ୍ଦିର ନିକଟରେ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତର ନ ଥିବାରୁ ଅଧଘଣ୍ଟା ଯାଏ ମହିଳା ଜଣକ ସେଠାରେ ପଡ଼ିରହିଥିଲେ। ତାଙ୍କୁ ବିଜେବି ସ୍ନାତକ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରି ସେବା ଯୋଗାଇ ଦେଇଥିଲେ। ପରେ ଏକ ଘରୋଇ ଅଟୋ ଯୋଗେ ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏଭଳି ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଯାହା ସମସ୍ୟା ରହିଛି ସେ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯିବ। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ଉପଚାର କେନ୍ଦ୍ର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଦୁର୍ଘଟଣା ପରର ଦୃଶ୍ୟ



ଶ୍ରମିକମାନଙ୍କ ଉପରେ ମାଲବୋଝେଇ ଟ୍ରେନ୍ ବଗି ମାଡ଼ିଯିବା ଖବର ପାଇ ବିଭିନ୍ନ ଅଞ୍ଚଳର ଲୋକେ ଷ୍ଟେଶନକୁ ଧାଇଁ ଆସିଛନ୍ତି।



ଜଣେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଉଛି।



ଦୁର୍ଘଟଣାରେ ସମ୍ପର୍କୀୟଙ୍କୁ ହରାଇଥିବା ଜଣେ ବ୍ୟକ୍ତି ଦୁଃଖରେ ମର୍ମାହତ ହୋଇପଡ଼ିଛନ୍ତି।

# ‘ସାଇନାଥ ବସ୍ତିର ସମସ୍ତ ବିସ୍ଥାପିତଙ୍କୁ ଟ୍ରାନ୍‌ଜିଟ୍ ହାଉସ୍ ଦିଅ’

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସାଇନାଥବସ୍ତି ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ରେ ଏକ ମାମଲା ରୁଜୁ ହୋଇଛି। ଏହାର ଶୁଣାଣି କରି କମିଶନ ସଦସ୍ୟ ଅସୀମ ଅମିତାଭ ଦାସଙ୍କ ଖଣ୍ଡପୀଠ ପ୍ରତ୍ୟେକ ପରିବାରଙ୍କୁ ୨ଟି ଲେଖାଏ ଟ୍ରାନ୍‌ଜିଟ ହାଉସ, ପରିବହନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ୨୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଟ୍ରାନ୍‌ଜିଟ ହାଉସ ନିକଟରେ ରାସ୍ତା, ଆଲୋକ, ପାନୀୟ ଜଳ ସହିତ ଉପଯୁକ୍ତ ପରିବେଶ ଓ ପରିମଳ ବ୍ୟବସ୍ଥା କରିବା, ସମସ୍ତଙ୍କୁ ସାତ ଦିନ ପର୍ଯ୍ୟନ୍ତ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦେବା, ଜୁନ ଶେଷସୁଦ୍ଧା ଟ୍ରାନଜିଟ ହାଉସ ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ କୁହାଯାଇଛି।

ସୂଚନା ଥାଉକି, ରେଲ୍‌ୱେ ଷ୍ଟାଡିୟମ ଛକରୁ କେଲୁଚରଣ ପାର୍କ ଦେଇ ଡମଣା ଛକ ପର୍ଯ୍ୟନ୍ତ ସମାନ୍ତରାଳ ରାସ୍ତା ପାଇଁ ମେ’ ୨୯ରେ ସାଇନାଥ ବସ୍ତି ଉଚ୍ଛେଦ ହୋଇଥିଲେ ମଧ୍ୟ ଏଯାଏ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇନାହିଁ। ଏନେଇ ଓଏଚ୍ଆର୍‌ସିଙ୍କ ନିକଟରେ ଏକ ପିଟିଶନ ଦାୟର କରାଯାଇଥିଲା। ଏଥିସହ ଜବାବ ଦାଖଲ ପାଇଁ ବିଡିଏ ଓ ଏନ୍‌ଫୋର୍ସମେଣ୍ଟର ଅତିରିକ୍ତ କମିଶନର ଏବଂ ଏମ୍‌ସି ଉତ୍ତର ଜୋନ୍ ଡେପୁଟି କମିଶନର ଜୁନ ୫ରେ ବ୍ୟକ୍ତିଗତ ହାଜର ହେବା ପାଇଁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପଟେ ଓଏଚ୍ଆର୍‌ସିଙ୍କ ତଦନ୍ତ ଓ ଅନୁସନ୍ଧାନକାରୀ ବିଭାଗର ନିର୍ଦ୍ଦେଶକ

- ୨୦ ହଜାର ଟଙ୍କାର ଆର୍ଥିକ ସହାୟତା
- ନିର୍ଦ୍ଦେଶ ଦେଲେ ଓଏଚ୍ଆର୍‌ସି

ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ସାଇନାଥ ବସ୍ତିକୁ ଯାଇ ପ୍ରତ୍ୟକ୍ଷ ଅନୁସନ୍ଧାନ ସହ ତଥ୍ୟ ସଂଗ୍ରହ କରିଥିଲା। ଅନ୍ୟପଟେ ବିଡ଼ିଏ ଓ ବିଏମସିର ପଦାଧିକାରୀମାନେ ଓଡ଼ିଶା ଉନ୍ନୟନ ପ୍ରାଧିକରଣ ଆଇନ ଅନୁଯାୟୀ ଉପଯୁକ୍ତ ପ୍ଲାନ ବିନା ନିର୍ମିତ ଘର ଭାଙ୍ଗିବା ପାଇଁ ଯେଉଁ ସବୁ ମାମଲା ରୁଜୁ ହୋଇଥିଲା, ତା’ର ରେକର୍ଡ ଦାଖଲ କରିଥିଲେ। ଆଇନାନୁମୋଦିତ ପ୍ରକ୍ରିୟାରେ ବସ୍ତି ଭଙ୍ଗା ଯାଇଛି ବୋଲି ସେମାନେ ଯୁକ୍ତି ଉପସ୍ଥାପନ କରିଥିବାବେଳେ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ନୋଟିସ ନ ଦେଇ ବେଆଇନ ଭାବେ ଘର ଭାଙ୍ଗିବା ସହ ଆସବାବପତ୍ର ନଷ୍ଟ କରିଦିଆଯାଇଥିବା ପ୍ରତିପକ୍ଷ ଅଭିଯୋଗ ରଖିଥିଲେ। ଓଡ଼ିଶା ମହାନଗର ନିଗମ ଆଇନର ପରିଚ୍ଛେଦ-୨୧ ଅନ୍ତର୍ଗତ ବସ୍ତି ବାସିନ୍ଦାଙ୍କ ଜମି ବା ସମ୍ପତ୍ତି ଅଧିକାର ଅନୁଯାୟୀ ସେମାନଙ୍କ ସ୍ଥାୟୀ ଥଇଥାନ ପାଇଁ ଆବେଦନକାରୀ ଯୁକ୍ତି ଓ ଦଲିଲ ଉପସ୍ଥାପନ କରିଥିଲେ। ଆବେଦନକାରୀ ଦିଲୀପ ସିଂହ, ପ୍ରକାଶ ମହାପାତ୍ର, ସନ୍ତୋଷ ଭଦ୍ର, ସ୍ୱାଗତିକାଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ ମାମଲା ପରିଚାଳନା କରିଥିବାବେଳେ ବସ୍ତି ସୁରକ୍ଷା ମଞ୍ଚ ତରଫରୁ ହେନାରାଣୀ, ପ୍ରମିଳା, ରାମଚନ୍ଦ୍ର ସାହୁ, ବଟକୃଷ୍ଣ ରାଉତ, ନାରାୟଣ ଲେଙ୍କା, ରଞ୍ଜୁଲତା ଓ ସରୋଜ ଦାସଙ୍କ ସମେତ ଶତାଧିକ ବସ୍ତି ବାସିନ୍ଦା ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ।



ବିଦ୍ୟୁତ୍ କାଟ ଓ ଲୋ’ ଭୋଲ୍‌ଟେଜ୍ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ଅପବ୍ୟବହାର ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଜରିଆରେ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନଗୁଡିକରେ ଯାଞ୍ଚ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଏନେଇ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାକଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ସଂକ୍ଷେପରେ

### କୃଷ୍ଣପ୍ରସାଦକୁ ମୋ ବସ୍ ଚଳାଚଳପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ

କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.) : ପୁରୀ ଜିଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଦ୍ୱୀପାଞ୍ଚଳ ଭାବେ ପରିଚିତ କୃଷ୍ଣପ୍ରସାଦ ବ୍ଲକର ଅଞ୍ଚଳବାସୀ ମୋ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବ୍ରହ୍ମଗିରିକୁ ଦୁଇଟି ମୋ ବସ୍ ଚଳାଚଳ କରିବା ପାଇଁ ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିବା ବେଳେ ଦ୍ୱୀପାଞ୍ଚଳ କୃଷ୍ଣପ୍ରସାଦ ବ୍ଲକକୁ ମୋ ବସ୍ ସେବାରୁ ବାଦ ଦିଆଯାଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶ ଥାଉକି, କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀ ବିଭିନ୍ନ ସମୟରେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଯାତ୍ରୀବାହୀ ବସ୍ ଉକ୍ତ ଅଞ୍ଚଳ ଦେଇ ଚଳାଚଳ କରୁଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନେ ବାଧ ହୋଇ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ଯାହାକି ବହୁ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛନ୍ତି। ତେଣୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ ଜଗନ୍ନାଥ ଧାମ ପୁରୀରୁ ବ୍ରହ୍ମଗିରି ଦେଇ କୃଷ୍ଣପ୍ରସାଦ ଅଞ୍ଚଳକୁ ମୋ ବସ୍ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଚିଲିକା ନୂଆପଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଜେନା, ବ୍ଲକର ଟୁଇଟର ବୟ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ପିଙ୍କି ଜେନା, ପ୍ରଜ୍ଞାରେଖା ଜେନା ପ୍ରମୁଖ ବ୍ଲକ ଅଧକ୍ଷା ସରୋଜିନୀ ତରେଇଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷା ତରେଇ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଚିକିତ୍ସା ପାଇଁ ଆସି ଚୋରି କରି ଧରାପଡ଼ି ମାଡ଼ ଖାଇଲେ

ବାଲକାଟୀ,୭।୬(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସି ଚିକିତ୍ସା ଉପକରଣ ଚୋରି କରି ୫ ଜଣ ବ୍ୟକ୍ତି ଧରା ପଡ଼ିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ତାଙ୍କୁ ନିର୍ଘୃମ ଛେଚିବା ପରେ ସେ ଭୁଲ ମାଗି ସେଠାରୁ ପଳାଇଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ସାଢେ ୪ଟା ସମୟରେ ୫ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଖଣ୍ଡିଆଖାବରା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଡ୍ରେସିଂ ରୁମ୍‌ରେ ତାଙ୍କୁ ଡ୍ରେସିଂ କରାଯାଇଥିଲା। କୌଣସି କାମରେ ଡ୍ରେସର ସେଠାରୁ ଅନ୍ୟତ୍ର ଯାଇଥିଲେ। ସେ ସମୟରେ ସେଠାରେ ଥିବା ଗଜ କପଡ଼ା ଭର୍ତ୍ତି ପେଟି, କଇଁଚି ବାକ୍ସ, ଗ୍ଲୋବ୍ସ ଏବଂ ଅନ୍ୟ ଚିକିତ୍ସା ସରଞ୍ଜାମ ଏକ ବ୍ୟାଗରେ ଭର୍ତ୍ତି କରି ନେଇଯାଉଥିଲେ। ହେଲେ ଡ୍ୟୁଟିରେ ଥିବା ଗାର୍ଡ ଏହା ଦେଖି ସେମାନଙ୍କୁ ଧରିଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସେମାନଙ୍କୁ ନିର୍ଘୃମ ଛେଚିବାରୁ ନିଶାସକ୍ତ ଯୁବକମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଦ୍ଭଟ କାଣ୍ଡ ସହ କର୍ମଚାରୀଙ୍କୁ ଗାଳିମନ୍ଦ କରିଥିଲେ। କର୍ମଚାରୀ ଏନେଇ ସ୍ଥାନୀୟ ସରପଞ୍ଚ ଓ ପୋଲିସକୁ ଜଣାଇଥିଲେ। ସରପଞ୍ଚଙ୍କ ସ୍ୱାମୀ ଓ ପୋଲିସ ଘଟଣାସ୍ଥଳେ ପହଞ୍ଚିବା ପରେ ପୋଲିସକୁ ଦେଖି ନିଶାସକ୍ତ ଯୁବକଙ୍କ ନିଶା ଖସିଥିଲା। ସେମାନେ ଭୁଲ୍ ମାଗି ଚୋରି ସାମଗ୍ରୀ ସବୁ ଫେରାଇ ସେଠାରୁ ଚମ୍ପଟ ମାରିଥିଲେ।


ନ୍ୟାଶନାଲ କଲ୍‌ଚର ମିଶନ ପକ୍ଷରୁ ବୁଧବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ରାଜଧାନୀରେ କାଳବୈଶାଖୀ

ଭୁବନେଶ୍ୱର,୭।୬(ବ୍ୟୁରୋ)

**ଉପୁଡ଼ିଲା ଗଛ, ଯାତାୟାତ ବାଧାପ୍ରାପ୍ତ**

ସାରାଦିନ ପ୍ରବଳ ତାତିକୁ ଗୁଳୁଗୁଳିରେ ଭୁବନେଶ୍ୱରବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ଅପରାହ୍ଣରେ କାଳବୈଶାଖୀ ବର୍ଷା ପ୍ରଭାବରେ ପରିବେଶ ଥଣ୍ଡା ପଡ଼ିଛି। ୩୦ରୁ ୪୦ କିମି ବେଗରେ ପବନ ସହ ପ୍ରବଳ ବର୍ଷା କାରଣରୁ ରାଜଧାନୀର ଅନେକ ସ୍ଥାନରେ ଗଛ ଉପୁଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୁନ୍ଦରପଦା ଅଞ୍ଚଳରେ ଏକାଧିକ ସ୍ଥାନରେ ଗଛ ଉପୁଡ଼ିପଡ଼ିବା ଫଳରେ ଅନେକ ସମୟଧରି ଯାନବାହନ ଚଳାଚଳ କରିପାରି ନ ଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତାରୁ ଗଛ ହଟାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରାୟ ୨ ଘଣ୍ଟା ବର୍ଷା ସହ ଘଡ଼ିଘଡ଼ି ବିଜୁଳି ମାରିବାରୁ ବିଭିନ୍ନ ସ୍ଥାନରେ ଲୋକମାନେ ଓଭରବ୍ରିଜ ତଳେ ଆଶ୍ରୟ ନେଇଥିଲେ। ବର୍ଷା ଛାଡ଼ିବା ପରେ ହଜାର ହଜାର ସଂଖ୍ୟାରେ ଯାନବାହନ ଏକାକାଳୀନ ଯାତାୟାତ ଆରମ୍ଭ କରିବା ଫଳରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ବିଶେଷ କରି ସତସଙ୍ଗ ବିହାରରୁ ପଳାଶୁଣୀ ପର୍ଯ୍ୟନ୍ତ ଯିବାକୁ ଘଣ୍ଟାଏ ସମୟ ଲାଗିଥିଲା। ସେହିପରି ଝଡ଼ପବନରେ କେତେକ ସ୍ଥାନରେ ବିଦ୍ୟୁତ୍ ତାର ମଧ୍ୟ ଛିଡି ଓହଳିଥିବା ଦେଖିବାକୁ ମିଳିଥିଲା।

# ବଜ୍ରପାତରେ ୨ ଗାଈ ମୃତ, ପର୍ଯ୍ୟଟକ ଚେତାଶୂନ୍ୟ

ବାଲକାଟୀ,୭।୬(ଡି.ଏନ୍.ଏ.)

ବାଲକାଟୀ ନିକଟସ୍ଥ ବିସୁନିଆପଡ଼ା ଗ୍ରାମରେ ବୁଧବାର ପ୍ରଚଣ୍ଡ କାଳବୈଶାଖୀ ପ୍ରଭାବରେ ୨ଟି ଗାଈଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣେ ପର୍ଯ୍ୟଟକ ଚେତାଶୂନ୍ୟ ହୋଇଛନ୍ତି। ସୂଚନା ମୁତାବକ, ଗ୍ରାମର ସୁକାନ୍ତ ମାଟିଆ ଗାଈଗୋଠ ନେଇ ବିଲକୁ ଯାଇଥିଲେ। ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ଓ ବିଜୁଳି ମାରିବାରୁ ସେ ଗାଈଙ୍କୁ ବିଲରେ ଛାଡ଼ି ଗାଁ ଭିତରକୁ ପଳାଇ ଆସିଥିଲେ। ବର୍ଷା ଛାଡ଼ିବା ପରେ ସେ ବିଲରେ ପହଞ୍ଚି ତାଙ୍କର ୨ ଗାଈ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ବୁଧବାର ଧଉଳି ଶାନ୍ତିସ୍ତୂପକୁ ପଶ୍ଚିମବଙ୍ଗ ପର୍ଯ୍ୟଟକ ସାଥୀଙ୍କ ସହ ବୁଲିବାକୁ ଆସିଥିଲେ। ହଠାତ୍ ବର୍ଷା ପବନ ସାଙ୍ଗକୁ ପ୍ରବଳ ଘଡ଼ଘଡ଼ି ହେବାରୁ ସେଥିରେ ଜଣେ ପର୍ଯ୍ୟଟକ ଚେତା ହରାଇ ତଳେ ପଡ଼ିଯାଇଥିଲେ।

# ଜାତୀୟ ଯୁବ ସମ୍ମିଳନୀରେ ଯଶ୍‌ଙ୍କ କୃତିତ୍ୱ

ଭୁବନେଶ୍ୱର,୭।୬(ବ୍ୟୁରୋ)

ବିଶ୍ୱ ପରିବେଶ ଦିବସ ଅବସରରେ ଭାରତୀୟ ବନାଞ୍ଚଳ ପରିଚାଳନା ପ୍ରତିଷ୍ଠାନ, ଭୋପାଳ ପକ୍ଷରୁ ମିଶନ ଲାଇଫ୍ ଶୀର୍ଷକ ଦୁଇଦିନିଆ ଜାତୀୟ ଯୁବ ସମ୍ମିଳନୀ ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରା ଦେଶରୁ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୁବ ପ୍ରତିଭା ଉପରେ ଆକଳନ କରି ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କେ.ରବିଚନ୍ଦ୍ରନ୍ କହିଥିଲେ, ‘ଯୋଗଦେଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଅନେକ ପ୍ରତିଯୋଗୀଙ୍କ ଧାରଣା ଏତେ ରଚନାତ୍ମକ ଯେ, ଭବିଷ୍ୟତରେ ଏହାକୁ କାର୍ଯ୍ୟକ୍ରମର ରୂପ ପ୍ରଦାନ କରାଯାଇପାରିବ। କୃତୀ ପ୍ରତିଯୋଗୀଙ୍କ ଦକ୍ଷତାକୁ ଲକ୍ଷ୍ୟ କରି ସେ ସେମାନଙ୍କୁ ଦେଶର ନୂତନ ନେତୃତ୍ୱ ରୂପେ ଅଭିହିତ କରିଥିଲେ। ସମ୍ମିଳନୀର ପ୍ରଥମ ଦିନରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମିଶନ ଲାଇଫ୍ ଉପରେ ଯୁବ ପ୍ରତିଯୋଗୀମାନଙ୍କୁ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ପରେ ଆୟୋଜିତ ପ୍ରଥମ ଦିନର ଦଳଗତ ଆଲୋଚନାରେ ୧୦୦ ଜଣ ପ୍ରତିଯୋଗୀ ବକ୍ତବ୍ୟ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଥିଲେ।


ଯଶ୍ ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ୟୁଥ୍ ଆଇକନ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଦ୍ୱିତୀୟ ଦିନରେ ପ୍ରତି ଅଂଶଗ୍ରହଣକାରୀଙ୍କୁ ମିଶନ ଲାଇଫ୍‌ର ୭ଟି ଥିମ୍ ଉପରେ ବକ୍ତବ୍ୟ ରଖିବାକୁ ୫ ମିନିଟ୍ ଅବଧିର ସମୟସୀମା ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଦର୍ଶନ ଆଧାରରେ ବିଚାରପତିଗଣ ୫ ଜଣଙ୍କୁ ବିଜେତା ଘୋଷଣା କରିଥିଲେ। ଉଲ୍ଲେଖନୀୟ ବିଷୟ ଏଥିରେ ଓଡିଶାରୁ ଅଂଶଗ୍ରହଣ କରିଥିବା ଉତ୍କଳ ଆଇନ୍ ବିଶ୍ୱ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ଯଶ୍ ମହାନ୍ତି ଅନ୍ୟତମ ବିଜେତା ଭାବେ ବିଶ୍ୱ ପରିବେଶ ଦିବସ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ୟୁଥ୍ ଆଇକନ୍ ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରତିଭା ପ୍ରୋତ୍ସାହନ ଓ ଦକ୍ଷତା ଅନ୍ୱେଷଣ କ୍ଷେତ୍ରରେ ଓଡିଶା ସମଗ୍ର ଦେଶରେ ଆଗରେ ଥିଲାବେଳେ ଓଡିଶାର ଏହି ପ୍ରତିଭାବନ୍ତ ଛାତ୍ରଙ୍କ କୃତିତ୍ୱ ଆଗାମୀ ଦିନରେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡିଶାର ସୁନାମ ବଜାୟ ରଖିବାକୁ ପ୍ରୋତ୍ସାହିତ କରିବ। ଭୁବନେଶ୍ୱରରେ ରହୁଥିବା ଯଶ୍ ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ମଧ୍ୟ ଜଣାଶୁଣା। ସେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ. ଲେନିନ୍ ମହାନ୍ତି ଓ ଆଇନଜୀବୀ ରେଖା ମହାନ୍ତିଙ୍କ ସୁପୁତ୍ର ଅଟନ୍ତି।

# ରେଳ ଦୁର୍ଘଟଣାରେ ଆହତଙ୍କୁ ପୋଷାକ ପ୍ରଦାନ

ପୁରୁଣା ଭୁବନେଶ୍ୱର,୭।୬(ଡି.ଏନ୍.ଏ.): ବାଲେଶ୍ୱର ଜିଲା ବାହାନଗାରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଅନେକ ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇଛନ୍ତି। ଅନେକଙ୍କ ପରିବାର ମଧ୍ୟ ଉଜୁଡ଼ି ଯାଇଛି। ଏବେ ବି ଶତାଧିକ ଆହତ ମୃତ୍ୟୁ ସହ ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ରାଷ୍ଟ୍ରୀୟ ବିପତ୍ତି ସମୟରେ ଓଡ଼ିଶାବାସୀଙ୍କ ସମେତ ରାଜ୍ୟର ଯୁବ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ ସହଯୋଗରେ ହାତ ବଢ଼ାଇ ଆହତ ଯାତ୍ରୀମାନଙ୍କ ପାଖରେ ଦେବଦୂତ ସାଜି ଛିଡ଼ା ହୋଇଯାଇଛନ୍ତି। ଆହତ ବ୍ୟକ୍ତିଙ୍କ ରକ୍ତାଭାବ ପୂରଣ କରିବା ପାଇଁ କିଏ ରକ୍ତଦାନ କରୁଛି ତ ଆଉ କେହି ସେମାନଙ୍କ ପ୍ରିୟଜନଙ୍କ ଲାଗି ରନ୍ଧା ଖାଦ୍ୟ, କ୍ଷୀର, ଫଳ ବଣ୍ଟନ କରୁଛି ତ ଆଉ କେଉଁଠି ଆହତଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା ଚାଲିଛି ତ ଆଉ କେଉଁଠି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ଏଭଳି ଦୁଃଖ ସମୟରେ ଏସ୍‌ସିବି ମେଡିକାଲ କଲେଜ, କଟକରେ ଚିକିତ୍ସାଧୀନ ଆହତ ବ୍ୟକ୍ତିଙ୍କ ପାଇଁ ଭୁବନେଶ୍ୱରର ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ନୂତନ ପୋଷାକ ପ୍ରଦାନ କରାଯାଇଛି। ମେଡିକାଲର ଚକ୍ଷୁ ବିଭାଗର ଉପର ମହଲାରେ ଚିକିତ୍ସାଧୀନ ଆହତଙ୍କୁ ଟ୍ରଷ୍ଟ ପକ୍ଷରୁ ପୋଷାକ ଦିଆଯାଇଛି। ଟ୍ରଷ୍ଟ ପ୍ରତିଷ୍ଠାତା ସନ୍ତୋଷୀ ଜୈନଙ୍କ ନେତୃତ୍ୱରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ପାଲ୍, ଲକ୍ଷ୍ମଣ ରାଓ, ତ୍ରିଲୋଚନ ବେଉରା, ବାପିନା ନାୟକ ପ୍ରମୁଖ ଆହତଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ।

# ଜୁଲାଇ ୧୫ ସୁଦ୍ଧା ମନ୍ମଥ ଦାସ ସ୍ମୃତି ସଂଗ୍ରହାଳୟର କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୭।୬(ବ୍ୟୁରୋ)

ମନୋଜ ଦାସ ଓ ମନ୍ମଥ ଦାସ ସ୍ମୃତି ସଂଗ୍ରହାଳୟର ସମୀକ୍ଷା ବୁଧବାର ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଭୋଗରାଇ ବିଧାୟକ ଅନନ୍ତ ଦାସ ବାଲେଶ୍ୱର ଜିଲାରେ ଚାଲୁଥିବା ଏହି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଓଡ଼ିଶାର ବରପୁତ୍ର ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ସ୍ଥାନ ଶଙ୍ଖାରୀଠାରେ ବିଭାଗ ପକ୍ଷରୁ ସ୍ମୃତି ସଂଗ୍ରହାଳୟ ନିର୍ମାଣ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆସନ୍ତା ଜୁଲାଇ ୧୫ ତାରିଖ ସୁଦ୍ଧା ଶେଷ କରିବାକ ଉଭୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନୋଜ ଦାସଙ୍କ ନିଜସ୍ୱ ବାସ ଭବନ, ରାଧାକୃଷ୍ଣ ମନ୍ଦିର, ପୋଖରୀ ପୁନରୁଦ୍ଧାର, ଓପେନ ଏୟାର ଥିଏଟର, ବାଖ୍ୟାନ ଓ ଧ୍ୟାନ କେନ୍ଦ୍ର, ଗ୍ୟାଲେରୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ।

# ୨ ବାଇକ୍ ଧକ୍କା: ଛାତ୍ରୀ ମୃତ, ୨ ଗୁରୁତର

ପୁରୀ ଅଫିସ, ୭।୬

ସମୁଦ୍ରକୂଳ ଥାନା ଚକ୍ରତୀର୍ଥ ରୋଡ୍ ଶିଶୁଭବନ ନିକଟରେ ବୁଧବାର ଏକ ବାଇକ ଏବଂ ସ୍କୁଟି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତା ହେଉଛନ୍ତି ପୁରୀ ସର୍ବୋଦୟ ନଗରର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ନିହାରିକା ଶତପଥୀ। ଆହତଦ୍ୱୟ ହେଲେ ରେଲୱେ କଲୋନୀର ଶୁଭଲକ୍ଷ୍ମୀ ନାୟକ ଓ ସଞ୍ଜୀବ ପ୍ରଧାନ। ନିହାରିକା ଓ ଶୁଭଲକ୍ଷ୍ମୀ କମ୍ପ୍ୟୁଟର କ୍ଲାସ କରିବା ପାଇଁ ଏକ ସ୍କୁଟିରେ ଯାଉଥିଲେ। ବିପରୀତ ପାର୍ଶ୍ୱରୁ ବାଇକ ନେଇ ଆସୁଥିବା ସଞ୍ଜୀବଙ୍କ ସ୍କୁଟି ସହ ଧକ୍କା ହୋଇଥିଲା।

# ଭୁଆସୁଣୀ ବାୟୋ ମାଇନିଂ ପ୍ଲାଣ୍ଟ ୧୫ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରେ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ଦୀର୍ଘ ବର୍ଷ ଧରି ଦାରୁଠେଙ୍ଗ ଗ୍ରାମବାସୀ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମଧ୍ୟରେ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଭୁଆସୁଣୀ ଡମ୍ପିଂୟାର୍ଡକୁ ଗତ ମେ ୧୮ ତାରିଖରୁ ଆଉ ଅଳିଆ ଯିବନାହିଁ ବୋଲି ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିବାବେଳେ ଆସନ୍ତା ୧୫ ଦିନ ମଧ୍ୟରେ ବାୟୋ ମାଇନିଂ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଇବାକୁ ବିଏମସି ଲକ୍ଷ୍ୟ ରଖିଛି। ଘରୋଇ ସଂସ୍ଥା ଜାଗୃତି ଓ ଜନ ଆଧାରକୁ ପ୍ଲାଣ୍ଟ ନିର୍ମାଣ ଦାୟିତ୍ୱ ମିଳିଥିବାବେଳେ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଇବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ବୁଧବାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଛି। ପାଚେରି ନିର୍ମାଣ ଶେଷ ହୋଇଥିବାବେଳେ ମେଶିନ ଇନ୍‌ଷ୍ଟାଲେଶନ ପ୍ରକ୍ରିୟା ଜାରି ରହିଛି। ଏହା ଶେଷ ହେବା ମାତ୍ରେ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଇ ବାୟୋ ମାଇନିଂ ଆରମ୍ଭ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ରହିଛି। ଏହା ସହ ଉକ୍ତ ଅଞ୍ଚଳରେ ବୃକ୍ଷରୋପଣ ସହ ଭୁଆଶୁଣୀ ଅଞ୍ଚଳର ବିକାଶ ଲାଗି ବିଏମ୍‌ସି ପ୍ରତିଶ୍ରୁତି ବଦ୍ଧ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ପର୍ଯ୍ୟାୟକ୍ରମେ ଦାରୁଠେଙ୍ଗ ଓ ଭୁଆସୁଣୀ ଅଞ୍ଚଳର ବିକାଶ କରାଯିବ ଲାଇନ ବିଭଗଗୁଡ଼ିକ ସହ ଏନେଇ ଆଲୋଚନା ସରିଛି। ଉକ୍ତ ଅଞ୍ଚଳବାସୀଙ୍କୁ ଉନ୍ନତ ସେବା ଯୋଗାଇବା ଲାଗି ସମସ୍ତ ବ୍ୟବସ୍ଥା କରାଯିବ ବୋଲି ମେୟର କହିଛନ୍ତି। ଅଞ୍ଚଳବାସୀଙ୍କ ଲାଗି ଡ୍ରେନ, ରାସ୍ତା, ଷ୍ଟ୍ରିଟ ଲାଇଟ ସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବା ନେଇ ବିଏମସିର ଯୋଜନା ରହିଛି।


ବାଲିଅନ୍ତା ଡାମରାର ମା’ ଦୁର୍ଗାଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପାଇଁ କୁଶଭଦ୍ରା ନଦୀରୁ ବାହାରିଥିବା କଳସ ଯାତ୍ରା।

# ପାକଶାଳା ବଗିଚା ପ୍ରସ୍ତୁତି, ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୬(ବ୍ୟୁରୋ)

ହମାରା ବଚ୍‌ପନ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ସହର ଓ ଗ୍ରାମାଞ୍ଚଳର ମହିଳା ପରିବେଶ ପରିବର୍ତ୍ତନକାରୀଙ୍କ ସଫଳତାକୁ ସ୍ୱୀକୃତ ଦେବାସହ ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଭୁବନେଶ୍ୱରର ଶରଧାପଲ୍ଲୀ ଓ ତୁଳସୀ ବସ୍ତିଠାରେ ଥିବା ପରିତ୍ୟକ୍ତ ସ୍ଥାନକୁ ମହିଳା ପରିବେଶ ପରିବର୍ତ୍ତନକାରୀମାନେ ସଫା କରି ତାହାକୁ ଗୋଷ୍ଠୀ ପାକଶାଳା ବଗିଚା ପାଇଁ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟରେ ୨ଟି ବସ୍ତିର ୩୫ଜଣ ଇକୋ କ୍ଲବ ସଦସ୍ୟା ଯୋଗଦେଇଥିଲେ। ପ୍ରଥମ ଗୋଷ୍ଠୀର ଏକ ପରିବେଶଭିତ୍ତିକ ନକ୍ସା ପ୍ରସ୍ତୁତ କରି ଆବର୍ଜନା ପଡୁଥିବା ଜାଗାକୁ ଚିହ୍ନଟ କରି ଗୋଷ୍ଠୀକୁ ଆବର୍ଜନା ମୁକ୍ତ କରିବାର ଯୋଜନା କରିଥିଲେ। ଏହି ଅବସରରେ ସଫେଇ କାର୍ଯ୍ୟକରି ପାକଶାଳା ବଗିଚାର ଶୁଭାରମ୍ଭ କରାଯାଇଥିଲା। ସଂସ୍ଥା ତରଫରୁ ଏକ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜମି ପ୍ରସ୍ତୁତି, ଗଛ ଲଗାଇବା ପ୍ରଣାଳୀ, ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତି ଓ ବ୍ୟବହାର ଉପରେ ପରିବେଶବିତ୍ ମହେଶ୍ୱର ଖିଲାର ତାଲିମ ପ୍ରଦାନ କରିଥିଲେ। ସେହିପରି ମହିଳାମାନେ ଘର ଘର ବୁଲି ୭୦କେଜିରୁ ଅଧିକ ଅଦରକାରୀ ବିଦ୍ୟୁତ୍ ସାମଗ୍ରୀ, ପ୍ଲାଷ୍ଟିକ ଓ ବୋତଲ, ଟିଣ ଡବା ଓ କାଚ ସାମଗ୍ରୀ ସଂଗ୍ରହ କରି କବାଡିଆକୁ ଦେଇଥିଲେ। ଏହାସହ ବସ୍ତିବାସିନ୍ଦାଙ୍କୁ ଅଦରକାରୀ ବସ୍ତୁର ଠିକ୍ ନିଷ୍କାସନ କରି ମୃତ୍ତିକା, ଜଳ ଓ ବାୟୁ ପ୍ରଦୂଷଣ ରୋକିବାକୁ ସଚେତନ କରାଯାଇଥିଲା। ଏଥିରେ ୭୫ଟି ଗ୍ରାମର ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ କିଶୋରୀ ସାମିଲ ହୋଇଥିଲେ। ସେହିପରି ପୁରୀ ଅସ୍ତରଙ୍ଗଠାରେ ୩୫୦ରୁ ଊର୍ଦ୍ଧ୍ୱ ମହିଳା ପରିବେଶ ପରିବର୍ତ୍ତନକାରୀ ଏକ ସମାବେଶର ଆୟୋଜନ କରିଥିଲେ।


**ବିଶ୍ୱ ପରିବେଶ ସୁରକ୍ଷା ଦିବସ**

## ସଂକ୍ଷେପରେ

### ରାତ୍ରିକାଳୀନ ଚିକିତ୍ସା ସ୍ଥିତି ପରଖିଲେ ମେୟର

କଟକ ଅଫିସ,୭।୬: କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ବୁଧବାର ରାତିରେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଥିବା ସହାୟତା କେନ୍ଦ୍ରରେ ରହି ରାତିରେ କିଭଳି ଭାବେ ରୋଗୀ ଚିକିତ୍ସା ଚାଲିଛି ତାହାର ସ୍ଥିତି ପରଖିଥିଲେ। ରାତିତମାମ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିବେ ବୋଲି ରିପୋର୍ଟ ଲେଖାଯିବା ସୁଦ୍ଧା ଜଣାପଡିଛି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ମେଡିକାଲ ଷ୍ଟାଫ ପ୍ରଣବ କୁମାର ବେହେରା, ଗଣେଶ କୁମାର ଗୋଚ୍ଛାୟତ, ଉଦୟନାଥ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ଗୋରୁ ମୃତ



ମାହାଙ୍ଗା ୭।୬(ସ୍ୱ.ପ୍ର.): ମାହାଙ୍ଗା ତହସିଲ ଅଧୀନ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ ମାଳିହତା ଗ୍ରାମର ବିଜୟ ବେହେରାଙ୍କ ଗୁହାଳରେ ବୁଧବାର ଅପରାହ୍ନରେ ବଜ୍ରପାତ ହୋଇ ଏକ ଗୋରୁର ମୃତ୍ୟୁ ଘଟିଛି। ଉକ୍ତ ଗୋରୁର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବିଜୟଙ୍କ ପରିବାର ପକ୍ଷରୁ କୁହାଯାଇଛି। ବିଜୟ ଗରିବ ପରିବାରର ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଖବରକାଗଜ ବିତରକଙ୍କ ସ୍ତ୍ରୀଙ୍କ ପରଲୋକ

ସାଲେପୁର,୭।୬(ଡି.ଏନ୍.ଏ.): ଖବରକାଗଜ ବିତରକ ହୃଷିକେଶ ରାଉତଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ହୃଷିକେଶ ଜିଗ୍ନିପୁର ଗ୍ରାମର ହୋଇଥିବାବେଳେ ମାଛୁଆତିଠାରେ ଭଡ଼ାନେଇ ପରିବାର ସହ ରହୁଥିଲେ। ପୁଷ୍ପାଞ୍ଜଳି ଘରେ ମଧ୍ୟାହ୍ନ ଭୋଜନ ସାରି ଶୋଇବାକୁ ଯାଉଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କିଛି ଦିନ ପୂର୍ବେ ପୁଷ୍ପାଞ୍ଜଳି ହୃଦ୍‌ଜନିତ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତାଙ୍କ ବିୟୋଗରେ ଖବରକାଗଜ ବିତରକ ଜୟନ୍ତ କୁମାର ଦାସ, ମାନସ ପଟ୍ଟନାୟକ, ବିରେନ୍ଦ୍ର ଶତପଥୀ, ବାବାଜୀ ବେହେରା, ସୁଶାନ୍ତ କୁମାର ବେହେରା, ଶତ୍ରୁଘ୍ନ ବେହେରା, ବିଜୟ କୁମାର ଚାନ୍ଦ, ନିରଞ୍ଜନ ବାରିକ, ଅକ୍ଷୟ କୁମାର ଦାଶ, ହୃଷିକେଶ ମଲ୍ଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଜେଇଇ ଲାଟେରାଲ୍ ଏଣ୍ଟ୍ରି ଫାର୍ମାସୀର ଓଡ଼ିଶା ଟପ୍ପରଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୭।୬(ଡି.ଏନ୍.ଏ.): କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍‌ର ସାଲେପୁର ଶାଖା କାର୍ଯ୍ୟାଳୟ ପରିସରରେ ଜେଇଇ ଲାଟେରାଲ୍ ଏଣ୍ଟ୍ରି ଫାର୍ମାସୀ ପ୍ରବେଶିକା ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିବା ଶୁଭଶ୍ରୀ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ୧୦ ହଜାର ଟଙ୍କା ସହ ମାନପତ୍ର, ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ସାହୁ, ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ, ସାଲେପୁର ଶାଖାର ଚିନ୍ମୟ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର ମାଟ୍ରିକ୍ ଟପ୍ପରଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧାର ଟଙ୍କା ନ ଫେରାଇବାରୁ ହତ୍ୟା

**ନଦୀପଠାରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ**

■ ୨ ଅଭିଯୁକ୍ତ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି, ୭।୬(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀ ପଠାର ନାଗାମଠସ୍ଥିତ ଚଣ୍ଡୀମନ୍ଦିର ସମ୍ମୁଖରୁ ମଙ୍ଗଳବାର ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ଏରକଣା ସାମିଲ ପଙ୍କପାଳ ଗ୍ରାମର ସନ୍ତୋଷ କୁମାର ଦାସଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ବୁଧବାର ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ ହୋଇଛି। ଏହି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନେମାଳ ଥାନା ବାଲିଆପଦା(ଦକ୍ଷିଣପାରି) ଗ୍ରାମର ଜୟନ୍ତ ଦାସ ଓ ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗ୍ରାମର ଦୀପକ ପ୍ରଧାନ। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ପଥର ଜବତ କରିଛି। ଧାର ଟଙ୍କା ନ ଫେରାଇବାରୁ ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା (ନଂ. ୧୦୩/୨୩ ) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ୪ ବର୍ଷ ତଳେ ଜୟନ୍ତଙ୍କଠାରୁ ୫ ହଜାର ଓ ଦୀପକଙ୍କଠାରୁ କିଛି ଟଙ୍କା ସନ୍ତୋଷ ଧାରସୂତ୍ରରେ ନେଇଥିଲେ। ଏହି ଟଙ୍କା ଫେରାଇବାକୁ ଅଭିଯୁକ୍ତଦ୍ୱୟ ସନ୍ତୋଷଙ୍କୁ ବାରମ୍ବାର କହିଥିଲେ। ମାତ୍ର ସେ ଟଙ୍କା ଫେରାଉ ନ ଥିଲେ। ଏନେଇ ଗତ ସୋମବାର ସନ୍ତୋଷ ସହ ଜୟନ୍ତ ଓ ଦୀପକଙ୍କ ଝଗଡା ହୋଇଥିଲା। ଏହି ସମୟରେ ଜୟନ୍ତ ଓ ଦୀପକ ରାଗିଯାଇ ହୋଇ ଏକ ଛୁରିରେ ସନ୍ତୋଷଙ୍କ ଶରୀର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଏଥିସହ ଏକ ପଥରରେ ସନ୍ତୋଷଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ସେମାନେ ଚିତ୍ରୋତ୍ପଳା ନଦୀପଠାରେ ପକାଇ ପଳାଇଯାଇଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ନାଗାମଠସ୍ଥିତ ଚିତ୍ରୋତ୍ପଳା ନଦୀକୁ ସ୍ନାନ କରିବା ନିମନ୍ତେ ଯାଇଥିଲା ବେଳେ ସନ୍ତୋଷଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସନ୍ତୋଷଙ୍କ ସ୍ତ୍ରୀ ସସ୍ମିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଦୀପକଙ୍କୁ ଧରିଥିଲା। ଏହି ସମୟରେ ଦୀପକଙ୍କ ପକେଟରୁ ଏକ ଛୁରି ଜବତ କରାଯାଇଥିଲା। ପୋଲିସ ଆଗରେ ଦୀପକ ସମସ୍ତ ଘଟଣା ମାନିଯିବା ସହ ଘଟଣାରେ ଜୟନ୍ତ ସମ୍ପୃକ୍ତ ଥିବା ପ୍ରକାଶ କରିଥିଲେ। ପୋଲିସ ଉକ୍ତ ବୟାନକୁ ଭିତ୍ତିକରି ଦକ୍ଷିଣପାରି ଗ୍ରାମରୁ ଜୟନ୍ତଙ୍କୁ ଉଠାଇ ଆଣିଥିଲା। ଉଭୟେ ସେମାନଙ୍କ ଦୋଷ ସ୍ୱୀକାର କରିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଆଇଆଇସି ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶିଶୁଆ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ‘ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଶ୍ମଶାନ କାର୍ଯ୍ୟ ଶେଷ କର’



ନଗରପାଳ ଓ କାଉନ୍‌ସିଲରମାନେ ଆଦର୍ଶ ଶ୍ମଶାନ କାର୍ଯ୍ୟ ତଦାରଖ କରୁଛନ୍ତି।

ବାଙ୍କୀ,୭।୬(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସିର ମୁଖ୍ୟ ଶ୍ମଶାନ (ଚର୍ଚ୍ଚିକା ଶ୍ମଶାନ)କୁ ରୂପାନ୍ତରଣ କରି ଏକ ଆଦର୍ଶ ଶ୍ମଶାନରେ ପରିଣତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏନେଇ ୭୫ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ୱାର୍ଡ ନଂ.୧୦ କାଉନସିଲର ରାଜେନ୍ଦ୍ର ମହାପାତ୍ର, ୱାର୍ଡ ନଂ.୪କାଉନସିଲର ସନାତନ ବେହେରା ପ୍ରମୁଖ ପହଞ୍ଚି ଏହି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏବେ ଅନ୍ତିମ ସଂସ୍କାର କରାଯାଉଥିବା ସ୍ଥାନ ଖାଲି କରି ଅନ୍ୟ ଏକ ଅସ୍ଥାୟୀ ଜାଗାରେ ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ବ୍ୟବସ୍ଥା କରିବାକୁ ନଗରପାଳ ସାହୁ କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଆସନ୍ତା ସ୍ୱାୟତ୍ତଶାସନ ଦିବସ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧିକାରୀ ଓ ସ୍ଥାନୀୟ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ‘ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଟ୍ରଷ୍ଟ ବୋର୍ଡକୁ ବଳି ପକାଇବାକୁ ଉଦ୍ୟମ ହେଉଛି’

**ଖବରଦାତା ସମ୍ମିଳନୀରେ ରୁଦ୍ରେଶ୍ୱର ମନ୍ଦିର କମିଟି ସଦସ୍ୟଙ୍କ ବୟାନ**

ରଘୁନାଥପୁର,୭।୬(ଡି.ଏନ୍.ଏ.)

ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରଘୁନାଥପୁର ବ୍ଲକ କୋରକରାସ୍ଥିତ ବହୁ ପ୍ରାଚୀନ ରୁଦ୍ରେଶ୍ୱର ମନ୍ଦିର ଓ ଏହାର ଟ୍ରଷ୍ଟବୋର୍ଡକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହେଉଛି। ଏ ସମ୍ପର୍କରେ ବୁଧବାର ବ୍ଲକ ଛକସ୍ଥିତ ମଦନମୋହନ ମଠ ପରିସର ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ କମିଟି ସଭାପତି ନିର୍ମଳ ଚନ୍ଦ୍ର ଦାସ, ସଦସ୍ୟ ଚନ୍ଦ୍ରମଣି ବରାଳ, ପ୍ରଦୀପ ନାୟକ, ସଞ୍ଜୟ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ଗତ ୨୦୨୧ରେ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିରର ନୀତିକାନ୍ତି ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚର ହିସାବ(ୟୁସି)ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଇଛି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ପାଇଁ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଟଙ୍କା ହଡ଼ପ ହୋଇଥିବା ନେଇ ମିଥ୍ୟା ତଥ୍ୟ ରଖୁଛନ୍ତି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସଭାପତି ଦାସ କହିଛନ୍ତି। ଅନ୍ୟପକ୍ଷେ ଭକ୍ତଙ୍କ ଦାନଅର୍ଥ ଓ ସରକାରୀ ଅନୁଦାନରେ ହେଉଥିବା ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ଚଞ୍ଚକତା ଉଦ୍ୟମକୁ ସଫଳ କରାଇ ଦିଆ ନ ଯିବାରୁ ଟ୍ରଷ୍ଟବୋର୍ଡକୁ ଆଇନ ପରିସରକୁ ଟଣାଯାଉଛି ବୋଲି ସଭାପତି ଦାସ ପ୍ରକାଶ କରିଛନ୍ତି। ଟଙ୍କା ହଡ଼ପ ଘଟଣାର ବିଧିବଦ୍ଧ ତଦନ୍ତ ନ ହେଲେ ଅନଶନ ଓ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଭାପତି ଦାସ ଚେତାବନୀ ଦେଇଛନ୍ତି। ଗତ ୨୦୨୧ରେ ଦେବୋତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟବୋର୍ଡ ଗଠନ କରିବାକୁ ଅନୁମତି ମିଳିଥିଲା। ଏଥିରେ ଏବେ ସ୍ଥାନୀୟ ତହସିଲଦାର, ଆଇଆଇସିଙ୍କ ସହ ୭ ଜଣ ସ୍ଥାନୀୟ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଶଙ୍କର ପ୍ରଧାନ ନାମକ ବ୍ୟକ୍ତିଙ୍କ ଗତ ୨୦୨୨ରେ ମୃତ୍ୟୁ ହୋଇଛି। ମନ୍ଦିର ଓ ଟ୍ରଷ୍ଟବୋର୍ଡ ବିରୋଧରେ ମିଥ୍ୟା ଅପପ୍ରଚାର କରି ଭକ୍ତଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏନେଇ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ସହ ଗ୍ରାମବାସୀ, ଜିଲାପାଳ, ଦେବୋତ୍ତର ଆୟୁକ୍ତ, ଆଇନ ମନ୍ତ୍ରୀ, ସଚିବ ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଟ୍ରଷ୍ଟବୋର୍ଡ କମିଟି ସଭାପତି ଓ ଅନ୍ୟମାନେ।

### ପାନଦୋକାନରୁ ବିଦେଶୀ ମଦ ଜବତ

ନିଶ୍ଚିନ୍ତକୋଇଲି,୭।୬(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଏକ ପାନ ଦୋକାନରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି। ଉକ୍ତ ପାନ ଦୋକାନରେ ମଦ କାରବାର ହେଉଥିବା ନେଇ ସ୍ଥାନୀୟ ଲୋକେ ପୂର୍ବରୁ କିଶୋରନଗର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ବୁଧବାର କିଶନ ନଗର ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ସେଠାରେ ଅଚାନକ ଚଢ଼ାଉ କରି ମଦ ଜବତ କରିଥିବା ସୂଚନା ଦେଇଛନ୍ତି।

### ଏସ୍‌ସିବିରେ ୧୧୯ ଆହତ ଚିକିତ୍ସାଧୀନ, ଆଇସିୟୁରେ ୨୧

କଟକ ଅଫିସ,୭।୬:

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାର ଆହତଙ୍କ ମଧ୍ୟରୁ ୧୧୯ ଜଣ ବୁଧବାର ସୁଦ୍ଧା ଏସ୍‌ସିବି ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ବିଭିନ୍ନ ବିଭାଗର ଆଇସିୟୁରେ ରଖାଯାଇଛି। ପର୍ଯ୍ୟାୟକ୍ରମେ ଏସ୍‌ସିବିରେ ମୋଟ ୨୦୧ ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୨ ଜଣ ଡିସ୍‌ଚାର୍ଜ ହୋଇ ଅଥବା ମେଡିକାଲ ଅନୁମତି ବିନା ସ୍ୱଇଚ୍ଛାରେ ଘରକୁ ଯାଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି।

## ଜୟପ୍ରକାଶ ଶିକ୍ଷାନିକେତନକୁ ପ୍ରକୃତିମିତ୍ର ପୁରସ୍କାର



ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ରଘୁନାଥପୁର,୭।୬(ଡି.ଏନ୍.ଏ.)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ରାଜ କନଭେନଶନ ସେଣ୍ଟରରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଶିକ୍ଷାନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ରଙ୍କୁ ପ୍ରକୃତିମିତ୍ର ପ୍ରମାଣପତ୍ର ସହ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ପ୍ରକୃତିମିତ୍ର ସମ୍ମାନରେ ବିଦ୍ୟାଳୟ ସମ୍ମାନିତ ହୋଇଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ଇଂ. ବାବାଜୀ ଚରଣ ଜେନା, ସଭ୍ୟ ପାର୍ଥଶାଖା ପାଲଟାସିଂହ, ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ,ଆଲୁମ୍ନି ସଭାପତି ମାନସ କୁମାର ମହାପାତ୍ର, ସମ୍ପାଦକ ଜୟପ୍ରକାଶ ଜେନା, ଓଡିଶା ମୋ ପରିବାର ସଭ୍ୟ ଡ. ସୁରେନ୍ଦ୍ରନାଥ ମହାପାତ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କର୍ଡନ ଭିତରେ ରହିବେ ସୀମିତ ସଂଖ୍ୟକ ପାସ୍‌ଧାରୀ

ପୁରୀ ଅଫିସ, ୭।୬:

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୨୦ ତାରିଖରେ ରଥଯାତ୍ରା ହେବାକୁ ଯାଉଥିବା ବେଳେ ସମସ୍ତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା, ଯାତାୟତ ଆଦି ଯେପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି କନୱର ବିଶାଲ ସିଂ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷର ଘୋଷଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ଆଲୋଚନା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ, ନୀତିପାଇଁ ଯାତାୟତ ସମୟରେ ଯେପରି ସେବକଙ୍କୁ କୌଣସି ସମସ୍ୟା ନ ହେବ, ଗତବର୍ଷର ତ୍ରୁଟି ଯେପରି ଚଳିତବର୍ଷ ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସେବାୟତମାନେ ସେମାନଙ୍କ ମତ ରଖିଥିଲେ।

ବୈଠକ ପରେ ଏସ୍‌ପି ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଆଗକୁ ରଥଯାତ୍ରା ପାଇଁ ଆମେ ପ୍ରସ୍ତୁତ ରହିଛୁ। ସେବାୟତଙ୍କ ସହଯୋଗରେ ସ୍ନାନଯାତ୍ରା ପରି ରଥଯାତ୍ରା ମଧ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ରଖିଛୁ। ସେବାୟତମାନେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ସମସ୍ତଙ୍କ ସହଯୋଗରେ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଅତ୍ୟଧିକ ଲୋକ କର୍ଡନ ଭିତରେ ରହୁଛନ୍ତି। ତେଣୁ କର୍ଡନ ଭିତରେ ସୀମିତ ପାସ୍‌ଧାରୀ ରହିବା, ପହଣ୍ଡି ସମୟରେ ସୀମିତ ଘଣ୍ଟୁଆ, କର୍ଡନ ଭିତରେ ନୃତ୍ୟ ଶିଳ୍ପୀଙ୍କୁ ସୀମିତ ରଖିବା, ନୀତି ଶୃଙ୍ଖଳିତ କରାଯିବା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ସେହିପରି ବରିଷ୍ଠ ସେବକ ତଥା ଶ୍ରୀମନ୍ଦିର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଛନ୍ତି, ଘୋଷଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତି ପାଇଁ ନିୟୋଜିତ ଥିବା ସେବାୟତଙ୍କ ଯାତାୟତ ଲାଗି ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା, ପାର୍କିଂସ୍ଥାନ, ପୋଲିସ ପକ୍ଷରୁ ସହଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

■ ୧୧ ଜବରଦଖଲକାରୀଙ୍କୁ ନୋଟିସ ହୋଇଥିଲା

■ ୫ କୋର୍ଟର ଆଶ୍ରୟ ନେଇଥିବାରୁ ଅବଶିଷ୍ଟ ୬ ଜଣଙ୍କର ଭଙ୍ଗାଗଲା

ସାଲେପୁର,୭।୬(ଡି.ଏନ୍.ଏ.)



ତହସିଲ ପ୍ରଶାସନ ପକ୍ଷରୁ ଡାକପୋଲ ପାଖରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଉଛି।

ସାଲେପୁର ତହସିଲ ପ୍ରଶାସନ ପକ୍ଷରୁ ଡାକପୋଲ ପାଖରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ତହସିଲଦାର ଶିବ ମଲ୍ଲିକ, ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ନାୟକ ଓ ସାଲେପୁର ଥାନା ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିଥିଲେ। ଦୀର୍ଘଦିନ ଧରି ସାଲେପୁର କେନ୍ଦ୍ରାପଡ଼ା ରାସ୍ତାର ଡାକପୋଲ ନିକଟରେ କିଛି ଲୋକ ସରକାରୀ ଜାଗାକୁ ଜବରଦଖଲ କରି ରଖିଥିଲେ। ଫଳରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଉପୁଜୁଥିଲା। ଏନେଇ ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୧ଜଣ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯାଇଥିବାବେଳେ ସେଥିରୁ ୫ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇ ଅବଶିଷ୍ଟ ୬ଜଣ ଜବରଦଖଲକାରୀଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। କୋର୍ଟ ରାୟ ପରେ ଅନ୍ୟ ୫ଜଣ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶିବ ମଲ୍ଲିକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସାଲେପୁର ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଏଥିପାଇଁ ଦେଢ଼ ଏକର ଜମି ଚିହ୍ନଟ କରାଯାଇଛି। ଏହି ଜମିର ସମ୍ମୁଖ ଭାଗରେ ବ୍ୟବସାୟୀମାନେ ଜବରଦଖଲ କରି ନିଜର ବ୍ୟବସାୟ ପ୍ରତିଷ୍ଠାନ କରିଥିଲେ। ଫଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିବା ଆଶଙ୍କା ଥିବାରୁ ଏହାକୁ ଉଚ୍ଛେଦ କରାଯାଇଛି ବୋଲି କୁହାଯାଉଛି।








ବାଲେଶ୍ୱର ଜିଲା ବାହାନଗାଠାରେ ହୋଇଥିବା ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ସାଲେପୁର କସ୍ତୁରବା ଗାନ୍ଧୀ ସ୍ମାରକନିଧି ଓ ମାହାଙ୍ଗାର ପଣସପୁରସ୍ଥିତ ମା’ତାରିଣୀ ପୀଠ ପରିସରରେ ସମୂହ ଦୀପଦାନ ହୋଇଥିବାବେଳେ ମାଣିଆବନ୍ଧରେ ମହମବତି ଶୋଭାଯାତ୍ରା କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୬।୨୦୨୩

| ୭୭, ୧୨୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# କର୍ଡନ ଭିତରେ ରହିବେ ସୀମିତ ସଂଖ୍ୟକ ପାସ୍‌ଧାରୀ

ପୁରୀ ଅଫିସ, ୭।୬

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୨୦ ତାରିଖରେ ରଥଯାତ୍ରା ହେବାକୁ ଯାଉଥିବା ବେଳେ ସମସ୍ତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା, ଯାତାୟାତ ଆଦି ଯେପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି କନୱର ବିଶାଲ ସିଂ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷର ଘୋଷଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ଆଲୋଚନା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ, ନୀତି ପାଇଁ ଯାତାୟାତ ସମୟରେ ଯେପରି ସେବକଙ୍କୁ କୌଣସି ସମସ୍ୟା ନ ହେବ, ଗତବର୍ଷର ତ୍ରୁଟି ଯେପରି ଚଳିତବର୍ଷ ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସେବାୟତମାନେ ସେମାନଙ୍କ ମତ ରଖିଥିଲେ।




ସମନ୍ୱୟ ବୈଠକରେ ଏସ୍‌ପି କନୱର ବିଶାଲ ସିଂ ଏବଂ ଅନ୍ୟମାନେ।

### ପୋଲିସ -ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ସମନ୍ୱୟ ବୈଠକ

ବୈଠକ ପରେ ଏସ୍‌ପି ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆର୍ଶୀବାଦରୁ ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଆଗକୁ ରଥଯାତ୍ରା ପାଇଁ ଆମେ ପ୍ରସ୍ତୁତ ରହିଛୁ। ସେବାୟତଙ୍କ ସହଯୋଗରେ ସ୍ନାନଯାତ୍ରା ପରି ରଥଯାତ୍ରା ମଧ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ରଖିଛୁ। ସେବାୟତମାନେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ସମସ୍ତଙ୍କ ସହଯୋଗରେ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଅତ୍ୟଧିକ ଲୋକ କର୍ଡନ ଭିତରେ ରହୁଛନ୍ତି। ତେଣୁ କର୍ଡନ ଭିତରେ ସୀମିତ ପାସ୍‌ଧାରୀ ରହିବା, ପହଣ୍ଡି ସମୟରେ ସୀମିତ ଘଣ୍ଟୁଆ, କର୍ଡନ ଭିତରେ ନୃତ୍ୟ ଶିଳ୍ପୀଙ୍କୁ ସୀମିତ ରଖିବା, ନୀତି ଶୃଙ୍ଖଳିତ କରାଯିବା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ସେହିପରି ବରିଷ୍ଠ ସେବକ ତଥା ଶ୍ରୀମନ୍ଦିର ଘଣ୍ଟୁଆ ନିଯୋଗ ସଭାପତି ଗୌରହରି ପ୍ରଧାନ କହିଛନ୍ତି, ଘୋଷଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତି ପାଇଁ ନିୟୋଜିତ ଥିବା ସେବାୟତଙ୍କ ଯାତାୟାତ ଲାଗି ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା, ପାର୍କିଂସ୍ଥାନ, ପୋଲିସ ପକ୍ଷରୁ ସହଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି।

# ୩ ରଥରେ ଲାଗିଲା ବଡ଼ ଥଳି ପୋଟଳ

### ରଥଖଳାରୁ ...

**ପୁରୀ ଅଫିସ, ୭।୬:** ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥଚାଳିରେ ମହାରଣା ସେବକମାନେ ୬ ପରସ୍ତ ପୋଟଳ ନିର୍ମାଣ ସହ ରଥରେ ପୋଟଳ ସଂଯୋଗ ପାଇଁ ଶେଷଭୂଇଁ ଉପରେ ୪ଟି ଲେଖାଏ ପୋଟଳ ଖମ୍ବୀ, ଦୁଇଟି ଲେଖାଏ ପୋଟଳ ପାରେଣି ସେଟିଙ୍ଗ କରିବା ପରେ ବୁଧବାର ତିନିରଥରେ ବଡଥଳିପୋଟଳ ସଂଯୋଗ କରାଯାଇଛି। ତିନିରଥରେ 'ବଡ଼ ଥଳ' ପୋଟଳ ଶେଷ ଭୂଇଁ ଉପରେ ଫିଟିଙ୍ଗ କରାଯିବା ସହ ପୋଟଳକୁ ମୁଣ୍ଡାଇ ଧରି ରଖିବା ପାଇଁ ପୋଟଳ ଚାରିପାର୍ଶ୍ୱରେ ଦୁଇଟି ଲେଖାଏ ଆଠଟି ପୋଟଳ ନାହାକା ସଂଯୋଗ ହୋଇଛି। ତିନିରଥରେ ଖପୁରି, ପାରାଭାଡ଼ିକୁ ମିଶାଇ ମୋଟ ୧୩ ପରସ୍ତ ପୋଟଳ ପଡ଼ିଥାଏ। ସେଥିମଧ୍ୟରୁ ତିନି ରଥରେ 'ବଡ଼ ଥଳ' ପୋଟଳ ପଡ଼ିଛି, ବାକି ୧୨ ପରସ୍ତ ପୋଟଳ ଗୁଡିକରେ ଯୋକା କଣ୍ଟା ବାଡ଼ିଆ ଯାଇ ପୋଟଳ ପ୍ରସ୍ତୁତି ଶେଷ ହୋଇଛି। ତିନିରଥରେ 'ମୂଳ କଇଁଚି' ବାଡ଼ିଆ ସରିଛି। ଚାରିନାହାକାର ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏ ୬/୪ ସାଇଜ ୧୬ ଫୁଟର ୪ଟି କଇଁଚି କାଠକୁ କ୍ରସ କରି ଉଭୟ ପାର୍ଶ୍ୱରେ ବାଡ଼ିଆ ଯାଇଛି। ଏହା ଚାରିନାହାକାକୁ ମଜବୁତ ରଖିଥାଏ। ତିନିରଥର ଦଧି ନଉତି କଳସପେଣ୍ଡିରେ ପାଖୁଡା ସଂଯୋଗ ସରିଛି। ଏଥିରେ ଆଲମିନିୟମ ଚଦର ଫିଟିଙ୍ଗ କରାଯିବା ପରେ ଚିତ୍ରକର ସେବକ ସେଥିରେ ପଦ୍ମ ପାଖୁଡା ଚିତ୍ର କରିବେ।

ତିନିରଥର ସମ୍ମୁଖ ଦୁଇ ବ୍ରେକ ଚକକୁ ସୁରକ୍ଷା ଦେବା ପାଇଁ ଚକ ଉଭୟ ପାର୍ଶ୍ୱରେ ୪ଟି ଲେଖାଏ ଲୁହାପ୍ଲେଟ ନଟ୍ ବୋଲ୍ଟ ଦ୍ୱାରା ଫିଟିଙ୍ଗ କରାଯାଇଛି। ରଥ ଗଡିବା ବେଳେ ବ୍ରେକ ପଡ଼ିଲେ ଚକର କୌଣସି କ୍ଷତି ନ ହେବାପାଇଁ ଏହି ପ୍ଲେଟ ଫିଟିଙ୍ଗ ହୋଇଛି। ରୂପକାର ସେବକମାନେ ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିବା ସହ ତାଳଧ୍ୱଜ ରଥର ପଟାଗୁଜରେ ନର ବିରାଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ପଟାଗୁଜ ଗୁଡିକରେ ନର ବିରାଳ, ଗଜ ବିରାଳ, ସିଂହ ବିରାଳ ରୂପ ଖୋଦେଇ ହେବ। ଚିତ୍ରକାର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ, ହଂସପଟା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ପାଇଁ ଧଳା ପ୍ରାଇମର ଦେଉଛନ୍ତି। ଦୋଳବେଦି କମାର ଶାକରେ ଓଝା ସେବକମାନେ ଜଙ୍ଘାକଣ୍ଟା, ବାଗିଆ, ଗୋଡିଛାଳ ଏବଂ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



## ସଂକ୍ଷେପରେ

### ପାଗଳା କୁକୁର କାମୁଡ଼ାରେ ୮ ଗୁରୁତର

**ସାକ୍ଷୀଗୋପାଳ,୭।୬(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଚଉଦଗୁଣ୍ଠ, ଘାସିଭବାନୀପୁର, ନରେନ୍ଦ୍ରପୁର ଆଦି ଗ୍ରାମରେ ମାତିଛି ପାଗଳା କୁକୁର ଆତଙ୍କ। ଏହି ପାଗଳା କୁକୁରଟି ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ କାମୁଡ଼ି ଦେଉଛି। ଫଳରେ ଗ୍ରାମବାସୀ ରାସ୍ତାରେ ଯାତାୟାତ କରିପାରୁନାହାନ୍ତି। ଇତି ମଧ୍ୟରେ ଏହି ପାଗଳା କୁକୁର ୮ଜଣଙ୍କୁ କାମୁଡ଼ି ଦେଇଥିବାରୁ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେଜଣ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ କେତେଜଣ ଗୁରୁତର ହୋଇଥିବାରୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଭଗବାନ ଜେନା, ରମାମଣୀ ମହାପାତ୍ର, କବିତା ନାୟକ, କାବେରୀ ଭୋଇ, ଚନ୍ଦ୍ରୁରୀ ସାହୁ ପ୍ରମୁଖ। କୁକୁର ଯାହାକୁ ଦେଖୁଛି ତାକୁ ଗୋଡାଇ କାମୁଡ଼ିଛି। ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ପିଲାଛୁଆ କେହି ବି ଘରୁ ବାହାରକୁ ଯାଇପାରୁ ନାହାନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

**ବଳଙ୍ଗା, ୭।୬(ଡି.ଏନ୍.ଏ):** ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୯୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀ(୨୮)ଙ୍କ ସହିତ ସେହି ଗ୍ରାମର ଜଣେ ଯୁବକଙ୍କର ୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲେ। ୧୦ ଦିନ ତଳେ ସେହି ଯୁବକଙ୍କର ଅନ୍ୟ ଏକ ସ୍ଥାନରେ ବିବାହ ପ୍ରସ୍ତାବ ପଡ଼ିବା ନେଇ ପୀଡ଼ିତା ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଯୁବକଙ୍କୁ ଫୋନ ଯୋଗେ ପଚାରିବାରୁ ସେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ଯୁବକଙ୍କ ଘରକୁ ଯାଇ ପୀଡ଼ିତା ଏକଥା ଜଣାଇବାରୁ ପରିବାର ଲୋକେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି।




ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଜିଲା ଉଜ୍ଜଳା ଦିଦି ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜିଲା ଉଜ୍ଜଳା ଦିଦି ସଂଘର ବିକ୍ଷୋଭ

ପୁରୀ ଅଫିସ,୭।୬

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ପକ୍ଷରୁ ସେମାନଙ୍କୁ ସମାଜିକ ସୁରକ୍ଷା ଯୋଗାଇ ଦେବା, ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଟି ଗରିବଙ୍କ ଘରେ ଉଜ୍ଜଳା ଗ୍ୟାସ ଯୋଗାଇ ଦିଆଗଲା। ଫଳରେ କୋଟି କୋଟି ଲୋକ ଉପକୃତ ହେଲେ। ଏହା ଆମ ଦେଶ ପାଇଁ ଦର୍ପ ଓ ଗୌରବ ବିଷୟ। ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକୁ କରିବା ପାଇଁ ଉଜ୍ଜଳା ଦିଦିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ଦିଗରେ ଦିଦିମାନେ ସହଯୋଗର ହାତ ବଢ଼ାଇଥିଲେ। ମାତ୍ର ସରକାର ସେମାନଙ୍କର କିଛି ନ୍ୟାଯ୍ୟ ଦାବି ଶୁଣୁନାହାନ୍ତି। ତେଣୁ ସରକାର ଉଜ୍ଜଳା ଦିଦିମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରାଯାଉ, ସମସ୍ତ ଉଜ୍ଜଳା ଦିଦିଙ୍କ ପାଇଁ ସାମାଜିକ ସୁରକ୍ଷା ଦିଆଯାଉ। ଉଜ୍ଜଳା ଦିଦିଙ୍କୁ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦିଆଯାଉ। ଦାବିପତ୍ର ପ୍ରଦାନ ପୂର୍ବରୁ ସଂଘର କର୍ମକର୍ତ୍ତାମାନେ ଟାଉନହଲ ଛକଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କୁ ଆସି ବିକ୍ଷୋଭ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ବସନ୍ତ ସାହୁ, ଭାରତୀୟ ମଜଦୁର ସଂଘ ଜିଲା ସଂଗଠନ ସମ୍ପାଦିକା ଭବାନୀ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଳପାତ କରିଥିଲେ। ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ଉପଦେଷ୍ଟା ଜ୍ୟୋସ୍ନାରାଣୀ ସିଂ, ଜିଲା ସଂଯୋଜିକା ସୁମିତ୍ରା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ରାଜଧାନୀରେ କାଳବୈଶାଖୀ

## ଉପୁଡ଼ିଲା ଗଛ, ଯାତାୟାତ ବାଧାପ୍ରାପ୍ତ

ଭୁବନେଶ୍ୱର,୭।୬(ବ୍ୟୁରୋ)

ସାରାଦିନ ପ୍ରବଳ ତାତିକୁ ଗୁଳୁଗୁଳିରେ ଭୁବନେଶ୍ୱରବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ଅପରାହ୍ନରେ କାଳବୈଶାଖୀ ବର୍ଷା ପ୍ରଭାବରେ ପରିବେଶ ଥଣ୍ଡା ପଡ଼ିଛି। ୩୦ରୁ ୪୦ କିମି ବେଗରେ ପବନ ସହ ପ୍ରବଳ ବର୍ଷା କାରଣରୁ ରାଜଧାନୀର ଅନେକ ସ୍ଥାନରେ ଗଛ ଉପୁଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୁନ୍ଦରପଦା ଅଞ୍ଚଳରେ ଏକାଧିକ ସ୍ଥାନରେ ଗଛ ଉପୁଡ଼ିପଡ଼ିବା ଫଳରେ ଅନେକ ସମୟଧରି ଯାନବାହନ ଚଳାଚଳ କରିପାରି ନ ଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତାରୁ ଗଛ ହଟାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରାୟ ୨ ଘଣ୍ଟା ବର୍ଷା ସହ ଘଡ଼ିଘଡ଼ି ବିଜୁଳି ମାରିବାରୁ ବିଭିନ୍ନ ସ୍ଥାନରେ ଲୋକମାନେ ଓଭରବ୍ରିଜ ତଳେ ଆଶ୍ରୟ ନେଇଥିଲେ। ବର୍ଷା ଛାଡ଼ିବା ପରେ ହଜାର ହଜାର ସଂଖ୍ୟାରେ ଯାନବାହନ ଏକାକାଳୀନ ଯାତାୟାତ ଆରମ୍ଭ କରିବା ଫଳରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ବିଶେଷ କରି ସତସଙ୍ଗ ବିହାରରୁ ପଳାଶୁଣୀ ପର୍ଯ୍ୟନ୍ତ ଯିବାକୁ ଘଣ୍ଟାଏ ସମୟ ଲାଗିଥିଲା। ସେହିପରି ଝଡ଼ପବନରେ କେତେକ ସ୍ଥାନରେ ବିଦ୍ୟୁତ୍ ତାର ମଧ୍ୟ ଛିଡି ଓହଳିଥିବା ଦେଖିବାକୁ ମିଳିଥିଲା।

# ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଆହ୍ୱାନ

ପୁରୀ ଅଫିସ, ୭।୬

### ସଚେତନତା ରଥ ଉଦ୍‌ଘାଟିତ

ପୁରୀ ଜିଲା ଶ୍ରମ ବିଭାଗ ପକ୍ଷରୁ ବୁଧବାର ଶିଶୁ ଶ୍ରମିକ ଉଚ୍ଛେଦ ପ୍ରଥା ସଂକ୍ରାନ୍ତ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ରଥକୁ ଉଦଘାଟନ କରି କହିଥିଲେ, ପ୍ରତ୍ୟେକ ଶିଶୁ ଈଶ୍ୱରଙ୍କ ସନ୍ତାନ। ସେହିପରି ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାକୁ ବିକଶିତ କରାଗଲେ ସେ ସମାଜ ପାଇଁ ସମ୍ବଳ ପାଲଟିବ। ଶିଶୁ ଶ୍ରମିକ ଏକ ଘୃଣ୍ୟ ପ୍ରଥା ହୋଇଥିବାରୁ ଏହାକୁ ସବୁ ସ୍ତରରୁ ପ୍ରତିହତ କରିବାର ଆବଶ୍ୟକତା ରହିଛି। ତେଣୁ ସମ୍ବେଦନଶୀଳ ଓ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଡିଭିଜନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସହକାରୀ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

# ବଜ୍ରପାତରେ ୨ ଗାଈ ମୃତ, ପର୍ଯ୍ୟଟକ ଚେତାଶୂନ୍ୟ

ବାଲକାଟୀ,୭।୬(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ବିସୁନିଆପଡ଼ା ଗ୍ରାମରେ ବୁଧବାର ପ୍ରଚଣ୍ଡ କାଳବୈଶାଖୀ ପ୍ରଭାବରେ ୨ଟି ଗାଈଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣେ ପର୍ଯ୍ୟଟକ ଚେତାଶୂନ୍ୟ ହୋଇଛନ୍ତି।

ସୂଚନା ମୁତାବକ, ଗ୍ରାମର ସୁକାନ୍ତ ମାଟିଆ ଗାଈଗୋଠ ନେଇ ବିଲକୁ ଯାଇଥିଲେ। ଅପରାହ୍ନରେ ପ୍ରବଳ ଘଡ଼ଘଡ଼ି ଓ ବିଜୁଳି ମାରିବାରୁ ସେ ଗାଈଙ୍କୁ ବିଲରେ ଛାଡ଼ି ଗାଁ ଭିତରକୁ ପଳାଇ ଆସିଥିଲେ। ବର୍ଷା ଛାଡ଼ିବା ପରେ ସେ ବିଲରେ ପହଞ୍ଚି ତାଙ୍କର ୨ ଗାଈ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ବୁଧବାର ଧଉଳି ଶାନ୍ତିସ୍ତୂପକୁ ପଶ୍ଚିମବଙ୍ଗ ପର୍ଯ୍ୟଟକ ସାଥୀଙ୍କ ସହ ବୁଲିବାକୁ ଆସିଥିଲେ। ସେ ସମୟରେ ହଠାତ୍ ବର୍ଷା ପବନ ସାଙ୍ଗକୁ ପ୍ରବଳ ଘଡ଼ଘଡ଼ି ହେବାରୁ ସେଥିରେ ଜଣେ ପର୍ଯ୍ୟଟକ ଚେତା ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଓ ସାଥୀଙ୍କ ସହଯୋଗରେ ଚିକିତ୍ସା ପରେ ତାଙ୍କ ଚେତା ଫେରିଥିଲା।

# ସୁସ୍ଥ ରହିବାକୁ ମିଲେଟ୍ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ




ପୁରୀରେ ଆୟୋଜିତ ଜିଲାସ୍ତରୀୟ ମିଲେଟ୍ ମେଳାରେ ମଞ୍ଚାସୀନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଅନ୍ୟ ଅତିଥି।

ପୁରୀ ଅଫିସ, ୭।୬

### ଜିଲାସ୍ତରୀୟ ମିଲେଟ୍ ମେଳା

ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଉପଲକ୍ଷେ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗର ମିଶନ ଲାଇଫ୍ କାର୍ଯ୍ୟକ୍ରମ ସହଯୋଗରେ ଯୁଥ୍ ହଷ୍ଟେଲ ପରିସରରେ ବୁଧବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ମିଲେଟ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଜୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସଙ୍ଗଠକ ବଦ୍ରି ମିଶ୍ର ମୁଖ୍ୟବକ୍ତା, ସାମାଜିକ କର୍ମୀ ଦିଗମ୍ବର ବେହେରା, ଅଧ୍ୟାପକ ସୁକାନ୍ତ ମହାନ୍ତି, ବାଦଲ ବେହେରା ଏବଂ ଭକ୍ତବିହାରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଭାରତ ପାଇଁ ମିଲେଟ୍‌ର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଅତିଥିମାନେ କହିଥିଲେ, ସୁଷମ ଓ ପୁଷ୍ଟିକର ଖାଦ୍ୟ ବଦଳରେ ରାସ୍ତାକଡ଼ ଖାଦ୍ୟ, ଜଙ୍କ୍ ଫୁଡ୍, ଥଣ୍ଡା ପାନୀୟର ବହୁଳ ବ୍ୟବହାର ଯୋଗୁ ଯୁବଗୋଷ୍ଠୀ ମୃତ୍ୟୁମୁଖରେ ପଡୁଥିବା ବେଳେ, ବଦହଜମି, କିଡ୍‌ନୀ ଓ ହୃଦରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ଭାରତବର୍ଷ ପାଇଁ ଚିନ୍ତା ଆଣିଛି। ଏଣୁ ଏକ ସୁସ୍ଥ ପରିବାର ଓ ଦେଶ ପାଇଁ ମିଲେଟ୍ ବ୍ୟବହାର ଏକ ପ୍ରଧାନ ଆବଶ୍ୟକତା। ବିଜ୍ଞାନୀ ସନ୍ଦୀପ ସେନଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଶୋକ ବେହେରା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଇଂ. ପ୍ରଦୀପ୍ତ ପ୍ରଧାନ, ସଞ୍ଜୟ ପ୍ରଧାନ, ଓମ୍ ମହାନ୍ତି, ଶୁଭସ୍ମିତା ପରିଡା, ବାସୁଦେବ ସେନାପତି, କୃଷ୍ଣଚନ୍ଦ୍ର ସାହୁ, ସନ୍ଦୀପ କୁମାର ଜାଲି ଏବଂ ଆଲୋକ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ନିର୍ଯାତନା ଏକ ଘୃଣ୍ୟ କାର୍ଯ୍ୟ

ପୁରୀ ଅଫିସ, ୭।୬

### ସଚେତନତା ଉପରେ ଗୁରୁତ୍ୱ

ଡାହାଣୀ ସନ୍ଦେହରେ ମହିଳାଙ୍କ ପ୍ରତି ହିଂସା ବା ନିର୍ଯାତନା ଏକ ଘୃଣ୍ୟ କାର୍ଯ୍ୟ। ଏହାକୁ ପ୍ରତି ସ୍ତରରେ ସଚେତନତା ସୃଷ୍ଟି ଦ୍ୱାରା ପ୍ରତିହତ କରିବାକୁ ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି। ବୁଧବାର ସଂସ୍କୃତି ଭବନରେ ଜିଲା ପ୍ରଶାସନ ଏବଂ ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ 'ଡାହାଣୀ ସନ୍ଦେହରେ ମହିଳାଙ୍କୁ ନିର୍ଯାତନା' ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଶିକ୍ଷା ଓ ସଚେତନତାର ଅଭାବ ଯୋଗୁ ଆଜି ମଧ୍ୟ ଗୁଣିଗାରେଡ଼ି ଓ ଡାହାଣୀ ଭଳି କୁସଂସ୍କାର ସମାଜର କ୍ଷତି ସାଧନ କରୁଛି। ଅନେକ ପରିବାର ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ସମାଜର ପ୍ରତିଟି ମଣିଷ ଏହି ଘୃଣ୍ୟ ପ୍ରଥାକୁ ବିରୋଧ କରିବା ସହ ଏହାର ମୂଳୋତ୍ପାଟନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଏସ୍‌ପି ତାରା ଜସ୍‌ମିନ ଗୁରିଆ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଡାହାଣୀ, ଗୁଣିଗାରେଡି, ତନ୍ତ୍ରମନ୍ତ୍ର ଇତ୍ୟାଦି ସନ୍ଦେହକୁ ଯେପରି ସମସ୍ତଙ୍କ ସହଯୋଗରେ ଦୂର କରାଯାଇପାରିବ ତାହାର ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଅଧ୍ୟକ୍ଷତା କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନ ଏଡ୍‌ର ପ୍ରୋଗ୍ରାମ ଅଫିସର ତଥା ବିଷୟ ବିଶାରଦ ଘାସିରାମ ପଣ୍ଡା ଏବଂ ବି.ଏନ୍. ଦୁର୍ଗା ଏହାର କାରଣ, ସମାଜରେ ପ୍ରଭାବ, ନିରାକରଣ ଓ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ରଚାରପତ୍ରକୁ ଉନ୍ମୋଚନ କରିଥିଲେ। ବାଲ୍ୟ ବିବାହ ନିଷେଧ ଜିଲା ସଂଯୋଜିକା ରଞ୍ଜିତା ଦାସ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ।




ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥିମାନେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ରଚାରପତ୍ରକୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଏସ୍ଏଚ୍‌ଜିର ୧୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନିମାପଡ଼ା,୭।୬ (ଡି.ଏନ୍.ଏ.):** ନାବାର୍ଡ ସହାୟତାରେ ନିମାପଡ଼ା ବ୍ଲକ ଅଧୀନ ଗଡ଼ପଦନପୁର ପଞ୍ଚାୟତର ଭାଣପୁର ଗ୍ରାମଠାରେ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ୧୩ ଦିନିଆ ଶିବିରର ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ନାବାର୍ଡ ଜିଲା ବିକାଶ ଅଧିକାରୀ ବିଶ୍ୱ ଭୂଷଣ ମହାନ୍ତି, ସରପଞ୍ଚ ରାକେଶ ବାରିକ, ଆୟୋଜକ ନବଜ୍ୟୋତି ଅନୁଷ୍ଠାନର ସମ୍ପାଦକ କ୍ଷୀରୋଦ ଦାଶ, କୃଷକ ଉତ୍ପାଦକ କମ୍ପାନୀର ଜିଲା ପ୍ରତିନିଧି ଦୀପକ ମହାନ୍ତି, ପ୍ରବୀଣ ଉପାଧ୍ୟାୟ, ସିଇଓ ଲକ୍ଷ୍ମଣ ବେହେରା, ଭାଗୀରଥି ବାରିକ, ନୃସିଂହ ସାହୁ, ଏମ୍‌ବିକେ ରେଣୁବାଳା ବେହେରା ପ୍ରମୁଖ ଯୋଗଦେଇଥିଲେ। ମହିଳାମାନେ କିପରି ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ, ରୋଜଗାରକ୍ଷମ ହୋଇପାରିବେ ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ମହିଳାମାନେ ଉତ୍ପାଦକ ଗୋଷ୍ଠୀ ତଥା ସଂଘ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ତାଲିମଦାତା ଭାବେ ବିଜୟ ସାହୁ ଯୋଗଦେଇ ମହିଳାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଯୋଗଦେଇଥିବା ମହିଳାଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଡାଲିଜାତୀୟ ଫସଲ ସଂକ୍ରାନ୍ତ ସଚେତନତା

**ଡେଲାଙ୍ଗ,୭।୬(ଡି.ଏନ୍.ଏ.):** କୃଷି ବିଭାଗ ପକ୍ଷରୁ ଡେଲାଙ୍ଗ ବ୍ଲକର କୋଠବାଡ଼ ଓ ସୁଜନପୁର ପଞ୍ଚାୟତରେ ବୁଧବାର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ କୃଷି ଅଧିକାରିଣୀ ମାନସି ମଧୁବାସିନୀ ପଶାୟତ, ପୂର୍ବତନ କୋରାପୁଟ ଜିଲା କୃଷି ଅଧିକାରୀ ନାରାୟଣ ସେଠୀ, ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ନକୁଳ ମଲ୍ଲିକ୍, ଡେଲାଙ୍ଗ-କୋଠବାଡ ପଞ୍ଚାୟତ ସରପଞ୍ଚ ଦୀପକ ସାହୁ, ବ୍ଲକ ବୈଷୟିକ ପରାମର୍ଶଦାତା ଜ୍ଞାନରଞ୍ଜନ ହରିଚନ୍ଦନ, ସୁଜନପୁରର ପୂର୍ବତନ ସରପଞ୍ଚ ବିପିନି ବିହାରୀ ନରେନ୍ଦ୍ର ପ୍ରମୁଖ ଯୋଗଦେଇ ୨ଟି ପଞ୍ଚାୟତରେ କ୍ଷେତ୍ର ଦିବସ ପାଳନ ସମ୍ପର୍କରେ ଉପସ୍ଥିତ ଶତାଧିକ ଚାଷୀମାନଙ୍କୁ ଅବଗତ କରାଇଥିଲେ। ରବି ଜାତୀୟ ଫସଲ ମଧ୍ୟରେ ମୁଗ ଓ ବିରି ହେଉଛି ପ୍ରଧାନ ଫସଲ। ଖରିଫ୍ ଧାନଚାଷ ପରେ ଡେଲାଙ୍ଗ ଅଞ୍ଚଳରେ ଅଧିକାଂଶ ଚାଷୀ ଡାଲିଜାତୀୟ ମୁଗ ଓ ବିରି ଫସଲ କରିଥାନ୍ତି। ଏହି ଫସଲକୁ କିଭଳି ଭାବେ ଅଧିକ ଅମଳ କରାଯାଇପାରିବ ଓ ଚାଷୀମାନେ ଏହାଦ୍ୱାରା ଅଧିକ ଲାଭବାନ ହୋଇପାରିବେ ସେନେଇ କୃଷିଅଧିକାରିଣୀ ପଶାୟତ ମତବ୍ୟକ୍ତ କରିଥିଲେ। ଚାଷୀମାନେ କ୍ଷେତରେ ଧାନ ପରେ ମୁଗ ଓ ବିରି ଚାଷ କରିବା, ଉନ୍ନତମାନର ବିହନ ବ୍ୟବହାର କରିବା, ଚାଷଜମିରେ ଖତସାର ଲଗାଇ ଉର୍ବରତା କରାଇବା, ଜଳସେଚନ ବ୍ୟବସ୍ଥା ତ୍ୱରାନିତ କରିବା, ବିହନକୁ ବିଶୋଧନ କରାଇନେବା, ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ କୃଷି ଅଧିକାରୀଙ୍କଠାରୁ ପରାମର୍ଶ ନେଇ ଔଷଧ ବ୍ୟବହାର କରିବା ଆଦି ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି ଡାଲିଜାତୀୟ ଫସଲରେ ପୁଷ୍ଟିସାର, ସ୍ନେହସାର, ୨୧ ପ୍ରକାରର ଖଣିଜ ଲବଣ, ଭିଟାମିନ୍ ଆଦି ରହିଛି। ଯାହାଦ୍ୱାରା ମୁଗକୁ ଖାଇବା ଦ୍ୱାରା କୋଲେଷ୍ଟର ସ୍ତର କମ୍ ହେବା ସହିତ ହୃଦରୋଗରୁ ସୁରକ୍ଷା ଦେଇଥାଏ। ରକ୍ତଚାପ ମଧ ନିୟନ୍ତ୍ରଣ ହୋଇଥାଏ। ଏହା ପୂର୍ବରୁ ରେଞ୍ଚ, ଶ୍ରୀପୁରୁଷୋତ୍ତମପୁର, ଜେନାପୁର, ଅରିସଲ, ବେରବୋଇ ପଞ୍ଚାୟତରେ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି।

# ଏସ୍ଏଚ୍‌ଜିଙ୍କ ପାଇଁ ୫ ବର୍ଷରେ ଖର୍ଚ୍ଚ ହେବ ୫ହଜାର କୋଟି

**ନିମାପଡ଼ା,୭।୬ (ଡି.ଏନ୍.ଏ.)**



ସମାରୋହରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିବୃନ୍ଦ।

ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ୫ହଜାର କୋଟି ଟଙ୍କା ବିନିଯୋଗ କରିବେ। ସୁରକ୍ଷା(୧) ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ମହିଳାଙ୍କୁ ସଶକ୍ତ, ଉଦ୍ୟୋଗୀ, ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ କରିବାକୁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ଓ ସଦାଚେଷ୍ଟିତ। ମହିଳାଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ପ୍ରଗତି ହେବ ବୋଲି ବିଧାୟକ ଦାଶ କହିଛନ୍ତି। ନିମାପଡ଼ା ବ୍ଲକ ଅଧୀନ ଉଚ୍ଛୁପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ମହାସଂଘର ପ୍ରତିନିଧିତ୍ୱ କର୍ମକର୍ତ୍ତାମାନଙ୍କ ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା।

ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକର ବିପିଏମ୍ ମଧୁଛନ୍ଦା ପ୍ରଧାନ, ବିଏଲ୍‌ସି ଜୟସ୍ମିତା ପ୍ରଧାନ, ମହାସଂଘ ସଭାନେତ୍ରୀ ମମତାରାଣୀ ପାଇକରାୟ, ସମ୍ପାଦିକା ଗୀତାଞ୍ଜଳି ବିଶ୍ୱାଳ, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇ ମହାସଂଘର ନିଷ୍ଠାପର କାର୍ଯ୍ୟ, ଆର୍ଥିକ ବିକାଶ କାର୍ଯ୍ୟକ୍ରମ, ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରିଥିଲେ। ପଞ୍ଚାୟତର ଏହି ମହାସଂଘ ୨୦୦୨ ମସିହାରେ ମାତ୍ର ୨୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଗଠିତ ହୋଇଥିବାବେଳେ ଏବେ ଏହି ମହାସଂଘ ଅଧୀନରେ ୧୮୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହି କାର୍ଯ୍ୟ କରୁଥିବାବେଳେ ଏହି ମହାସଂଘ ଏବେ ଏକ ମହାଦ୍ରୁମରେ ପରିଣତ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏହି ଅବସରରେ ସମାରୋହ ସ୍ଥଳରେ ପଞ୍ଚାୟତର ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦିତ ସାମଗ୍ରୀର ବହୁ ଷ୍ଟଲ୍ ଖୋଲାଯାଇଥିଲା। ଅତିଥିମାନେ ଏହି ଷ୍ଟଲ ପରିଦର୍ଶନ କରି ବେଶ୍ ଖୁସି ଅନୁଭବ କରିଥିଲେ। ସମାରୋହରେ ବହୁ ଏସ୍ଏଚ୍‌ଜି ସଦସ୍ୟା, ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ରଙ୍କ ସମେତ ପ୍ରାୟ ୫ଶହ ମହିଳା ଯୋଗଦେଇଥିଲେ। ମହାସଂଘ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ଅଶୋକ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ମମତାରାଣୀ ପାଇକରାୟ ବିବରଣୀ ପାଠ କରିଥିଲେ।

## ଷ୍ଟୁଡେଣ୍ଟ ଟ୍ୟାଲେଣ୍ଟ ହଣ୍ଟ

**ପୁରୀ ଅଫିସ, ୭।୬**

ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପୁରୀକୁ ଶ୍ରେଷ୍ଠତା ଦେବା ପାଇଁ ଶଙ୍ଖକ୍ଷେତ୍ର କଳା ନିକେତନ ସଂକଳ୍ପବଦ୍ଧ । ଏଥିପାଇଁ ଶିଶୁ,କିଶୋର ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ଏକ ଅଭିନବ ପ୍ରୟାସ ବୋଲି କହିଛନ୍ତି ଓଡ଼ିଶା ମୋ ପରିବାର ର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ରେ ଅନୁଷ୍ଠାନ ର ସଭାପତି ଅଭୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ଗୀତିକାର ତଥା ଗାଳ୍ପିକ ବଦ୍ରି ମିଶ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର ଓ ଗୌରହରି ପ୍ରଧାନ, ସଂଗଠକ ବିଶ୍ୱନାଥ ଜେନା ଓ ସମାଜସେବୀ ବିଶ୍ୱଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଉତ୍କଳୀୟ କଳା-ସଂସ୍କୃତି ର ସୁରକ୍ଷା ରେ ଅନୁଷ୍ଠାନ ର ପ୍ରୟାସ ଅଭିନନ୍ଦନୀୟ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନ ର ସଂପାଦିକା ସୁମନ ସୁବୁଦ୍ଧିଙ୍କ ପରିଚାଳନା ରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତାହତଙ୍କ ଉଦ୍ଦେଶ୍ୟରେ ବୁଧବାର ପୁରୀର ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ଦୀପଦାନ କରାଯାଉଛି।

## ଅମଲାଙ୍କ ଆନ୍ଦୋଳନ, ଲୋକେ ହନ୍ତସନ୍ତ

**କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.)**

ଅମଲାଙ୍କ ଆନ୍ଦୋଳନ ଗତ ୧ ତାରିଖରୁ ଚାଲିଛି। କୃଷ୍ଣପ୍ରସାଦରେ ଥିବା ବ୍ଲକ, ତହସିଲ,ମେଡିକାଲ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକାଧିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଫଳରେ ସ୍କୁଲ ଓ କଲେଜରେ ନାମଲେଖା ପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କ ଆବଶ୍ୟକ ଦସ୍ତାବିଜ ବା ପ୍ରମାଣପତ୍ର ପାଇଁ ଆବେଦନ କରିବା ସତ୍ତ୍ୱେ ପାଇପାରୁନାହାନ୍ତି। ବିଭିନ୍ନ ଗ୍ରାମାଞ୍ଚଳରୁ ଗରିବ ଲୋକମାନେ ସରକାରୀ କାର୍ଯ୍ୟ ପାଇଁ ଆସୁଥିବା ବେଳେ କାର୍ଯ୍ୟ ନ ହୋଇପାରିବା କାରଣରୁ ହଇରାଣ ହୋଇ ଫେରୁଛନ୍ତି।

## କଣାସ ମହୋତ୍ସବ ଉଦ୍‌ଯାପିତ



ଅତିଥିମାନେ 'ଦଧିଭଦ୍ରା' ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**କଣାସ, ୭।୬ (ସ୍ୱ.ପ୍ର.)**

କଣାସ ବ୍ଲକ ଦୋକନ୍ଦା ମେଳନ ପଡ଼ିଆରେ ଲୋକ କଲ୍ୟାଣ ଟ୍ରଷ୍ଟ ଓ କଣାସ ମହୋତ୍ସବ କମିଟି ଆନୁକୂଲ୍ୟରେ ଗତ ୨ତାରିଖଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୫ମ ବାର୍ଷିକ କଣାସ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ମଧୁସୂଦନ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବାହାନଗାଠାରେ ରେଳ ଦୁର୍ଘଟଣା ପାଇଁ ୩ ତାରିଖ ମହୋତ୍ସବ ବନ୍ଦ ରଖାଯାଇ ଏକ ଶୋକସଭା ସହିତ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଏବଂ ଆହତଙ୍କ ଆରୋଗ୍ୟ କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା।

୪ରୁ ୬ ତାରିଖ ୩ ଦିନ ଧରି କଣାସ ଅଞ୍ଚଳର ଐତିହ୍ୟ, ପରମ୍ପରା ଓ ଲୁକ୍କାୟିତ ସଂସ୍କୃତିକୁ ଉଦ୍‌ଜୀବିତ କରିବାକୁ ପିଲାଙ୍କ ପକ୍ଷରୁ ନାଟକ, ନୃତ୍ୟନାଟିକା, ଭଜନ ଓ ଜଣାଣ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇଥିଲେ। ସେ 'ଦଧିଭଦ୍ରା' ସ୍ମରଣିକା ଉନ୍ମୋଚନ କରିବା ସହିତ ଅଞ୍ଚଳର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୨ ବାଇକ୍ ଧକ୍କା: ଛାତ୍ରୀ ମୃତ, ୨ ଗୁରୁତର

**ପୁରୀ ଅଫିସ, ୭।୬**

**କମ୍ପ୍ୟୁଟର କ୍ଲାସ୍ ପାଇଁ କଲେଜ ଯାଉଥିଲେ**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ୍ ଶିଶୁଭବନ ନିକଟରେ ବୁଧବାର ଏକ ବାଇକ ଏବଂ ସ୍କୁଟି ଧକାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ପୁରୀ ସର୍ବୋଦୟ ନଗରର ନିହାରିକା ଶତପଥୀ(୧୯)। ସେହିପରି ଆହତ ହୋଇଥିବା ଅନ୍ୟଜଣେ ଯୁବତୀ ହେଲେ ରେଲଓ୍ୱେ କଲୋନୀର ଶୁଭଲକ୍ଷ୍ମୀ ନାୟକ (୧୯) ଓ ଏକ ହୋଣ୍ଡା ଶୋ'ରୁମ୍‌ରେ କାର୍ଯ୍ୟ କରୁଥିବା ସଞ୍ଜୀବ କୁମାର ପ୍ରଧାନ। ସୂଚନା ଅନୁଯାୟୀ, ନିହାରିକା ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ। ନିହାରିକା ଓ ଶୁଭଲକ୍ଷ୍ମୀ କମ୍ପ୍ୟୁଟର କ୍ଲାସ କରିବା ପାଇଁ ଏକ ସ୍କୁଟି ଯୋଗେ ଯାଉଥିଲେ। ଶୁଭଲକ୍ଷ୍ମୀ ସ୍କୁଟି ଚଳାଉଥିବାବେଳେ ନିହାରିକା ଗାଡ଼ି ପଛରେ ବସିଥିଲେ। ଏହି ସମୟରେ ବିପରୀତ ପାର୍ଶ୍ୱରୁ ବାଇକ ନେଇ ଆସୁଥିବା ସଞ୍ଜୀବଙ୍କ ସ୍କୁଟି ସହ ଧକ୍କା ହୋଇଥିଲା। ଫଳରେ ତିନିଜଣ ଯାକ ଆହତ ହେଇଥିଲେ। ସଙ୍ଗେସଙ୍ଗେ ସ୍ଥାନୀୟ ଲେକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ନିହାରିକାଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସେହିପରି ଗୁରୁତର ଆହତ ହୋଇଥିବା ଶୁଭଲକ୍ଷ୍ମୀ ଓ ସଞ୍ଜୀବଙ୍କ ଚିକିତ୍ସା କରାଯାଉଛି।

## କୋଣାର୍କର ନୂତନ, ପୂର୍ବତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**କୋଣାର୍କ,୭।୬ (ଡି.ଏନ୍.ଏ.)**

କୋଣାର୍କସ୍ଥିତ ଯାତ୍ରୀନିବାସ ବାଙ୍କ୍ୱେଟ ହଲଠାରେ କୋଣାର୍କ ଅଞ୍ଚଳର ସାମାଜିକ ସଂଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ କୋଣାର୍କ ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ନୂତନ ଭାବେ ଯୋଗଦେଇଥିବା ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷାବିତ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବାଶିଷ ମିଶ୍ର, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଦାଶ, ସଂସ୍କୃତି ସଂଗଠକ ଗୁରୁପଦ ବଳିଆର ସିଂ, ସଂଗଠକ ରାଜକିଶୋର ମହାପାତ୍ର, ସତ୍ୟ ଖବର ସମ୍ପାଦକ ଅକ୍ଷୟ ନାୟକ, ଗୋପ ଥାନାଧିକାରୀ ସୁନୀଲ ପ୍ରଧାନ ଓ ପୂର୍ବତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ନୂତନ ଥାନା ଅଧିକାରୀ ପଞ୍ଚାନନ ପରିଡା ଅଞ୍ଚଳବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବେ ବୋଲି ଅତିଥିମାନେ ଆଶା କରିଥିଲେ। ପରେ ପୂର୍ବତନ ଥାନାଧିକାରୀ ଓ ନୂତନ ଥାନାଧିକାରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ସାମ୍ବାଦିକ ମହାସଂଘ ପକ୍ଷରୁ ଆବାହକ ଖବରଦାତା ଭାଗୀରଥୀ ସାଇଁ ଓ ଜ୍ୟୋତିରାଜ ମହାନ୍ତିଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଅଧିକାରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁଇ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା


ସଭାରେ ଅତିଥି ଏବଂ ବିଦାୟୀ ଶିକ୍ଷକ।

**ପିପିଲି, ୭।୬ (ଡି.ଏନ୍.ଏ.)**

ଜଗନ୍ନାଥପୁର ପଞ୍ଚାୟତ ଅଧୀନ ସୁନାପଦା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ତଥା ପୂର୍ବତନ ସିଆର୍‌ସିସି ଉମର ଅଲ୍ଲୀ ସାହା ଏବଂ ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷକ ସଂଘ ସମ୍ପାଦକ ସୁକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର କ୍ଲଷ୍ଟର ସିଆର୍‌ସିସି ଚିନ୍ତାମଣି ଓଝା, ପରିଚାଳନା କମିଟି ଅଧ୍ୟକ୍ଷ ସୁକାନ୍ତ ବେହେରା, ସିଆର୍‌ସିସି ରଶ୍ମିରଞ୍ଜନ ସେଠୀ, ସଞ୍ଜୟ ଦାଶ, ସାଗର ନାୟକ ଯୋଗଦେଇଥିଲେ। ଏହି ୨ ଜଣ ଶିକ୍ଷକ ବିଦ୍ୟାଳୟର ଉନ୍ନତି କରିବା ସହ ଶିକ୍ଷାକ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ଦାସ, ଶିକ୍ଷକ ସ୍ୱରାଜ ବିଶ୍ୱାଳ, ବିଜୟଲକ୍ଷ୍ମୀ ଦଳାଇ, ଗୀତାଞ୍ଜଳି ବାରିକ, ସିପ୍ରା ନନ୍ଦ, ବାସନ୍ତୀ ମାଝୀ, ପରିଚାଳନା କମିଟି ସଭ୍ୟାସଭ୍ୟ, ସୁନାପଦା ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, କ୍ଲଷ୍ଟର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ର ୨ ଶିକ୍ଷକଙ୍କୁ ଏବଂ ସିଆର୍‌ସିସି ଓଝାଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ହରିଣ ଶିକାର ଅଭିଯୋଗରେ ଜଣେ ଗିରଫ

**କୋଣାର୍କ,୭।୬ (ଡି.ଏନ୍.ଏ.)**

**ମାଂସ ପାଇଁ ଛାଲ ବାହାର କରୁଥିଲେ, ୩ ଫେରାର**



ଗିରଫ ଅଭିଯୁକ୍ତ।

କୋଣାର୍କ ବନ ବିଭାଗ ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ନଡ଼ିଆ ମଠ ସଂରକ୍ଷିତ ଜଙ୍ଗଲରୁ ବୁଧବାର ଫାଶ ବସାଇ ହରିଣ ଶିକାର କରିବା ଅଭିଯୋଗରେ ବନ ବିଭାଗ ଟିମ୍ ପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। କୋଣାର୍କ ଥାନା ଅନ୍ତର୍ଗତ ଛେନୁଅଁ ଗ୍ରାମର ଚନ୍ଦ୍ରଶେଖର ପ୍ରଧାନ। ଏ ନେଇ କୋଣାର୍କ ବନବିଭାଗ ପକ୍ଷରୁ ଦଫା ୯, ୨୭, ୩୧ ସହ ବନ୍ୟ ପ୍ରାଣୀ ଆଇନର ସୁରକ୍ଷା ୫୧ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ ଚନ୍ଦ୍ରଶେଖର ଓ ୩ଜଣ ସହଯୋଗୀ ନଡ଼ିଆ ମଠ ସଂରକ୍ଷିତ ଜଙ୍ଗଲକୁ ଯାଇ ଫାଶ ପକାଇ ଏକ ହରିଣକୁ ଶିକାର କରିଥିଲେ। ହରିଣଟିକୁ ଧରିବା ପରେ ମାଂସ କରିବା ପାଇଁ ଛାଲ ଉତାରୁ ଥିବାବେଳେ କୌଣସି ସୂତ୍ରରୁ ଖବରପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ରବୀନ୍ଦ୍ର କୁମାର ସ୍ୱାଇଁ ଓ ସହଯୋଗୀ ଫରେଷ୍ଟଗାର୍ଡ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ସେମାନେ ଫରେଷ୍ଟର ଓ ଫରେଷ୍ଟଗାର୍ଡଙ୍କୁ ଦେଖି ଦୌଡ଼ିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଚନ୍ଦ୍ରଶେଖର ଧରାପଡ଼ିଥିବା ବେଳେ ୩ଜଣ ସହଯୋଗୀ ଚମ୍ପଟ ମାରିଥିଲେ। ସ୍ଥାନୀୟ ବନ ବିଭାଗର କମ୍ ସଂଖ୍ୟକ କର୍ମଚାରୀ ଘଟଣାସ୍ଥଳରେ ଥିବାରୁ ଜଣଙ୍କୁ ଗିରଫ କରାଯାଇ ଥିବାବେଳେ ଅନ୍ୟ ମାନେ ଚମ୍ପଟ ମାରିଥିବା ରେଞ୍ଜର ବେହେରା ପ୍ରକାଶ କରିବା ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଘଟଣାସ୍ଥଳରୁ ମୃତ ହରିଣଟିକୁ ଜବତ କରି ବ୍ୟବଚ୍ଛେଦ ପରେ ବନ ବିଭାଗ କାର୍ଯ୍ୟାଳୟରେ ପୋତି ଦିଆଯାଇଛି।

# ଶହୀଦ ଦେବାଶିଷଙ୍କ ମା'ଙ୍କୁ ପିଏନ୍‌ବି ଦେଲା ୫୦ ଲକ୍ଷର ଚେକ୍

**ଭୁବନେଶ୍ୱର, ୭।୬ (ବ୍ୟୁରୋ)**




ନିକଟରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ପୁଅ ଦେବାଶିଷ ବିଶ୍ୱାଳଙ୍କ ପରିବାରକୁ ଭେଟିଛନ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ବରିଷ୍ଠ କର୍ମଚାରୀ। ପଞ୍ଜାବ ନ୍ୟାଶନାଲର ବୀରନରସିଂହପୁର ଶାଖା ପକ୍ଷରୁ ଶହୀଦ ଦେବାଶିଷଙ୍କ ମା' ମମତା ବିଶ୍ୱାଳଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଦେବାଶିଷଙ୍କ ଦରମା ଆକାଉଣ୍ଟ ପିଏନ୍‌ବି ବ୍ୟାଙ୍କରେ ରହିଥିଲା। ତେବେ ଯେଉଁ ଆର୍ମୀ, ନାଭାଲ ଏବଂ ଏୟାର ଫୋର୍ସ ସେନା କର୍ମଚାରୀଙ୍କ ଆକାଉଣ୍ଟ ପିଏନ୍‌ବିରେ ରହିଥିବ ସେମାନଙ୍କ ମୃତ୍ୟୁ ଯଦି କୌଣସି ଯୁଦ୍ଧ ବା ଟେରୋରିଷ୍ଟମାନଙ୍କ ଆକ୍ରମଣରେ ହୋଇଥାଏ, ସେମାନଙ୍କୁ ରକ୍ଷକ ଯୋଜନାରେ ଏହି ଅର୍ଥ ରାଶି ମିଳେ ବୋଲି ବ୍ୟାଙ୍କର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ତେବେ ପିଏନ୍‌ବି ଜୋନାଲ୍ ମ୍ୟାନେଜର, ସର୍କଲ ହେଡ୍ ଏବଂ ବିଏମ୍ ଏଚ୍ଏସଙ୍କ ଉପସ୍ଥିତିରେ ଦେବାଶିଷଙ୍କ ପୈତୃକ ଘରେ ତାଙ୍କ ମା'ଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଦେବାଶିଷ ତାଙ୍କ ମାଙ୍କୁ ନୋମିନି ରଖିଥିବାରୁ ଏହି ରାଶି ତାଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଦେବାଶିଷଙ୍କ ବାପା, ମା ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅନୁସୂଚିତ ଜାତି ବର୍ଗର ୭୫ଜଣଙ୍କୁ ନିଆଁପାଣି ବାସନ୍ଦ

**ପୁରୀ ଅଫିସ,୭।୬**


ଭାରତ ମୁକ୍ତିମୋର୍ଚ୍ଚା ଜିଲା ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବ୍ରହ୍ମଗିରି ବ୍ଲକ ବ୍ରାହ୍ମଣିଆ ଗ୍ରାମରେ ଅନୁସୂଚିତ ଜାତି ବର୍ଗର ୭୫ଜଣ ଲୋକଙ୍କୁ ଉକ୍ତ ଗ୍ରାମର କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ବାସନ୍ଦ କରିବା ସହ ପଲାସ ପତ୍ରରେ ନଣ୍ଡା ହୋଇ ଶୁଦ୍ଧି ହେବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏପରିକି ପୋଲିସକୁ ଜଣାଇଲେ ଗ୍ରାମବାସୀଙ୍କୁ ସହଯୋଗ କରୁଥିବା ନେଇ ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଭାରତ ମୁକ୍ତିମୋର୍ଚ୍ଚା ଜିଲା ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ହାଇକୋର୍ଟର ଆଇନଜୀବୀ ସବିତା ସୋରେନ୍, ଭାରତୀୟ ମୁକ୍ତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ ମଲ୍ଲିକ୍, ଜିଲା ସାଧାରଣ ସମ୍ପାଦକ ମନୋଜ ମୁଖୀ ଏବଂ ସାମାଜିକ କର୍ମୀ ଧୀରେନ୍ ଭୋଳ ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମଗିରି ବ୍ଲକ, ବ୍ରାହ୍ମଣିଆ ଗ୍ରାମର ଜଣେ ମଲ୍ଲିକ ଘରର ପୁଅ ସେହି ଗ୍ରାମର ବାରିକ ଘରର ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ଉକ୍ତ ବିବାହକୁ ନେଇ ଗ୍ରାମର ଉଚ୍ଚବର୍ଗର ଲୋକମାନେ ବିରୋଧ କରିବା ସହ ଜାତିଆଣ ଭେଦଭାବ ଦର୍ଶାଇ ଅନୁସୂଚିତ ଜାତି ବର୍ଗର ୭୫ଜଣ ଲୋକଙ୍କୁ ସେହି ଗ୍ରାମରୁ ନିଆଁପାଣି ବାସନ୍ଦ କରିବା ସହିତ ପଲାସ ପତ୍ରରେ ନଣ୍ଡା ହୋଇ ଶୁଦ୍ଧି ହେବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହେବାରୁ କେବଳ ମାମଲା ରୁଜୁ କରି ଚୁପ ବସିପଡ଼ିଲେ। ଏପରିକି ଏସ୍‌ଡିପିଓଙ୍କୁ ଜଣାଇବାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ କହି ରହିଗଲେ। ଶେଷରେ ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅଭିଯୋଗର ପ୍ରମାଣ ଦେବା ପାଇଁ କହିଥିଲେ। ଏ ନେଇ ବ୍ରହ୍ମଗିରି ଥାନା ଅଧିକାରୀଙ୍କୁ ପଚାରିବାରୁ ଏପରି କୌଣସି ଘଟଣା ଘଟି ନ ଥିବା ନେଇ ଥାନା ଅଧିକାରୀ ଅତିରିକ୍ତ ଏସ୍‌ପିଙ୍କୁ ଜଣାଇଥିଲେ। ପରେ ଅଭିଯୋଗର ପ୍ରମାଣ ଆଣିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଥିଲେ। ଗ୍ରାମବାସୀ ଏବଂ ଥାନା ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଫୋନ କଲର ପ୍ରମାଣ ମିଳିଛି। ଯାହାକୁ ଜିଲାପାଳ, ରାଜ୍ୟପାଳଙ୍କୁ ପ୍ରଦାନ କରାଯିବା ସହ ଆସନ୍ତା ୧୭ ତାରିଖରେ ମୋର୍ଚ୍ଚା ତରଫରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବ୍ରହ୍ମଗିରି ଥାନା ଅଧିକାରୀ , ଏସ୍‌ଡିପିଓ ଏବଂ ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମୋର୍ଚ୍ଚା ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

### ଗୁଜରାଟ, ହିମାଚଳ ନିର୍ବାଚନରେ କଂଗ୍ରେସର ୧୩୦ କୋଟି ଖର୍ଚ୍ଚ

ଗତବର୍ଷ ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନବେଳେ କଂଗ୍ରେସ ୧୩୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସେଥିରୁ ଗୁଜରାଟ ପାଇଁ ୧୦୩.୬୨ କୋଟି ଏବଂ ହିମାଚଳ ଲାଗି ୨୭.୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ନିର୍ବାଚନ କମିଶନଙ୍କ ନିକଟରେ ଦଳ ପକ୍ଷରୁ ଦାଖଲ ବ୍ୟୟ ରିପୋର୍ଟରୁ ଏହା ଜଣାପଡ଼ିଛି। ଭାଜପା କେବଳ ହିମାଚଳ ନିର୍ବାଚନରେ ୪୯ କୋଟି ଟଙ୍କା ଖର୍ଚ୍ଚ କରିଥିବା ଦର୍ଶାଇଛି। ତେବେ ଗୁଜରାଟ ନିର୍ବାଚନରେ ଗୈରିକ ଦଳର ବ୍ୟୟ ରିପୋର୍ଟ କମିଶନ ସାର୍ବଜନୀନ କରିନାହାନ୍ତି।

## ସଂକ୍ଷେପରେ

### ୨୩ରେ ବିରୋଧୀଙ୍କ ପାଟନା ବୈଠକ

**ନୂଆଦିଲ୍ଲୀ,୭।୬:** ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାରେ ଲାଗିଛନ୍ତି। ଏନେଇ ଜୁନ୍ ୧୨ରେ ପାଟନାରେ ହେବାକୁ ଥିବା ବୈଠକକୁ କେତେଜଣ ନେତା ବିଦେଶରେ ଥିବାରୁ ସ୍ଥଗିତ ରଖାଯାଇଥିଲା। ଆସନ୍ତା ୨୩ ତାରିଖରେ ଏହି ବୈଠକ ହେବ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯୋଗଦେବେ। ବିଭାଜନବାଦୀ ଶକ୍ତିଗୁଡ଼ିକୁ ପରାଜିତ କରିବାରେ ଆମେ ସଫଳ ହେବୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ (ସାଙ୍ଗଠନିକ) କେ.ସି. ବେଣୁଗୋପାଳ ଟୁଇଟ୍ କରିଛନ୍ତି।

### ଦେଶରେ ଭାଜପା ବିରୋଧୀ ହାୱା: ପାୱାର



ଶରଦ ପାୱାର

**ଅଉରଙ୍ଗାବାଦ୍,୭।୬:** ଦେଶରେ ବର୍ତ୍ତମାନ ଭାଜପା ବିରୋଧୀ ହାୱା ବହୁଛି। କର୍ନାଟକ ବିଧାନସଭା ନିର୍ବାଚନ ପରେ ଦେଶବାସୀ ଏକ ପରିବର୍ତ୍ତନ ଚାହୁଁଛନ୍ତି। ଲୋକଙ୍କ ଏହି ମାନସିକତା ଲାଗିରହିଲେ ଆଗାମୀ ନିର୍ବାଚନଗୁଡ଼ିକରେ ଦେଶରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି। ଔରଙ୍ଗାବାଦରେ ଏକ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ମହାରାଷ୍ଟ୍ରରେ ମାମୁଲି ଘଟଣାଗୁଡ଼ିକୁ ଧର୍ମୀୟ ରଙ୍ଗ ଦିଆଯାଉଛି, ଯାହାକି ଏକ ଭଲ ସଙ୍କେତ ନୁହେଁ। କର୍ନାଟକରେ ଭାଜପା ଶୋଚନୀୟ ପରାଜୟବରଣ କରିଥିବାବେଳେ ୫ ବର୍ଷର ବ୍ୟବଧାନରେ କଂଗ୍ରେସ କ୍ଷମତାକୁ ଫେରିଛି। ୨୦୨୪ରେ ଲୋକ ସଭା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବ। ସେହି ଦୃଶ୍ୟପଟକୁ ଦେଖିଲେ ଲୋକଙ୍କ ମାନିକତାରେ ପରିବର୍ତ୍ତନ ଆସୁଥିବା ଜଣାପଡୁଛି। କୌଣସି ଜ୍ୟୋତିଷୀଙ୍କୁ ଏଥିଲାଗି ଭବିଷ୍ୟବାଣୀ କରିବାକୁ ପଡ଼ିବ ନାହିଁ ବୋଲି ପାୱାର କହିଛନ୍ତି।

### ଭାଜପା ଆଡ଼କୁ ଢଳୁଛି ଜେଡିଏସ୍

**ନୂଆଦିଲ୍ଲୀ,୭।୬:** କର୍ନାଟକ ବିଧାନସଭା ନିର୍ବାଚନରେ ସବୁଠୁ ଖରାପ ପ୍ରଦର୍ଶନ କରିଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବେ ଭାଜପା ଆଡ଼କୁ ଢଳିବା ଆରମ୍ଭ କରିଛି। ଏଥିଲାଗି ୨୦୨୪ ସାଧାରଣ ନିର୍ବାଚନ ବେଳେ ଦୁଇଦଳ ମଧ୍ୟରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ ଲୋକ ସଭା ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଦଳ ରାଜ୍ୟର ୨୮ ଆସନରେ ଲଢ଼ି ମାତ୍ର ଗୋଟିଏ ଆସନ ଜିତିଥିଲା। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ୨୨୪ ଆସନରୁ ମାତ୍ର ୧୯ରେ ସନ୍ତୁଷ୍ଟ ରହିଥିଲା। ତେଣୁ



ଏଚ୍.ଡି. ଦେବେଗୌଡ଼ା

ଦେବେଗୌଡ଼ା ଓ ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନିଜ ଜନାଧାର ବଞ୍ଚାଇବା ପାଇଁ ଭାଜପା ସହ ମେଣ୍ଟ କରିବାକୁ ଆଗ୍ରହ ପ୍ରକାଶ କରୁଥିବା କୁହାଯାଉଛି। ଏହା ପୂର୍ବରୁ ମେ’ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ସଂସଦ ଭବନ ଉଦ୍‌ଘାଟନ କରିଥିବାବେଳେ ଅନେକ ବିରୋଧୀ ଦଳ ଏହାକୁ ବର୍ଜନ କରିଥିଲେ। କିନ୍ତୁ ଦେବେଗୌଡ଼ା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏପରି କି ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରୁଥିବାବେଳେ ତାଙ୍କ ସମର୍ଥନରେ ଦେବେଗୌଡ଼ା ବାହାରିଛନ୍ତି।

# ରୁଷିଆରେ ଫସିଛନ୍ତି ଏୟାର ଇଣ୍ଡିଆର ୨୩୨ ଯାତ୍ରୀ




**ମସ୍କୋ/ୱାଶିଂଟନ୍/ନୂଆଦିଲ୍ଲୀ,୭।୬**

ଦିଲ୍ଲୀରୁ ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ରୁଷିଆର ମଗଦାନସ୍ଥିତ ଗୁଲାଗରେ ବିମାନଟି ଜରୁରୀ ଅବତରଣ କରିଛି। ଫଳରେ ଫ୍ଲାଇଟ୍ ଏଆଇ୧୭୩ରେ ଥିବା ସମସ୍ତ ୨୧୬ ଯାତ୍ରୀ ଓ ୧୬ କ୍ରିଉ ସେଠାରେ ଫସିରହିଛନ୍ତି। ଟାଟା ଗ୍ରୁପ୍ ମାଲିକାନରେ ଥିବା ଘରୋଇ କ୍ୟାରିୟରଟି ଗୁଲାଗ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିବା ମଙ୍ଗଳବାର ରାତିରେ କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସମସ୍ତ ଯାତ୍ରୀ ବିଦେଶୀ। ସେମାନଙ୍କ ମଧ୍ୟରେ ୪୦ ଆମେରିକୀୟ ଓ କେତେଜଣ କାନାଡା ନାଗରିକ ଥିବା ଏୟାରପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଶେଷଜ୍ଞମାନେ ଉକ୍ତ ବିମାନକୁ ଯାଞ୍ଚ କରିବା ପରେ କହିଛନ୍ତି, ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଏକ ଫ୍ଲାଇଟ୍ ଆବଶ୍ୟକ। ଯାତ୍ରୀମାନଙ୍କୁ ମଗଦାନସ୍ଥିତ ଏକ ହୋଟେଲରେ ରଖାଯାଇଛି। ତେବେ

### ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ ଯାଉଥିବାବେଳେ ଜରୁରୀ ଅବତରଣ

ଗୋଟିଏ ରୁମ୍‌ରେ ୨୦ ଜଣ ଯାତ୍ରୀ ବିଶ୍ରାମ ନେଉଥିବା ବେଳର ଫଟୋ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ଏୟାର ଇଣ୍ଡିଆ ବୁଧବାର ଏକ ବିମାନକୁ ମଗଦାନକୁ ପଠାଇଛି। ସେଥିରେ ଯାତ୍ରୀଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଅନ୍ୟ ଜରୁରୀ ସାମଗ୍ରୀ ପଠାଯାଇଛି। ଉକ୍ତ ବୋଇଂ ୭୭୭ ବିମାନ ସମସ୍ତ ଯାତ୍ରୀଙ୍କୁ ନେଇ ଗୁରୁବାର ସାନ୍‌ଫ୍ରାନ୍ସିସ୍କୋ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଇତିମଧ୍ୟରେ ସ୍ଥିତି ଉପରେ ୱାଶିଂଟନ୍‌ର ନଜର ରହିଥିବା ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର ବେଦାନ୍ତ ପଟେଲ (ଭାରତୀୟ ବଂଶୋଦ୍ଭବ) ସୂଚନା ଦେଇଛନ୍ତି। ଉତ୍ତରପୂର୍ବ ରୁଷିଆର ଓଖୋସ୍କ ସାଗର ଉପକୂଳରେ ମଗଦାନ ଅବସ୍ଥିତ। ଏହି ବନ୍ଦର ସହର ରାଜଧାନୀ ମସ୍କୋରୁ ୧୦,୧୬୭ କି.ମି. ଦୂରରେ ରହିଛି।

# ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ପାଲଟିବ ଭାରତ

**ବେଲ୍‌ଗ୍ରେଡ୍,୭।୬**

### ସର୍ବିଆରେ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ

ଭାରତ ହେଉଛି ବିଶ୍ୱର ସବୁଠୁ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି, ଯାହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୩.୫ ଟ୍ରିଲିୟନ୍ ଡଲାର ଛୁଇଁବାକୁ ଯାଉଛି। ଚଳିତ ଦଶନ୍ଧି ଶେଷ ହେବା ପୂର୍ବରୁ ଆମେ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ଯାଉଛୁ। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି ବୋଲି ବୁଧବାର ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରକାଶ କରିଛନ୍ତି। ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରି ମୁର୍ମୁ ଆହୁରି କହିଛନ୍ତି, ବର୍ତ୍ତମାନ ବିଶ୍ୱ ମଞ୍ଚରେ ଭାରତ ଗ୍ଲୋବାଲ୍ ସାଉଥ୍‌ର ଏକ ଦାୟିତ୍ୱପୂର୍ଣ୍ଣ ବିକାଶୋନ୍ମୁଖୀ ସହଭାଗୀ ଭାବେ ସ୍ୱୀକୃତି ଲାଭ କରିଛି। ଆମେ ଏକ ଅଗ୍ରଣୀ ଶକ୍ତି ରୂପେ ଉଭା ହେବାକୁ ଯାଉଛୁ ବୋଲି ଏଥିରୁ ପ୍ରତିଫଳିତ ହେଉଥିବା ରାଷ୍ଟ୍ରପତି କହିଛନ୍ତି। ବେଲ୍‌ଗ୍ରେଡ୍‌ରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତି ଏବଂ ନୂଆଦିଲ୍ଲୀର ଜୋସିପ୍ ବ୍ରୋଜ୍ ଟିଟୋ ଷ୍ଟ୍ରିଟ୍, ଯୋଧପୁରରେ ଟିଟୋ ରାଉଣ୍ଡଏବାଉଟ୍ ଭାରତ-ସର୍ବିଆର ଐତିହାସିକ ସମ୍ପର୍କର ପ୍ରମାଣ ଦିଏ ବୋଲି ମୁର୍ମୁ କହିଛନ୍ତି।

# ମହିଳାଙ୍କୁ ମହାସଂଘ ମୁଖ୍ୟ କରାଯାଉ

**ନୂଆଦିଲ୍ଲୀ,୭।୬**

### କ୍ରୀଡ଼ାମନ୍ତ୍ରୀଙ୍କ ନିକଟରେ କୁସ୍ତିଯୋଦ୍ଧାଙ୍କ ଦାବି



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ବାସଭବନରେ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ସତ୍ୟୱାର୍ଟ କାଡିଆନ୍।

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ପଦରେ ଜଣେ ମହିଳା ରହିବା ଉଚିତ ବୋଲି ବିଦାୟୀ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା କୁସ୍ତିଯୋଦ୍ଧାମାନେ ବୁଧବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟରେ ଦାବି କରିଛନ୍ତି। ଅନୁରାଗ ମଙ୍ଗଳବାର ବିଳମ୍ବିତ ରାତିରେ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କୁ ଆଲୋଚନା ପାଇଁ ଡାକିଥିଲେ। ସେମାନେ ବୁଧବାର ପୂର୍ବାହ୍ନରେ ତାଙ୍କ ସରକାରୀ ବାସଭବନକୁ ଯାଇ ଆଲୋଚନା କରିଥିଲେ। ଏହା ଥିଲା ସରକାର ଓ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ୫ ଦିନ ଭିତରେ ଦ୍ୱିତୀୟ ବୈଠକ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମଧ୍ୟ ରେସଲରମାନେ ଶନିବାର ରାତିରେ ଭେଟି ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ତେବେ ଅନୁରାଗଙ୍କ ବାସଭବନରେ ଆଲୋଚନାବେଳେ ସେମାନେ ୫ ଦଫା ଦାବି ଉପସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ଡବ୍ଲ୍ୟୁଏଫ୍‌ଆଇର ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯାଉ। ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ପଦରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଉ। ମହାସଂଘର କୌଣସି ପଦପଦବୀରେ ବ୍ରିଜ୍‌ଭୂଷଣଙ୍କ ପରିବାର ସଦସ୍ୟଙ୍କୁ ସ୍ଥାନ ଦିଆ ନ ଯାଉ। ସେହିପରି ଗତ ୨୮ରେ ନୂଆ ସଂସଦ ଭବନ ଉଦ୍‌ଘାଟନ ବେଳେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବା ସମୟରେ ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଯାଉ। ଏଥିସହ ବ୍ରିଜ୍‌ଭୂଷଣ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରେସ୍‌ଲରମାନେ ଦାବି ଦୋହରାଇଛନ୍ତି। ତେବେ ଭିନେଶ ଫୋଗଟ୍ ହରିୟାଣାସ୍ଥିତ ନିଜ ଗ୍ରାମ ବଲାଲିରେ ପୂର୍ବ ନିର୍ଦ୍ଧାରିତ ଖାପ୍ ପଞ୍ଚାୟତ ବୈଠକରେ ସାମିଲ ହୋଇଥିବାରୁ କ୍ରୀଡ଼ାମନ୍ତ୍ରୀଙ୍କ ସହ ସାକ୍ଷାତ ବେଳେ ଉପସ୍ଥିତ ନ ଥିଲେ।

> ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଜୁନ୍ ୧୫ ସୁଦ୍ଧା ଚାର୍ଜସିଟ୍ ଦାଖଲ ହେବ। ଆସନ୍ତା ୩୦ ତାରିଖ ସୁଦ୍ଧା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଅନୁଷ୍ଠିତ ହେବ। କୁସ୍ତିଯୋଦ୍ଧାମାନଙ୍କ ସମସ୍ତ ଦାବିକୁ ସରକାର ମାନିନେଇଛନ୍ତି।
> **– ଅନୁରାଗ ଠାକୁର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**



### ଅଭିଯୁକ୍ତ ଭାଜପା ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଉଥିବା କେନ୍ଦ୍ରକୁ ବହୁମୂଲ୍ୟ ଦେବାକୁ ପଡ଼ିବ: କଂଗ୍ରେସ

ଅନ୍ୟପକ୍ଷେ ଅଭିଯୁକ୍ତ ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ପ୍ରଦାନ କରୁଥିବା କେନ୍ଦ୍ର ସରକାରଙ୍କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଦୀପେନ୍ଦ୍ର ହୁଡ଼ା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କ୍ରୀଡ଼ାମନ୍ତ୍ରୀ ଆଜି ଆମ କୁସ୍ତିଯୋଦ୍ଧାମାନଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ଏହାର ନିଷ୍କର୍ଷ କ’ଣ ଆସୁଛି ତାକୁ ଆମେ ଅପେକ୍ଷା କରିବୁ। ନ୍ୟାୟ ପାଇଁ ଲଢ଼େଇ କରୁଥିବା ଝିଅମାନଙ୍କ ସହ ଆମେ ରହିଛୁ। ସେମାନଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେମାନଙ୍କ ପ୍ରତି କଂଗ୍ରେସର ସମର୍ଥନ ଜାରି ରହିବ। ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କ ସ୍ୱରକୁ ଭାଜପା ଏବଂ କେନ୍ଦ୍ର ସରକାର ଚପାଇବାକୁ ଉଦ୍ୟମ କରୁଛନ୍ତି। ଭାଜପା ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଯାଉଛି, ଯାହାକୁ ସାରା ଦେଶ ଦେଖୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ହୁଡ଼ା କହିଛନ୍ତି।

### ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକଙ୍କୁ ସ୍ପିନୋଜା ପୁରସ୍କାର



**ନୂଆଦିଲ୍ଲୀ,୭।୬**

ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଜୋୟିତା ଗୁପ୍ତାଙ୍କୁ ନେଦରଲାଣ୍ଡ ସରକାର ସ୍ପିନୋଜା ପୁରସ୍କାର ପ୍ରଦାନ କରିଛନ୍ତି। ନେଦରଲାଣ୍ଡର ବିଜ୍ଞାନ କ୍ଷେତ୍ରରେ ଏହାକୁ ସର୍ବୋଚ୍ଚ ସମ୍ମାନ ‘ଡଚ୍ ନୋବେଲ ପ୍ରାଇଜ୍’ ଭାବେ ବିବେଚନା କରାଯାଏ। ୟୁନିଭର୍ସିଟି ଅଫ୍ ଆମଷ୍ଟରଡାମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଜୋୟିତାଙ୍କୁ ତାଙ୍କ ବୈଜ୍ଞାନିକ ଗବେଷଣା ପାଇଁ ଅକ୍ଟୋବର ୪ରେ ଏହି ସମ୍ମାନ ଦିଆଯିବ। ପୁରସ୍କାର ବାବଦକୁ ସେ ୧.୫ ନିୟୁତ ୟୁରୋ ପାଇବେ, ଯାହାକୁ ନିଜ ବୈଜ୍ଞାନିକ ଗବେଷଣାରେ ବିନିଯୋଗ କରିବେ। ପ୍ରଫେସର ଜୋୟିତା ଉକ୍ତ ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନମେଣ୍ଟ ଆଣ୍ଡ ଡେଭେଲପ୍‌ମେଣ୍ଟ ଇନ୍ ଦି ଗ୍ଲୋବାଲ ସାଉଥ୍‌ରେ ଅଧ୍ୟାପନା କରୁଛନ୍ତି। ଆର୍ଥ କମିଶନ୍‌ର ମଧ୍ୟ ସେ ଉପାଧ୍ୟକ୍ଷା ଅଛନ୍ତି।

## ମେଟା ସବ୍‌ସ୍କ୍ରିପ୍‌ଶନ ୬୯୯ ଟଙ୍କା




**ନୂଆଦିଲ୍ଲୀ,୭।୬:** ସୋସିଆଲ ମିଡିଆ ଜାଏଣ୍ଟ ମେଟା ନିଜ ମାଲିକାନାରେ ଥିବା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍ ମୋବାଇଲ୍ ଆପ୍ଲିକେଶନ୍ ପାଇଁ ୬୯୯ ଟଙ୍କାରେ ମାସିକିଆ ସବ୍‌ସ୍କ୍ରିପ୍‌ଶନ୍ ପ୍ଲାନ୍ ଆଣିଛି। ଆସନ୍ତା ମାସରୁ ଏହାର ୱେବ୍ ଭର୍ସନରେ ଭେରିଫାଏଡ୍ ସର୍ଭିସ୍ ପାଇଁ ୫୯୯ ଟଙ୍କା ପଇଠ କରିବାକୁ ପଡ଼ିବ। ଭାରତରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟା ୟୁଜର୍ସ ସରକାରୀ ପରିଚୟପତ୍ର ଜରିଆରେ ଭେରିଫାଏଡ୍ ଆକାଉଣ୍ଟ ହାସଲ କରିପାରିବେ। ଏହାଦ୍ୱାରା ଆକାଉଣ୍ଟ ଜାଲିଆତିକୁ ରୋକାଯାଇପାରିବ ବୋଲି ମେଟା ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି।

## ଆଖି ବୁଜିଲେ ଗଣବଳାତ୍କାର ପୀଡ଼ିତା ନାବାଳିକା

**ବସ୍ତି,୭।୬:** ଉତ୍ତର ପ୍ରଦେଶର ଗଉର ଅଞ୍ଚଳରେ ସୋମବାର ପରିବା କିଣିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ୩ ଜଣ ବ୍ୟକ୍ତି ନିଛାଟିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଥିଲେ। ୧୨ ବର୍ଷୀୟା ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେ ଏକ ସ୍ଥାନରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ମୋନୁ ସାହାଣି ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଖବର ଦେଇଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଘର ଲୋକଙ୍କ ଏତଲାକ୍ରମେ ପୋଲିସ ମୋନୁଙ୍କ ସହ ରାଜନ ନିଷାଦ ଓ କୁନ୍ଦନ ସିଂଙ୍କୁ ଗିରଫ କରିଛି।

## ଲକ୍ଷ୍ନୌ କୋର୍ଟରେ ଗ୍ୟାଙ୍ଗଷ୍ଟରଙ୍କୁ ଗୁଳିକରି ହତ୍ୟା

**ଲକ୍ଷ୍ନୌ,୭।୬**

ଉତ୍ତର ପ୍ରଦେଶର ଗ୍ୟାଙ୍ଗଷ୍ଟର ସଞ୍ଜୀବ ଜୀଭାଙ୍କୁ ବୁଧବାର ଲକ୍ଷ୍ନୌ କୋର୍ଟରେ ଗୁଳିକରି ହତ୍ୟା କରାଯାଇଛି। ସଞ୍ଜୀବଙ୍କୁ ଏକ ମାମଲାରେ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ଜଣେ ବ୍ୟକ୍ତି ଆଇନଜୀବୀଙ୍କ ଭଳି ପୋଷାକ ପରିଧାନ କରି ତାଙ୍କୁ ଟାର୍ଗେଟ କରିଥିଲେ।

ସଞ୍ଜୀବ ପଶ୍ଚିମ ୟୁପିରେ ଏକ ଆପରାଧିକ ଗ୍ୟାଙ୍ଗ୍ ଚଳାଉଥିଲେ। ୧୯୯୧ ଅବଧେଶ ରାୟ ହତ୍ୟା ମାମଲାରେ ନିକଟରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ଗ୍ୟାଙ୍ଗଷ୍ଟର ମୁଖ୍‌ତାର ଅନ୍‌ସାରିଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ। ଭାଜପା ନେତା ବ୍ରହ୍ମଦତ୍ତ ତିୱାରୀଙ୍କ ହତ୍ୟା ମାମଲାର ଶୁଣାଣି ପାଇଁ ତାଙ୍କୁ ଲକ୍ଷ୍ନୌ କୋର୍ଟରେ ହାଜର କରାଯାଉଥିବାବେଳେ ଜଣେ ଆତତାୟୀ ଗୁଳି କରିଥିଲେ। ଏଥିରେ ସଞ୍ଜୀବ ଘଟଣାସ୍ଥଳରେ ଟଳିପଡ଼ିଥିବାବେଳେ ତାଙ୍କ ସହ ଥିବା ଜଣେ ପୋଲିସ ଅଧିକାରୀ ଆହତ ହୋଇଛନ୍ତି।



ସଞ୍ଜୀବ ଜୀଭା

# ମା’ପୁଅ, ସମ୍ପର୍କୀୟ ଜୀବନ୍ତ ଦଗ୍ଧ

### ଆମ୍ବୁଲାନ୍ସ ଜାଳିଦେଲେ



### ମଣିପୁର ହିଂସା

**ଗୁଆହାଟୀ,୭।୬**

ହିଂସା ପ୍ରଭାବିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଅଶାନ୍ତି ଲାଗିରହିଛି। ଜଣେ ମହିଳା ନିଜ ୮ ବର୍ଷର ଗୁଳିବିଦ୍ଧ ପୁଅକୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଉଥିବାବେଳେ ସେମାନଙ୍କ ଆମ୍ବୁଲାନ୍ସରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏଥିରେ ଉଭୟଙ୍କ ସହ ସେମାନଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଛି।

ପୂର୍ବରୁ ଗୁଳିମାଡ଼ର ଶିକାର ହୋଇଥିବା ନାବାଳକଙ୍କୁ ତାଙ୍କ ମା’ ରବିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ନେଇ ଯାଉଥିଲେ। ଇମ୍ଫାଲ ୱେଷ୍ଟ ଅନ୍ତର୍ଗତ ଇରୋଇସେମ୍ବାର ଲାମ୍ଫେଲ ଥାନା ଅଞ୍ଚଳରେ ଲୋକେ ସେଥିରେ ନିଆଁ ଲଗାଇଦେଇଥିଲେ। ଫଳରେ ୮ ବର୍ଷୀୟ ତୋନ୍‌ସିଂ ହଙ୍ଗସିଙ୍ଗ୍, ତାଙ୍କ ମା’ ମୀନା ହଙ୍ଗସିଙ୍ଗ୍ ଓ ସମ୍ପର୍କୀୟ ଲିଡିଆ ଲରେମ୍ବାମ୍‌ଙ୍କ ମୃତ୍ୟୁ ଘଟିଛି। ମୀନା ମେଇତି ସମ୍ପ୍ରଦାୟର ହୋଇଥିବାବେଳେ ତାଙ୍କ ସ୍ୱାମୀ କୁକି ବର୍ଗର। ମେ’ ୩ ହିଂସା ପରଠୁ ସେମାନେ କାଙ୍ଗ୍‌ଚୁପ୍‌ସ୍ଥିତ ଆସାମ ରାଇଫଲ୍ସ ରିଲିଫ୍ କ୍ୟାମ୍ପରେ ରହୁଥିଲେ। ମଣିପୁର ହିଂସାରେ ଅଦ୍ୟାବଧି ୮୦ ଜଣଙ୍କ ଜୀବନ ଯାଇଥିବାବେଳେ ୩୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହେଲେଣି।

## ବାହାନଗା ଟ୍ରେନ୍ ଦୁର୍ଘଟଣା: ବ୍ରିଟେନ୍ ପାର୍ଲାମେଣ୍ଟରେ ଶୋକ

**ଲଣ୍ଡନ୍,୭।୬**

ବାଲେଶ୍ୱର ଜିଲା ବାହାନଗାରେ ୩ ଟ୍ରେନ୍ ଦୁର୍ଘଟଣାକୁ ନେଇ ବ୍ରିଟେନ୍ ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍ସରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇଛି। ସୋମବାର ଆର୍ଲି ଡେ’ ମୋଶନ୍ (ଇଡିଏମ୍) ବେଳେ ଭାରତୀୟ ବଂଶୋଦ୍ଭବ ତଥା ବିରୋଧୀ ଲେବର ପାର୍ଟିର ସାଉଥ୍‌ହଲ୍ ଏମ୍‌ପି ବୀରେନ୍ଦ୍ର ଶର୍ମା ଏହି ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବକୁ ଗୃହର ସମର୍ଥନ ମିଳିଥିଲା। ଏମ୍‌ପିମାନେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ।

# ବିଏସ୍ଏନ୍ଏଲ୍ ପୁନରୁଦ୍ଧାର ପାଇଁ ୮୯,୦୪୭ କୋଟି ମଞ୍ଜୁର

## ୩ୟ ପୁନରୁଦ୍ଧାର ପ୍ୟାକେଜକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୭।୬

ଦେଶର ଏକମାତ୍ର ସରକାରୀ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ବିଏସ୍ଏନ୍ଏଲ୍‌କୁ ପୁନରୁଦ୍ଧାର କରିବା ସହ ଦେଶବାସୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଗତ କିଛି ବର୍ଷ ମଧ୍ୟରେ ଅନେକ ପ୍ରୟାସ କରିଛନ୍ତି। ଏପରିକି ବିଏସ୍ଏନ୍ଏଲ୍‌ର ପୁନରୁଦ୍ଧାର ରଣନୀତିର ଅଂଶ ବିଶେଷ ସ୍ୱରୂପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକ୍ରମେ ବିଏସ୍ଏନ୍ଏଲ୍ ପାଇଁ ମୋଟ୍ ୮୯,୦୪୭ କୋଟି ଟଙ୍କାର ବ୍ୟୟବରାଦ ସହ ୩ୟ ପୁନରୁଦ୍ଧାର ପ୍ୟାକେଜକୁ ମଞ୍ଜୁର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କେନ୍ଦ୍ର କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଏସ୍ଏନ୍ଏଲ୍ ସମ୍ପର୍କରେ ଏକ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ ସହ ଅନ୍ୟାନ୍ୟ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିବା ଟେଲିକମ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବିଏସ୍ଏନ୍ଏଲ୍‌ର ପୁନରୁଦ୍ଧାର ପାଇଁ ସରକାର ମୋଟ୍ ୮୯,୦୪୭ କୋଟି ଟଙ୍କାର ବ୍ୟୟବରାଦ ସହିତ ତୃତୀୟ ପୁନରୁଦ୍ଧାର ପ୍ୟାକେଜକୁ ମଞ୍ଜୁର କରିଥିବା ଜଣାପଡିଛି। ଏପରିକି ଇକ୍ୱିଟି ବିନିଯୋଗ ଜରିଆରେ ବିଏସ୍ଏନ୍ଏଲ୍ ପାଇଁ ୪ଜି ଓ ୫ଜି ସ୍ପେକ୍ଟ୍ରମ ଆବଣ୍ଟନ ମଧ୍ୟ ସାମିଲ ରହିଛି। ବିଶେଷକରି ବିଏସ୍ଏନ୍ଏଲ୍‌ର ଅଧିକୃତ ପୁଞ୍ଜି ପରିମାଣ ୧.୫ ଲକ୍ଷ କୋଟି ଟଙ୍କାରୁ ୨.୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଫଳରେ ଏହି ପୁନରୁଦ୍ଧାର ପ୍ୟାକେଜ ଅନ୍ତର୍ଗତ ବିଏସ୍ଏନ୍ଏଲ୍ ଏକ ସ୍ଥିର ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ଭାବେ ବିକଶିତ ହେବ ଏବଂ ଭାରତର ଉପାନ୍ତ ଅଞ୍ଚଳରେ ଟେଲିଫୋନ୍ ସେବା ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବ ବୋଲି ବୈଠକରେ କୁହାଯାଇଛି। ଅପରପକ୍ଷରେ ବିଏସ୍ଏନ୍ଏଲ୍ ଓ ଏମ୍‌ଟିଏନ୍ଏଲ୍ ପୁନରୁଦ୍ଧାର ଯୋଗୁ ଅନେକ କିଛି ପରିବର୍ତ୍ତନ ହୋଇଛି। ୨୦୧୯ ରେ ସରକାର ବିଏସ୍ଏନ୍ଏଲ୍ ଓ ଏମ୍‌ଟିଏନ୍ଏଲ୍ ମିଶ୍ରଣ ପାଇଁ ପ୍ରଥମ ପୁନରୁଦ୍ଧାର ପ୍ୟାକେଜ ସମ୍ପର୍କରେ ଘୋଷଣା କରିଥିଲେ। ପୁନରୁଦ୍ଧାର ପ୍ୟାକେଜ ଅନୁମୋଦନ ସହ ୬୯,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ବିଏସ୍ଏନ୍ଏଲ୍ ଓ ଏମ୍‌ଟିଏନ୍ଏଲ୍‌ରେ ସ୍ଥିରତାରେ ବ୍ୟାପକ ସହାୟତା ଆଣିଥିଲା। ସେହିପରି ୨୦୨୨ରେ ସରକାର ବିଏସ୍ଏନ୍ଏଲ୍ ଓ ଏମ୍‌ଟିଏନ୍ଏଲ୍ ପାଇଁ ୨ୟ ପୁନରୁଦ୍ଧାର ପ୍ୟାକେଜକୁ ଅନୁମୋଦନ କରିଥିଲେ। ଉକ୍ତ ପ୍ୟାକେଜ ଜରିଆରେ କ୍ୟାପେକ୍ସ, ଗ୍ରାମୀଣ ଲ୍ୟାଣ୍ଡଲାଇନ ପାଇଁ କାର୍ଯ୍ୟକାରିତା ଗ୍ୟାପ୍ ପାଣ୍ଠି ଯୋଗାଣ, ବାଲାନ୍ସଶିଟ୍‌କୁ ଚାପମୁକ୍ତ କରିବା ଲାଗି ଆର୍ଥିକ ସହାୟତା ଏବଂ ଏଜିଆର୍ ବକେୟା ପରିଶୋଧ, ବିବିଏନ୍ଏଲ୍ ସହିତ ବିଏସ୍ଏନ୍ଏଲ୍‌ର ମିଶ୍ରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲା। ସେହିପରି ବିଶ୍ୱରେ କମ୍ ସଂଖ୍ୟକ ଏଣ୍ଡ ଟୁ ଏଣ୍ଡ ପ୍ରଯୁକ୍ତି ସେବା ପ୍ରଦାନକାରୀଙ୍କୁ ନେଇ ଦୂରସଞ୍ଚାର ପ୍ରଯୁକ୍ତି ଏକ ରଣନୀତିକ ପ୍ରଯୁକ୍ତି ଭାବେ କାର୍ଯ୍ୟ କରିଥାଏ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପ ଅନ୍ତର୍ଗତ ଭାରତର ନିଜସ୍ୱ ୪ଜି ଓ ୫ଜି ପ୍ରଯୁକ୍ତି ସଫଳତା ପୂର୍ବକ ବିକଶିତ କରାଯାଇଛି। ଏହାର ମୁତୟନ ମଧ୍ୟ ନିକଟରେ ଆରମ୍ଭ ହୋଇଯାଇଛି।

## ସାମ୍‌କୋ ଆକ୍ଟିଭ ମୋମେଣ୍ଟମ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୭।୬

ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ପରିଚାଳିତ ମୋମେଣ୍ଟମ୍ ଫଣ୍ଡ ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡର ଶୁଭାରମ୍ଭ କରାଯାଇଛି। ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡର ନୂଆ ଫଣ୍ଡ ଅଫରିଂ (ଏନ୍ଏଫ୍‌ଓ) ୨୦୨୩ ଜୁନ୍ ୧୫ରେ ଖୋଲି ୨୯ ଜୁନ୍‌ରେ ବନ୍ଦ ହେବ। ଏହି ସୀମିତ ସମୟ ଭିତରେ ନିବେଶକମାନେ ନିଜର ପୋର୍ଟଫୋଲିଓକୁ ଉପସ୍ଥାପନ କରିପାରିବେ। ଏନ୍ଏଫ୍‌ଓ ଅବଧି ପରେ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ସବ୍‌ସ୍କ୍ରିପ୍‌ସନ୍ ଗ୍ରହଣ କରାଯିବ ନାହିଁ। କେବଳ ପଞ୍ଜୀକୃତ ଏସ୍ଆଇପିଗୁଡ଼ିକୁ ଗ୍ରହଣ କରାଯିବ। ଏ ସମ୍ପର୍କରେ ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ବିରାଜ ଗାନ୍ଧୀ କହିଛନ୍ତି, ଭାରତର ପ୍ରଥମ ପ୍ରତ୍ୟକ୍ଷ ଭାବେ ପରିଚାଳିତ ମୋମେଣ୍ଟମ ଫଣ୍ଡ ଭାବେ ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ବିଶ୍ୱାସ ରହିଛି ଯେ ମୋମେଣ୍ଟମ୍ ନିବେଶରୁ ଲାଭ ପାଇବାକୁ ଚାହୁଁଥିବା ନିବେଶକମାନଙ୍କୁ ଏହି ଫଣ୍ଡ ନୂଆ ମାର୍ଗ ପ୍ରଦାନ କରିବ।

## ହୋଣ୍ଡାର ‘ବର୍ଦ୍ଧିତ ୱାରେଣ୍ଟି’ ପ୍ଲସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୭।୬

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ (ଫାସିଲିଟି) ‘ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ହୋଣ୍ଡାର ୨୫୦ସିସି ପର୍ଯ୍ୟନ୍ତ ସବୁ ସ୍କୁଟର ଓ ମୋଟରସାଇକେଲ ପାଇଁ ଉପରୋକ୍ତ ସୁବିଧା ଉପଲବ୍ଧ ହେଉଛି। ଏପରିକି ଏହା ଜରିଆରେ କମ୍ପାନୀ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରୁଛି। ସେହିଭଳି ଗାଡ଼ି କିଣିବାର ୯୧ ଦିନରୁ ୯ ବର୍ଷ ମଧ୍ୟରେ ବର୍ଦ୍ଧିତ ୱାରେଣ୍ଟି ହାସଲ କରିବା ଲାଗି ଏହା ଗ୍ରାହକମାନଙ୍କୁ ସୁଯୋଗ ପ୍ରଦାନ କରୁଛି। ବିଶେଷକରି ୧୦ବର୍ଷର ୱାରେଣ୍ଟି ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବେଳେ ମାଲିକାନା ହସ୍ତାନ୍ତର ଭଳି କ୍ଷେତ୍ରରେ ମଧ୍ୟ ଏହା ନୂଆ ମାଲିକଙ୍କୁ ସ୍ଥାନାନ୍ତର ହୋଇପାରୁଛି ଏବଂ ଏଥିରେ ନବୀକରଣ ବିକଳ୍ପ ସୁବିଧା ବି ରହିଛି। ଏପରିକି ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍‌ରେ ଗ୍ରାହକମାନଙ୍କୁ ୩ଟି ବିକଳ୍ପ ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଗାଡ଼ି କିଣା ପ୍ରକ୍ରିୟାରେ ଗ୍ରାହକ ସନ୍ତୁଷ୍ଟି ସର୍ବଦା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଥିବା ବେଳେ ବିକ୍ରି ପରବର୍ତ୍ତୀ ସେବା ସେଥିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏପରିକି ଅଗ୍ରଣୀ ୨ଚକିଆ ଯାନ ନିର୍ମାତା ଭାବେ ଗ୍ରାହକ ସନ୍ତୁଷ୍ଟିକୁ ଅତିକ୍ରମ କରିବା ଏବଂ ନୂଆ ମାନଦଣ୍ଡ ଧାର୍ଯ୍ୟ କରିବାକୁ ହୋଣ୍ଡା ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ୧୩୧୭ ଟଙ୍କାରୁ ଆରମ୍ଭ ହେଉଥିବା ଏହି ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍ ସେବାକୁ ଗ୍ରାହକମାନେ ହୋଣ୍ଡାର ଯେକୌଣସି ସ୍ୱୀକୃତିପ୍ରାପ୍ତ ହୋଣ୍ଡା ସର୍ଭିସ୍ ସେଣ୍ଟରରୁ କିଣିପାରିବେ।

## ଦାବି ଫଇସଲା ପ୍ରକ୍ରିୟାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୭।୬

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପାଇଁ ଦାବି ଫଇସଲା ପ୍ରକ୍ରିୟାକୁ କୋହଳ କରାଯିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ସହିତ କମ୍ପାନୀ ଠିଆ ହୋଇଛି। ଫଳରେ ଏହି ଦୁଃଖଦ ଘଟଣାରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ରିଲିଫ୍ ପ୍ରଦାନ କରାଯିବା ଲାଗି କମ୍ପାନୀ ପକ୍ଷରୁ ବୀମା ଦାବି ଫଇସଲାକୁ ତ୍ୱରାନ୍ୱିତ କରାଯିବ। ବିଶେଷକରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ) ଅଧୀନରେ ସାମିଲ ଥିବା ଲୋକଙ୍କ ସମେତ ମୃତ୍ୟୁ ଓ ସ୍ୱାସ୍ଥ୍ୟ ବୀମା ଦାବିର ପ୍ରକ୍ରିୟାକରଣକୁ ମାତ୍ର ୩ଟି ମୌଳିକ କାଗଜପତ୍ର ଆଧାରରେ କରାଯିବ। ଉଲ୍ଲେଖଯୋଗ୍ୟ, ଦାବି ଫଇସଲା ପାଇଁ ବ୍ୟାଙ୍କ ଖାତା ବିବରଣୀ, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କଠାରୁ ମୃତ୍ୟୁ ସାର୍ଟିଫିକେଟ୍ ଅଥବା ହସ୍ପିଟାଲ, ସରକାରୀ ଅଧିକାରୀ କିମ୍ବା ପୋଲିସ ପକ୍ଷରୁ ଜାରି କରାଯାଇଥିବା ମୃତ ଯାତ୍ରୀଙ୍କ ତାଲିକା ଏବଂ ହିତାଧିକାରୀ ନୋମିନିଙ୍କ ବୈଧ ଠିକଣା ପ୍ରମାଣପତ୍ରର ନକଲ ଦାବି ସମ୍ପର୍କିତ ଅନୁସନ୍ଧାନରେ ସହାୟତା ପାଇଁ କମ୍ପାନୀ ପକ୍ଷରୁ ଏକ ଉତ୍ସର୍ଗୀକୃତ ୨୪ ଘଣ୍ଟିଆ ହେଲ୍‌ପଲାଇନ ନମ୍ବର (୧-୮୬୦-୨୬୬-୭୭୬୬) ସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି-ଗ୍ରାହକ ସେବା ଓ ପରିଚାଳନା ଅମିଶ ବାଙ୍କର କହିଛନ୍ତି, ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜୀବନ ପ୍ରତି ଆମେ ଗଭୀର ସମବେଦନା ଜ୍ଞାପନ କରୁଛୁ।

## ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର ‘ୱେଡିଂ କଲେକ୍ସନ’

ଭୁବନେଶ୍ୱର,୭।୬



ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଚଳିତ ଥରର ସ୍ୱତନ୍ତ୍ର ‘ୱେଡିଂ କଲେକ୍ସନ’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ୱେଡିଂ କଲେକ୍ସନରେ ସୁନା, ହୀରା ଏବଂ ରତ୍ନର ନିପୁଣ କାରିଗରି ସହ ନିର୍ମିତ ଏବଂ ପ୍ରତ୍ୟେକ ବଧୂକୁ ଦୁନିଆର ସବୁଠାରୁ ସୁନ୍ଦର ବଧୂ ପରି ଅନୁଭବ କରାଇବା ଲାଗି ପ୍ରତିଷ୍ଠାନ ପକ୍ଷରୁ ପ୍ରୟାସ କରାଯାଇଛି। ବିଶେଷକରି ଏହି ସଂଗ୍ରହକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଖିମ୍‌ଜୀର ୯୧୬ ଏଚ୍‌ୟୁଆଇଡି ସୁନା ଏବଂ ହୀରା ଅଳଙ୍କାର ଗଢ଼ା ମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଉକ୍ତ ଗହଣା ସଂଗ୍ରହରେ ବ୍ରାଇଡାଲ୍ ସେଟ୍, ହାର, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ମୁଦିର ନିଆରା ସଂଗ୍ରହ ଉପଲବ୍ଧ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ପାରମ୍ପରିକ ଓ ଆଧୁନିକ ଅଳଙ୍କାରର ସମ୍ଭାର ସହ ଆକର୍ଷଣୀୟ ଡିଜାଇନ ମଧ୍ୟ ଉପଲବ୍ଧ କରାଉଛୁ। ବିଶେଷକରି ଖିମ୍‌ଜୀର ସମସ୍ତ ଅଳଙ୍କାର ନବବଧୂ ଓ ମହିଳାମାନଙ୍କର ସ୍ୱତନ୍ତ୍ର ମୁହୂର୍ତ୍ତର ଖୁସିକୁ ଦ୍ୱିଗୁଣିତ ଓ ସୌନ୍ଦର୍ଯ୍ୟତାକୁ ଆହୁରି ବଢ଼ାଇବ। ସେହିଭଳି ଆମର ଅତୁଳନୀୟ କାରିଗରିରେ ନିର୍ମିତ ଏହି ୱେଡିଂ କଲେକ୍ସନରେ ଅନନ୍ୟ ଡିଜାଇନ ପ୍ରଦର୍ଶନ ଏବଂ ପ୍ରତି ଅଳଙ୍କାର ମହିଳାମାନଙ୍କ ପାଇଁ ଆଶୀର୍ବାଦ ଭଳି ପ୍ରତିଫଳିତ ହେବ। ସେହିପରି ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସମସ୍ତ ନବବଧୂ ଓ ସେମାନଙ୍କ ପରିବାରବର୍ଗଙ୍କୁ ଚଳିତ ଥରର ବିଶେଷ ୱେଡିଂ କଲେକ୍ସନକୁ ଅନୁଭବ ଓ ଉପଭୋଗ କରିବା ନିମନ୍ତେ ଆମନ୍ତ୍ରିତ କରାଯାଉଛି, ଯାହା ସବୁଦିନ ପାଇଁ ଏକ ଖୁସି ଓ ପ୍ରେମର ପ୍ରତୀକ ହୋଇ ରହିବ।

## ବିଓବି ପକ୍ଷରୁ ‘ଲଘୁ ଫିଲ୍ମ ସମୀକ୍ଷା ଲେଖନ’ ପ୍ରତିଯୋଗିତା

ଭୁବନେଶ୍ୱର,୭।୬

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ‘ଲଘୁ ଫିଲ୍ମ ସମୀକ୍ଷା ଲେଖନ’ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା କ୍ଷେତ୍ରର ବିଭିନ୍ନ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସହ କାର୍ଯ୍ୟକ୍ଷେତ୍ରରେ ଅଧିକରୁ ଅଧିକ ହିନ୍ଦୀ ଭାଷାର ବ୍ୟବହାର ଓ ରାଜଭାଷା ଜରିଆରେ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟରତ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱର ଦେଶର ଏକ ପ୍ରମୁଖ ସମିତି ଭାବେ ହୋଇଥିବା ବେଳେ ଉକ୍ତ ସମିତିକୁ ଉତ୍କୃଷ୍ଟ ରାଜଭାଷା କାର୍ଯ୍ୟାନ୍ୱୟନ ନିମନ୍ତେ ସର୍ବୋଚ୍ଚ ପୁରସ୍କାର ‘କୀର୍ତ୍ତି ପୁରସ୍କାର’ ପ୍ରାପ୍ତ ହୋଇଛି। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକରେ ରାଜଭାଷା ହିନ୍ଦୀର ପ୍ରୟୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଦେଶର ବିଭିନ୍ନ ସହରରେ ଏହି ସମିତିଗୁଡ଼ିକର ଗଠନ କରାଯାଇଛି। ଏପରିକି ଭୁବନେଶ୍ୱରରେ କାର୍ଯ୍ୟରତ ନଗର ସମିତି ମଧ୍ୟ ଉକ୍ତ ସମିତିଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି ବିଓବି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମିତିର ସଦସ୍ୟମାନେ ବିଭିନ୍ନ ସମୟରେ କାର୍ଯ୍ୟାଳୟ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାର ଆୟୋଜନ କରିଥାନ୍ତି। ଏହି କ୍ରମେରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ‘ଲଘୁ ଫିଲ୍ମ ସମୀକ୍ଷା ଲେଖନ’ ପ୍ରତିଯୋଗିତାର ଆୟୋଜନ କରାଯାଇଛି।

## ନୀତି ରାଜନୀତି



ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ବିପକ୍ଷରେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡୁଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ଲକ୍ଷ୍ନୌରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କୁ ଭେଟୁଛନ୍ତି।

## ହରିୟାଣା: ଭାଜପା-ଜେଜେପି ମେଣ୍ଟରେ ଫାଟ

ଚଣ୍ଡିଗଡ଼,୭।୬



ଦୁଶ୍ୟନ୍ତ ଚୌଟାଲା



ବିପ୍ଲବ ଦେବ

ହରିୟାଣାରେ ଭାଜପା-ଜେଜେପି ମେଣ୍ଟ ସରକାର ଚାଲିଛି। ମାତ୍ର ଏହି ଦୁଇ ଦଳ ମଧ୍ୟରେ ସୃଷ୍ଟ ବିବାଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜନନାୟକ ଜନତା ପାର୍ଟି(ଜେଜେପି) ସୁପ୍ରିମୋ ଦୁଶ୍ୟନ୍ତ ଚୌଟାଲାଙ୍କ ଉଚାନକାଲାନ ବିଧାନସଭା ଆସନ ନେଇ ବିବାଦ ଦେଖାଦେଇଛି। ହରିୟାଣା ଭାଜପା ଦାୟିତ୍ୱରେ ଥିବା ବିପ୍ଲବ ଦେବ ଦଳର ନେତ୍ରୀ ପ୍ରେମଲତାଙ୍କୁ ଉଚାନକାଲାନ ଆସନରୁ ପରବର୍ତ୍ତୀ ବିଧାୟକ ପ୍ରାର୍ଥୀ ଭାବେ ନାମିତ କରିଛନ୍ତି। ଏହା ପରେ ଦୁଇ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଜେଜେପି ରାଜ୍ୟ ସଭାପତି ନିଶାନ ସିଂ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଏହି ମେଣ୍ଟ କୌଣସି ଅନୁଗ୍ରହ କିମ୍ବା ମାଗଣାରେ କରାଯାଇ ନାହିଁ। ହରିୟାଣାର ଦ୍ରୁତ ବିକାଶ ଏବଂ ସ୍ଥିର ସରକାର ଦେବା ପାଇଁ ଏହା କରାଯାଇଥିଲା। ଭାଜପା ସହ ମେଣ୍ଟ ରହୁ କି ନ ରହୁ ସେଥିପ୍ରତି ଆମର ଗୁରୁତ୍ୱ ନାହିଁ, କିନ୍ତୁ ଦୁଶ୍ୟନ୍ତ କେବଳ ଉଚାନକାଲାନରୁ ହିଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏହାର ଜବାବରେ ବିପ୍ଲବ ଦେବ କହିଛନ୍ତି, ଆମ ଦଳ ସହ ମିଶି ଜେଜେପି କୌଣସି ଅନୁକମ୍ପା ପ୍ରଦର୍ଶନ କରି ନାହିଁ। ଆମେ ଅନେକ ଜେଜେପି ବିଧାୟକଙ୍କୁ ମନ୍ତ୍ରୀ କରିଛୁ। ମିଳିତ ମେଣ୍ଟକୁ ବଜାୟ ରଖାଯିବ କି ନାହିଁ, ସେ ବିଷୟରେ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ଗ୍ରହଣ କରିବେ। ବିପ୍ଲବ ଫରିଦାବାଦର ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମୋ ପେଟରେ କୌଣସି ଯନ୍ତ୍ରଣା ନାହିଁ। ଏନେଇ ଦୁଶ୍ୟନ୍ତଙ୍କର କିଛି ଚିନ୍ତା କରିବା ଦରକାର ନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ଦୁଶ୍ୟନ୍ତ ବିପ୍ଲବଙ୍କ ନାମ ନ ନେଇ କହିଥିଲେ, ଯଦି କେହି ପେଟରେ ଯନ୍ତ୍ରଣା ଅନୁଭବ କରୁଛନ୍ତି, ତେବେ ମୁଁ ଏଥିପାଇଁ ଔଷଧ ଦେଇ ପାରିବି ନାହିଁ।

## ବିଜେଡିର ୨୩ ବର୍ଷ ଶାସନରେ ୨୩ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ: ଭାଜପା

ଭୁବନେଶ୍ୱର, ୭।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଗତ ୯ ବର୍ଷର ଶାସନରେ ଓବିସି ବର୍ଗଙ୍କ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ସହିତ ଡାକ୍ତରୀ ଶିକ୍ଷା, ଡେଣ୍ଟାଲ ଏଜୁକେଶନ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ ପ୍ରଭୃତିର ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ରାଷ୍ଟ୍ରୀୟ ସାମଗ୍ରିକ ବିକାଶ ପାଇଁ ୫୪ ପ୍ରତିଶତ ଓବିସିଙ୍କ ବିକାଶକୁ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚିତ ମନେକରନ୍ତି। ହେଲେ ରାଜ୍ୟର ବିଜେଡି ସରକାରର ଓବିସିମାରଣ ନୀତିର ଶିକାର ହୋଇ ବହୁ ଛାତ୍ରୀଛାତ୍ର ଏବଂ ଯୁବତୀଯୁବକ ହତାଶ ହୋଇପଡ଼ିଛନ୍ତି। ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖାରେ ସଂରକ୍ଷଣ ନ ଦେବା ଫଳରେ ବିଜେଡି ସରକାରର ଗତ ୨୩ ବର୍ଷ ଶାସନରେ ପ୍ରାୟ ୨୩ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବାସ୍ତବରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାମାନେ ଓବିସି ବର୍ଗଙ୍କୁ ଘୃଣା କରନ୍ତି। ରାଜ୍ୟ ସରକାର ରାଜ୍ୟର ସଂଖ୍ୟାଧିକ ପଛୁଆବର୍ଗଙ୍କୁ ଯେଉଁଭଳି ଉପେକ୍ଷା କରୁଛନ୍ତି ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଓବିସି ମୋର୍ଚ୍ଚା ତରଫରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହା ଜନସମ୍ପର୍କ ଅଭିଯାନରେ ବ୍ୟାପକ ଜନଜାଗରଣ କରାଯିବ। ସେହିପରି ମୋର୍ଚ୍ଚା ତରଫରୁ ଆରମ୍ଭ ହୋଇଥିବା ଗାଁ ଗାଁ ଚାଲ, ଘର ଘର ଚାଲ ଅଭିଯାନ ଜରିଆରେ ବିଜେଡି ସରକାରର ଓବିସିମାରଣ ନୀତି ବିରୋଧରେ ମଧ୍ୟ ଜନଜାଗରଣ କରାଯିବ। ରାଜ୍ୟ ସରକାର ନାମଲେଖାରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାନ୍ତୁ ବୋଲି ସୁରଥ ଦାବି କରିଛନ୍ତି।

## ମନ୍ତ୍ରୀଙ୍କ ଇସ୍ତଫା, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦାବି

ଭୁବନେଶ୍ୱର, ୭।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣା ପ୍ରସଙ୍ଗରେ ଛାତ୍ର କଂଗ୍ରେସ ରାସ୍ତାକୁ ଓହ୍ଲାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ରେଳ ସଦନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ରେଳ ସଦନ ମୁଖ୍ୟ ଫାଟକ ପାଖରେ ବିକ୍ଷୋଭ କାର୍ଯ୍ୟକ୍ରମ କରି ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ପୋଲିସ ଛାତ୍ର କଂଗ୍ରେସ ସଭାପତି ୟାସିର ଏବଂ ଅନ୍ୟମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଏହି ଅବସରରେ ୟାସିର କହିଛନ୍ତି, ରେଳ ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ପ୍ରକୃତ ଦୋଷୀ। ପ୍ରତି ମୃତକଙ୍କ ପରିବାରକୁ ରେଲୱେ ପକ୍ଷରୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ମୃତକ ଓ ଅକର୍ମଣ୍ୟ ପରିବାରର ଜଣକୁ ସରକାରୀ ଚାକିରି ଦିଆଯାଉ। ଏହି ଘଟଣାରେ ରେଳମନ୍ତ୍ରୀ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। କାରଣ ମୋଦି ସରକାରର ୯ ବର୍ଷର ଶାସନରେ ରେଳ ବିଭାଗ ସମ୍ପୂର୍ଣ୍ଣ ଉପେକ୍ଷିତ ଏବଂ ଲୁଣ୍ଠିତ। ରେଳ ବିଭାଗ ପ୍ରତି ଚରମ ଅବହେଳା କରାଯାଇଛି। ମୃତ ରେଳଯାତ୍ରୀଙ୍କ ସଂଖ୍ୟା କ’ଣ ପାଇଁ ଲୁଚେଇ ଦିଆଯାଉଛି ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପାଇଁ ଏହା ଷଡ଼ଯନ୍ତ୍ର ହେଉଛି। ରେଲୱେ ପକ୍ଷରୁ ସଂସଦୀୟ କମିଟିର ସୁପାରିସ ଏବଂ ସିଏଜିର ରିପୋର୍ଟକୁ କେନ୍ଦ୍ର ସରକାର ଆଦୌ ପାଳନ କରିନାହାନ୍ତି। ଦୁର୍ଘଟଣା ଘଟିବାର ମୁଖ୍ୟ ଦୋଷୀ ଚିହ୍ନଟ ହୋଇଗଲା ବୋଲି ରେଲୱେ ଘୋଷଣା କରିଦେବା ପରେ ପୁଣି ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ସିବିଆଇ ତଦନ୍ତ କରୁଛନ୍ତି। ସିବିଆଇ କେନ୍ଦ୍ର ସରକାରଙ୍କ ହାତବାରିସି ସାଜିଛି। ତେଣୁ ଏଥିରେ ତଦନ୍ତ ବାଟବଣା ହେବ। କେତେଜଣ ନିରୀହ ଲୋକଙ୍କୁ ଏଥିପାଇଁ ଦଣ୍ଡିତ ହେବାକୁ ପଡ଼ିବ। ସମଗ୍ର ବ୍ୟବସ୍ଥାର ଯିଏ ପରିଚାଳକ ଅଶ୍ୱିନୀ ବୈଷ୍ଣବ ଏ ପର୍ଯ୍ୟନ୍ତ ନିଜକୁ ଦୋଷୀ କହିନାହାନ୍ତି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।

### ବାହାନଗା ଦୁର୍ଘଟଣା ନେଇ ରେଳ ସଦନ ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ



## ଏଥର ରଜ ଲଢ଼େଇ


'ଲଭ୍ ଇନ୍ ଲଣ୍ଡନ'ରେ ଅନୁଭବ-ସ୍ୱପ୍ନା

# ଲଭ୍ ଇନ୍ ଲଣ୍ଡନ ବନାମ ଗୁଡୁ ଗ୍ୟାଙ୍ଗଷ୍ଟର

ବିଶେଷ ଭାବରେ ପୂଜାପାର୍ବଣରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମାଗୁଡିକ ଭିତରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ। କରୋନା ମହାମାରୀ ପରେ ଏବେ ପୁଣି ଥରେ ପ୍ରେକ୍ଷାଳୟଗୁଡିକ ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ମୋଟ ୧୭ଟି ଓଡ଼ିଆ ସିନେମା ରିଲିଜ୍ ହୋଇସାରିଛି। ଏଥର ରଜରେ ଦ୍ୱିମୁଖୀ ଲଢ଼େଇ ଦେଖିବାକୁ ମିଳିବ। ସିନେମା ଦ୍ୱୟ-'ଲଭ୍ ଇନ୍ ଲଣ୍ଡନ' ଏବଂ 'ଗୁଡୁ ଗ୍ୟାଙ୍ଗଷ୍ଟର' ଜୁନ୍ ୧୩ରେ ରିଲିଜ୍ ହେବାକୁ ଯାଉଛି। ରାଜନୀତିରେ ପ୍ରବେଶ କରିବା ପରେ ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଥିବା ଅନୁଭବ ମହାନ୍ତି ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି। ଫିଲ୍ମଟି ହେଲା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଲଭ୍ ଇନ୍ ଲଣ୍ଡନ'। ଜେ.ବି. ଫିଲ୍ମସ୍ ଓ ଆମର ଷ୍ଟୁଡିଓ ବ୍ୟାନରରେ, ନବୀନ ଭଣ୍ଡାରି ଓ ଜେ. ବର୍ଷା ପ୍ରଯୋଜିତ ଏହି ଫିଲ୍ମଟି ଏକ ଭିନ୍ନ ଧରଣର ରୋମାଣ୍ଟିକ କାହାଣୀକୁ ନେଇ ଆଧାରିତ। ଏଥିରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ସ୍ୱପ୍ନା ପ୍ରିୟଦର୍ଶିନୀ। ତାଙ୍କ ବ୍ୟତୀତ ସୌମ୍ୟା ସଚଦେବଙ୍କୁ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ରହସ୍ୟ, ରୋମାଞ୍ଚକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ଗୁଡୁ ଗ୍ୟାଙ୍ଗଷ୍ଟର' ଏଥର ରଜରେ ପରଦା ଉପରକୁ ଆସିବ। ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଫିଲ୍ମ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ୍ ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାକ୍ଷୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଆଦି କଳାକାର ଅଭିନୟ କରିଛନ୍ତି। ତେବେ ଏଥର ରଜରେ କେଉଁ ଫିଲ୍ମ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା


'ଗୁଡୁ ଗ୍ୟାଙ୍ଗଷ୍ଟର'ରେ ଶୈଳେନ୍ଦ୍ର-ଶିବାନୀ

# ନୂଆ ଅବତାର

ଅଭିନେତା ଚନ୍ଦନ କର ଖୁବ୍‌ଶୀଘ୍ର ଏକ ନୂଆ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ଜୀବନୀକୁ ନେଇ ପ୍ରସ୍ତୁତ କରାଯାଇଛି ଓଡ଼ିଆ ସିନେମା 'ମହର୍ଷି'। ସାହସୀ ଜୟୀ ରାଜଗୁରୁଙ୍କୁ ସେତେବେଳେ ବ୍ରିଟିଶ ଶାସକ ଫାଶୀଖୁଣ୍ଟରେ ଝୁଲାଇବାକୁ ପଛାଇ ନ ଥିଲେ। ଏହି ସିନେମାଟିକୁ ନିର୍ମାଣ କରିଛନ୍ତି ପ୍ରଦୀପ କୁମାର ସାହୁ। ପ୍ରଯୋଜନା କରିଛନ୍ତି ରମାକାନ୍ତ କର। ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସତ୍ୟବ୍ରତ ନାୟକ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏଥିରେ ଚନ୍ଦନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ, ଚୌଧୁରୀ ବିକାଶ ଦାସ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଚନ୍ଦନ

# ପ୍ରୟାସ ଅଭିନବ


ଜିତେଶ

ନିକଟରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏକ ଭିନ୍ନ ସ୍ୱାଦର ଓଡ଼ିଆ ସିନେମା 'ଟି'। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଏବଂ ପୁରସ୍କୃତ ହେବା ପରେ ଚିତ୍ରଟି ବଡ଼ ପରଦାରେ ମଧ୍ୟ ଦର୍ଶକାଦୃତ ହେବାରେ ଲାଗିଛି। ଫିଲ୍ମଟିର କାହାଣୀ ଜଣେ ଟ୍ରାନ୍ସଜେଣ୍ଡର ଏବଂ ସାମାଜିକ କର୍ମୀ ମେଘନା ସାହୁଙ୍କ ଜୀବନୀକୁ ନେଇ ଗତି କରିଛି। ଏଭଳି ଏକ ଉଦ୍ୟମ କରି ସେଥିରେ ସଫଳ ହୋଇଛନ୍ତି ଏହି ସିନେମାର ଏକାଧାରରେ କାହାଣୀକାର, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଜିତେଶ କୁମାର ପରିଡ଼ା। ଏଭଳି ଏଭ ଅଭିନବ ପ୍ରୟାସ ବିଷୟରେ ସେ କହନ୍ତି, 'ଆଜିକାଲି ଆମ ସମାଜରେ ଅନେକ ବିଷୟ ରହିଛି, ଯାହାକୁ ନେଇ ଅଧିକ ଆୱାରନେସ୍ ସୃଷ୍ଟି କରାଯାଇପାରିବ। ସେହିଭଳି ଟ୍ରାନ୍ସଜେଣ୍ଡରଙ୍କ ଜୀବନୀକୁ ନେଇ ଏକ ସିନେମାଟିଏ ନିର୍ମାଣ କରିବାକୁ ଚାହିଁଥିଲି। ଗତ ୪-୫ବର୍ଷ ଧରି କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ଅନେକ ଭାଷାର ସିନେମା ଦେଖିବା ପରେ ଆମ ଓଡ଼ିଆ ଭାଷାରେ କାହିଁକି ଏଭଳି ସିନେମା ନିର୍ମାଣ କରାଯାଇପାରିବ ନାହିଁ ବୋଲି ଭାବିଥିଲି। ଆଉ 'ଟି' ହେଉଛି ଏକ ପ୍ରୟାସମାତ୍ର। ଯାହାହେଉ ରିଲିଜ୍ ହେବାର ଦୁଇ ସପ୍ତାହ ଭିତରେ ଏହି ଫିଲ୍ମକୁ ଯେତିକି ଭଲ ରେସ୍‌ପନ୍ସ ମିଳିଛି ତାହା ମୋତେ ଆହୁରି ପ୍ରେରଣା ଦେଇଛି। ଟ୍ରାନ୍ସଜେଣ୍ଡରମାନେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ସାରିଲେଣି। ତେଣୁ ସେମାନଙ୍କର ଏଭଳି ଉଦ୍ୟମକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏହି ଫିଲ୍ମଟି ନିର୍ମାଣ କରିଥିଲି। ଏଥିରେ ମୁଖ୍ୟ ଭୂମିକାରେ ଦେବାଶିଷ ସାହୁଙ୍କ ବ୍ୟତୀତ ହର ରଥ, କେଦାର ମିଶ୍ର, ଉଷସୀ ମିଶ୍ର ଏବଂ ଅନ୍ୟାନ୍ୟ କଳାକାରଙ୍କ ନିଖୁଣ ଅଭିନୟ ଫିଲ୍ମଟିକୁ ହିଟ୍ କରାଇବାରେ ସକ୍ଷମ ହୋଇଛି।

## ଶୁକ ଭାଇର ସୋଲେ

ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ କୌସ୍ତୁଭ ଡ୍ରିମ୍ ୱାର୍କ୍ସ ବ୍ୟାନରରେ ତିଆରି ଓଡ଼ିଆ ଫିଲ୍ମ 'ଶୁକ ଭାଇର ସୋଲେ'। ସ୍ନେହାଶିଷ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚିତ୍ରଟି ଚଳିତ ମାସ ୧୦ ତାରିଖରେ ଆଓ ନେକ୍ସଟ ଓଟିଟି ଡିଜିଟାଲ ପ୍ଲାଟ୍‌ଫର୍ମରେ ରିଲିଜ୍ ହେବାକୁ ଯାଉଛି। ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଶୁକ ଭାଇଠାରୁ ଆରମ୍ଭ ହୋଇଛି କାହାଣୀ। ସେ ଛୋଟବେଳୁ 'ଜୟ' ('ସୋଲେ' ଫିଲ୍ମର ଅମିତାଭ ବଚ୍ଚନଙ୍କ ଚରିତ୍ର)ର ଜୀବନୀକୁ ଆପଣେଇଛି। ତେଣୁ ସବୁବେଳେ ନିଜ ଭିତରେ ସେ 'ଜୟ'କୁ ଦେଖେ। ଶୁକ ଭାଇ ନିଜ ଗାଁର ଜଣେ ଅଳ୍ପ ବୟସ୍କ, ବିଧବା ଲକ୍ଷ୍ମୀକୁ ଭଲ ପାଇ ବସିଛି ହେଲେ ଏହି ପ୍ରେମ ମଝିରେ ଆସିଛି ଖଳନାୟକ ରସିଦ ଖାନ୍। ସେପଟେ ଶୁକ ଭାଇ ହରାଇଛି ନିଜ ବାପାକୁ। ତେବେ କିଏ ମାରିଲା ଶୁକ ଭାଇର ବାପାକୁ? ଶୁକ ଭାଇକୁ କ'ଣ ଲକ୍ଷ୍ମୀ ମିଳିଛି? ଏମିତି ସବୁ ପ୍ରଶ୍ନର ଉତ୍ତର ରହିଛି ଏହି ଫିଲ୍ମରେ। କୌଶିକ ଦାସ ଓ ରାମ ପଟ୍ଟନାୟକ ପ୍ରଯୋଜିତ ଉକ୍ତ ସିନେମାର ମୁଖ୍ୟ ଚରିତ୍ରରେ ଅଛନ୍ତି ସତ୍ୟରଞ୍ଜନଙ୍କ ବ୍ୟତୀତ ଅନୁଭା ଶୌର୍ଯ୍ୟା, ସୁକାନ୍ତ ରଥ, ଜୟପ୍ରକାଶ ଦାଶ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ। ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଅଭିଜିତ ମିଶ୍ର ଦେଇଥିବା ବେଳେ ଗୀତଗୁଡ଼ିକ ଆମର ମ୍ୟୁଜିକରେ ରିଲିଜ୍ ହୋଇଛି।


କାଜଲ

# କାଜଲଙ୍କ ଡିନର ପାର୍ଟି

କାଜଲ ଅଗ୍ରୱାଲଙ୍କୁ ନେଇ ଏବେ ଚର୍ଚ୍ଚା। ତାହାର କାରଣ କ'ଣ ଜାଣନ୍ତି? ଏକଦା ସେ ତାଙ୍କ ସ୍କୁଲ ସହପାଠୀଙ୍କୁ କହିଥିଲେ ଯେ ତାଙ୍କୁ ଫୁର୍‌ସତ ମିଳିଲେ ସେ ସେମାନଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବେ। ନିକଟରେ ସେ ତାହା ପୂରଣ କରିଛନ୍ତି। କଥା କ'ଣ କି ତାମିଲ ଫିଲ୍ମ 'ଇଣ୍ଡିଆନ-୨'ର ଶୁଟିଂରୁ ସାମୟିକ ବ୍ରେକ୍ ମିଳିବା ପରେ ସେ ଘରକୁ ଫେରିଛନ୍ତି। ଏବେ ପାଖାପାଖି ଦୁଇ ସପ୍ତାହ ପରିବାର ସହ ରହିବେ। ତେଣୁ ଏହି ସମୟରେ ସେ ତାଙ୍କ ସାଙ୍ଗମାନଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏ ନେଇ କାଜଲ କହନ୍ତି, 'ବର୍ତ୍ତମାନ ମୋ ନୂଆ ସିନେମା 'ଇଣ୍ଡିଆନ୍-୨'ର ଶୁଟିଂରୁ ମୋତେ ଦୁଇ ସପ୍ତାହ ବ୍ରେକ୍ ମିଳିଛି। ତେଣୁ ଏହି ସମୟ ଭିତରେ ସ୍କୁଲର କେତେଜଣ ଅନ୍ତରଙ୍ଗ ଫ୍ରେଣ୍ଡସ୍‌ଙ୍କ ପାଇଁ ଡିନର ପାର୍ଟିର ଆୟୋଜନ କରିଥିଲି। ଆଉ ସମସ୍ତେ ମିଶି ଏହି ପାର୍ଟିର ଭରପୂର ମଜା ଉଠାଇଥିଲୁ।' ଏସ୍. ଶଙ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଭୂମିକାରେ କମଲ ହାସନ ଅଭିନୟ କରୁଛନ୍ତି। ଫିଲ୍ମଟିର ବଜେଟ ରହିଛି ପ୍ରାୟ ୨୫୦ କୋଟି। ଏବେ କାଜଲଙ୍କ ହାତରେ 'ଏନ୍‌ବିକେ ୧୦୮' ନାମକ ତେଲୁଗୁ ଫିଲ୍ମ ଏବଂ 'ଉମା' ଟାଇଟଲ ବିଶିଷ୍ଟ ହିନ୍ଦୀ ସିନେମା ରହିଛି।

# ଚାରି ବର୍ଷ ପରେ...

ଦୀର୍ଘ ଚାରି ବର୍ଷ ପରେ ସୋନମ୍ କପୁର ପୁଣି ଥରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ଥିଲା 'ଦ ଜୋୟା ଫ୍ୟାକ୍ଟର'। ୨୦୧୯ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟିର ବଜେଟ ଥିଲା ୩୩ କୋଟି, ହେଲେ ବକ୍ସ ଅଫିସରେ ଚିତ୍ରଟି ମାତ୍ର ଛଅ କୋଟି ଇନ୍‌କମ୍ କରିଥିଲା। ତେବେ ଘର ସଂସାର କରିବା ପରେ ସାମୟିକ ସମୟ ପାଇଁ ଅଭିନୟରୁ ବ୍ରେକ୍ ନେଇଥିଲେ। ଏବେ ପୁଣି ଥରେ ଅଭିନୟ ସହ ଜଡ଼ିତ ରହିବାକୁ ସେ କୁଆଡ଼େ ମାଇଣ୍ଡ ମେକ୍‌ଅପ କରିସାରିଲେଣି। ନିର୍ମାଣାଧୀନ ହିନ୍ଦୀ ସିନେମା 'ବ୍ଲାଇଣ୍ଡ'ର ନାୟିକା ସାଜିଛନ୍ତି ଏହି ଅଭିନେତ୍ରୀ। ଏକ ଆପରାଧିକ ଘଟଣା ଉପରେ କାହାଣୀ ଆଗକୁ ବଢ଼ିଛି। ଏହି କ୍ରାଇମ୍ ଥ୍ରୀଲର ଫିଲ୍ମର ପ୍ରଯୋଜନା କରୁଛନ୍ତି ସୁଜୟ ଘୋଷ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସୁମୀ ମଖିଜା। ଏ ନେଇ ସୋନମ୍ କହନ୍ତି, 'ଏହାର କାହାଣୀ ଏବଂ ଏଥିରେ ମୋ ଭୂମିକାକୁ ନେଇ ବେଶ୍ ଭରସା ରହିଛି। ମୋତେ ମିଳିଥିବା ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଦୃଷ୍ଟିଶକ୍ତି ହରାଇଥିବା ଜଣେ ପୋଲିସ ଅଫିସର କିପରି ଜଣେ ସିରିଏଲ୍ କିଲରକୁ ଖୋଜୁଛି ଏବଂ ନିଜ ଲକ୍ଷ୍ୟରେ ସେ କିଭଳି ସଫଳ ହେଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।' ୨୦୧୧ରେ ରିଲିଜ୍ ହୋଇଥିବା କୋରିଆ ଫିଲ୍ମ 'ବ୍ଲାଇଣ୍ଡ୍'ର ଏହା ହେଉଛି ରିମେକ୍। ତେବେ ଏପରି ଏକ ଭିନ୍ନ ଧରଣର ଭୂମିକା ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।


ସୋନମ୍

# ଅଭିନେତା ହୋଇ ନଥିଲେ...


ପ୍ରଭାସ

ଦକ୍ଷିଣ ଭାରତୀୟ ସିନେମା ଜଗତର ଅନ୍ୟତମ ପରିଚିତ ଅଭିନେତା ହେଉଛନ୍ତି ପ୍ରଭାସ। 'ବାହୁବଲୀ' ଫେମ୍ ଏହି ଆକ୍ଟର ଯେତେବେଳେ ପାଠ ପଢୁଥିଲେ, ସେତେବେଳେ ଭବିଷ୍ୟତରେ ବିଜନେସ୍‌ମ୍ୟାନ୍ ହେବାକୁ ଆଶା ରଖିଥିଲେ। ହେଲେ ସଂଯୋଗବଶତଃ ଅଭିନୟ ଦୁନିଆରେ ସରପ୍ରାଇଜ ଏଣ୍ଟ୍ରି କରିଥିଲେ। ଅଭିନେତା ହେବାକୁ ତାଙ୍କୁ ଅଧିକ ପ୍ରୋତ୍ସାହିତ କରିଥିଲେ ତାଙ୍କର ମାମୁ ଉପାଲ୍ଲାପତି କ୍ରିଷ୍ଣମ୍ ରାଜୁ। ୨୦୦୨ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଈଶ୍ୱର' ରିଲିଜ୍ ହୋଇଥିଲା। ନିଜ ଅଭିନୟ କ୍ୟାରିୟର ବିଷୟରେ ପ୍ରଭାସ କହନ୍ତି, 'ମୋର ପ୍ରଥମ ସିନେମା 'ଈଶ୍ୱର' ଫ୍ଲପ୍ ହୋଇଥିଲା। ଯେତେବେଳେ ପାଠ ପଢୁଥିଲି ବିଜନେସ୍‌ମ୍ୟାନ ହେବାକୁ ଆଶା ଥିଲା, ହେଲେ ପରବର୍ତ୍ତୀ ସମୟରେ ମୁଁ ଆକ୍ଟର ହୋଇଗଲି। ମୋର ଆକ୍ଟିଂ ଜୀବନର ପ୍ରାରମ୍ଭର ତିନି ବର୍ଷ ବେଶ୍ କଠିନ ଥିଲା। ମୋ ଅଭିନୀତ ସିନେମାଗୁଡ଼ିକ ଫ୍ଲପ୍ ହେଲା। କିନ୍ତୁ ୨୦୦୫ରେ ଏସ୍.ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ 'ଛତ୍ରପତି' ସୁପରହିଟ୍ ହେବା ମୋ କ୍ୟାରିୟର ପାଇଁ ତାହା ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।' ପ୍ରଭାସଙ୍କ ପ୍ରକୃତ ନାମ ଥିଲା ଭେଙ୍କଟ ସତ୍ୟନାରାୟଣ ପ୍ରଭାସ ରାଜୁ। ୧୯୭୯ ଅକ୍ଟୋବର ୨୩ରେ ଜନ୍ମିତ ପ୍ରଭାସଙ୍କ ବାପା ୟୁ. ସତ୍ୟନାରାୟଣ ରାଜୁ ଥିଲେ ଜଣେ ପ୍ରଯୋଜକ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଏ ବର୍ଷର ବାର୍ତ୍ତା

ଚଳିତ ବର୍ଷ ‘ବିଶ୍ୱ ମହାସାଗର ଦିବସ’ ଲାଗି ବାର୍ତ୍ତା ରହିଛି ‘ଗ୍ରହ ମହାସାଗର: ଜୁଆର ବଦଳୁଛି’ (ପ୍ଲାନେଟ୍ ଓସେନ: ଟାଇଡ୍‌ସ ଆର ଚେଞ୍ଜିଂ)।



# ମହାସାଗର ସୁରକ୍ଷା ହିଁ ପୃଥିବୀର ସୁରକ୍ଷା

ପୃଥିବୀର ୭୦% ଅଞ୍ଚଳ ଜଳଭାଗ। ଜଳଭାଗର ସୁରକ୍ଷା ପୃଥିବୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ମହାସାଗର ସୁରକ୍ଷା ହିଁ ପୃଥିବୀର ସୁରକ୍ଷା। ମହାସାଗରର ଜୈବ ବିବିଧତା ପୃଥିବୀକୁ ଦୀର୍ଘସ୍ଥାୟୀ କରି ଗଢ଼ିଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୮ତାରିଖକୁ ବିଶ୍ୱ ମହାସାଗର ଦିବସ ଭାବେ ପାଳନ କରାଯାଏ । ୧୯୯୨ରେ ବ୍ରାଜିଲରେ ଅନୁଷ୍ଠିତ ପୃଥିବୀ ଶିଖର ସମ୍ମିଳନୀରେ କାନାଡ଼ାର ‘ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଓସେନ ଡେଭଲପମେଣ୍ଟ’ ଏବଂ ‘ଓସେନ ଇନ୍‌ଷ୍ଟିଚ୍ୟୁଟ ଅଫ କାନାଡ଼ା’ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ଜାତିସଂଘ ଦ୍ୱାରା ଏହି ଦିବସକୁ ୨୦୦୮ରେ ସ୍ୱୀକୃତି ମିଳିଥିଲା। ସମୁଦ୍ରର ସୁରକ୍ଷା ଏବଂ ଏଥିରୁ ମିଳିଥିବା ସମ୍ବଳର ସୁପରିକଳ୍ପିତ ପରିଚାଳନା ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏହା ମଣିଷର ଅର୍ଥନୈତିକ କାର୍ଯ୍ୟକଳାପ ଯୋଗୁଁ ସମୁଦ୍ର ଉପରେ ପଡୁଥିବା ପ୍ରଭାବଗୁଡିକ ସମ୍ପର୍କରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥାଏ।

ବିଶ୍ୱ ମହାସାଗର ଦିବସ ବାର୍ତ୍ତା ଦେଇଥାଏ ମହାସାଗରର ସୁରକ୍ଷା ଏବଂ ସମ୍ବଳର ସ୍ଥାୟୀ ଉପଯୋଗ ଆମ ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରତିବର୍ଷ ବିଶ୍ୱ ମହାସାଗର ଦିବସ ପାଳନ କରିବାକୁ ଜାତିସଂଘ ଏକ ନୂତନ ଥିମ୍ ଗ୍ରହଣ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହା ହେଉଛି ‘ଗ୍ରହ ମହାସାଗର: ଜୁଆର ବଦଳୁଛି’ (ପ୍ଲାନେଟ୍ ଓସେନ: ଟାଇଡ୍‌ସ ଆର ଚେଞ୍ଜିଂ)।

୧୯୮୭ ବିଶ୍ୱ ପରିବେଶ ଏବଂ ବିକାଶ ଆୟୋଗ ଭାବରେ ମଧ୍ୟ ଜଣାଶୁଣା ବ୍ରାଣ୍ଡଲ୍ୟାଣ୍ଡ ରିପୋର୍ଟରେ ବ୍ରଣ୍ଡଟଲ୍ୟାଣ୍ଡ କମିଶନ ଉଲ୍ଲେଖ କରିଥିଲେ ଅନ୍ୟ କ୍ଷେତ୍ର ତୁଳନାରେ ମହାସାଗର କ୍ଷେତ୍ରର ବିକାଶ ପାଇଁ ସଚେତନତାର ଅଭାବ ରହିଛି। ମହାସାଗରର ଉପଯୋଗିତା ନ ବୁଝି ବହୁ ଲୋକ ଏହାର ଗର୍ଭକୁ ଆବର୍ଜନାରେ ଭର୍ତ୍ତି କରିବାରେ ଲାଗିଛନ୍ତି। ଫଳରେ ପୃଥିବୀ ପାଇଁ ସର୍ବାଧିକ ଗୁରୁତ୍ୱଥିବା ବିରାଟ ମହାସାଗର ଅଞ୍ଚଳ ମାନବୀୟ କାର୍ଯ୍ୟ ଯୋଗୁ ଜୈବ ବିବିଧତା ହରାଇବାରେ ଲାଗିଛି।

## ବିଶ୍ୱ ମହାସାଗର ଦିବସ



୧୯୯୨ରେ ପ୍ରଥମ ବିଶ୍ୱ ମହାସାଗର ଦିବସର ଉଦ୍ଦେଶ୍ୟ ଥିଲା ମହାସାଗର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟସ୍ତରରେ ଏକ ମଞ୍ଚ ଗଠନ କରିବା। ବିଶ୍ୱସ୍ତରରେ ସମନ୍ୱିତ ପ୍ରୟାସଗୁଡ଼ିକ ଓସିନ ପ୍ରୋଜେକ୍ଟ ଏବଂ ବିଶ୍ୱ ମହାସାଗର ନେଟ୍‌ୱର୍କ ସହଯୋଗରେ ଆରମ୍ଭ ହୋଇଥିଲା ଏବଂ କାର୍ଯ୍ୟକ୍ରମଗୁଡିକ ବଢ଼ିବାରେ ଲାଗିଥିଲା। ଏହି ସମୟ ମଧ୍ୟରେ www.WorldOceanDay.org ଉନ୍ମୋଚିତ ହୋଇଥିଲା। ସମୁଦ୍ରର ଉପଯୋଗିତା ସମ୍ପର୍କରେ ସଚେତନତା ବଢ଼ାଇବାକୁ ତଥା ଆମର ନୀଳ ଗ୍ରହ ପାଇଁ ଏକ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ପ୍ରଦାନ କରିବାରେ ସାହାଯ୍ୟ କରିବାକୁ ୱେବ୍‌ସାଇଟ କାର୍ଯ୍ୟକ୍ରମ ଆୟୋଜକମାନଙ୍କ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀର ସହଯୋଗ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଶିକ୍ଷାଗତ ତଥା କାର୍ଯ୍ୟକ୍ଷମ ଉତ୍ସ, ଧାରଣା ଏବଂ ଉପକରଣର ବିସ୍ତାର ମାଧ୍ୟମରେ ବିଶ୍ୱସ୍ତରୀୟ ଯୋଗଦାନ ସୃଷ୍ଟି କରିବାର ପ୍ରୟାସ ହୋଇଥିଲା। ବିଶ୍ୱ ମହାସାଗର ଦିବସ ପାଳନ କରିବାକୁ ଯୋଜନା ମଧ୍ୟ ହୋଇଥିଲା। ୨୦୦୪ରେ ମହାସାଗର ପ୍ରକଳ୍ପ ଏବଂ ବିଶ୍ୱ ମହାସାଗର ନେଟ୍‌ୱର୍କ ପକ୍ଷରୁ ଆମର ମହାସାଗର ଗ୍ରହ ପାଇଁ ଏକ ଭିନ୍ନତା ଆଣିବାରେ ଉପକ୍ରମ କରାଯାଉ ବୋଲି ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ଉଭୟ ଅନ୍‌ଲାଇନ ଏବଂ ବ୍ୟକ୍ତିଗତ ଭାବରେ ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବରେ ୮ ଜୁନକୁ ବିଶ୍ୱ ମହାସାଗର ଦିବସ ଭାବରେ ସ୍ୱୀକୃତି ଦେବା ପାଇଁ ଏକ ଆବେଦନପତ୍ରରେ ଦସ୍ତଖତ କରାଯାଇଥିଲା। ଡିସେମ୍ବର ୨୦୦୮ରେ ମିଳିତ ଜାତିସଂଘର ସାଧାରଣ ସଭା ଏହି ଦିନକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦେବା ସମ୍ପର୍କରେ ଏକ ଘୋଷଣା କରିଥିଲା।

# ସହଯୋଗ ଲୋଡ଼ା

**ଆଜି ହେଉଛି ‘ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ’ ବା ‘ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ’। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଧଳା ଏହାର ଭିତର ଅଂଶ। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ ‘ଦହି ବାହାରି ଆସିଲା’ ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡ଼ିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା-ସିରିବ୍ରମ୍, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର ‘ହେଡ୍ ଅଫିସ’ ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ଅସୁଖବିସୁଖ ମଧ୍ୟ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେରଖିବା, ମନେପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୁଣ ଅବସ୍ଥାରୁ।

ବ୍ରେନ୍ ଟ୍ୟୁମର ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୮ ତାରିଖରେ ପାଳିତ ହୋଇଥାଏ ‘ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ’ ବା ‘ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ’। ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପ୍ରଥମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ। ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ। ଏହା ହିଁ ହେଉଛି ଚଳିତ ବର୍ଷ ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଉପଲକ୍ଷେ ପ୍ରସାରିତ ବାର୍ତ୍ତାର ସାରମର୍ମ।

**ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ। ଏହା ହେଉଛି ଚଳିତ ବର୍ଷ ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଉପଲକ୍ଷେ ପ୍ରସାରିତ ବାର୍ତ୍ତାର ସାରମର୍ମ।**

**ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ**

ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ ‘ମସ୍ତିଷ୍କ ମୃତ୍ୟୁ’ ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚାଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା’ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା ‘ଟ୍ୟୁମର’ ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ ‘ଗ୍ଲାୟୋମା’ ନାମକ ଟ୍ୟୁମର ସବୁଠାରୁ ବେଶୀ ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶୀ ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରି ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁଁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେରଖିପାରେନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମ୍‌ଆରଆଇ ସ୍କାନ, ପେଟ ସ୍କାନ, ଇଇଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା’ର ବାୟୋଲୋଜି ପରୀକ୍ଷା।

ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା ‘ରେଡିଓଥେରାପି’। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

**- ଡା. ନିତ୍ୟାନନ୍ଦ ସ୍ୱାଇଁ**
ମୋ: ୮୩୨୮୯୭୫୧୧୮


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft- 3,60,000/-, ଛତାବର 1200 sqft- 3,00,000/- ନଖରା- 300/- 6371569855. D-74870

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft. 1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

Newly built 3 BHK Duplex at Subhadra Villa, Gated Community, Land Area - 1200 sqft., Built-up Area- 1765 sqft., At: Pradhan Sahi on Sundarapada - Jatani main road side. Contact: 9437404347. D-74708

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866




Full body massage relax body mind by trend lady therapist. 7008773793. D-75110

Herbal full body massage by smart / expert therapist. Contact: 7846923244. D-74691

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Newly open SPA positively health benefit with expert. Contact: 7749976301. D-74546

All types of professional body massage by professional therapy. Contact: 9556924059, 7077933109. D-0499

Newly open health benefits Spa special offer @ 799, Master canteen. 9124527173. D-75116

Newly open Spa Positively Health benefits with expert therapist. 9040286886. D-75115

Newly open health benefits Spa special offer @799 Jaydev Vihar. 8018429809. D-75113

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

**LOST**

Name: Samvit Sourav, S/o- Late Ganeswar Bhoi. Missing document: Duplicate Sale Deed No.- 11131202715/2012. For this plot document: CP-33, Niladrivihar, C.S.Pur, Ph.-II, BBSR. Missing place: Niladrivihar to Sailashreevihar. Missing date: 22.5.23 at 12 Noon. D-0533

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE

**ATC ଟାୱାର**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ

(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
**7625811050**

ପାଠକଙ୍କ ପାଇଁ ସୂଚନା
 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଭକ୍ତିପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଙ୍ଗୁରବାଳା ପରିଡ଼ା**
HIG-146, Lumbini Vihar, C.S Pur, Bhubaneswar
ଆବିର୍ଭାବ : ୦୭.୦୪.୧୯୭୦ ତିରୋଧାନ : ୦୮.୦୭.୨୦୨୨
ଚାହିଁ ଚାହିଁ ସମୟ ସ୍ରୋତରେ ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ କାର୍ଯ୍ୟାଳୟ ମଧ୍ୟରେ ବିରାଟ ଶୂନ୍ୟତା ଭରିଦେଇଛି, ଆପଣଙ୍କ ଅପାସୋରା ସ୍ମୃତି ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ହସି ହସାଇ କାନ୍ଦିବାକୁ ଏବଂ ଲୁହପିଇ ବଞ୍ଚିବାକୁ ଛାଡ଼ିଦେଲେ। ଆଜିର ପୂର୍ଣ୍ଣ୍ୟତିଥି ରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ବ୍ରାଇଟ୍ ଇଞ୍ଜିନିୟର୍ସ ଆଣ୍ଡ ଇରେକ୍ଟର୍ସ କର୍ମଚାରୀ ବୃନ୍ଦ।
ଧ-୭୪୫୪୭

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସରୋଜିନୀ ମହାନ୍ତି**
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମର ଶ୍ରାଦ୍ଧବାର୍ଷିକୀ ଅବସରରେ କୋଟି କୋଟି ପ୍ରଣାମ । ତୁମେ ଆମକୁ ଛାଡି କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲ । ତୁମେ ଯେଉଁଠି ବି ଥାଅ ଭଲରେ ଥାଅ । ପ୍ରଭୁ ଜଗନ୍ନାଥ ତୁମ ଆତ୍ମାର ସଦ୍‌ଗତି କରନ୍ତୁ।
ଶୋକସନ୍ତପ୍ତ ଜେନା ପରିବାରବର୍ଗ।
ଧ-୦୫୩୨


## ଫୁରସତ୍

# ଖାଲି ପାଦରେ ପ୍ରଶଂସକଙ୍କୁ ଭେଟନ୍ତି ବିଗ୍ ବି

ମୁମ୍ବାଇ



ବିଗ୍ ବି କହିଲେ ଆମେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କୁ ବୁଝିଥାଉ। ଅନେକ ଲୋକ ତାଙ୍କୁ ଦେଖିବାକୁ ଭିଡ଼ ଲଗାଇଥିବା ସହ ସମ୍ମାନ ମଧ୍ୟ ଦେଇଥାନ୍ତି। ବିଗ୍ ବି ମଧ୍ୟ ତାଙ୍କ ପ୍ରଶଂସକଙ୍କୁ ସମ୍ମାନ ଦିଅନ୍ତି। ସେହି କାରଣରୁ ସେ ପ୍ରତି ରବିବାର ତାଙ୍କ ଘର ଜଲ୍‌ସାରୁ ବାହାରି ପ୍ରଶଂସକଙ୍କୁ ଭେଟିଥାନ୍ତି। ବିଗ୍ ବି ଏପରି ବହୁ ପୂର୍ବରୁ କରିଆସୁଛନ୍ତି। ହେଲେ ତାଙ୍କର ଏପରି କରିବା ପଛର କାରଣ ବାବଦରେ ସେ ନିଜେ କହିଛନ୍ତି। ଏନେଇ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରିଛନ୍ତି। ସେହି ଫଟୋରେ ବିଗ୍ ବି ଧଳାକୁର୍ତ୍ତା ପାଇଜାମା ସହ କଳା ରଙ୍ଗର ଜ୍ୟାକେଟ ପିନ୍ଧିଥିବା ଦେଖିବାକୁ ମିଳୁଛି। ହେଲେ ସେ ପାଦରେ ଚପଲ ପିନ୍ଧିନାହାନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ତାଙ୍କୁ ସବୁବେଳେ ପଚରାଯାଏ ଯେ ସେ କାହିଁକି ଖାଲି ପାଦରେ ପ୍ରଶଂସକଙ୍କୁ ଭେଟିଥାନ୍ତି। ମନ୍ଦିରକୁ ଯିବାବେଳେ ସମସ୍ତେ ଖାଲି ପାଦରେ ଯାଇଥାନ୍ତି। ପ୍ରତି ରବିବାର ଆସୁଥିବା ତାଙ୍କ ଶୁଭଚିନ୍ତକ ହେଉଛନ୍ତି ତାଙ୍କ ପାଇଁ ମନ୍ଦିର ସଦୃଶ। ସେଥିପାଇଁ ସେ ସେମାନଙ୍କୁ ଭେଟିବାକୁ ଖାଲି ପାଦରେ ଆସିଥାନ୍ତି। ତାଙ୍କର ଏହି ପୋଷ୍ଟରେ ଅନେକ କମେଣ୍ଟ ଆସିଛି। ବିଗ୍ ବି’ଙ୍କ ଏପରି ଚିନ୍ତାଧାରା ପାଇଁ ତାଙ୍କୁ ଅନେକ ଶୁଭେଚ୍ଛା ମିଳିଛି। ତେବେ ଅମିତାଭ ୧୯୬୯ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ଫିଲ୍ମ ‘ସାତ ହିନ୍ଦୁସ୍ତାନୀ’ ଜରିଆରେ କରିଥିଲେ। ସେବେଠାରେ ସେ ତାଙ୍କ ଅଭିନୟରେ ଦର୍ଶକଙ୍କ ମନ ଜିଣି ଆସିଛନ୍ତି। ବର୍ତ୍ତମାନ ସେ ଚଳଚ୍ଚିତ୍ର ‘ସେକ୍ସନ ୮୪’ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ୧୦୦ ଘଣ୍ଟା ରୋଷେଇ କରି ରେକର୍ଡ

ଅବୁଜା: କେବଳ ପାଠପଢା ମାଧ୍ୟମରେ ନୁହେଁ ଲୋକେ ତାଙ୍କ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ନିଜ କଳାକୁ ପ୍ରଦର୍ଶନ କରିଥାନ୍ତି। ନିକଟରେ ଜଣେ ରୋଷେୟା ୧୦୦ ଘଣ୍ଟା ବିରତି ନ ନେଇ ଖାଦ୍ୟ ରାନ୍ଧି ୱାର୍ଲ୍ଡ ରେକର୍ଡ କରିଛନ୍ତି। ନାଇଜେରିଆର ୨୬ ବର୍ଷୀୟା ସେଫ୍ ହିଲ୍‌ଡା ବାସି ଏକ ମାରାଥନ୍ କୁକିଂ ସେସନରେ ଭାଗ ନେଇ ଏପରି କାମ କରି ଦେଖାଇଛନ୍ତି। ସେ ତାଙ୍କ ଖାଦ୍ୟରେ ନାଇଜେରିଆ ଖାଦ୍ୟ ସହ କିଛି ବିଦେଶୀ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକଙ୍କୁ ପ୍ରତି ୧ ଘଣ୍ଟାରେ କେବଳ ୫ ମିନିଟ୍‌ର ବିରତି ଦିଆଯାଉଥିଲା। ସେ ପ୍ରଥମରୁ ୯୬ ଘଣ୍ଟା ରାନ୍ଧିବାକୁ ସ୍ଥିର କରିଥିବାବେଳେ ସ୍ଥାନୀୟ ଲୋକଙ୍କ ପ୍ରୋତ୍ସାହନରେ ସେ ଆହୁରି ଅଧିକ ୪ ଘଣ୍ଟା ସମୟ ଦେଇଥିଲେ। ସେ ଏହି ୪ ଘଣ୍ଟାରେ ଆଦୌ ବିରତି ନେଇ ନ ଥିଲେ। ସେଥିପାଇଁ ସେ ବହୁତ ଥକି ପଡ଼ିଥିଲେ। ତେବେ ତାଙ୍କର ଦୃଢ ମନୋବଳ ପାଇଁ ସେ ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଥିପାଇଁ ତାଙ୍କୁ ନାଇଜେରିଆର ରାଷ୍ଟ୍ରପତି ମୁହାମ୍ମାଦୁ ବୁହାରି ପୁରସ୍କୃତ କରିଛନ୍ତି। ଏଥିସହ ତାଙ୍କୁ ଅନେକ ରାଜନେତା ଏବଂ ସେଲିବ୍ରିଟି ଶୁଭେଚ୍ଛା ଜଣାଇଛନ୍ତି।


ସେଫ୍ ହିଲ୍‌ଡା ବାସି

# ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା ଭାରତ

## ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)

ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ପୂର୍ବରୁ ଭାରତୀୟ ଦଳ ଏଠାରେ ଅଭ୍ୟାସ ଚଳାଇଥିବାବେଳେ ଅନ୍ୟ ୩ ଦଳ ପର୍ଯ୍ୟାୟକ୍ରମେ ବୁଧବାର ପହଞ୍ଚିବାରେ ଲାଗିଛନ୍ତି। ଭାରତ ବ୍ୟତୀତ ଲେବାନନ, ଭାନୁଆଟୁ ଓ ମଙ୍ଗୋଲିଆ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ୯ ତାରିଖରେ ଆରମ୍ଭ ହୋଇ ୧୮ରେ ଶେଷ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଏହି ଦଳ ତାଜିକସ୍ତାନକୁ ପରାସ୍ତ କରିଥିଲା। ଏଥର ଆୟୋଜକ ଦଳଭାବେ ଭାରତ ଖେଳିବାକୁ ସୁଯୋଗ ପାଇଥିବାବେଳେ ଏସିଆନ୍ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ରୁ ଲେବାନନ ଓ ମଙ୍ଗୋଲିଆ ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେଶନ(ଓଏଫ୍‌ସି)ରୁ ଭାନୁଆଟୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ରାଉଣ୍ଡ ରବିନ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ସହିତ ଖେଳିବାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

### ୨୦୧୮ରେ ଭାରତ ଅପରାଜେୟ

ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ସେତେବେଳେ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଥିଲେ। ଅହମଦାବାଦରେ ଅନୁଷ୍ଠିତ ପରବର୍ତ୍ତୀ ସଂସ୍କରଣ ବେଳକୁ ଇଗର ଷ୍ଟିମାକ୍ ଦଳର ଦାୟିତ୍ୱରେ ଥିଲେ। ଏହି ପ୍ରତିଯୋଗିତାକୁ ନେଇ ଭାରତର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୧୮ରେ ଚାଇନିଜ୍ ତାଇପେ ବିପକ୍ଷ ଓପନିଂ ମ୍ୟାଚରେ ଭାରତୀୟ ଦଳ ଆଧିପତ୍ୟ ବିସ୍ତାର କରି ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଏହି ସଂସ୍କରଣରେ ଖେଳିଥିବା ଅନ୍ୟ ୨ ଦଳ ନ୍ୟୁଜିଲାଣ୍ଡ ଓ କେନିୟା ବିପକ୍ଷରେ ମଧ୍ୟ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ କେନିୟାକୁ ୩-୦ ଓ ତୃତୀୟ ଗେମ୍‌ରେ ନ୍ୟୁଜିଲାଣ୍ଡକୁ ୨-୧ ଗୋଲରେ ହରାଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ଏହାଥିଲା ଛେତ୍ରୀଙ୍କ ୧୦୦ତମ ମ୍ୟାଚ। ଲିଗ୍ ପର୍ଯ୍ୟାୟରେ ବିଶେଷ ଦର୍ଶକ ଷ୍ଟାଡିୟମକୁ ଆସି ନ ଥିଲେ। ମାତ୍ର ଫାଇନାଲ ଦେଖିବାକୁ ବହୁ ସଂଖ୍ୟାରେ ଆସିବାକୁ ଛେତ୍ରୀ ଟୁଇଟ୍ କରି ଅନୁରୋଧ କରିବା କାମ ଦେଇଥିଲା। ଅନେକ ଦର୍ଶକ ଷ୍ଟାଡିୟମରେ ଫାଇନାଲ ଉପଭୋଗ କରିଥିଲେ। ୪ ମ୍ୟାଚରେ ଛେତ୍ରୀ ମୋଟ ୯ଟି ଗୋଲ ଦେଇଥିଲେ।

### ୨୦୧୯: ସିରିଆ ବିପକ୍ଷରେ ପଏଣ୍ଟ ଭାଗ

୨୦୧୯ରେ ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲେ ମଧ୍ୟ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ସିରିୟା ବିପକ୍ଷରେ ପଏଣ୍ଟ ଭାଗ କରିବା ଉଲ୍ଲେଖନୀୟ ଥିଲା। ଭାରତ ଏହାର ପ୍ରଥମ ମ୍ୟାଚରେ ତାଜିକିସ୍ତାନଠାରୁ ୨-୪ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉତ୍ତର କୋରିଆଠାରୁ ୨-୫ ଗୋଲରେ ପରାସ୍ତ ହୋଇଥିଲା। ତେବେ ତୃତୀୟ ମ୍ୟାଚକୁ ଶକ୍ତିଶାଳୀ ସିରିୟା ବିପକ୍ଷରେ ଡ୍ର କରିବାରୁ ପଏଣ୍ଟ ଭାଗ କରିଥିଲା। ତାଜିକିସ୍ତାନ ଓ ଉତ୍ତର କୋରିଆ ୬ ପଏଣ୍ଟ ଲେଖାଏ ପାଇଥିବାରୁ ଫାଇନାଲ ଖେଳିଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଉତ୍ତର କୋରିଆ ଏକମାତ୍ର ଗୋଲରେ ତାଜିକିସ୍ତାନକୁ ହରାଇ ଟାଇଟଲ ଜିତିଥିଲା। ୭ଟି ମ୍ୟାଚରୁ ମୋଟ ୨୬ଟି ଗୋଲ ହୋଇଥିଲା। ଭାରତର ସୁନୀଲ ଛେତ୍ରୀ, ଉତ୍ତର କୋରିଆର ଜଙ୍ଗ ଇ-ଗ୍ୱାନ୍ ଓ ରି ହ୍ୟୋଙ୍ଗ୍ ଜିନ୍ ସର୍ବାଧିକ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ନିକଟ ଅତୀତରେ ଭାରତ ଭଲ ପ୍ରଦର୍ଶନ କରିଥିବାରୁ ଦୀର୍ଘ ୫ ବର୍ଷ ବ୍ୟବଧାନରେ ପୁଣି ଟାଇଟଲ ଜିତିବାର ସୁଯୋଗ ରହିଛି।



ଭୁବନେଶ୍ୱରରେ ପହଞ୍ଚିବାପରେ ଲେବାନନ ଦଳର ଖେଳାଳି।


ଭୁବନେଶ୍ୱର ବିମାନବନ୍ଦରରେ ମଙ୍ଗୋଲିଆ ଦଳ।

## ସିରିଜ ଜିତିଲା ଶ୍ରୀଲଙ୍କା

ହାମ୍ବାନଟୋଟା, ୭।୬ (ପି.ଟି.)

ସ୍ଥାନୀୟ ରାଜପାକ୍ସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କା ୯ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଜିତି ନେଇଛି। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୨.୨ ଓଭରରେ ମାତ୍ର ୧୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ୧୬ ଓଭରରେ ୧ ଉଇକେଟ ବିନିମୟରେ ୧୨୦ ରନ କରି ମ୍ୟାଚ ଜିତିନେଇଥିଲା। ପାଥୁମ ନିଶଙ୍କା ୫୧ ରନ କରିଥିବା ବେଳେ ଦିମୁଥ କରୁଣାରତ୍ନେ ୫୬ ରନ କରି ଅପରାଜିତ ରହିଥିଲେ। ଦଳକୁ ସହଜ ବିଜୟୀ କରାଇବାରେ ଫାଷ୍ଟ ବୋଲର ଦୁଷ୍ମନ୍ତ ଚାମିରାଙ୍କର ବିଶେଷ ଭୂମିକା ରହିଥିଲା। ଇଞ୍ଜୁରି ପାଇଁ ୮ମାସ ଖେଳରୁ ଦୂରେଇ ରହିଥିବା ଏହି ବୋଲର ମ୍ୟାଚରେ ୪ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ସିରିଜର ପ୍ରଥମ ମ୍ୟାଚ ଆଫଗାନିସ୍ତାନ ଜିତିଥିବା ବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚ ଶ୍ରୀଲଙ୍କା ବିଜୟୀ ହୋଇଥିଲା। ଚାମିରା ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୨.୨ ଓଭରରେ ୧୧୬/ଅଲଆଉଟ (ମହମ୍ମଦ ନବି-୨୩, ଇବ୍ରାହିମ ଜାଦ୍ରାନ-୨୨; ଚାମିରା-୪/୬୩, ହସରଙ୍ଗା-୩/୭, ଲାହିରୁ କୁମାରା-୨/୨୯)। ଶ୍ରୀଲଙ୍କା: ୧୬ ଓଭରରେ ୧୨୦/୧( କରୁଣାରତ୍ନେ-୫୬*, ନାସାଙ୍କା-୫୧; ଗୁଲ୍‌ବାଦିନ ନାଇବ-୧/୧୯)।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ Bhubaneswar, Thursday, June 8/ 2023

## ଏନ୍‌ସିଏ କ୍ୟାମ୍ପକୁ ତନ୍ମୟୀ ମନୋନୀତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତନ୍ମୟୀ ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୯ ବର୍ଷରୁ କମ୍ ବାଳିକା ହାଇପରଫର୍ମାନ୍ସ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଏହି କ୍ୟାମ୍ପ ବେଙ୍ଗାଲୁରୁର ଅଲୁରଠାରେ ଚଳିତ ମାସ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସର୍ବଭାରତୀୟ ମହିଳା କ୍ରିକେଟ ଚୟନ କମିଟି ତନ୍ମୟୀଙ୍କୁ ମନୋନୀତ କରିଥିବାରୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ତନ୍ମୟୀ ବେହେରା

## ସାଇଦୀପଙ୍କ ଶତକ: କଟକ 'ଏ' ଦୃଢ଼

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

କଟକର ରେଭେନ୍ସା-୧ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ଫାଇନାଲ ବୁଧବାର ଆରମ୍ଭ ହୋଇଛି। ସାଇଦୀପ ମହାପାତ୍ରଙ୍କ ଶତକ ଏବଂ ସୌଭାଗ୍ୟ ମିଶ୍ରଙ୍କ ଦୃଢ଼ ବ୍ୟାଟିଂ ବଳରେ କଟକ 'ଏ' ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୯୦ ଓଭରରେ



୭ ଉଇକେଟ ହରାଇ ୩୬୧ ରନ ସଂଗ୍ରହ କରିଛି। ସାଇଦୀପ ୨୧୯ ବଲ୍‌ରୁ ୧୭୬ ରନର ଇନିଂସ ଖେଳିଥିବାବେଳେ ସୌଭାଗ୍ୟ ୮୬ ରନ ସ୍କୋର କରିଛନ୍ତି। ଅବଶିଷ୍ଟ ଓଡ଼ିଶା 'ଡି' ପକ୍ଷରୁ ଜାମଲା ଭଞ୍ଜନ ମହାପାତ୍ର ୩ଟି ଓ ମିଲନ ସାମଲ ୨ଟି ଉଇକେଟ ନେଇଛନ୍ତି। ଟସ୍ ଜିତି ଓଡ଼ିଶା 'ଡି' ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପିଚ୍‌ରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ସାଇଦୀପ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ।


ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳ ଆରମ୍ଭ ପୂର୍ବରୁ ଭାରତୀୟ ଖେଳାଳିମାନେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରୁଛନ୍ତି।

# ହେଡ୍‌ଙ୍କ ଶତକ, ଅଷ୍ଟ୍ରେଲିଆ ଦୃଢ଼

**ଲଣ୍ଡନ, ୭।୬**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ ବୁଧବାର ଦି ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟ୍ରାଭିସ ହେଡ୍‌ଙ୍କ ଶତକ ଏବଂ ଷ୍ଟିଭେନ୍ ସ୍ମିଥଙ୍କ ଦୃଢ଼ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ବଡ଼ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୩୨୭ ରନ ସଂଗ୍ରହ କରିଛି। ହେଡ୍ ୧୪୬ ଓ ସ୍ମିଥ ୯୫ ରନରେ ଅପରାଜିତ ରହିଛନ୍ତି।

### ହେଡ୍-ସ୍ମିଥ ଦ୍ୱିଶତକୀୟ ଭାଗୀଦାରି

ଟସ୍ ଜିତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଆରମ୍ଭରେ ଏହାର ସୁଫଳ ମଧ୍ୟ ଭାରତକୁ ମିଳିଥିଲା। ସ୍କୋର ମାତ୍ର ୨ ହୋଇଥିବାବେଳେ ୪ର୍ଥ ଓଭରର ତୃତୀୟ ବଲ୍‌ରେ ଉସମାନ ଖ୍ୱାଜାଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରଥମ ଝଟ୍‌କା ଦେଇଥିଲେ ମହମ୍ମଦ ସିରାଜ। ଖ୍ୱାଜା ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଡେଭିଡ୍ ୱାର୍ନର ଓ ମାର୍ନସ ଲାବୁସେନ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ।

**ଡବ୍ଲ୍ୟୁଟିସି ଫାଇନାଲ**

ଦ୍ୱିତୀୟ ଉଇକେଟରେ ଦୁହେଁ ୬୯ ରନ ଯୋଗ କରିବାପରେ ୱାର୍ନରଙ୍କୁ ଉଇକେଟ କିପର ଶ୍ରୀକର ଭରତଙ୍କ ହାତରେ କ୍ୟାଚ କରାଇ ଭାରତକୁ ଦ୍ୱିତୀୟ ସଫଳତା ଦେଇଥିଲେ ଶାର୍ଦ୍ଦୂଳ ଠାକୁର। ଭଲ ଆରମ୍ଭ କରିଥିବା ୱାର୍ନର ଅର୍ଦ୍ଧଶତକ ହାସଲଠାରୁ ୭ ରନ ଦୂରରେ ଥିବାବେଳେ ବ୍ୟକ୍ତିଗତ ୪୩ ରନକରି ପ୍ୟାଭିଲିୟନ ଫେରିଥିଲେ। କିଛି ସମୟ ପରେ



ଶତକ ହାସଲ ପରେ ଟ୍ରାଭିସ ହେଡ୍।

ଲାବୁସେନଙ୍କୁ ମହମ୍ମଦ ଶାମି ଆଉଟ କରିବାଦ୍ୱାରା ୭୬ ରନ ମଧ୍ୟରେ ଅଷ୍ଟ୍ରେଲିଆ ତୃତୀୟ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ମାତ୍ର ଷ୍ଟିଭେନ୍ ସ୍ମିଥଙ୍କ ସହ ଟ୍ରାଭିସ ହେଡ୍ କ୍ରିଜରେ ଯୋଗଦେବାପରେ ସ୍ଥିତି ବଦଳିଥିଲା। ଗୋଟିଏ ପଟରେ ସ୍ମିଥ ଅତ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ଭାବରେ ନିଜ ଇନିଂସକୁ ଆଗକୁ ନେଇଥିବାବେଳେ ଆକ୍ରମଣାତ୍ମକ ବ୍ୟାଟିଂକରି କାଉଣ୍ଟର ଆଟାକ କରିଥିଲେ ହେଡ୍। ଏହା ଖୁବ୍ କାମମଧ ଦେଇଥିଲା। ୧୦୬ ବଲ୍‌ରୁ ଟେଷ୍ଟ କ୍ରିକେଟରେ ୬ଷ୍ଠ ଶତକ ପୂରଣ କରିଥିବା ଏହି ବାମହାତୀ ବ୍ୟାଟର ୧୫୬ ବଲ୍‌ରୁ ୧୪୬ (୨୨ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। କେବଳ ସେତିକି ନୁହେଁ ସେ ଅସମାପ୍ତ ୩ୟ ଉଇକେଟରେ ସ୍ମିଥଙ୍କ ସହ ୨୫୧ ରନର ଭାଗୀଦାରି ଗଢ଼ି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଡବ୍ଲ୍ୟୁଟିସି ଫାଇନାଲରେ ଏହାଥିଲା ତାଙ୍କର ପ୍ରଥମ ଶତକ। ସ୍ମିଥ ୨୨୭ ବଲ୍ ଖେଳି ୧୪ ଚୌକା ସହାୟତାରେ ୯୫ ରନ କରିଥିଲେ।

ପୂର୍ବରୁ ଭାରତ ୨ ସ୍ପିନରଙ୍କୁ ନେଇ ଖେଳିବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ତାହା ହୋଇ ନ ଥିଲା। ଭାରତ ୪ ପେସର ଏବଂ ଏକମାତ୍ର ସ୍ପିନର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ମଧ୍ୟ ୪ ପେସର ଓ ଜଣେ ସ୍ପିନରଙ୍କୁ ଖେଳାଇଥିଲା। ପ୍ରଥମ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଅଷ୍ଟ୍ରେଲିଆ ସ୍କୋର ୭୩/୨ ଓ ଚା' ବିରତି ବେଳକୁ ୧୭୦/୩ ହୋଇଥିଲା। ଅର୍ଥାତ୍ ପ୍ରଥମ ସେସନ ଭାରତ ନିୟନ୍ତ୍ରଣରେ ରହିଥିବାବେଳେ ଦ୍ୱିତୀୟ ଓ ତୃତୀୟ ସେସନରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୨୭/୩ (ଟ୍ରାଭିସ ହେଡ୍-୧୪୬*, ଷ୍ଟିଭେନ ସ୍ମିଥ-୯୫*, ଡେଭିଡ ୱାର୍ନର-୪୩, ମହମ୍ମଦ ଶାମି-୧/୭୭, ମହମ୍ମଦ ସିରାଜ-୧/୬୭, ଶାର୍ଦ୍ଦୂଳ ଠାକୁର-୧/୭୫)।

## କଳା ଆର୍ମବ୍ୟାଣ୍ଡ୍ ପିନ୍ଧିଲେ ଖେଳାଳି

**ଲଣ୍ଡନ, ୭।୬:** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲର ପ୍ରଥମ ଦିବସରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିବା ସହ ଓଡ଼ିଶାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଦୁର୍ଘଟଣାରେ ୨୮୮ ଜଣଙ୍କର ଜୀବନ ଯାଇଥିଲା।

**କ୍ରିକେଟ ବିଶ୍ୱକପ୍**

## ଅହମଦାବାଦରେ ଖେଳିବାକୁ ଚାହୁଁନି ପାକିସ୍ତାନ

**କରାଚୀ, ୭।୬ (ପି.ଟି.):** ଭାରତରେ ଅକ୍ଟୋବର-ନଭେମ୍ବରରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ବ୍ୟତୀତ ଅହମଦାବାଦରେ ପ୍ରତିଯୋଗିତାର ଅନ୍ୟ କୌଣସି ମ୍ୟାଚ ଖେଳିବାକୁ ଚାହୁଁନି ପାକିସ୍ତାନ। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଚେୟାରମ୍ୟାନ ଗ୍ରେଗ୍ ବାର୍କଲେଙ୍କୁ ଏ ବିଷୟ ଜଣାଇଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ନଜାମ ସେଠୀ। ପ୍ରତିଯୋଗିତାରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ କୋଲକାତା, ଚେନ୍ନାଇ ଓ ବେଙ୍ଗାଲୁରୁରେ ଖେଳିବାକୁ ଚାହୁଁଥିବା ପୂର୍ବରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ବାର୍କ୍ଲେ ଓ ଆଇସିସି ଜେନେରାଲ ମ୍ୟାନେଜର ଜେଫ୍ ଆଲାର୍ଡିସ୍ ନିକଟରେ କରାଚୀ ଯାଇଥିଲେ। ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁ ଖେଳିବା ଲାଗି ଦାବିକରେ ସେ ନେଇ ପିସିବିଠାରୁ ସେମାନେ ନିର୍ଭର ପ୍ରତିଶ୍ରୁତି ଲୋଡ଼ିଥିଲେ। ଏହା ପଛରେ ଏକ କାରଣ ରହିଛି।

# ସ୍ୱିଟେକ୍ ସେମିଫାଇନାଲରେ

**ପ୍ୟାରିସ, ୭।୬**

ଗତଥରର ଚାମ୍ପିୟନ ଇଗା ସ୍ୱିଟେକ ଫ୍ରେଞ୍ଚ ଓପନ ଟେନିସ ମହିଳା ସିଙ୍ଗଲ୍ସରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ମାନ୍ୟତାପ୍ରାପ୍ତ ଏହି ଖେଳାଳି ଆମେରିକାର ସ୍ୱଳ୍ପ ବୟସ୍କା କୋକୋ ଗଫ୍‌ଙ୍କୁ ୬-୪, ୬-୨ ରେ ହରାଇ ଦେଇଛନ୍ତି। ତାଙ୍କର ଗତ ୬ଟି ଗ୍ରାଣ୍ଡସ୍ଲାମରେ ଏହା ହେଉଛି ୪ର୍ଥ ସେମିଫାଇନାଲ। ସ୍ୱିଟେକ୍ ଗତଥର ଫାଇନାଲରେ ମଧ୍ୟ ଗଫ୍‌ଙ୍କୁ ହରାଇ ଦେଇଥିଲେ। ଗଫ୍‌ଙ୍କ ବିପକ୍ଷରେ ଏହାହେଉଛି ତାଙ୍କର କ୍ରମାଗତ ୭ମ ବିଜୟ। ସେମିଫାଇନାଲରେ ସେ ୧୪ତମ ସିଡ୍ ତଥା ବ୍ରାଜିଲର

**ଫ୍ରେଞ୍ଚ ଓପନ ଟେନିସ**

ବିଟ୍ରିଜ୍ ହଦାଦ ମାଇଆଙ୍କ ସହ ମୁକାବିଲା କରିବେ। ହଦାଦ୍ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଟ୍ୟୁନିସିଆର ଓନ୍ସ ଜାବେରଙ୍କ ବିପକ୍ଷରେ ୩-୬, ୭-୬ (୭-୫), ୬-୧ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଆଲେଜାଣ୍ଡର ଜେଭରେଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଅଣ ସିଡ ଆର୍ଜେଣ୍ଟିନାର ଟୋମାସ ମାର୍ଟିନ ଇଚିଭେରିଙ୍କ ବିପକ୍ଷରେ ୬-୪, ୩-୬, ୬-୩, ୬-୪ ସେଟ୍‌ରେ ବିଜୟ ହାସଲ କରିଛନ୍ତି।


ଇଗା ସ୍ୱିଟେକ

## ସୃଷ୍ଟି, ଶୁଭ୍ରାନ୍ତୋ ଶ୍ରେଷ୍ଠ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

**ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ**

**ଭୁବନେଶ୍ୱର ଦଳଗତ ଚାମ୍ପିୟନ**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୬୩ତମ ଅଲ୍ ଓଡ଼ିଶା ରାଜ୍ୟ ସନ୍ତରଣ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏଥିରେ ମୋଟ ୯୦୩ ପଏଣ୍ଟ ହାସଲ କରି ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ସମ୍ବଲପୁର ୬୯୩ ପଏଣ୍ଟ ସହିତ ରନରଅପ୍ ଆଖ୍ୟା ଅର୍ଜନ କରିଛି। ବ୍ୟକ୍ତିଗତ ପ୍ରତିଯୋଗିତାର ପୁରୁଷ ବିଭାଗରେ ଗଞ୍ଜାମର ଶୁଭ୍ରାନ୍ତୋ ପାତ୍ର ୩୫ ପଏଣ୍ଟ ଓ ମହିଳାରେ ଭୁବନେଶ୍ୱରର ସୃଷ୍ଟି ଉପାଧ୍ୟାୟ ୩୧ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଗ୍ରୁପ୍-୧ ବାଳକ ଜୁନିୟରରେ ଭୁବନେଶ୍ୱରର ବଶିଷ୍ଟ ଅଂଶୁମାନ (୩୫ ପଏଣ୍ଟ), ଗ୍ରୁପ୍-୨ ବାଳକ ଜୁନିୟରରେ ଭୁବନେଶ୍ୱରର ସୋମ୍‌ସ୍ୱରୂପ ଦାଶ (୩୩) ଓ ଗ୍ରୁପ୍-୩ ସବ୍‌ଜୁନିୟର ବାଳକରେ ପୁରୀର ଶିବାଂଶୁ ଶତପଥୀ (୯୨୮ ପଏଣ୍ଟ) ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ଗ୍ରୁପ୍-୧ ବାଳିକା ଜୁନିୟରରେ ଭୁବନେଶ୍ୱରର ଭଦ୍ରା ଶତପଥୀ (୩୩), ଗ୍ରୁପ୍-୨ ବାଳିକା ଜୁନିୟରରେ ସମ୍ବଲପୁରର ଅର୍ପିତା ସେଠ୍ (୩୫) ଓ ଗ୍ରୁପ୍-୩ ସବ୍‌ଜୁନିୟର ବାଳିକାରେ ସମ୍ବଲପୁରର ମୃଗଙ୍କା ପୃଷ୍ଟି (୩୫) ଚାମ୍ପିୟନ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଶିବ ପ୍ରସାଦ ଭାରତ 'ଏ' ଦଳର ମ୍ୟାନେଜର



**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି):** ହଂକଂଠାରେ ଏସିସି ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତ 'ଏ' ଦଳର ମ୍ୟାନେଜର ଭାବେ ଓଡ଼ିଶାର ଶିବ ପ୍ରସାଦ ତ୍ରିପାଠୀଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଯୁକ୍ତ କରିଛି। ଗ୍ରୁପ୍ 'ଏ'ରେ ଭାରତ 'ଏ' ବ୍ୟତୀତ ହଂକଂ 'ଏ', ଥାଇଲାଣ୍ଡ 'ଏ' ଓ ପାକିସ୍ତାନ 'ଏ' ସ୍ଥାନ ପାଇଛନ୍ତି।

# ଓଡ଼ିଶା ସିନିୟର ମହିଳା ରଗ୍‌ବୀ ଦଳ ଘୋଷିତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ମହାରାଷ୍ଟ୍ରର ପୁଣେସ୍ଥିତ ବାଲେୱାଡ଼ିଠାରେ ସର୍ବଭାରତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଆସନ୍ତା ୯ ତାରିଖରୁ ପୁଣେରେ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ହୁପି ମାଝି ୧୨ ଜଣିଆ ରାଜ୍ୟ ଦଳର ନେତୃତ୍ୱ ନେବେ। ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା ଦଳ ଗୁରୁବାର ପୁଣେ ଯାତ୍ରା କରିବ। ଓଡ଼ିଶା ଦଳ: ଦୁମୁନି ମାର୍ଣ୍ଡି, ତରୁଲତା ନାଏକ, ରିନା ସିଂ, ଗୀତାରାଣୀ ସାଇ, ପାର୍ବତୀ କିସ୍କୁ, ମଞ୍ଜୁଲତା ପ୍ରଧାନ, ହୁପି ମାଝି (ଅଧିନାୟିକା), ରଞ୍ଜିତା ନାଏକ, ମାଳିନ ସୟ, ପାର୍ବତୀ ହାଁସଦା, ନିର୍ମାଲ୍ୟା ରାଉତ, ମାମା ନାଏକ। କୋଚ୍: ରଜନୀ ସବର, ମ୍ୟାନେଜର: ସୁଧାଂଶୁ ସାହୁ, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।


ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

## ଆଶେସ ପାଇଁ ଅବସରରୁ ଫେରିଲେ ମୋଇନ

**ଲଣ୍ଡନ, ୭।୬ (ପି.ଟି.):** ଏଜ୍‌ବାଷ୍ଟନରେ ଜୁନ୍ ୧୬ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଆଶେସ ଟେଷ୍ଟ ସିରିଜ ଲାଗି ଇଂଲଣ୍ଡ ଦଳରେ ଯୋଗଦେବା ପାଇଁ ଅବସରରୁ ଓହରିଯାଇଛନ୍ତି ଭେଟେରାନ ଅଲ୍‌ରାଉଣ୍ଡର ମୋଇନ ଅଲି। ଏହି ୩୫ ବର୍ଷୀୟ କ୍ରିକେଟର ୨୦୨୧ରେ ଭାରତର ଟୁର୍ ପରେ ଟେଷ୍ଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେତେବେଳେ ସେ କହିଥିଲେ, ୨୦୧୯ରେ ପୂର୍ଣ୍ଣାଙ୍ଗ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଦଳରେ ତାଙ୍କର ଆଉ ଆବଶ୍ୟକତା ନାହିଁ ବୋଲି ସେ ମନେକରୁଛନ୍ତି। କିନ୍ତୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଅବସରରୁ ଓହରି ଟେଷ୍ଟ କ୍ରିକେଟକୁ ଫେରିବା ଲାଗି ବୁଝାଇଥିଲେ।

# ସ୍ୱର୍ଣ୍ଣ ବିଜୟୀ ମହିଳା ଭଲିବଲ ଦଳ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳକୁ ବୁଧବାର କିଟ୍ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଭାରତୀୟ ଦଳରେ ଓଡ଼ିଆ ଖେଳାଳି ଅନନ୍ୟା ଦାସ ଓ ମ୍ୟାନେଜର ଶୁଧାଂଶୁ ଭୂଷଣ ମିଶ୍ର ସାମିଲ ଥିଲେ। ଏହା ବ୍ୟତୀତ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କିଟ୍‌ର ଖେଳାଳିମାନେ ୧୧ (୫ ସ୍ୱର୍ଣ୍ଣ, ୫ ରୌପ୍ୟ, ୧ ବ୍ରୋଞ୍ଜ) ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ପାଇଁ ୫୦,୦୦୦, ରୌପ୍ୟ ଲାଗି ୩୦,୦୦୦ ଓ ବ୍ରୋଞ୍ଜ ବିଜେତାଙ୍କୁ ୨୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ପାରା ଅଲିମ୍ପିଆନ ପ୍ରମୋଦ ଭଗତଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜେ.ଆର. ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଦୂତୀ ଚାନ୍ଦ, ଭାରତୀୟ ଭଲିବଲ ଟିମ୍ କୋଚ୍ ଜି.ଇ. ଶ୍ରୀଧରନ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଭଲିବଲ ଦଳ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ